# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୦ (୨୦ ପୃଷ୍ଠା) | Bhubaneswar, Tuesday, March 3/2020 | ★★★★★★

୪୭ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ରିଲିଜ୍ ହେଲା ସୂର୍ଯ୍ୟବଂଶୀର ଟ୍ରେଲର

ବଲିଉଡ୍ ଅପ୍ କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ହୋଇଛି। ଏହି ଟ୍ରେଲର ରିଲିଜ୍ ଅବସରରେ ଟ୍ରାଫିକ ଜାମ୍‌କୁ ଦୂରେଇବାକୁ ଅକ୍ଷୟ୍ କୁମାର ନୂଆ ଫର୍ମୁଲା ଗ୍ରହଣ କରିଛନ୍ତି। ୧୪

୧୮

## ସାଙ୍ଗୱାନ ଦୋଷମୁକ୍ତ

ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସିର ଅପିଲ ପ୍ୟାନେଲ ବକ୍ସର ସୁମିତ ସାଙ୍ଗୱାନଙ୍କ ଉପରୁ ବାସନ୍ଦ ଦଣ୍ଡକୁ ଉଠାଇ ଦିଆଯାଇଛି।



# ମହମ୍ମଦ ଅନିଶ

ଓଡ଼ିଶାର ମାଓବାଦୀପ୍ରବଣ ମାଲକାନଗିରି ଜିଲାରେ ମହମ୍ମଦ ଅନିଶ ନାମକ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଯବାନ କାର୍ଯ୍ୟରତ ଅଛନ୍ତି। ଜୀବନକୁ ପାଣି ଛଡ଼ାଇ ଓଡ଼ିଶାବାସୀଙ୍କୁ ଶାନ୍ତିରେ ଶୋଇବାର ସୁଯୋଗ ଦେଉଥିବା ଅନେକ ଯବାନଙ୍କ ମଧ୍ୟରୁ ଅନିଶ ଅନ୍ୟତମ। ଦିଲ୍ଲୀର ବାସିନ୍ଦା ଅନିଶ ଆମ ସମସ୍ତଙ୍କ ସୁରକ୍ଷା ଦାୟିତ୍ୱରେ ରହିଥିବା ବେଳେ ନିଜ ପରିବାରର ସୁରକ୍ଷା କରିବାକୁ ସୁଯୋଗ ପାଇନାହାନ୍ତି। ମିଳିଥିବା ଖବର ଅନୁଯାୟୀ, ଦିଲ୍ଲୀରେ ଚାଲିଥିବା ହିନ୍ଦୁ-ମୁସଲମାନ ଦଙ୍ଗାରେ ଅନିଶଙ୍କ ଘରକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ପରିଚାଳିତ ବିଏସ୍‌ଏଫ୍ ଯବାନ ଅନିଶଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ଘୋଷଣା କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଦିଲ୍ଲୀ ଦଙ୍ଗାକୁ ଦେଖି ବହୁତ ଲୋକ ଧର୍ମ ଉପରେ ଯାଇ ଅନିଶ ଭଳି ନାଗରିକଙ୍କୁ ଦେଶଦ୍ରୋହୀ ବୋଲି କହିବାକୁ ପଛାଇ ନ ପାରନ୍ତି। କେତେକେ ଏଭଳି ସ୍ଥିତିରେ ଆହୁରି ଆଗକୁ ଯାଇ ଏମାନଙ୍କୁ 'ଗୋଲି ମାରୋ' କିମ୍ବା ପାକିସ୍ତାନ ଯାଅ ବୋଲି କହିପାରନ୍ତି। ଦେଖିବାକୁ ଗଲେ ଏବେ ଦେଶରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଭାରତ ସାମାଜିକ କ୍ରସ୍‌ରୋଡ୍ ବା ଚାରିଛକରେ ଥିବା ଭଳି ମନେହେଉଛି। ଏଠାରେ ଧର୍ମନିରପେକ୍ଷ କଥା ଆଲୋଚନା କରିବା ଓ କିଏ କେତେ ମାତ୍ରାରେ ଦୋଷୀ ତାହା ଉପସ୍ଥାପନା କରିବା ଆମର ଉଦ୍ଦେଶ୍ୟ ନୁହେଁ କିମ୍ବା ସେଭଳି ଅଭିପ୍ରାୟ ନାହିଁ। ବାସ୍ତବ କଥା ହେଲା ବିଗତ ବର୍ଷଗୁଡ଼ିକରେ ଯେତେବେଳେ ସୁଯୋଗ ମିଳିଛି, ସେତେବେଳେ ମୁସଲମାନ ସମ୍ପ୍ରଦାୟ ନେତୃତ୍ୱ ବିରୋଧରେ ସ୍ୱର ଉତ୍ତୋଳନ କରି ଭୁଲ କଥାକୁ ବିରୋଧ କରିନାହାନ୍ତି। ଆଜି କଷ୍ଟକର ଆଇନ ସିଏଏକୁ ବୁଝି ପ୍ରତିବାଦ କରିପାରୁଥିବା ଲୋକ ଯଦି ଏହିଭଳି ଏକ ସାଧାରଣ ପ୍ରତିବାଦର ଆୟୋଜନ କରି ୨୬/୧୧ ବମ୍ବେ ଆକ୍ରମଣ କିମ୍ବା ଦିଲ୍ଲୀ, ହାଇଦ୍ରାବାଦ ଆଦି ସ୍ଥାନରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ନିଜର ଭାରତୀୟତାକୁ ସୁଦୃଢ଼ କରିଥାଆନ୍ତେ, ତେବେ ଦେଶରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇପାରିଥାଆନ୍ତା। ଅନ୍ୟପଟେ ଅନିଶଙ୍କ ଭଳି ଯବାନ ମଧ୍ୟ ଭାରତରେ ଅଛନ୍ତି। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ଖେମ୍ କରନ୍‌ଠାରେ ଭାରତୀୟ ମୁସଲମାନ ଯବାନ ଅବଦୁଲ ହମିଦ୍ ପାକିସ୍ତାନର ୮ଟି ପାଟନ୍ ଟ୍ୟାଙ୍କ୍‌କୁ ଧ୍ୱଂସ କରିଦେଇପାରିଥିଲେ। ସେତେବେଳେ କେହି ପାକିସ୍ତାନ ଯାଅ ବୋଲି ସେହି ଯବାନଙ୍କୁ କହି ନ ଥିଲେ। ଆଜି ମଧ୍ୟ ମହମ୍ମଦ ଅନିଶଙ୍କୁ ଦେଶଦ୍ରୋହୀ ବୋଲି କୌଣସି ସଚ୍ଚୋଟ ଓଡ଼ିଆ କହିବେ ନାହିଁ। ଏହା ପଛରେ ଏକ ବିରାଟ ଆଧ୍ୟାତ୍ମିକ କାରଣ ରହିଛି। ଆମର ମହାପ୍ରଭୁ ଜଗନ୍ନାଥ ଅଜନ୍ମା। ତାଙ୍କର କୌଣସି ଜନ୍ମସ୍ଥାନ କେହି ଜାଣିନାହାନ୍ତି। ସେଭଳି ପ୍ରଭୁଙ୍କ ଭକ୍ତ ସାଲବେଗ ମଧ୍ୟ ଏହି ଜାତିର ମହାନ୍ ପୁତ୍ର ଭାବେ ପରିଚିତ ହୋଇ ଆସିଛନ୍ତି। ହେଲେ ଆଜି କୋଲକାତାଠାରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ଯେତେବେଳେ 'ଗୋଲି ମାରୋ' ଧ୍ୱନି ଶୁଣିବାକୁ ମିଳୁଛି, ସେତେବେଳେ ଅନିଶଙ୍କ ପରି ଅନେକ ଲୋକଙ୍କ କର୍ତ୍ତବ୍ୟପରାୟଣତାକୁ ଜନସାଧାରଣ ହୃଦୟଙ୍ଗମ କରୁଛନ୍ତି। ଏଠାରେ ଦୋହରାଯାଇପାରେ ଯେ, ଧର୍ମନିରପେକ୍ଷତା ସହିତ ଏସବୁର କୌଣସି ସମ୍ପର୍କ ନାହିଁ। ବରଂ ଏହା ଏକ ଉଦାର ମାନସିକତାର ପ୍ରତିଫଳନ ମାଗୁଛି।

ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନେ ନାଗରିକତ୍ୱ ହରାଇବା ଆଶଙ୍କାରେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ଅସନ୍ତୋଷକୁ ଦୂର କରିବାରେ କେନ୍ଦ୍ର ସରକାର ଦୃଷ୍ଟି ନ ଦେବା ଗଣତାନ୍ତ୍ରିକ ବ୍ୟବସ୍ଥାର ବିଫଳତା ବୋଲି ପ୍ରଶ୍ନ ଉଠିଲାଣି। ଏକ ସମ୍ପ୍ରଦାୟର ଆଦର୍ଶଗତ ମତପାର୍ଥକ୍ୟ ଅପେକ୍ଷା ତିଷ୍ଠି ରହିବା ଲାଗି ହୋଇଥିବା ସଂଗ୍ରାମକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ଯେଉଁ ଲୋକଙ୍କ ଜୀବନ ଓ ସମ୍ପଦ ନଷ୍ଟ ହେଲା ତାହା ଦ୍ୱାରା କୌଣସି ସକାରାତ୍ମକ ଫଳ ଆସିପାରି ନାହିଁ।

ମନେହେଉଛି ଯେପରି ୧୬.୮୮ ଲକ୍ଷ କୋଟି ଟଙ୍କାର ଋଣ ନେଇଥିବା କର୍ପୋରେଟ୍ ଇଣ୍ଡିଆ ଆଜିର ଭାରତ ସରକାରର ରୂପ ବଦଳାଇବାକୁ ବାଧ୍ୟ କରିଛି। ବୃହତ୍ ବ୍ୟବସାୟୀମାନେ ନିଜର ସୁରକ୍ଷା ଦେଖିବାକୁ ଯାଇ ନା ଯେ କେବଳ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ

**ତଥାଗତ ସତପଥୀ**

ଶେଷ କରିଦେଲେଣି, ଏଥିସହିତ ସରକାରଙ୍କୁ ଅନ୍ୟତ୍ର ଦୃଷ୍ଟି ପକାଇବାକୁ ବାଧ୍ୟ କରୁଛନ୍ତି। ଯେତେବେଳେ ସରକାରୀ କଳ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ମୁଖ୍ୟ ଦାୟିତ୍ୱ ଭାବେ ଗ୍ରହଣ କରେନାହିଁ, ସେତେବେଳେ ଅନ୍ୟସବୁ ବିକାଶମୂଳକ କାର୍ଯ୍ୟ ଅନିଶ୍ଚିତତାର ଶିକାର ହୋଇଯାଏ। ଏକ ଅଶାନ୍ତ ଦେଶରେ କୌଣସି ବ୍ୟକ୍ତିବିଶେଷ ବା କମ୍ପାନୀ ପୁଞ୍ଜି ଲଗାଏ ନାହିଁ। ଏବେକାର ଭାରତରେ ବିରାଟକାୟ ପୁଞ୍ଜିଲଗାଣ ହେବା କଥା ମୁଖ୍ୟ ଆବଶ୍ୟକତା। କିନ୍ତୁ ସରକାରଙ୍କ ଦୃଷ୍ଟି ସେହି ଦିଗରେ ଥିବା ଭଳି କୌଣସି ସୂଚନା ମିଳୁନାହିଁ। ଭାରତର କର୍ପୋରେଟ୍ ଜଗତର ଚାପରେ ଆଜିର ସରକାର ନିଜର ମୁଖ୍ୟ ଦାୟିତ୍ୱ ପାସୋରିଯିବାକୁ ପସନ୍ଦ କରୁଛି। ପ୍ରଶାସନିକ ଦକ୍ଷତା ଓ ଶୃଙ୍ଖଳା, ଦୁର୍ନୀତି ଦୂରୀକରଣ ଏବଂ ଶାନ୍ତ ପରିସ୍ଥିତି ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସରକାରଙ୍କ ମୁଖ୍ୟ କର୍ତ୍ତବ୍ୟ ହେବା କଥା। ତାହା ପରିବର୍ତ୍ତେ ନାଗରିକ କ'ଣ ପିନ୍ଧିଲା, କ'ଣ ଖାଇଲା, କେଉଁଠି ପୂଜା କଲା ଏବଂ ତା'ର ନାଗରିକତ୍ୱର ପ୍ରମାଣ ବୁଝିବା ହୋଇଯାଇଛି ସରକାରଙ୍କ ମୁଖ୍ୟ କାମ। କରୋନା ଭାଇରସ୍‌ରେ ଆକ୍ରାନ୍ତ ଚାଇନା ଏବଂ କ୍ରମଶଃ ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରଭାବିତ ହେଉଥିବା ବେଳେ ଭାରତର ଏକ ନୂତନ ସୁବର୍ଣ୍ଣ ଯୁଗ ଆରମ୍ଭ ହେବାର ସୁଯୋଗ ଥିଲା। ଏହିଭଳି ସୁଯୋଗ ବାରମ୍ବାର କୌଣସି ଜାତିକୁ ମିଳେନାହିଁ। ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନକୁ ସୁଦୃଢ଼ କରିବାର ସୁଯୋଗ ଯେତେବେଳେ ଭାରତ ପାଇଛି, ସେତେବେଳେ ଆମେ ସମସ୍ତେ କ୍ଷୁଦ୍ର ମାନସିକତା ଯୋଗୁ ପରସ୍ପର ମଧ୍ୟରେ ବାଡ଼ିଆପିଟା ହେଉଛେ। ଏଭଳି ସୁଯୋଗ ହରାଉଥିବା ଭାରତ ଭବିଷ୍ୟତରେ କେଉଁଭଳି ନିଜକୁ ଗଢ଼ି ତୋଳିବ, ତାହାର ଆଜି ଭବିଷ୍ୟବାଣୀ କରିବା ସମ୍ଭବ ନୁହେଁ। ଆଜିର ଭାରତରେ ଦେଖାଦେଇଥିବା ଅଶାନ୍ତ ପରିସ୍ଥିତିରୁ ମୁକୁଳିବା ପାଇଁ ଜଗନ୍ନାଥ ଭକ୍ତମାନେ ହିନ୍ଦୁମାନଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେଇପାରିବେ।

### ଆଜିର ମନ୍ତବ୍ୟ

"ଦିଲ୍ଲୀ ସାମ୍ପ୍ରଦାୟିକ ହିଂସା ରାଷ୍ଟ୍ର ପ୍ରାୟୋଜିତ ଗଣହତ୍ୟା।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ୧୫ ସୁଦ୍ଧା ୬.୩୫ କୋଟି ଆୟକର ରିଟର୍ନ ଇ-ଫାଇଲ କରାଯାଇଛି।

-ଅର୍ଥ ମନ୍ତ୍ରଣାଳୟ

# ପୁଣି ଅଟକିଲା ଫାଶୀ

## ନିର୍ଭୟା ଅପରାଧୀଙ୍କ ଡେଥ୍ ୱାରେଣ୍ଟ ଉପରେ ସ୍ଥଗିତାଦେଶ



- ରାଷ୍ଟ୍ରପତିଙ୍କ ପାଖରେ ବିଚାରାଧୀନ ରାଜକ୍ଷମା ଆବେଦନ
- ତୃତୀୟ ଥର ପାଇଁ ମିଳିଲା ଫାଶୀରୁ ଆଶ୍ୱସ୍ତି
- ପୂର୍ବରୁ ଜାନୁୟାରୀ ୨୨, ଫେବୃୟାରୀ ୧କୁ ହୋଇଥିଲା ଧାର୍ଯ୍ୟ

ନୂଆଦିଲ୍ଲୀ, ୨।୩(ପି.ଟି./ଆଇଏଏନ୍‌ଏସ୍)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଦୋଷୀଙ୍କୁ ମଙ୍ଗଳବାର ଫାଶୀ ଦିଆଯିବ ନାହିଁ। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ପୂର୍ବରୁ ଜାରି କରିଥିବା ଡେଥ୍ ୱାରେଣ୍ଟ ଉପରେ ସୋମବାର ରୋକ ଲଗାଇଛନ୍ତି। ଫଳରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନିର୍ଭୟା ଅପରାଧୀଙ୍କ ଫାଶୀ ଅଟକି ରହିବ। ଏହି ରହିତାଦେଶ ଫଳରେ ଦୋଷୀମାନେ ତୃତୀୟ ଥର ପାଇଁ ଫାଶୀରୁ ଆଶ୍ୱସ୍ତି ପାଇଛନ୍ତି।

ଅପରାଧୀ ପବନ ଗୁପ୍ତାଙ୍କ କ୍ଷମା ଆବେଦନର ବିଚାର ହୋଇ ନ ଥିବାରୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ଅତିରିକ୍ତ ଦୌରା ଜଜ୍ ଧର୍ମେନ୍ଦ୍ର ରାଣା କହିଛନ୍ତି। ପବନ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିଥିବାରୁ ଫାଶୀଦଣ୍ଡ କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲାଗି ପଟିଆଲା ହାଉସ୍ କୋର୍ଟରେ ଆବେଦନ କରିଥିଲେ। ଦୋଷୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ନିର୍ଭୟା ପରିବାର ପକ୍ଷରୁ ଚାପ ପଡୁଛି। ତେବେ ଦେଶର ଆଇନ ଅନୁଯାୟୀ ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀଙ୍କ ଆଇନଗତ ସହାୟତା ଶେଷ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଫାଶୀ ଦିଆଯାଇପାରିବ ନାହିଁ ବୋଲି ଅତିରିକ୍ତ ଦୌରାଜଜ୍ କହିଛନ୍ତି। ଏହି ଅବସରରେ ବିଚାରପତି ପବନଙ୍କ ଓକିଲ ଏ.ପି. ସିଂଙ୍କୁ ଭର୍ତ୍ସନା କରିଥିଲେ। ବାରମ୍ବାର ଫାଶୀ ଘୁଞ୍ଚାଇବାକୁ ଉଦ୍ୟମ କରି ଆପଣ ନିଆଁ ସହିତ ଖେଳୁଛନ୍ତି, ସଚେତନ ହୁଅନ୍ତୁ ବୋଲି ଅତିରିକ୍ତ ଦୌରାଜଜ୍ ରାଣା କହିଥିଲେ।

୪ ଅପରାଧୀ ମୁକେଶ ସିଂ, ପବନ ଗୁପ୍ତା, ବିନୟ ଶର୍ମା ଏବଂ ଅକ୍ଷୟ ସିଂଙ୍କୁ ମଙ୍ଗଳବାର ସକାଳ ୬ଟାରେ ଫାଶୀ ଦିଆଯିବାର ଥିଲା। ସୋମବାର ସୁପ୍ରିମକୋର୍ଟ ପବନଙ୍କ କ୍ୟୁରେଟିଭ୍ ପିଟିଶନ ଖାରଜ କରିଦେବା ପରେ ସେ ତୁରନ୍ତ ରାଜକ୍ଷମା ଆବେଦନ କରିଥିଲେ ଓ ଫାଶୀ କାର୍ଯ୍ୟକାରୀ ନ କରିବା ଲାଗି ପଟିଆଲା ହାଉସ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ। ପୂର୍ବରୁ ଦୁଇଥର ଜାନୁୟାରୀ ୨୨ ଓ ଫେବୃୟାରୀ ୧ରେ ଫାଶୀ ଦେବା ପାଇଁ ଡେଥ୍ ୱାରେଣ୍ଟ ଜାରି ହୋଇଥିଲେ ମଧ୍ୟ ଅପରାଧୀମାନେ ବାରମ୍ବାର କ୍ୟୁରେଟିଭ ପିଟିଶନ ଓ କ୍ଷମା ଆବେଦନ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅପରାଧୀମାନେ ଆଇନ ସହ ଲୁଚକାଳି ଖେଳ ଖେଳୁଥିବାରୁ ଅଦାଲତ କଠୋର ପଦକ୍ଷେପ ନେବା ଲାଗି ସରକାରୀ ଓକିଲ ଇର୍‌ଫାନ ଅହମଦ କହିଥିଲେ। ପୁଣି ଥରେ ଫାଶୀ ଟଳିବାରୁ ନିର୍ଭୟାଙ୍କ ମାଆ ଆଶାଦେବୀ କାନ୍ଦି ପକାଇଥିଲେ। ଆଇନ ଅପରାଧୀଙ୍କ ସପକ୍ଷରେ ଯାଉଛି ବୋଲି ସେ କହିବା ସହ ତଥାପି ଧୈର୍ଯ୍ୟ ହରାଇନାହାନ୍ତି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ୨୩ ବର୍ଷୀୟ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର କରି ମୁମୂର୍ଷୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ☞ପୃଷ୍ଠା-୪

## ଆଜିଠୁ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନ ବିଜ୍ଞାନ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ରହିଛି। ତେବେ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହେବ। ପରୀକ୍ଷାର୍ଥୀମାନେ ସକାଳ ୯ଟା ୪୫ ସୁଦ୍ଧା ନିଜ ସିଟ୍‌ରେ ବସିବା ପାଇଁ ପରିଷଦ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୧୪୩ କେନ୍ଦ୍ରରେ ପରୀକ୍ଷା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୩ ଲକ୍ଷ ୫୦ ହଜାର ୮ଶହ ପରୀକ୍ଷାର୍ଥୀ ରହିଥିବାବେଳେ ବିଜ୍ଞାନରେ ୯୭ ହଜାର ୫୪୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଆସନ୍ତା ୨୮ତାରିଖରେ ଯୁକ୍ତ୨ ପରୀକ୍ଷା ସରିବ।

### ବୀଣାପାଣି ମହାନ୍ତି ପାଇବେ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'



........୩.........

# ସୋସିଆଲ ମିଡିଆ ଛାଡ଼ିବେ ମୋଦି

ନୂଆଦିଲ୍ଲୀ,୨।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ସୋସିଆଲ ମିଡିଆ ଛାଡ଼ିବା ନେଇ ଚିନ୍ତା କରୁଥିବା ସୋମବାର ଟୁଇଟ୍ କରି ଜଣାଇଛନ୍ତି। ଆସନ୍ତା ରବିବାର ପରେ ସେ ଟୁଇଟର, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ୍ ଛାଡ଼ିପାରନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଏଭଳି ଖବର ଲୋକଲୋଚନକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି। ସୋସିଆଲ ମିଡିଆରେ ସବୁଠାରୁ ଅଧିକ ସକ୍ରିୟ ଥିବା ବିଶ୍ୱସ୍ତରୀୟ ନେତାଙ୍କ ମଧ୍ୟରେ ମୋଦି ଅନ୍ୟତମ। ଏମିତିକି, ସୋସିଆଲ ମିଡିଆ ତାଙ୍କୁ ଏକ ନୂଆ ପରିଚୟ ଆଣିଦେଇଛି। ଏବେ ଟୁଇଟରରେ ମୋଦିଙ୍କ ୫.୩୩ କୋଟି ଅନୁଗାମୀ ରହିଥିବାବେଳେ ଫେସ୍‌ବୁକରେ ୪.୪୫କୋଟି, ଇନ୍‌ଷ୍ଟାଗ୍ରାମରେ ୩.୫୨କୋଟି ଅନୁଗାମୀ ରହିଛନ୍ତି। ସେହିପରି ୟୁଟ୍ୟୁବ୍‌ରେ ମୋଦିଙ୍କୁ ୪୫ଲକ୍ଷ ସବ୍‌ସ୍କ୍ରାଇବ କରିଛନ୍ତି। ଫେସ୍‌ବୁକ୍‌ରେ ସବୁଠୁ ସକ୍ରିୟ ୫୦ ବିଶ୍ୱସ୍ତରୀୟ ନେତାଙ୍କ ମଧ୍ୟରେ ମୋଦି ଶୀର୍ଷରେ ରହିଛନ୍ତି। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କଠାରୁ ମଧ୍ୟ ସେ ଆଗରେ ଅଛନ୍ତି। ତେବେ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଛାଡ଼ିବା ଘୋଷଣା ପଛରେ କାରଣ କ'ଣ ତାହା ଜାଣିବା ପାଇଁ ଅନେକ ୟୁଜର ଆଗ୍ରହ ପ୍ରକାଶ କରିଛନ୍ତି। କାରଣ ସମ୍ପର୍କରେ ମୋଦି କିଛି କହିନାହାନ୍ତି। ନିଷ୍ପତ୍ତିର ପୁନର୍ବିଚାର କରିବା ଲାଗି ସମର୍ଥକମାନେ ତାଙ୍କୁ ଅନୁରୋଧ କରିଥିବା ଜଣାପଡିଛି।

୨୦୧୪ରେ ମୋଦି କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ସେ ସୋସିଆଲ ମିଡିଆ ଜରିଆରେ ☞ପୃଷ୍ଠା-୪




# ୩ କରୋନା ରୋଗୀ ଚିହ୍ନଟ

ନୂଆଦିଲ୍ଲୀ,୨।୩(ପି.ଟି.)

ଭାରତରେ ଆଉ ୩ ଜଣ କରୋନା ରୋଗୀ ଦିଲ୍ଲୀ, ତେଲଙ୍ଗାନା ଓ ଜୟପୁରରୁ ଚିହ୍ନଟ ହୋଇଛନ୍ତି। ଇଟାଲୀରୁ ଦିଲ୍ଲୀ ଆସିଥିବା ବ୍ୟକ୍ତିଙ୍କ ଠାରେ କରୋନା ଭୂତାଣୁ ଥିବା ଜଣାପଡିଛି। ତେଲେଙ୍ଗାନାରେ କରୋନା ସଂକ୍ରମିତ ବ୍ୟକ୍ତି ଜଣକ ପୂର୍ବରୁ ଦୁବାଇ ଯାଇଥିଲେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି। ସେହିପରି ଇଟାଲୀରୁ ଫେରିଥିବା ଅନ୍ୟ ଜଣେ ସଂକ୍ରମିତ ଥିବା ଜୟପୁରରେ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା କରାଯାଉଛି। ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାନି ଆଡଭାଇଜରି ଜାରି କରାଯାଇଛି। ବିମାନ ବନ୍ଦରଗୁଡ଼ିକରେ ଯାଞ୍ଚ ବଢ଼ାଇବାକୁ କୁହାଯିବା ସହ ଅତ୍ୟଧିକ ସଂକ୍ରମିତ ଦେଶକୁ ନ ଯିବା ଲାଗି ନାଗରିକଙ୍କୁ

**ପୁଣି ଜାରି ହେଲା କଟକଣା**

ପରାମର୍ଶ ଦିଆଯାଇଛି। ୨୧ଟି ବିମାନ ବନ୍ଦର, ୧୨ଟି ବୃହତ ଓ ୬୫ଟି କ୍ଷୁଦ୍ର ବନ୍ଦରରେ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୨୫,୭୩୮ ଜଣଙ୍କୁ ନଜରରେ ରଖାଯାଇଛି। ଅତିଜରୁରୀ ନ ଥିଲେ ଚାଇନା, ଇରାନ, ଇଟାଲୀ, ଦକ୍ଷିଣ କୋରିଆ ଓ ସିଙ୍ଗାପୁର ନ ଯିବା ଲାଗି ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ୩୭ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ରଖାଯାଇ ଚିକିତ୍ସା କରାଯାଉଛି। ଇରାନ ଓ ଇଟାଲୀରେ ଥିବା ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ସେଠାକାର ସରକାରଙ୍କ ସହ ଆଲୋଚନା ଚାଲିଥିବା ମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିଛି।

# ୨୪ ଘଣ୍ଟାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା

## ନୂଆ ମୋଟର ଯାନ ଆଇନ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଦୁଇ ଦଫାରେ ୬ମାସ କୋହଳ ହେବା ପରେ ରାଜ୍ୟରେ ରବିବାର ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଭାବେ ଲାଗୁ ହୋଇଛି। ହେଲେ ସୋମବାର ଦ୍ୱିତୀୟ ଦିନରେ ଆଇନ ଖିଲାପକାରୀଙ୍କ ଉପରେ ମୋଟା ଅଙ୍କର ଜରିମାନା କଷିଛି ପୋଲିସ ଓ ପରିବହନ ବିଭାଗ। ରାଜ୍ୟର ବିଭିନ୍ନ ସ୍ଥାନରୁ ୨୪ ଘଣ୍ଟାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବେପରୁଆ ଗାଡି ଚାଳକଙ୍କଠାରୁ ଆଦାୟ କରାଯାଇଛି। ସମ୍ବଲପୁରରେ ଜଣେ ନାବାଳକ ଗାଡ଼ି ଚଳାଉଥିବାବେଳେ ଧରାପଡ଼ିଥିଲେ। ଏନେଇ ତାଙ୍କ ବାପାଙ୍କଠାରୁ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭୁବନେଶ୍ୱରରେ ୨ଟି ଘରୋଇ ଶିକ୍ଷାନୁଷ୍ଠାନର ବସ୍ ଉପରେ ୫୧ ହଜାର ୫ଶହ ଜରିମାନା କରାଯାଇଛି। ଏହାସହ ଏକ ସ୍କୁଲ ଭ୍ୟାନଠାରୁ ୩୭ ହଜାର ଏବଂ ସ୍କୁଲ ପିଲାଙ୍କୁ ବୋହି ନେଉଥିବା ଟାଟା ମ୍ୟାଜିକକୁ ଜବତ କରାଯାଇ ୨୨ ହଜାର ୫ଶହ ଟଙ୍କା ଜରିମାନା କରାଯାଇଛି। ବରଗଡ଼ରେ ଜଣେ ମଦ୍ୟପ ଡ୍ରାଇଭର ଧରାପଡି ୧୦ ହଜାର ଟଙ୍କା ଗଣିଛନ୍ତି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୩ ହଜାର ୮୭୦ ଜଣଙ୍କୁ ଚାଲାଣ କଟାଯାଇଛି। ବାଇକରେ ୩ଜଣ ଯାଉଥିବାବେଳେ ୧୨୬ ଜଣ ଧରାପଡିଛନ୍ତି। ମୋବାଇଲ ଫୋନରେ କଥାହୋଇ ଗାଡି ଚଳାଉଥିବାବେଳେ ୪୮ ଜଣ, ବିନା ହେଲମେଟ୍‌ରେ ୧୮୩୧ ଜଣ, ଦ୍ରୁତ ଗାଡ଼ିଚାଳନା ପାଇଁ ୨୭୭ ଜଣ, ମଦ ପିଇ ଗାଡି ଚଳାଉଥିବା ୨୪ ଜଣ, ବିନା ସିଟ୍‌ବେଲ୍ଟରେ ଗାଡି ଚଳାଉଥିବା ୩୪୯ ଜଣଙ୍କୁ ଜରିମାନା କରାଯାଇଛି। ପରିବହନ ବିଭାଗ ୧,୭୫୮ ଜଣଙ୍କଠାରୁ ୮୮ ଲକ୍ଷ ଆଦାୟ କରିଥିବାବେଳେ ପୋଲିସ ୨,୧୧୨ ଜଣଙ୍କଠାରୁ ୧୮ ଲକ୍ଷ ଆଦାୟ କରିଛି।





Vencobb FRESH CHICKEN

02.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 40 | 80 | 90 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply

Issued in the Interest of Consumers



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ମାର୍ଚ୍ଚ,୨୦୨୦

**ଇଜିପ୍ଟରେ ୩୭ ଜଣଙ୍କୁ ମୃତ୍ୟୁଦଣ୍ଡ**

ଆତଙ୍କବାଦୀ ଆକ୍ରମଣ ମାମଲାରେ ଇଜିପ୍ଟର ଏକ ଅଦାଲତ ସୋମବାର ୩୭ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହାଇପ୍ରୋଫାଇଲ ଆତଙ୍କବାଦୀ ଅଛନ୍ତି। ଆଇଏସ୍ ସଂଗଠନ ସହ ସମ୍ପର୍କ ରଖିଥିବା ଏହି ଅପରାଧୀମାନେ ଇଜିପ୍ଟର ସିନାଇ ପେନିନ୍‌ସୁଲାରେ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଥିଲେ ବୋଲି କାଇରୋ ଫୌଜଦାରି ଅଦାଲତ କହିଛନ୍ତି।



# ପାର୍ଲାମେଣ୍ଟରେ ଶାସକ- ବିରୋଧୀ ଧସ୍ତାଧସ୍ତି

ନୂଆଦିଲ୍ଲୀ,୨।୩

ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ସୋମବାର ଆରମ୍ଭ ହୋଇଥିବା ବେଳେ ଦିଲ୍ଲୀ ଦଙ୍ଗାକୁ ନେଇ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଲୋକ ସଭାରେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବା ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ଗୃହକାର୍ଯ୍ୟ ଆରମ୍ଭ କରିବା ପରେ କଳା ବ୍ୟାନର ଧରି ସେମାନେ ଟ୍ରେଜେରି ବେଞ୍ଚ୍ ଆଡ଼କୁ ଯାଇଥିଲେ। ପଛ ବେଞ୍ଚରେ ବସିଥିବା ଭାଜପା ସଦସ୍ୟମାନେ କଂଗ୍ରେସର ଏଭଳି ଆଚରଣକୁ ବିରୋଧ କରିଥିଲେ। ଏହା ପରେ ଉଭୟ ଶାସକ ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ପ୍ରଥମେ ହଟ୍ଟଗୋଳ ଓ ପରେ ଠେଲାପେଲା ହୋଇଥିଲା। କିଛି ସମୟ ଗୃହ ରଣାଙ୍ଗନରେ ପରିଣତ ହୋଇଯାଇଥିଲା। କାର୍ଯ୍ୟରେ ବାଧା ଉପୁଜିବାରୁ ବାଚସ୍ପତି ଗୃହକୁ ପ୍ରଥମେ ଅପରାହ୍ନ ୩ଟା ଓ ପରେ ଦିନକ ଲାଗି ମୁଲତବୀ ରଖିଥିଲେ। ଏମ୍‌ପିଙ୍କ ଗୃହରେ ଏଭଳି ଆଚରଣ ମୋତେ କଷ୍ଟ ଦେଇଛି ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି।



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବିରେ ପାର୍ଲାମେଣ୍ଟ ପରିସରରେ ରାହୁଲ ଗାନ୍ଧୀ ଓ ଅନ୍ୟ କଂଗ୍ରେସ ଏମ୍‌ପିମାନେ ବିକ୍ଷୋଭ କରୁଛନ୍ତି।

ଲୋକ ସଭାରେ ଭାଜପାର ମୁଖ୍ୟ ସଚେତକ ସଞ୍ଜୟ ଜୟଶ୍ୱାଲ୍ ଗୃହରେ କହୁଥିବା ବେଳେ କଂଗ୍ରେସ ଏମ୍‌ପିମାନେ ଜୋର୍‌ରେ ପାଟିକରି ତାଙ୍କ ମୁହଁ ସାମ୍ନାରେ ପ୍ଲାକାର୍ଡ ଧରି ବାଧା ଦେଇଥିଲେ। ଭାଜପା ଏମ୍‌ପିମାନେ ଏହାର ପ୍ରତିବାଦ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଭାଜପା ଓ କଂଗ୍ରେସ ଏମ୍‌ପିମାନେ ଧକ୍କା ମରାମରି ହେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। କଂଗ୍ରେସର ଦଳିତ ଏମ୍‌ପି ରାମ୍ୟା ହରିଦାସ ଭାଜପା ଏମ୍‌ପିମାନେ ଗୃହରେ ଅପମାନିତ କରିଥିବା ନେଇ ବାଚସ୍ପତି ବିର୍ଲାଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଜସ୍ଥାନର ଭାଜପା ଏମ୍‌ପି ଜସ୍‌କୌର ମୀନା ତାଙ୍କୁ ଶାରୀରିକ ଆଘାତ ଦେଇଥିବା ସେ ଅଭିଯୋଗ କରିଛନ୍ତି। ମୀନା ମଧ୍ୟ ଏମ୍‌ପି ହରିଦାସଙ୍କ ବିରୋଧରେ ପାଲ୍‌ଟା ଅଭିଯୋଗ ଆଣିଛନ୍ତି। ଭାଜପାର କେତେକ ମହିଳା ଏମ୍‌ପି ବାଚସ୍ପତିଙ୍କୁ ଭେଟି ଏମ୍‌ପି ମୀନା ଓ ଚିକ୍କମାଗଲୁରୁ ଏମ୍‌ପି ଶୋଭା କରାଣ୍ଡ୍‌ଲାଜେଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି।

■ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ବିରୋଧୀ

■ବାଚସ୍ପତିଙ୍କୁ ଫେରାଦ ହେଲେ ୩ ଏମ୍‌ପି

ରାଜ୍ୟ ସଭାରେ ମଧ୍ୟ ଦିଲ୍ଲୀ ହିଂସାକାଣ୍ଡକୁ ନେଇ ହଟ୍ଟଗୋଳ ହେବାରୁ ଗୃହକୁ ଦିନକ ଲାଗି ମୁଲତବୀ ଘୋଷଣା କରାଯାଇଛି। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଏଏପି, ଟିଏମ୍‌ସି, ଏସ୍‌ପି, ବିଏସ୍‌ପି, ଡିଏମ୍‌କେ ଓ ବାମଦଳର ସଦସ୍ୟମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ୍‌ବାଜି କରିଥିଲେ। ସରକାର ଶୋଇରହି ନିଜ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବା ଏମାନେ ଅଭିଯୋଗ କରିଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ସେମାନଙ୍କୁ ନିଜ ସ୍ଥାନକୁ ଯିବା ଲାଗି ଅନୁରୋଧ କରିଥିବା ବେଳେ କେହି ଶୁଣି ନ ଥିଲେ। ଆଖିରେ କଳା ପଟି ବାନ୍ଧି କେତେକ ବିକ୍ଷୋଭ କରିଥିଲେ। ହଟ୍ଟଗୋଳ ଯୋଗୁ ଶେଷରେ ଗୃହକୁ ମୁଲତବୀ ରଖିବାକୁ ପଡ଼ିଥିଲା।

## କରୋନା ମୃତ୍ୟୁସଂଖ୍ୟା ୩ହଜାର ଟପିଲା

**୮୯,୦୦୦ ସଂକ୍ରମିତ**

ବେଜିଂ,୨।୩

ଚାଇନା ସମେତ ୬୦ ଦେଶରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୩,୦୦୦ ଅତିକ୍ରମ କରିଛି। ଏହି ଭୂତାଣୁ ଦ୍ୱାରା ପାଖାପାଖି ୮୯,୦୦୦ ସଂକ୍ରମିତ ହୋଇଛନ୍ତି। ସଦ୍ୟତମ ରିପୋର୍ଟ ଅନୁଯାୟୀ ଚାଇନାରେ ୨୯୧୨ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବାବେଳେ ୮୦,୦୨୬ ଆକ୍ରାନ୍ତ ହୋଇଛନ୍ତି। ହଂକଂରେ ୯୪ ରୋଗୀ ଚିହ୍ନଟ ହୋଇଥିବାବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଦକ୍ଷିଣ କୋରିଆରେ ୪୨୧୨ଜଣ ରୋଗୀ ଚିହ୍ନଟ ହୋଇଛନ୍ତି ଓ ୨୨ ଜଣଙ୍କ ମୃତ୍ୟୁ ଘଟିଲାଣି। ଇଟାଲୀରେ ୧୬୯୪ ରୋଗୀ ଥିବାବେଳେ ୩୪ ଜଣ ପ୍ରାଣ ହରାଇଲେଣି। ସେହିପରି ଇରାନରେ ରୋଗୀସଂଖ୍ୟା ୧୦୦୦ ଟପିଥିବାବେଳେ ମୃତକଙ୍କ ସଂଖ୍ୟା ୬୦ ଟପିଛି। ଜାପାନରେ ୯୬୧ ସଂକ୍ରମିତ ହୋଇଥିବାବେଳେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଫ୍ରାନ୍ସରେ ୧୩୦, ସିଙ୍ଗାପୁରରେ ୧୦୬, ଆମେରିକାରେ ୮୦, ଜର୍ମାନୀରେ ୬୬, ସ୍ପେନ୍‌ରେ ୭୧, ବାହାରିନ୍‌ରେ ୪୭, କୁଏତ୍‌ରେ ୪୬, ଥାଇଲାଣ୍ଡରେ ୪୩ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଆମେରିକାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଫ୍ରାନ୍ସରେ ମଧ୍ୟ ୨ ଜଣ ପ୍ରାଣ ହରାଇଛନ୍ତି। ଥାଇଲାଣ୍ଡ, ତାଇୱାନ, ବ୍ରିଟେନ, ଅଷ୍ଟ୍ରେଲିଆରେ ଜଣେ ଲେଖାଏ କରୋନାରେ ପ୍ରାଣ ହରାଇଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

**ଗଛରେ ଟାଙ୍ଗିଦେଲେ**

**୭ ସ୍କୁଲ ଛାତ୍ର ଅଟକ**

**ତେଜ୍‌ପୁର,୨।୩:** ଆସାମର ବିଶ୍ୱନାଥ ଜିଲା ଅନ୍ତର୍ଗତ ଚକ୍‌ଲା ଗ୍ରାମରେ ଜଣେ ନାବାଳିକା(୧୨)ଙ୍କୁ ଗଣବଳାତ୍କାର କରାଯିବା ପରେ ମାରି ଗଛରେ ଟଙ୍ଗାଇ ଦିଆଯାଇଛି। ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଥିବା ବେଳେ ୭ ସ୍କୁଲ ଛାତ୍ରଙ୍କୁ ଅଟକ ରଖାଯାଇଥିବା ପ୍ରକାଶ। ହାଇସ୍କୁଲ ପରୀକ୍ଷା ଦେଇ ଛାତ୍ରମାନେ ଫେରିଥିବାବେଳେ ଶୁକ୍ରବାର ରାତିରେ ଏଭଳି କାଣ୍ଡ ରଚିଥିବା ପୋଲିସ କହିଛି। ପରୀକ୍ଷା ଶେଷ ହେବା ପରେ ପାର୍ଟି କରିବା ଆଳରେ ଛାତ୍ରମାନେ ନାବାଳିକାକୁ ଘରକୁ ଡ଼ାକିଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ଜଣକ ପରେ ଜଣେ ବଳାତ୍କାର କରିବା ସହ ମାରି ନିକଟସ୍ଥ ଜଙ୍ଗଲର ଏକ ଗଛରେ ଟାଙ୍ଗି ଦେଇଥିଲେ ବୋଲି ପୋଲିସ କହିଛି। ଶନିବାର ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ରବିବାର ୭ ସ୍କୁଲ ଛାତ୍ରଙ୍କୁ ଅଟକ ରଖାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରହିଛି।

## ଗର୍ଭପାତ ସମୟସୀମା ବୃଦ୍ଧି ବିଲ୍ ଲୋକ ସଭାରେ ଆଗତ

**ନୂଆଦିଲ୍ଲୀ,୨।୩(ପି.ଟି.):** ହସ୍ପିଟାଲ ଦ୍ୱାରା ଅନୁମୋଦିତ ଗର୍ଭପାତ ପାଇଁ ସର୍ବାଧିକ ସମୟସୀମା ୨୦ ସପ୍ତାହରୁ ୨୪ ସପ୍ତାହକୁ ବଢ଼ାଇବା ପାଇଁ ଏକ ବିଲ୍ ସୋମବାର ଲୋକ ସଭାରେ ଆଗତ ହୋଇଛି। ଦିଲ୍ଲୀ ଦଙ୍ଗାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ଚାଲିଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍‌ନାନ୍ସି (ସଂଶୋଧନ) ବିଲ୍, ୨୦୨୦ ଆଗତ କରିଥିଲେ। ଗତ ମାସରେ ଏହି ବିଲ୍‌କୁ କ୍ୟାବିନେଟ ଅନୁମୋଦନ କରିଥିଲା। ସମୟସୀମା ବଢ଼ିବା ଦ୍ୱାରା ଏହା ମହିଳାଙ୍କ ନିରାପଦ ଗର୍ଭପାତରେ ସହାୟକ ହୋଇପାରିବ। ଗର୍ଭଧାରଣ ସମ୍ପର୍କରେ ଜାଣିପାରୁ ନ ଥିବା ବଳାତ୍କାର ପୀଡିତା, ଭିନ୍ନକ୍ଷମ ଓ ନାବାଳିକାଙ୍କ କ୍ଷେତ୍ରରେ ଏହା ସହାୟକ ହୋଇପାରିବ ବୋଲି ବିଲ୍‌ରେ କୁହାଯାଇଛି।

## ୫ ଜଣିଆ ଖଣ୍ଡପୀଠରେ ହେବ ଶୁଣାଣି

ନୂଆଦିଲ୍ଲୀ,୨।୩

ବୃହତ୍ ଖଣ୍ଡପୀଠ ନୁହେଁ ବରଂ ୫ ଜଣିଆ ଖଣ୍ଡପୀଠରେ ଧାରା ୩୭୦ ଉଚ୍ଛେଦ ମାମଲାର ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଗତବର୍ଷ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଭାରତ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିଥିବା ବେଳେ ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର କରାଯାଇଥିଲା। ଏହି ମାମଲାର ଶୁଣାଣି ବୃହତ୍ ଖଣ୍ଡପୀଠରେ ହେବ ବୋଲି କୁହାଯାଉଥିବା ବେଳେ ଏହାକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଛନ୍ତି। ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ ବୋଲି ଜଷ୍ଟିସ ଏନ୍.ଭି.ରମନା ସ୍ପଷ୍ଟ କରିଛନ୍ତି। ଏନ୍‌ଜିଓ, ପିପୁଲ୍ସ ୟୁନିୟନ ଅଫ୍ ସିଭିଲ ଲିବର୍ଟିଜ୍, ଜମ୍ମୁ-କଶ୍ମୀର ହାଇକୋର୍ଟ



**୩୭୦ ଉଚ୍ଛେଦ ମାମଲା**

ବାର୍ ଆସୋସିଏଶନ ପ୍ରମୁଖ ମାମଲାର ବିଚାର ବୃହତ୍ ଖଣ୍ଡପୀଠରେ କରିବା ଲାଗି ଦାବି କରିଥିଲେ। ତେବେ ଜଷ୍ଟିସ ସଞ୍ଜୟ କିଶାନ କଉଲ୍, ଜଷ୍ଟିସ ଆର୍ ସୁଭାଷ ରେଡ୍ଡୀ, ଜଷ୍ଟିସ ବି.ଆର୍. ଗଭାଇ ଓ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ପିଟିଶନକୁ ଖାରଜ କରିଛନ୍ତି। ପୂର୍ବର ସମ୍ପତ୍ ପ୍ରକାଶ ମାମଲା ଓ ପ୍ରେମ୍‌ନାଥ କଉଲ୍ ମାମଲାକୁ ବିଚାର କଲେ ବୃହତ୍ ଖଣ୍ଡପୀଠକୁ ଏହି ମାମଲା ପଠାଯିବାର କୌଣସି ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ସ୍ତ୍ରୀ ଓ ୨ ପିଲାଙ୍କୁ ମାରି ଯନ୍ତ୍ରୀଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ,୨।୩

ହାଇଦ୍ରାବାଦର ହସ୍ତିନାପୁରମ୍ ଅନ୍ତର୍ଗତ ଏଲ୍‌ବି ନଗରରେ ଜଣେ ଯନ୍ତ୍ରୀ ଆର୍ଥିକ ସଙ୍କଟ ଯୋଗୁ ନିଜ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ମାରି ନିଜେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଗତ ଦୁଇଦିନ ହେଲା ଘର ବନ୍ଦରହିବା ପରେ ପଡ଼ୋଶୀଙ୍କଠାରୁ ଅଭିଯୋଗ ପାଇ ସୋମବାର ଘର ଭାଙ୍ଗି ପୋଲିସ ମୃତଦେହଗୁଡ଼ିକୁ ଉଦ୍ଧାର କରିଛି। ମୃତକମାନେ ହେଲେ ପ୍ରଦୀପ(୪୦), ସ୍ତ୍ରୀ ସ୍ୱାତି(୩୫), ପୁଅ କଲ୍ୟାଣକ୍ରିଷ୍ଣା(୬) ଓ ଜୟକ୍ରିଷ୍ଣା(୨)। ଖାଦ୍ୟରେ ବିଷ ଦେଇ ପ୍ରଦୀପ ୩ଜଣଙ୍କୁ ମାରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଓସ୍‌ମାନିଆ ସରକାରୀ ଡାକ୍ତରଖାନାକୁ ପଠାଯାଇଛି। ଆର୍ଥିକ ସଙ୍କଟ ଦେଇ ପରିବାର ଗତି କରୁଥିବା କଥା ପ୍ରଦୀପ ନିଜ ବାପାଙ୍କୁ ପୂର୍ବରୁ କହିଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ବିବାଦୀୟ ଜମି ଉପରୁ ଦାବି ଛାଡ଼ିଲେ ମୁସଲମାନ

**ଶିଖ୍‌ଙ୍କ ପ୍ରତି କୃତଜ୍ଞତାର ନିଦର୍ଶନ**

ନୂଆଦିଲ୍ଲୀ,୨।୩ (ପି.ଟି.)

ଦୀର୍ଘ ୧୦ ବର୍ଷ ଧରି ଦିଲ୍ଲୀର ଶାହରନପୁରସ୍ଥିତ ଏକ ଜମିକୁ ନେଇ ଲାଗି ରହିଥିବା ବିବାଦର ପରିସମାପ୍ତି ଲାଗି ମୁସଲମାନ ଓ ଶିଖ୍ ସମ୍ପ୍ରଦାୟ ନିଷ୍ପତ୍ତି ନେଇଛନ୍ତି। ଏହି ଜମିକୁ ନେଇ ୨୦୧୪ରେ ଦଙ୍ଗା ସୃଷ୍ଟି ହୋଇଥିଲା। ନିକଟରେ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗାବେଳେ ମୁସଲମାନମାନଙ୍କୁ ସହାୟତାର ହାତ ବଢ଼ାଇଥିଲେ ଶିଖ୍ ସମ୍ପ୍ରଦାୟ। ଫଳରେ କୃତଜ୍ଞତାର ନିଦର୍ଶନ ସ୍ୱରୂପ ମୁସଲମାନ ସମ୍ପ୍ରଦାୟ ବିବାଦୀୟ ଜମି ଉପରୁ ଦାବି ଫେରାଇନେବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଇ ଦଶନ୍ଧି ପୂର୍ବେ କୁତୁବଶେର ଅଞ୍ଚଳରେ ଗୁରୁଦ୍ୱାର କମିଟି ଉକ୍ତ ଜମିକୁ କିଣିଥିଲା। ଗୁରୁଦ୍ୱାର ପରିସର ବଢ଼ାଇବା ଏହି ଜମି କିଣିବାର ଉଦ୍ଦେଶ୍ୟ ଥିଲା। ଜମି କିଣିବା ପରେ ସେଠାରେ ଥିବା ଏକ ମସ୍‌ଜିଦ ସମେତ କେତେକ କୋଠାକୁ ଭାଙ୍ଗିଦିଆଯାଇଥିଲା। ୨୦୧୪ ଜୁଲାଇରେ ସେଠାରେ ଗୁରୁଦ୍ୱାର କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏହ ଦଙ୍ଗାରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୩୩ ଜଣ ଆହତ ହୋଇଥିଲେ। ଶେଷରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏବେ ମୁସଲମାନ ସମ୍ପ୍ରଦାୟ ଉକ୍ତ ଜମି ଉପରୁ ଅଧିକାର ତ୍ୟାଗ କରିଛନ୍ତି। ତାହା ବଦଳରେ ସେମାନଙ୍କୁ ବିକଳ୍ପ ଜମି ଯୋଗାଇ ଦେବା ସହ ମସ୍‌ଜିଦ ନିର୍ମାଣ ଖର୍ଚ୍ଚ ଦେବା ଲାଗି ଗୁରୁଦ୍ୱାର ପରିଚାଳନା କମିଟି ରାଜି ହୋଇଛି।

ଇତିହାସର ଆଇନାରେ

## ମାର୍ଚ୍ଚ ୩ର ପ୍ରମୁଖ ଘଟଣା

୧୯୮୫ ମାର୍ଚ୍ଚ ୩ରେ ଚିଲିର ଭାଲ୍‌ଖପାରାଇସୋ ଅଞ୍ଚଳରେ ଭୟଙ୍କର ଭୂକମ୍ପ ହେବାରୁ ପ୍ରାୟ ୧୮୦ ଜଣ ପ୍ରାଣ ହରାଇଥିଲେ। ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହେବା ସହ ଅନେକ ଘରଦ୍ୱାର ଭାଙ୍ଗିଯାଇଥିଲା।। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୮.୩ ଥିଲା।।

୨୦୧୩ ମାର୍ଚ୍ଚ ୩ରେ ପାକିସ୍ତାନର କରାଚୀରେ ବୋମା ବିସ୍ଫୋରଣ ହେବାରୁ ପ୍ରାୟ ୫୦ ଜଣ ପ୍ରାଣ ହରାଇଥିଲେ। ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ। ଶିଆ ବହୁଳ ଅଞ୍ଚଳରେ ଏହି ବିସ୍ଫୋରଣ କରାଯାଇଥିବା ବେଳେ ସୁନ୍ନୀ ଆତଙ୍କବାଦୀ ଗୋଷ୍ଠୀ ଲସ୍କର-ଇ-ଝାଙ୍ଗ୍‌ଭିର ଏଥିରେ ହାତ ଥିବା ସନ୍ଦେହ କରାଯାଇଥିଲା।

## କ୍ଷତିଗ୍ରସ୍ତଙ୍କ ପାଇଁ କ'ଣ ପଦକ୍ଷେପ ନେଇଛ

ନୂଆଦିଲ୍ଲୀ,୨।୩ (ପି.ଟି.)

ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗାରେ କ୍ଷତିଗ୍ରସ୍ତ ଲୋକମାନଙ୍କ ଚିକିତ୍ସା ଓ ଥଇଥାନ ପାଇଁ କ'ଣ ପଦକ୍ଷେପ ନେଇଛ ରିପୋର୍ଟ ଦାଖଲ କରିବା ଲାଗି ହାଇକୋର୍ଟ ସୋମବାର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଓ ଜଷ୍ଟିସ ସି. ହରିଶଙ୍କରଙ୍କୁ ନେଇ

**ଦିଲ୍ଲୀ ଦଙ୍ଗା ନେଇ ପୋଲିସକୁ ହାଇକୋର୍ଟଙ୍କ ପ୍ରଶ୍ନ**

ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଜାରି କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୩୦କୁ ଧାର୍ଯ୍ୟ କରିଛନ୍ତି। ଦିଲ୍ଲୀରେ ପୁଣି ଥରେ ଦଙ୍ଗା ସୃଷ୍ଟି ହେବା ନେଇ ରବିବାର ସନ୍ଧ୍ୟାରେ ଗୁଜବ ପ୍ରଚାରିତ ହୋଇଥିଲା। ପୋଲିସ ଏହି ଗୁଜବକୁ ପ୍ରତିହତ କରିବାରେ ସଫଳ ହୋଇଥିବା ସରକାରୀ ଓକିଲ ରାହୁଲ ମେହରା କୋର୍ଟଙ୍କୁ ଜଣାଇଥିଲେ। ଗତ ସପ୍ତାହରେ ଦଙ୍ଗାଜନିତ ମୃତ୍ୟୁସଂଖ୍ୟା ୪୭ରେ ପହଞ୍ଚିଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଭଙ୍ଗାରୁଜା ଓ ପୋଡାଜଳାରେ ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଥିଲା।

### ମୃତ ଆଇବି କର୍ମଚାରୀଙ୍କ ପରିବାରକୁ ୧ କୋଟି ସହାୟତା

**ନୂଆଦିଲ୍ଲୀ,୨।୩(ପି.ଟି.):** ଦିଲ୍ଲୀ ଦଙ୍ଗା ବେଳେ ନିହତ ହୋଇଥିବା ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ ଶର୍ମାଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର ଘୋଷଣା କରିଛନ୍ତି। ଏଥିସହିତ ତାଙ୍କ ପରିବାରର ଜଣକୁ ସରକାରୀ ଚାକିରି ଯୋଗାଇ ଦିଆଯିବ। ଦଙ୍ଗାବେଳେ ଯବାନ ମହମ୍ମଦ ଆନିସଙ୍କ ଘରକୁ ଲୋକେ ଜାଳିଦେଇଥିଲେ।

**ଘର ହରାଇଥିବା ଯବାନଙ୍କୁ ୧୦ ଲକ୍ଷ ଦେଲା ବିଏସ୍‌ଏଫ୍**

ବିଏସ୍‌ଏଫ୍ ପକ୍ଷରୁ ଉକ୍ତ ଯବାନଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ତାଙ୍କର ନିକଟରେ ବିବାହ ହେବାକୁ ଥିବାବେଳେ ଏହି ସହାୟତା ତାଙ୍କ ପାଇଁ ବିବାହ ଭେଟି ବୋଲି ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି।

## 'ଗୁଳି ମାର' ସ୍ଲୋଗାନ ଦେଇ ୩ ଭାଜପା କର୍ମୀ ଗିରଫ

କୋଲକାତା,୨।୩

ପଶ୍ଚିମବଙ୍ଗର କୋଲକାତାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରବିବାର ଏକ ରାଲିରେ ଯୋଗ ଦେଇଥିବାବେଳେ ୩ ଭାଜପା କର୍ମୀ 'ଦେଶଦ୍ରୋହୀଙ୍କୁ ଗୁଳି କର' ସ୍ଲୋଗାନ ଦେଇଥିଲେ। କୋଲକାତା ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ନ୍ୟୁ ମାର୍କେଟ ଥାନାରେ ଏକ ମାମଲା ରୁଜୁ ହୋଇଛି। ରାଲିରେ କୌଣସି ଭାଜପା କର୍ମକର୍ତ୍ତା ଏଭଳି ସ୍ଲୋଗାନ ଦେଇ ନ ଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି। ସ୍ଲୋଗାନ୍ ଦେଇଥିବା ଯୁବକ ହାତରେ ଭାଜପା ପତାକା ଧରିଥିବାରୁ ସେମାନଙ୍କୁ ଭାଜପା କର୍ମୀ ବୋଲି ସନ୍ଦେହ କରାଯାଉଛି।

## ଇସ୍ରାଏଲ୍‌ରେ ୧୨ ମାସରେ ୩ ଥର ନିର୍ବାଚନ

ଜେରୁଜେଲମ୍,୨।୩(ଏଏଫ୍‌ପି)

ଇସ୍ରାଏଲ୍‌ରେ ୧୨ ମାସ ମଧ୍ୟରେ ତୃତୀୟ ଥର ପାଇଁ ସାଧାରଣ ନିର୍ବାଚନ ହେଉଛି। ଦେଶରୁ ରାଜନୈତିକ ସଂକଟ ଦୂର କରିବା ଲାଗି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତୃତୀୟ ଥର ନିର୍ବାଚନ ଲଢୁଛନ୍ତି। ଏଥର ଯଦି କେହି ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ସକ୍ଷମ ନ ହୁଅନ୍ତି ତେବେ ବିଜେତା ଅନ୍ୟ ଛୋଟ ଦଳଗୁଡ଼ିକୁ ନେଇ ମେଣ୍ଟ ଗଠନ ଲାଗି ଉଦ୍ୟମ କରିବେ। ଗତବର୍ଷ ଏପ୍ରିଲ ଓ ସେପ୍ଟେମ୍ବରରେ ହୋଇଥିବା ନିର୍ବାଚନରେ କେହି ମେଣ୍ଟ ଜିତିବାକୁ ସକ୍ଷମ ହୋଇ ନ ଥିଲେ।


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୮ | ୧୭.୭ |
| ଚାନ୍ଦବାଲି | ୩୩.୨ | ୧୯.୯ |
| କଟକ | ୩୩.୪ | ୧୮.୨ |
| ପାରାଦ୍ୱୀପ | ୨୯.୭ | ୨୧.୪ |
| ଭୁବନେଶ୍ୱର | ୩୩.୬ | ୧୯.୭ |
| ଗୋପାଳପୁର | ୩୦.୨ | ୨୦.୩ |
| ପୁରୀ | ୩୦.୬ | ୨୧.୪ |
| ଅନୁଗୋଳ | ୩୨.୭ | ୧୪.୬ |
| ବାରିପଦା | ୩୩.୫ | ୧୯.୫ |
| ଝାରସୁଗୁଡ଼ା | ୩୨.୧ | ୧୭.୬ |
| କେନ୍ଦୁଝର | ୩୧.୩ | ୧୭.୦ |
| ସମ୍ବଲପୁର | ୩୨.୮ | ୧୭.୪ |
| ସୁନ୍ଦରଗଡ଼ | ୩୨.୦ | ୧୪.୦ |
| ହୀରାକୁଦ | ୩୨.୩ | ୧୮.୬ |
| ତାଳଚେର | ୩୩.୩ | ୧୬.୦ |
| ଭବାନୀପାଟଣା | ୩୨.୮ | ୧୯.୫ |
| ବଲାଙ୍ଗୀର | ୩୩.୦ | ୧୭.୦ |
| କୋରାପୁଟ | ୨୯.୦ | ୧୬.୮ |
| ଫୁଲବାଣୀ | -- | ୧୬.୩ |
| ଟିଟିଲାଗଡ଼ | ୩୪.୦ | ୧୪.୮ |
| ମାଲକାନଗିରି | ୩୫.୦ | ୨୦.୦ |
| ସୋନପୁର | ୩୨.୮ | ୧୪.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୧୩.୫ |

ଡିଗ୍ରୀ ସେଲ୍‌ସିୟସ୍

## ୧୧ ଦୋଷୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

ରାଞ୍ଚି,୨।୩

ଜଣେ ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ମାମଲାରେ ରାଞ୍ଚିର ଏକ କୋର୍ଟ ୧୧ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜିଲା ଜଜ୍ ନଭ୍‌ନୀତ୍ କୁମାର ଫେବୃୟାରୀ ୨୬ରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିବା ବେଳେ ସୋମବାର ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପ୍ରତ୍ୟେକ ଦୋଷୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନାଦେଶ ଶୁଣାଯାଇଛି।

**ଆଇନ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା**

ଦୋଷୀମାନେ ହେଲେ କୁଲ୍‌ଦୀପ ଓରାଅନ୍, ସୁନୀଲ ଓରାଅନ୍, ସନ୍ଦୀପ ତିର୍କୀ, ଅଜୟ ମୁଣ୍ଡା, ରଞ୍ଜନ ଓରାଅନ୍, ନବୀନ ଓରାଅନ୍,



ବସନ୍ତ କଚ୍ଛପ, ରବି ଓରାଅନ୍, ରୋହିତ୍ ଓରାଅନ୍, ସୁନୀଲ ମୁଣ୍ଡା ଓ ରିଶି ଓରାଅନ୍। ଗତବର୍ଷ ନଭେମ୍ବର ୨୬ରେ ଜଣେ ପୁରୁଷ ବନ୍ଧୁଙ୍କ ସହ ଆଇନ ଛାତ୍ରୀ ଜଣକ ରାଞ୍ଚି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ସ୍କୁଟିରେ ଫେରୁଥିବା ବେଳେ ବାଟରେ ଗାଡ଼ିରୁ ତେଲ ସରିଯାଇଥିଲା। ବାଟରେ ଅପେକ୍ଷା କରିଥିବା ବେଳେ ବାଇକ୍‌ରେ ଆସୁଥିବା ୮ ଜଣ ଯୁବକ ଛାତ୍ରୀଙ୍କୁ ବାଟରୁ ଜୋର୍‌ଜବରଦସ୍ତ ଉଠାଇ ନେଇ ନିକଟସ୍ଥ ଇଟାଭାଟିରେ ବଳାତ୍କାର କରିଥିଲେ। ପରେ ସେଠାରେ ଅନ୍ୟ ୪ ଜଣ ପହଞ୍ଚି ମଧ୍ୟ ବଳାତ୍କାର କରିଥିଲେ। ଘଟଣା ପରେ ପୀଡ଼ିତା ପୋଲିସରେ ଅଭିଯୋଗ କରିବାରୁ ୧୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଜଣେ ବଳାତ୍କାରୀ ନାବାଳକ ହୋଇଥିବାରୁ ମାମଲା ଏବେ ଜୁଭେନାଇଲ କୋର୍ଟରେ ଚାଲିଛି।



ଗୋମୂତ୍ର ଓ ଗୋବର ପ୍ରାଣଘାତୀ କରୋନା ଭୂତାଣୁକୁ ରୋକିପାରିବ ବୋଲି ଆସାମର ଭାଜପା ବିଧାୟିକା ସୁମନ୍ ହରପ୍ରିୟା ସୋମବାର ବିଧାନସଭାରେ ପ୍ରକାଶ କରିଛନ୍ତି। ଗୋବର ଦ୍ୱାରା କ୍ୟାନ୍ସର ଭଳି ମାରାତ୍ମକ ରୋଗ ଭଲ ହେଉଥିବା ସେ ଉଦାହରଣ ଦେଇ କହିଛନ୍ତି। ବାଂଲାଦେଶକୁ ଗୋଚାଲାଣ ନେଇ ବିଧାନସଭାରେ ଆଲୋଚନା ଚାଲିଥିବା ବେଳେ ସେ ଏହା କହିଥିଲେ।




# ପ୍ରତି ଶ୍ରେଣୀ ପାଇଁ ଜଣେ ଶିକ୍ଷକ

- ବନ୍ଦ ହେବ ରାଜ୍ୟର ପ୍ରାୟ ୫୮୦୦ ବିଦ୍ୟାଳୟ
- ୨୦ରୁ କମ୍ ପିଲା ଥିବା ବିଦ୍ୟାଳୟ ବନ୍ଦ ହେବା ନିଶ୍ଚିତ
- ୪୦ରୁ କମ୍ ଥିବେ, ୧କିମି ଭିତରେ ଅନ୍ୟ ସ୍କୁଲ ଥିଲେ ସମାନ ନିୟମ

ଭୁବନେଶ୍ୱର,୨।୩(ବ୍ୟୁରୋ)

ରାଜ୍ୟ ସରକାର ବର୍ତ୍ତମାନ ପ୍ରତ୍ୟେକ ସ୍କୁଲର ଗୋଟିଏ କ୍ଲାସ ପିଛା ଜଣେ ଲେଖାଏ ଶିକ୍ଷକ ନିଯୁକ୍ତି ଦେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏହାକୁ ସଫଳ କରିବା ପାଇଁ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏକ ନୂଆ ଯୋଜନା ପ୍ରସ୍ତୁତ କରିଛି। ସେହି ଅନୁଯାୟୀ ରାଜ୍ୟରେ ଚାଲିଥିବା ପାଖାପାଖି ୫୪ହଜାର ବିଦ୍ୟାଳୟ ମଧ୍ୟରୁ ପ୍ରାୟ ୫,୮୦୦ ସରକାରୀ ବିଦ୍ୟାଳୟକୁ ଖୁବ୍‌ଶୀଘ୍ର ବନ୍ଦ କରିଦିଆଯିବ। ଯେଉଁସବୁ ବିଦ୍ୟାଳୟରେ ୨୦ଜଣରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଛନ୍ତି ସେଗୁଡ଼ିକ ପ୍ରଥମେ ବନ୍ଦ କରାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୦ଜଣରୁ କମ୍ ଛାତ୍ରୀଛାତ୍ର ପାଠ ପଢୁଥିବା ସ୍କୁଲଗୁଡିକ ବନ୍ଦ କରିଦେବା ଉପରେ ସରକାର ନିଷ୍ପତ୍ତି ନେଇଥିଲେ। ଏହିଭଳି ରାଜ୍ୟର ମୋଟ ୭୪୦ଟି ସ୍କୁଲକୁ ସରକାର ବନ୍ଦ କରି ସାରିଥିବା ଜଣାପଡିଛି। ଏହିସବୁ ବିଦ୍ୟାଳୟର ପିଲାମାନଙ୍କୁ ନିକଟସ୍ଥ ସ୍କୁଲରେ ମାଗଣାରେ ସରକାର ନାମ ଲେଖାଇବା ସହିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରିଛନ୍ତି। ସେହି ଢାଞ୍ଚାରେ ବର୍ତ୍ତମାନ ୨୦ରୁ କମ୍ ପିଲା ପଢୁଥିବା ସ୍କୁଲ ବନ୍ଦ କରିଦେଇ ସେହି ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଉଛି। ଏହାସହ ଯେଉଁ ବିଦ୍ୟାଳୟଗୁଡିକରେ ଭିତ୍ତିଭୂମି ଠିକ୍ ଥିବ ସେଠାରେ ହିଁ ପିଲାଙ୍କ ନାମ ଲେଖାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବନ୍ଦ ହେବାକୁ ଥିବା ସ୍କୁଲଗୁଡିକର ଶିକ୍ଷକମାନଙ୍କୁ ଯେଉଁ ବିଦ୍ୟାଳୟରେ ପିଲାମାନଙ୍କ ଅନୁପାତ ଠିକ୍ ଥାଇ ଶିକ୍ଷକମାନଙ୍କ ସଂଖ୍ୟା କମ୍ ଥିବ ସେଠାରେ ନିଯୁକ୍ତି ଦିଆଯିବ। ଅପରପକ୍ଷରେ ସବୁ ବିଦ୍ୟାଳୟରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ଅନୁପାତ ଠିକ୍ ରଖାଯିବ ବୋଲି ଜଣାପଡିଛି। ଯେଉଁସବୁ ବିଦ୍ୟାଳୟ ବନ୍ଦ କରିଦିଆଯିବ ସେହିସବୁ ସ୍କୁଲ ଗୃହଗୁଡ଼ିକ ସରକାରଙ୍କ ପଞ୍ଚାୟତ ଅଧୀନକୁ ଯିବ। ବନ୍ଦ ହେବାକୁ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକର ସମ୍ପତ୍ତି ଉକ୍ତ ଗ୍ରାମପଞ୍ଚାୟତ ଅଧୀନରେ ରହିବ। ସେହିପରି ଉଚ୍ଚ ବିଦ୍ୟାଳୟଗୁଡିକର ସମ୍ପତ୍ତି ପଞ୍ଚାୟତ ସମିତି ଅଧୀନରେ ରଖାଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

ଏହାଛଡ଼ା ୪୦ରୁ କମ୍ ପିଲା ପାଠ ପଢୁଥିବା ବିଦ୍ୟାଳୟଗୁଡିକୁ ମଧ୍ୟ ସରକାର ବନ୍ଦ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ହେଲେ ସବୁ ସ୍ଥାନରେ ଏହା କାର୍ଯ୍ୟକାରୀ ହେବନାହିଁ। ଯେଉଁ ସ୍କୁଲ ବନ୍ଦ କରାଯିବ ତା'ର ନିକଟସ୍ଥ ୧ କି.ମି. ପରିଧି ମଧ୍ୟରେ ଯଦି କୌଣସି ସରକାରୀ ସ୍କୁଲ ଥିବ ତେବେ ସେଠାରେ ଉକ୍ତ ନିଷ୍ପତ୍ତି ଲାଗୁ କରାଯିବ। ଯଦି ୧ କି.ମି. ପରିଧି ମଧ୍ୟରେ କୌଣସି ସରକାରୀ ସ୍କୁଲ ନ ଥିବ ତେବେ ୪୦ରୁ କମ୍ ପିଲା ପଢୁଥିବା ବିଦ୍ୟାଳୟଗୁଡିକୁ ସରକାର ବନ୍ଦ କରିବେ ନାହିଁ। ସବୁ ଜିଲାର ଜିଲାପାଳଙ୍କ ଅଧୀନରେ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ କମିଟି ରହିଛି, ସେମାନେ ହିଁ ଏହା ଉପରେ ନିଷ୍ପତ୍ତି ନେବେ। ସେହିଭଳି ସ୍କୁଲ ପାଖରେ ଯଦି ଜାତୀୟ ରାଜପଥ, ନଦୀ, ହ୍ରଦ, ପାହାଡ ଆଦି ରହିଥିବ ସେ ସ୍ଥାନରେ ସ୍କୁଲଗୁଡିକରେ କମ୍ ଉପସ୍ଥାନ ଥିଲେ କ'ଣ ହେବ ସେନେଇ ମଧ୍ୟ ଜିଲାପାଳଙ୍କ ଅଧୀନରେ ରହିଥିବା କମିଟି ନିଷ୍ପତ୍ତି ନେବ ବୋଲି ସୂଚନା ମିଳିଛି।

## ଦୀଘା ମୁହାଣରୁ ଧରାହେଲା ୯ ଶହ କେଜି ବିରଳ ପ୍ରଜାତିର ମାଛ

### ୨୦ ହଜାରରେ ହେଲା ନିଲାମ

**ଭୋଗରାଇ,୨।୩(ଡି.ଏନ.ଏ.):** ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଗଭୀର ସମୁଦ୍ରରୁ ସୋମବାର ସକାଳେ ଏକ ବିରଳ ପ୍ରଜାତିର ମଗରମାଛ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି। ଏହି ମାଛର ଓଜନ ପ୍ରାୟ ୯୦୦ କିଲୋଗ୍ରାମ। ମତ୍ସ୍ୟଜୀବୀମାନେ ୩ଟି ଟ୍ରଲରରେ ଏହି ବୃହତକାୟ ମାଛକୁ ଧରି ଦୀଘା ମୁହାଣକୁ ଆଣିଥିଲେ। ମାଛଟିକୁ ସ୍ଥାନୀୟ ମାର୍କେଟ୍‌ରେ ୨୦ହଜାର ଟଙ୍କାରେ ନିଲାମ କରାଯାଇଛି। ମାଛ ବ୍ୟବସାୟୀ ରବୀନ୍ଦ୍ର ସାମଲ ଏହାକୁ କିଣିଥିଲେ। ଏହି ବିରଳ ମାଛ ଦେଖିବାକୁ ଚିଲପକ୍ଷୀ ଓ ହାତୀର କାନ ଭଳି। ଇଂରାଜିରେ ଏହି ମାଛକୁ ଷ୍ଟିଙ୍ଗ ରାୟ ଓ ସ୍ଥାନୀୟ ଲୋକେ ହାତୀ କାନିଆ ବୋଲି କହିଥାନ୍ତି। ବ୍ୟବସାୟୀ ଏହି ମାଛକୁ ଏକ ଗାଡ଼ି ଯୋଗେ କୋଲକାତା ମାଛ ମାର୍କେଟ୍‌କୁ ବିକ୍ରି କରିବା ଉଦ୍ଦେଶ୍ୟରେ ନେଇଛନ୍ତି। ସେଠାରେ ୪ ଗୁଣରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେବ ବୋଲି ମାଛ ବ୍ୟବସାୟୀ କହିଛନ୍ତି। ତେବେ ଏହି ମାଛକୁ କାଟି ଖାଦ୍ୟ ଉପଯୋଗୀ କରାଯିବା ସହ ଏହାକୁ ଔଷଧ ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ। ବିରଳ ପ୍ରଜାତିର ମାଛକୁ ଦେଖିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବିରଳ ପ୍ରଜାତିର ଜଳଜୀବ ମୃତ୍ୟୁମୁଖରେ ପଡୁଥିବାରୁ ପ୍ରକୃତି ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି।


ଦୀଘା ମୁହାଣରେ ଧରାପଡ଼ିଥିବା ବିରଳ ପ୍ରଜାତିର ବୃହତ୍‌କାୟ ମାଛ।

ସୂଚନାନୁଯାୟୀ, ୨୦୧୨ ଡିସେମ୍ବର ୧୨ ତାରିଖରେ ଦୀଘା ଗଭୀର ସମୁଦ୍ରରେ ଜାହାଜ ଲୁହା ଫ୍ୟାନ୍‌ରେ ୨୦ ଟନ୍‌ରୁ ଅଧିକ ଓଜନର ତିମି ପ୍ରଜାତିର ମାଛ କଟିଯାଇ କ୍ଷତବିକ୍ଷତ ହୋଇ ଦୀଘା ମୁହାଣକୁ ଭାସି ଆସିଥିଲା। ତିମିର ମୃତ୍ୟୁରେ ଏକମାସ ଧରି ସେଠାରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଦୀଘା-ଶଙ୍କରପୁର ଫିସାର ଆଣ୍ଡ ଫିସେସ୍ ଆସୋସିଏଶନ ସମ୍ପାଦକ ଶ୍ୟାମ ପ୍ରସାଦ ଦାସ କହିଛନ୍ତି, ବର୍ଷକୁ ୫ରୁ ୮ଟି ଏହିଭଳି ବିରଳ ପ୍ରଜାତିର ମାଛ ଜାଲରେ ପଡ଼ିଥାଏ ଓ ଏହି ମାଛକୁ କଲିକତା ମାଛ ମାର୍କେଟ୍‌ରେ ଚଢ଼ା ଦାମ୍‌ରେ ବିକ୍ରି ହୋଇଥାଏ।

## ବୀଣାପାଣି ମହାନ୍ତି ପାଇବେ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର'

### ୨୦୧୯ ମସିହା ଲାଗି ସମ୍ମାନିତ ହେବେ ୧୫ ସାହିତ୍ୟିକ

ଭୁବନେଶ୍ୱର,୨।୩(ବ୍ୟୁରୋ)

ପ୍ରଖ୍ୟାତ କଥାଶିଳ୍ପୀ ତଥା ବିଶିଷ୍ଟ ସାହିତ୍ୟିକା ବୀଣାପାଣି ମହାନ୍ତି ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ୨୦୧୯ ମସିହା ଲାଗି ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ। ସୋମବାର ଓଡିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ଓ ନିରବଚ୍ଛିନ୍ନ ସାଧନା ପାଇଁ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିଭଳି କବିତା, ଗଳ୍ପ, ଉପନ୍ୟାସ, ଅନୁବାଦ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଗି ରାଜ୍ୟର ୧୫ଜଣ ବୟୋଜ୍ୟେଷ୍ଠ ସାହିତ୍ୟିକ, ସାହିତ୍ୟିକାଙ୍କୁ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯିବ। ସେମାନେ ହେଲେ ସାହିତ୍ୟିକ ମୀନକେତନ ପୁରୋହିତ, ଗୌରଚନ୍ଦ୍ର ପଣ୍ଡା, ପଦ୍ମନାଭ ସାହୁ, ଇନ୍ଦୁଲତା ମହାନ୍ତି, ବିଭୂତି ଭୂଷଣ ପଟ୍ଟନାୟକ, ଶୈଳେନ୍ଦ୍ର କୁମାର ମହାପାତ୍ର, ନିରଞ୍ଜନ ପାଢୀ, ଶ୍ରୀକାନ୍ତ ଚରଣ ପାତ୍ର, କବିବର ପରିଡ଼ା, ତ୍ରିନାଥ ନାୟକ, ମନୀନ୍ଦ୍ର ମହାନ୍ତି, ରବି ମହାପାତ୍ର, ଶରତ ଚନ୍ଦ୍ର କର, ବ୍ରଜ ଦାସ ଓ ଅଖିଳାନନ୍ଦ ବେବର୍ତ୍ତା।

'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପାଇବାକୁ ମନୋନୀତ ହୋଇଥିବା ବୀଣାପାଣି ମହାନ୍ତି ୧୯୩୬ ନଭେମ୍ବର ୧୧ରେ କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳଠାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ବରିଷ୍ଠ ଶିକ୍ଷାବିତ୍ ସହ ଜଣେ ସୁପ୍ରସିଦ୍ଧ ଲେଖିକା। ସେ ମଧ୍ୟ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚଳିତବର୍ଷ ଲାଗି ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ବୀଣାପାଣି ୧୯୬୦ରେ ଅର୍ଥନୀତି ବିଭାଗରେ ଅଧ୍ୟାପକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି ୧୯୯୨ରେ ଚାକିରି ଜୀବନରୁ ଅବସର ଗ୍ରହଣ କରିଥିଲେ। ଏହାପରେ ସେ ସାହିତ୍ୟକୁ ଚିରଦିନ ପାଇଁ ଆଦରି ନେଇଥିଲେ। ତାଙ୍କ ରଚିତ କେତେକ ଲୋକପ୍ରିୟ ଗଳ୍ପ ଓ ଉପନ୍ୟାସ ପୁସ୍ତକ ମଧ୍ୟରେ ରହିଛି 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ', 'ସାୟାହ୍ନର ସ୍ୱର', 'ଅନ୍ୟ ଅରଣ୍ୟ', 'ପାଟଦେଇ', 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ପ୍ରମୁଖ। ଗଳ୍ପ ସଂକଳନ 'ପାଟଦେଇ' ପାଇଁ ୧୯୯୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଭାରତୀ ପୁରସ୍କାର ଭଳି ଏକାଧିକ ପୁରସ୍କାର ଓ ସମ୍ମାନର ସେ ଅଧିକାରୀ। ଓଡ଼ିଆ ସାହିତ୍ୟରେ ନିମ୍ନବର୍ଗ ମଣିଷ ଓ ନାରୀର ସମସ୍ୟାକୁ ଅତ୍ୟନ୍ତ ଚମତ୍କାରଭାବେ ନିଜ ସାହିତ୍ୟ ସୃଷ୍ଟିରେ ବର୍ଣ୍ଣନା କରିଛନ୍ତି ଏହି ଲେଖିକା। କେବଳ ଏତିକି ନୁହେଁ, ଏକାଧିକ ସାରସ୍ୱତ କୃତିର ଅନୁବାଦ କରି ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।










ଗୁଜରାଟର ତପି ଜିଲାରେ ଏକ ତେଲ ବୋଝେଇ ଟ୍ୟାଙ୍କର୍ ବସ୍‌କୁ ଧକ୍କା ଦେବା ଫଳରେ ୮ ଯାତ୍ରୀ ପ୍ରାଣ ହରାଇଛନ୍ତି। ଟ୍ୟାଙ୍କର୍‌ର ଭୁଲ ଯୋଗୁ ଗୁଜରାଟ ରାଜ୍ୟ ସଡ଼କ ପରିବହନ ନିଗମର ଏହି ବସ୍‌ଟି ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଛି। ବସ୍‌ଟି କୁଶଲଗଡ଼ରୁ ଉକାଇ ଆସୁଥିବା ବେଳେ ଜାତୀୟ ରାଜପଥ-୫୬ରେ ଦୁର୍ଘଟଣାର ଶିକାର ହୋଇଥିଲା। ଆହତ ବସ୍‌ଯାତ୍ରୀଙ୍କୁ ସୋନ୍‌ଗଧ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ପୋଲିସ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶ୍ରମିକମାନେ ଦେଶର ପ୍ରକୃତ ନିର୍ମାତା: ମୁଖ୍ୟମନ୍ତ୍ରୀ

**ନିର୍ମାଣ ଶ୍ରମିକ ସପ୍ତାହର ରାଜ୍ୟସ୍ତରୀୟ ସମାରୋହ**

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଶ୍ରମିକମାନେ ହେଉଛନ୍ତି ଦେଶର ପ୍ରକୃତ ନିର୍ମାତା। ଦେଶ ପାଇଁ ସେମାନଙ୍କ ତ୍ୟାଗ ଅତୁଳନୀୟ। ତେଣୁ ସେମାନଙ୍କ ସାମାଜିକ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ନିର୍ମାଣ ଶ୍ରମିକ ସପ୍ତାହ ପାଳନର ରାଜ୍ୟସ୍ତରୀୟ ସମାରୋହକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ଶ୍ରମିକଙ୍କ ହକ୍ ପାଇଁ ମୁଁ କାମ କରୁଛି, କରିଚାଲୁଥିବି। ଓଡ଼ିଶା ହେଉଛି ଶ୍ରମିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ଆଗୁଆ ରାଜ୍ୟ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପ୍ରାୟ ୩୦ ଲକ୍ଷ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ କଲ୍ୟାଣ ପାଇଁ ୧୫୦୦ କୋଟିରୁ ଅଧିକ ଟଙ୍କାର ସହାୟତା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଦିଆଯାଇଛି। ୨୨ହଜାର ଶ୍ରମିକଙ୍କୁ ପକ୍କା ଘର ଯୋଗାଇ ଦିଆଯାଇଛି ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ସହାୟତା ରାଶି ପ୍ରଦାନ କରିଥିଲେ।

ରାଜ୍ୟ ଶ୍ରମ ବିଭାଗ ଓ ଇଏସ୍‌ଆଇ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂହ କହିଲେ, ଶ୍ରମିକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ କିପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଶ୍ରମିକଙ୍କ କଲ୍ୟାଣ ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସ୍ୱାଗତ ଭାଷଣ ଓ ଶ୍ରମ ଆୟୁକ୍ତ ତଥା କଲ୍ୟାଣ ବୋର୍ଡ ସଦସ୍ୟ ସଚିବ ଏନ୍. ଥିରୁମାଲା ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୬ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ, ଶ୍ରମିକ ସଙ୍ଗଠନର ବହୁ ପ୍ରମୁଖ ନେତା ଓ ବିଭାଗୀୟ ପଦାଧିକାରୀ ଯୋଗଦେଇଥିଲେ।

# ଗୋଟିଏ ସ୍ଥାନରେ ରାଜ୍ୟର ଉତ୍କୃଷ୍ଟ ହସ୍ତକଳା



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏବଂ ଅନ୍ୟ ଅତିଥିମାନେ ଷ୍ଟଲ୍ ବୁଲି ଦେଖୁଛନ୍ତି।

**ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ**

**ଭୁବନେଶ୍ୱର,୨।୩(ବ୍ୟୁରୋ):** ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ସୋମବାର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ ଆୟୋଜିତ ଏହି ବିକ୍ରୟମେଳା ଓ ପ୍ରଦର୍ଶନୀକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ମେଳା ପରିସର ଓ ବିଭିନ୍ନ ଷ୍ଟଲ୍ ବୁଲି ହସ୍ତଶିଳ୍ପ ସାମଗ୍ରୀ ଦେଖିବା ସହ କାରିଗରଙ୍କ ସହ କଥା ହୋଇଥିଲେ। ରାଜ୍ୟର କାରିଗର ତଥା ଶିଳ୍ପୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀଗୁଡ଼ିକର ବିକ୍ରିବଟା ନିମନ୍ତେ ଆୟୋଜିତ ଏହି ପ୍ରଦର୍ଶନୀ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ମୋଟ ୧୧୦ ଷ୍ଟଲ୍‌ରେ ୧୩୬ ଜଣ କାରିଗର ନିଜ ସାମଗ୍ରୀର ପସରା ମେଲିଥିବାବେଳେ ରାଜ୍ୟର ଉତ୍କୃଷ୍ଟ ହସ୍ତଶିଳ୍ପ ଏଠାରେ ଦେଖିବାକୁ ମିଳୁଛି। କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ବରଗଡ଼, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ଜଗତ୍‌ସିଂହପୁର, କଟକ, ନବରଙ୍ଗପୁର, ସମ୍ବଲପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ମାଲକାନଗିରି, କନ୍ଧମାଳ ଓ ବୌଦ୍ଧ ଜିଲାର ଶିଳ୍ପୀ ତଥା କାରିଗରମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି।

ପିପିଲି ଚାନ୍ଦୁଆରୁ ଆରମ୍ଭକରି ଆକର୍ଷଣୀୟ ଟେରାକୋଟା ସାମଗ୍ରୀ ଏବଂ କାଠ କାରୁକାର୍ଯ୍ୟ ମେଳାର ପ୍ରମୁଖ ଆକର୍ଷଣ ସାଜିଛି। ପଥର ଖୋଦେଇ, କାଠ ଖୋଦେଇ, ଧାନ ତିଆରି ହସ୍ତଶିଳ୍ପ ଓ ଜନଜାତି ଅଳଙ୍କାର ମଧ୍ୟ ପ୍ରଦର୍ଶିତ ହେଉଛି। ଏଥିସହ ମେଳା ବୁଲିବାକୁ ଯାଉଥିବା ଲୋକେ ଏହି ହସ୍ତଶିଳ୍ପ ପ୍ରସ୍ତୁତିର ଲାଇଭ୍ ଡେମୋନ୍‌ଷ୍ଟ୍ରେଶନ ଦେଖିବାର ସୁଯୋଗ ପାଇପାରୁଛନ୍ତି। ସେହିଭଳି ମେଳା ପରିସରରେ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ଫୁଡ୍‌କୋର୍ଟରେ ସୁସ୍ୱାଦୁ ଖାଦ୍ୟପେୟ ଏବଂ ପିଲାମାନେ ଖେଳିବା ପାଇଁ ପ୍ଲେଜୋନ୍‌ର ବ୍ୟବସ୍ଥା କରାଯାଇଛି। ଏହି ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ମାଧ୍ୟମରେ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେବାର ଆକଳନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ କୁମାର ପୃଷ୍ଟି, ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ସନାତନ ନାୟକଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରମେଶ ପାଣିଗ୍ରାହୀଙ୍କୁ ମିଳିବ 'ସାହିତ୍ୟ ଭାରତୀ ସମ୍ମାନ'

ଭୁବନେଶ୍ୱର,୨।୩(ବ୍ୟୁରୋ)



ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ୨୦୨୦ ପାଇଁ ସମ୍ମାନଜନକ 'ସାହିତ୍ୟ ଭାରତୀ ସମ୍ମାନ' ଘୋଷଣା କରାଯାଇଛି। ଚଳିତବର୍ଷ ଲାଗି ବିଶିଷ୍ଟ ସାହିତ୍ୟିକ ଏବଂ ନାଟ୍ୟକାର ଡ. ରମେଶ ଚନ୍ଦ୍ର ପାଣିଗ୍ରାହୀ ଏହି ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଆଧୁନିକ ଓଡ଼ିଆ ନାଟକ କ୍ଷେତ୍ରରେ ପ୍ରମୁଖ ଅବଦାନ ସହ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ ଏବଂ ଗବେଷଣା ଲାଗି ତାଙ୍କୁ ଏହି ସମ୍ମାନ ମିଳିବ। ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ।

ଏହାବ୍ୟତୀତ ଫାଉଣ୍ଡେଶନ ପକ୍ଷରୁ ୨୦୨୦ ବର୍ଷ ଲାଗି 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଘୋଷଣା କରାଯାଇଛି। ଖ୍ୟାତନାମା କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ଏହି ସମ୍ମାନ ମିଳିବ। ସେହିଭଳି ଔପନ୍ୟାସିକା ବିଜୟିନୀ ଦାସଙ୍କୁ ଚଳିତବର୍ଷ ଲାଗି 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ। ଉଭୟ ପ୍ରତିଭାଙ୍କୁ ୨୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ। ଜଣାଶୁଣା ସାହିତ୍ୟକାର ଦେବାଶିଷ ସାମନ୍ତରାୟ ଏବଂ ଡ. ସୁଶୀଲ କୁମାର ବାଗଙ୍କୁ ଫାଉଣ୍ଡେଶନ ପକ୍ଷରୁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ମିଳିବ। ଅନୁଷ୍ଠାନର ପ୍ରତିଷ୍ଠାତା ଗଙ୍ଗାଧର ରଥଙ୍କ ସ୍ମୃତିରେ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଶ୍ରୀ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ପ୍ରାଣୀ ବିଜ୍ଞାନୀ, ସାମାଜିକ କର୍ମୀ, ସାହିତ୍ୟିକା ତଥା ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦିଙ୍କୁ ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ସେ ଏହି ସମ୍ମାନ ପାଇବେ। ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ କଟକ କଳା ବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି ମାଧବ କୌଶିକ, ମୁଖ୍ୟ ବକ୍ତାଭାବେ ଡ. ସଙ୍ଘମିତ୍ରା ମିଶ୍ର ଏବଂ ଟ୍ରଷ୍ଟି ଡ. ଜୟନ୍ତ ରଥ ଯୋଗଦେଇ ପୁରସ୍କାର ପ୍ରଦାନ କରିବା ସହ ଅଭିଭାଷଣ ରଖିବେ।

# ୬ ପର୍ଯ୍ୟନ୍ତ ବର୍ଷା, ୯ରୁ ବଢ଼ିବ ତାତି

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଖପାଖରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଯୋଗୁ ୩ରୁ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ସମ୍ଭାବନା ରହିଛି। ୩ ତାରିଖ ଦିନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୂଆପଡ଼ା, ବରଗଡ଼ ଆଦି ଜିଲାରେ ହାଲ୍‌କା ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ୪ ତାରିଖ ଦିନ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ସ୍ୱଳ୍ପ ଧରଣର ବର୍ଷା ହେବ। ୫ ଓ ୬ ତାରିଖରେ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ତିନିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହିତ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୪ ତାରିଖ ଦିନ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କନ୍ଧମାଳ, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ବଜ୍ରପାତ ହେବ। ୫ ତାରିଖ ଦିନ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ଅନୁଗୋଳ, କନ୍ଧମାଳ, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଢେଙ୍କାନାଳ ଓ କଟକ ଏବଂ ୬ ତାରିଖରେ କନ୍ଧମାଳ, ନୟାଗଡ଼, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଆଦି ଜିଲାରେ ବଜ୍ରପାତ ହେବ। ଏହି ତିନିଦିନ ଉକ୍ତ ଜିଲାଗୁଡ଼ିକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ୯ରୁ ଭୁବନେଶ୍ୱରରେ ପାଗ ବଦଳିବା ସହ ତାପମାତ୍ରା ବଢ଼ିବ। ୯ରୁ ୧୨ ମଧ୍ୟରେ ସର୍ବାଧିକ ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି।




ବସ୍ତୁତଃ ଚାରିଆଡେ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି- ସେତେବେଳେ ଦରକାର ହେଉଛି-ବିଶ୍ୱସ୍ତ ହେବା ଏବଂ ଝଡ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା।

-ଶ୍ରୀମା

# ବିଦ୍ୟୁତ୍ ସଂସ୍କାର: ପ୍ରଗତି ନା ପ୍ରତାରଣା

କୈଳାସ ରାୟ

ବକେୟା ଆଦାୟ ପାଇଁ ବିଦ୍ୟୁତ୍ କାଟ୍‌ର ଚେତାବନୀ ଏବଂ ବିଦ୍ୟୁତ୍ ସେବାରେ ସମ୍ପୃକ୍ତ କମ୍ପାନୀମାନଙ୍କ ଶୁଳ୍କବୃଦ୍ଧି ଆବେଦନରୁ ହିଁ ଏଭଳି ଏକ ପ୍ରସଙ୍ଗ ଓ ପ୍ରଶ୍ନର ଅବତାରଣା। ସେସୁ ସମେତ ଚାରୋଟିଯାକ ବଣ୍ଟନକାରୀ କମ୍ପାନୀ ବାକି ଟଙ୍କା ଆଦାୟ ଲାଗି ଗଣମାଧ୍ୟମ ମୁଖର କରି ସୂଚନା ପ୍ରସାରଣ କରିଆସୁଛନ୍ତି ଯେ, ସେମାନେ ଦେବାଳିଆ ଅବସ୍ଥା ଦେଇ ଗତି କରୁଛନ୍ତି। ବାକି ଟଙ୍କା ଆଦାୟ ନ ହେଲେ କମ୍ପାନୀଗୁଡିକୁ ଚଳାଇବା ସମ୍ଭବ ହେବନାହିଁ। ସମାନ୍ତର ଭାବରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ପାଇଁ ସମ୍ପୃକ୍ତ କମ୍ପାନୀ ଓ କର୍ପୋରେଶନଗୁଡ଼ିକ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ନିୟାମକ ଆୟୋଗ ଖୁବ୍ ନିକଟରେ ହୁଏତ ଶୁଳ୍କ ବୃଦ୍ଧି ସମ୍ପର୍କରେ ମତ ଦେବେ (ଶୁଳ୍କ ବୃଦ୍ଧି କରିବା ଛଡା ଆୟୋଗଙ୍କର ଅନ୍ୟ କୌଣସି ନିୟନ୍ତ୍ରଣ ଥିବା ଭଳି ମନେହୁଏ ନାହିଁ)। ଉପରୋକ୍ତ ଘଟଣାଚକ୍ରରୁ ଏହା ହିଁ ହୃଦ୍‌ବୋଧ ହେଉଛି ଯେ, ସମ୍ପୃକ୍ତ କମ୍ପାନୀ ଓ କର୍ପୋରେଶନଗୁଡ଼ିକ ବୋଧହୁଏ ଆଜିଯାଏ ସଂସ୍ଥା ପରିଚାଳନା ଛାଡି ଘରୁ ଖାଇ ଘୋଡା ଆଗରେ ଡେଇଁବା ଅଭ୍ୟାସ କରୁଥିଲେ। କାରଣ ବିଜୁଳି କିଣି ଉପଭୋକ୍ତାଙ୍କୁ ବିକ୍ରି କରୁଥିବା ଏହି ବିତରକ କମ୍ପାନୀଗୁଡ଼ିକ ବିଦ୍ୟୁତ୍ କ୍ରୟ ବାବଦ ଋଣ ଭାରରେ ବୁଡିଥିବା ଗ୍ରୀଡ୍‌କୋର ଦେୟ ଚାରି ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବାକି ରଖିଥିବା ବେଳେ ସରକାର ଗ୍ୟାରେଣ୍ଟର ପଡି ଦେଇଥିବା ତିନି ହଜାର କୋଟିରୁ ଊର୍ଦ୍ଧ୍ୱ ଋଣ ପରିଶୋଧ କରୁନାହାନ୍ତି। ଉପଭୋକ୍ତାଙ୍କଠାରୁ ନିଜର ପ୍ରାପ୍ୟ ମଧ୍ୟ ଅସୁଲ କରିବାକୁ ସକ୍ଷମ ହେଉନାହାନ୍ତି। ଅନ୍ୟପକ୍ଷରେ ଉପଭୋକ୍ତାଙ୍କୁ ନିର୍ଦ୍ଧାରିତ ମାନର ସେବା ଯୋଗାଇବାକୁ ସମର୍ଥ ହେଉ ନ ଥିବାବେଳେ ନିର୍ଦ୍ଧାରିତ ପରିମାଣର ସରବରାହ ଓ ବଣ୍ଟନଜନିତ କ୍ଷତି ମଧ୍ୟ ହ୍ରାସ କରିପାରି ନାହାନ୍ତି।

ସଂସ୍କାରକୁ ଅନ୍ଧକାରରୁ ଆଲୋକକୁ ଯାତ୍ରା ବୋଲି ଅଭିହିତ କରି ୧୯୯୫ରୁ ସଂସ୍କାର ଯୋଜନା ଓ ରୂପାୟନ ପ୍ରକ୍ରିୟାରେ କୋଟି କୋଟି ଟଙ୍କା ବ୍ୟୟ କରାଗଲା ଏବଂ ଦୀର୍ଘକାଳର କଷ୍ଟଲବ୍ଧ ଭିତ୍ତିଭୂମି ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ଗ୍ରୀଡ୍‌କୋ, ଓଏଚ୍‌ପିସି, ସେସ୍କୋ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ ପ୍ରଭୃତି କମ୍ପାନୀ ଗଢାଯାଇ ସେମାନଙ୍କୁ ରାଜ୍ୟର ବିଦ୍ୟୁତ୍ ସେବା ଦାୟିତ୍ୱ ଦିଆଗଲା। ସଂସ୍କାରର ପ୍ରତିଶ୍ରୁତ ଲକ୍ଷ୍ୟ ଥିଲା- ପରିଚାଳନା ଦକ୍ଷତା ବୃଦ୍ଧି, ଭିତ୍ତିଭୂମି ସଶକ୍ତୀକରଣ, ଉତ୍ପାଦନ ଅଭିବୃଦ୍ଧି, କ୍ଷତି ହ୍ରାସ, ଉନ୍ନତମାନର ସୁଲଭ ଉପଭୋକ୍ତା ସେବା ପ୍ରଦାନ ଏବଂ ସର୍ବୋପରି ଏଥିପାଇଁ ନିବେଶ ଲାଗି ଆବଶ୍ୟକ ବ୍ୟାପକ ପୁଞ୍ଜି ଆକର୍ଷଣ ଓ ଆହରଣ।

ଅଦ୍ୟାବଧି ନିର୍ଦ୍ଧାରିତ ଲକ୍ଷ୍ୟ କେତେ ପରିମାଣରେ ହାସଲ ହୋଇଛି ତାହାର ବାସ୍ତବ ଆକଳନ କରାଗଲେ, ଏକ ବିସ୍ତୃତ ବିବରଣର ସଂକ୍ଷିପ୍ତ ସାରାଂଶ ଏହା ହିଁ ହୋଇପାରେ- 'ମେଣ୍ଢା ଧୋଉ ଧୋଉ ନିର୍ବାଳ।' ଅଭିଶପ୍ତ ମେଣ୍ଢାଟିମାନ ରାଜ୍ୟର କଷ୍ଟଲବ୍ଧ ବିଦ୍ୟୁତ୍ ଭିତ୍ତିଭୂମି, ଆକ୍ରାନ୍ତ ଉପଭୋକ୍ତା ଏବଂ ରାଜ୍ୟ ସରକାର ହୋଇପାରନ୍ତି, କାରଣ ସେଇମାନେ ହିଁ ବୋଝ ବୋହୁଛନ୍ତି। ଗଲା ପଚିଶ ବର୍ଷରେ ଏକ ଟଙ୍କାର ଆହରଣୀୟ ପୁଞ୍ଜିନିବେଶ ସମ୍ଭବ ହୋଇପାରି ନାହିଁ। ପୁଞ୍ଜି ଆକର୍ଷଣ ପରିବର୍ତ୍ତେ ଅବାଧ ବିକର୍ଷଣ ଘଟିଛି। ଫଳତଃ ଶୂନ୍ୟ ପୁଞ୍ଜିରେ ରାତାରାତି କମ୍ପାନୀମାନ ଗଡିଉଠି କୋଟିପତି ବନିଛନ୍ତି। ଭିକାରିଙ୍କ ଭଙ୍ଗା ସାଇକେଲ 'ଅଡି' କାରରେ ରୂପାନ୍ତରିତ ହୋଇଛି। ନୂଆ ରୂପରେ, ନୂଆ କୌଶଳରେ ରାଜ୍ୟ ଓ ରାଷ୍ଟ୍ରର ସ୍ୱାର୍ଥ ଲୁଣ୍ଠନ ହେବା ସାଙ୍ଗକୁ ବ୍ୟକ୍ତିସ୍ୱାର୍ଥ ସାଧନର ଇତିହାସ ପରିପୁଷ୍ଟ ହୋଇଛି। ଆମରି ଖାଇ ଆମକୁ ନାଲି ଆଖି ଦେଖାଇ, ଭୁଆଁ ବୁଲାଇ, କାଠଗଡାରେ ଛିଡାକରି ଶହ ଶହ କୋଟି ଲୁଟି ବିଦେଶୀ, ଦେଶୀ କମ୍ପାନୀଗୁଡ଼ିକ ସହଜରେ ଖସିଯାଇ ପାରିଛନ୍ତି। ଥରକୁ ଥର ଚୋର ଚାଲିଗଲା ପରେ ହିଁ ଆମଠି କେବଳ ଲୋକଦେଖାଣିଆ ଚେତା ପଶିଛି ଏବଂ ଆମେ ସେହି ଅଭ୍ୟାସର ପୁନରାବୃତ୍ତି କରି ଆମ ସମ୍ବଳର ସୁରକ୍ଷା ଓ ସୁପରିଚାଳନା ନାମରେ ଆଉ ଜଣେ ଚୋରକୁ ସାଧୁ ଦର୍ଶାଇ ସିଂହାସନରେ ଅଭିଷିକ୍ତ କରିଆସୁଛେ। ଏଭଳି ଘଟଣାର ପୁନରାବୃତ୍ତି ହିଁ ଘଟିଚାଲିଛି ଏବଂ ସଂସ୍କାରର ରସ (ବୋଧହୁଏ ଉପଭୋକ୍ତାଙ୍କ ରକ୍ତ) ମିଳିମିଶି ଚୋରମାନେ ହିଁ ସେବନ କରି ଚାଲିଛନ୍ତି। ଫଳରେ ଉପଭୋକ୍ତାଙ୍କ ରକ୍ତର ସ୍ୱାଦ ବଢିଚାଲିଛି ଏବଂ ତାହା ମଧ୍ୟ ସହଜଲବ୍ଧ ହୋଇପାରୁଛି।

ଏଭଳି ଅଭ୍ୟାସର ମୂଳ କାରଣ ଖୋଜିଲେ ନଗ୍ନଚିତ୍ର ଦିଶିବ ଯେ, ସଂସ୍କାର ଆରମ୍ଭରୁ ଆଜିଯାଏ ରାଜ୍ୟ ଶାସନରେ ଥିବା ସରକାର ଓ ବିରୋଧୀ ଏକ ହିଁ ଲାଉର ମଞ୍ଜି ଏବଂ ଯିଏ ଯାହା ଅମଳରେ ମାପିଚୁପି ଘରୋଇ କମ୍ପାନୀ ପ୍ରୀତିର ପ୍ରବକ୍ତା- ପ୍ରତିବାଦୀ-ପ୍ରବକ୍ତା ଭୂମିକା ନିଖୁଣଭାବେ ନିର୍ବାହ କରୁଛନ୍ତି। ଦ୍ୱିତୀୟତଃ ରାଜ୍ୟ ବିଦ୍ୟୁତ୍ ସେବାକୁ ସଂସ୍କାରିତ ଓ ନିର୍ମଳ କରିବାର ସୂତ୍ରଧର ରୂପେ ଯେଉଁ ଅଭିଜ୍ଞମାନଙ୍କୁ ସୁଯୋଗ ଦିଆଗଲା ସେଇମାନଙ୍କ ଭିତରୁ ଅନେକେ ହିଁ ବିଦ୍ୟୁତ୍ ବୋର୍ଡକୁ ନିର୍ମୂଳ କରିବାର ମୁଖ୍ୟ ପୁରୋଧା ଥିଲେ। କେଉଁ ସ୍ୱାର୍ଥରେ ବା କାହା ସ୍ୱାର୍ଥରେ ସକଳ ସମ୍ବଳ ସମୃଦ୍ଧ ଆମ ରାଜ୍ୟର ଆଲୋଚ୍ୟ ସଂସ୍ଥାଗୁଡିକ ଦେବାଳିଆ ହେଲା ତାହା ଆଉ ଅଧିକ ଉଲଗ୍ନ କରିବା ନିଷ୍ପ୍ରୟୋଜନ।

ପ୍ରସଙ୍ଗକ୍ରମେ ଯେଉଁ ପ୍ରଶ୍ନଗୁଡିକୁ ଆଉ ଅଧିକକାଳ ଅଣଦେଖା କରି ହେଉନାହିଁ, ତାହା ହେଲା- ରାଜ୍ୟରେ ବିଦ୍ୟୁତ୍ ସଂସ୍କାର କ'ଣ ବ୍ୟବସ୍ଥାକୁ ଦେବାଳିଆ କରିବା ପାଇଁ ଆପଣାଯାଇଥିଲା କି? ସଂସ୍କାର ପ୍ରକ୍ରିୟାର ରସ କ'ଣ ଉପଭୋକ୍ତାଙ୍କ ରକ୍ତ କି? ଉପଭୋକ୍ତା କିମ୍ବା ରାଜ୍ୟ ରାଜକୋଷ ବ୍ୟତୀତ କେବଳ ଘରୋଇ କମ୍ପାନୀ, ଠିକାଦାର ଏବଂ ସେମାନଙ୍କ ଦଲାଲମାନଙ୍କୁ ପୋଷିବା ପାଇଁ ଅର୍ଥାତ୍ ଚୋରଙ୍କୁ ଚାରିଖୁଣ୍ ମାଫ୍ କରି ଆଲୋକରୁ ଅନ୍ଧାରକୁ ଯାତ୍ରା ପାଇଁ ସଂସ୍କାର ପ୍ରକ୍ରିୟା ଆପଣାଯାଇଥିଲା କି? ଏଭଳି ଅପସଂସ୍କାରର ଆୟୁଷ ଆଉ କେତେକାଳ?

ଏ ପ୍ରଶ୍ନର ଉତ୍ତର ଦେବ କିଏ? ଏଇଏସ୍, ବିଏସ୍‌ଇଏସ୍, ରିଲାଏନ୍ସ, ଏନ୍‌ଜେନ, ଫେଡ୍‌କୋ ପ୍ରଭୃତି ହସ୍ତୀ ଏବଂ ଆର୍‌ୟୁପିଏଲ୍, ଏସ୍‌ୟୁପିଏଲ୍, ନୀଳାଚଳ ପାୱାର ନେଟ୍‌ୱର୍କ/ଏନର୍ଜି ପ୍ରଭୃତି ଖୁଚୁରା ଠକ, ଠିକାଦାରଙ୍କୁ ପୋଷିଲା ପରେ ଏବଂ ସେମାନଙ୍କଠାରୁ ଠକିଲା ପରେ ମଧ୍ୟ ସରକାର ଓ ନିୟାମକ ଆୟୋଗ ଏବେ ଟାଟା ପାୱାରକୁ ଯାଚି ଗୁଞ୍ଜି ସେସୁକୁ ବିକ୍ରି କରୁଛନ୍ତି। ଆଗକୁ ଅନ୍ୟାନ୍ୟ କମ୍ପାନୀମାନ ବିକ୍ରି ହେବ। ଏହି ନେଣଦେଣ ଅନୈତିକ ଏବଂ ରାଜ୍ୟ ସ୍ୱାର୍ଥବିରୋଧୀ ବୋଲି ଅଭିଯୋଗ ହେଉଥିଲେ ମଧ୍ୟ ସରକାର ଏବେ ନିର୍ବୀର୍ଯ୍ୟ ଭୂମିକା ନିର୍ବାହ କରୁଛନ୍ତି। ବିଦ୍ୟୁତ୍ ସେବା ଭଳି ସମ୍ବେଦନଶୀଳ ଅତ୍ୟାବଶ୍ୟକ କ୍ଷେତ୍ରରେ ଏଭଳି ଦାୟିତ୍ୱହୀନତା ଆଗକୁ କେଉଁ ପରିଣତି ଦେବ ତାହା ହିଁ ଉଦ୍‌ବେଗର କାରଣ। ଗଣତାନ୍ତ୍ରିକ ସରକାରଟିଏ ନିଜେ ଯେଉଁଠି ନୈତିକ ଦାୟିତ୍ୱ ଗ୍ରହଣ କରିବାକୁ ଅନିଚ୍ଛୁକ ସେ କାହାଠାରୁ କିଭଳି ଉତ୍ତରଦାୟିତ୍ୱ ଖୋଜିବ? ଇଏ ତ ବଳିର ଘାତକ ମଥାରେ ସିନ୍ଦୂର ପିନ୍ଧାଇବା ଭଳି କଥା।

'ମୋ ସରକାର'ର ଅପ୍ରତିଦ୍ୱନ୍ଦ୍ୱୀ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର '୫-ଟି' ଟିମ୍‌କୁ ଆମେ ଦୈନିକ ଧରିତ୍ରୀର ୨୩।୭।୨୦୦୧ ସମ୍ପାଦକୀୟ 'ଆମେ ଯାଉଛୁ କହି ଚୋର ଚାଲିଲେ' ଥରେ ପଢିବାକୁ ଅନୁରୋଧ କରୁଛୁ। ସମ୍ପାଦକୀୟ ଚେତାବନୀ ଥିଲା- ଶେଷରେ ଓଡିଶାକୁ ଏକ ଗୁରୁତର ବିଦ୍ୟୁତ୍ ଏବଂ ଆର୍ଥିକ ସଙ୍କଟରେ ପକାଇ ଏଠାରେ ବ୍ୟବସାୟ କରିବା ସମ୍ଭବ ନୁହେଁ ବୋଲି କହି ଏଇଏସ୍ ପୁନର୍ବାର ପେଡିପୁଟୁଳା ବାନ୍ଧିବ। ଆଜି ଯାଉ କିମ୍ବା ଛ' ମାସ ପରେ ଯାଉ, ଏଇଏସ୍ ଏକତରଫା ଅତ୍ୟଧିକ ଲାଭ ଚୋରି କରି ବିଦାୟ ନେବ। ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ନିଜର ସୁବିଧା ହାସଲ କରି ମଜା ଦେଖୁଛନ୍ତି।

ବାସ୍ତବରେ ତାହା ହିଁ ଘଟିଥିଲା ଏବଂ ଆଜି ବି ଘଟୁଛି। ସରକାର ଏଭଳି କ୍ଳୀବ ଭୂମିକା ନିର୍ବାହ କଲେ ଏବଂ ଲୋକେ ସବୁ ସହିନେଲେ ବେପାରୀମାନେ ସେହି ଘଟଣାର ପୁନରାବୃତ୍ତି ହିଁ କରିବେ। କାରଣ ଗୋଟିଏ ପଟେ ରାଜ୍ୟ ବିଦ୍ୟୁତ୍ ବ୍ୟବସ୍ଥା ଏକ ଅତ୍ୟନ୍ତ ଦୟନୀୟ, ଅସହାୟ, ଛେଉଣ୍ଡ ଅବସ୍ଥାରେ ଥିବାବେଳେ ଅନ୍ୟପଟେ ଓଡ଼ିଶାର ନିରୀହ ବିଦ୍ୟୁତ୍ ଉପଭୋକ୍ତାଙ୍କ ରକ୍ତ ସାରା ଭାରତରେ ଏବେ ସବୁଠୁ ସୁଆଦିଆ, ଶସ୍ତା ଓ ତାହାର ଅବାଧ ସେବନ ପାଇଁ ଅଧିକର୍ତ୍ତାଏ ପଛଦ୍ୱାରରେ ମାଗଣା ଲାଇସେନ୍ସ ଦେଉଛନ୍ତି।

ଅନିଲାଞ୍ଚଳ, ମାରୁତି ନଗର, ପୁରୀ-୨,
ମୋ-୯୯୩୮୩୮୨୪୪୦

(ଏହା ହେଉଛି ଲେଖକଙ୍କ ନିଜସ୍ୱ ମତ। ଏ ସମ୍ପର୍କରେ ଧରିତ୍ରୀର କୌଣସି ମତ ନାହିଁ।)

# ନମସ୍କାର ଓ ଆଶୀର୍ବାଦ

ଅଲେଖ ଚନ୍ଦ୍ର ମିଶ୍ର

ନମଃ, ନମସ୍ତେ, ନମସ୍କାର, ଜୁହାର, ଓଳଗି, ଦଣ୍ଡବତ, ପ୍ରଣାମ, ଅଭିନନ୍ଦନ, ଅଭିବାଦନ ଏ ସମସ୍ତ ପ୍ରାୟ ସମାର୍ଥକ ଶବ୍ଦ। ଏଗୁଡ଼ିକ ଏପରି ସମ୍ବେଦନଶୀଳ ଯେ, ଏହାର ଉଚ୍ଚାରଣକର୍ତ୍ତା ଏବଂ ଗ୍ରହୀତା ଉଭୟଙ୍କୁ ଆପ୍ୟାୟିତ କରେ। ଏଥିରେ ସାନବଡ଼, ଉଚ୍ଚନୀଚର ଭେଦଭାବ ରହିବା ଉଚିତ ନୁହେଁ। କାରଣ ସବୁ ମଣିଷଙ୍କ ଭିତରେ ସମାନ ଆତ୍ମା ବିଦ୍ୟମାନ- ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ। ବରଂ ଏହା କର୍ତ୍ତାଙ୍କର ବିନମ୍ରତାର ନିଦର୍ଶନ ଏବଂ ଗ୍ରହୀତାଙ୍କର ଶୁଭେଚ୍ଛାର ବାର୍ତ୍ତାବହ। ସମ୍ମାନ ପ୍ରଦାନ, ଭକ୍ତି ନିବେଦନ, ଆନୁଗତ୍ୟ ପ୍ରକାଶ, ସ୍ୱାଗତ ସମ୍ବର୍ଦ୍ଧନା, ସାକ୍ଷାତ୍ ସମ୍ଭାଷଣ, କୃତଜ୍ଞତା ଜ୍ଞାପନ, ଖୁସି ପ୍ରକଟ ଇତ୍ୟାଦି ପାଇଁ ସଚରାଚର ବ୍ୟବହୃତ ଏହା ଏକ ଲୋକପ୍ରିୟ ମାଧ୍ୟମ। ସ୍ଥଳବିଶେଷରେ ଏହାର ପ୍ରକାର ଭେଦ ଭିନ୍ନ ଭିନ୍ନ ହେଲେ ବି (ଯଥା: ନାକରେ ନାକ ଘଷି, କାନ୍ଧରେ କାନ୍ଧ ମିଳେଇ, କରମର୍ଦ୍ଦନ କରି ଇତ୍ୟାଦି) ଆମ ସଂସ୍କୃତିରେ ଏହାର ରୂପରେଖ ନିମ୍ନୋକ୍ତ ଢଙ୍ଗରେ ହୋଇଥାଏ। ଯଥା: ଆପାଦମସ୍ତକ ଭୂଲୁଣ୍ଠିତ, ଦଣ୍ଡବତ, ସାଷ୍ଟାଙ୍ଗ, ଭୂମିଷ୍ଠ, ଆଣ୍ଠୁ ମାଡି, ମୁଣ୍ଡ ମାଡି, ବେକ ନଇଁ, ପାଦ ସ୍ପର୍ଶକରି, ପାଦରୁ ଧୂଳି ନେଇ, ଦଣ୍ଡାୟମାନ ଅଥବା ଚାଲୁ ଚାଲୁ ଗୋଟିଏ ବା ଦୁଇଟି ହାତ ଟେକି, ଶିର ଅବନତ କରି, ସାଲ୍ୟୁଟ (ସଲାମ) କରି, ଜୋତା ଓହ୍ଲେଇ, ଟୋପି ବା ପଗଡି କାଢି, ପାଦୋଦକ ପାଇ ଇତ୍ୟାଦି। ଦେଶକାଳପାତ୍ର ଭେଦରେ ନମସ୍କାର ଉପରୋକ୍ତ ପ୍ରକ୍ରିୟାରେ ସମ୍ପାଦିତ ହୋଇଥାଏ। ଏହାର ମୂଳମନ୍ତ୍ର ହେଲା ଏଥିପାଇଁ ଇଚ୍ଛା ଓ ଆଗ୍ରହ ଥିବା ଉଚିତ। ନଚେତ୍ ଏହା 'ମାଗି ଓଳଗି, ଯାଚି କଲ୍ୟାଣ' ଭଳି ହାସ୍ୟାସ୍ପଦ ହୋଇଯାଏ।

ସାଧାରଣତଃ ନମସ୍କାର ଉଦ୍ଦେଶ୍ୟରହିତ ଏବଂ ପ୍ରତ୍ୟାଶାବର୍ଜିତ ହେବା ବିଧେୟ। ପୁନଶ୍ଚ ନମସ୍କାର କରିବା ବେଳେ ମନ ନିର୍ମଳ ରହିବା ଉଚିତ। ଏ କ୍ଷେତ୍ରରେ ରାମାୟଣବର୍ଣ୍ଣିତ ଅନ୍ଧମୁନି ଉପାଖ୍ୟାନ ପ୍ରଣିଧାନଯୋଗ୍ୟ। ତାଙ୍କର ଅନ୍ଧତ୍ୱର କାରଣ ଥିଲା ପୂର୍ବ ଜନ୍ମରେ ତାଙ୍କ ଗୃହରେ ଅତିଥି ହୋଇଥିବା ଜଣେ ଋଷିଙ୍କୁ ସସ୍ତ୍ରୀକ ନମସ୍କାର କଲାବେଳେ ତାଙ୍କର ଗୋଦର ଗୋଡକୁ ଦେଖି ଉଭୟେ ଘୃଣାରେ ଚକ୍ଷୁ ବନ୍ଦ କରିଦେଇଥିଲେ। ଏହା ଦେଖି ଅତିଥି ଋଷି ତାଙ୍କୁ କହିଥିଲେ 'ତଥାସ୍ତୁ'। ସେହିପରି ବିନ୍ଧ୍ୟଗିରି ନିଜର ଗୁରୁ ଅଗସ୍ତିଙ୍କୁ ମୁଣ୍ଡ ମାଡି ନମସ୍କାର କଲାବେଳେ ତା' ମନରୁ ଅହଂକାର ଦୂର ହୋଇ ନ ଥିଲା (ମେରୁପର୍ବତ ସହିତ ପ୍ରତିଯୋଗିତା ଯୋଗୁ)। ତେଣୁ ମହର୍ଷି ତାକୁ ସେ ଫେରିବା ପର୍ଯ୍ୟନ୍ତ ସେମିତି ପଡି ରହିବାକୁ କହିଥିଲେ ଏବଂ ଆଉ ଫେରିଲେନି। ଦେବସଭାରେ ଶିବ ଶ୍ୱଶୁର ଦକ୍ଷଙ୍କୁ ନମସ୍କାର କରି ନ ଥିବା ହିଁ ଦକ୍ଷଯଜ୍ଞ ଭଙ୍ଗ ଓ ଶିବ ସତୀଙ୍କୁ ହରାଇବାର ମୂଳ କାରଣ ଥିଲା।

ନମସ୍କାର ଯେପରି ଭିନ୍ନ ଭିନ୍ନ ତା'ର ପ୍ରତିକ୍ରିୟା ବା ଆଶୀର୍ବାଦ ସେହିପରି ନାନା ପ୍ରକାରର। ବୁଢ଼ାବୁଢ଼ୀଙ୍କୁ ନମସ୍କାର କଲେ ସେମାନଙ୍କର ଅନ୍ତର ଭିତରୁ ଯେଉଁ ନିଷ୍କାମ ଶବ୍ଦଗୁଡିକ ସ୍ଫୁରିତ ହୁଏ ତାହା ହେଲା 'ବୁଢାଟିଏ/ବୁଢୀଟିଏ ହେଇଥାଆ, ପାଚିଲା ବାଳରେ ସିନ୍ଦୂର ନାଉଥା, ତୋ ପାଦ ଅଗରେ କଣ୍ଟା ନ ବାଜୁ, ମୋ ଆୟୁଷ ତତେ ଲାଗିଯାଉ, ଦୀର୍ଘାୟୁ, ନିରାମୟ ହୋଇଥା, କୋଟି ପରମାୟୁ ହେଉ, ତୋର ସବୁ ରୋଗବୈରାଗ ମତେ ଝାଡିଝୁଡି ଦେ, ତୋର ସବୁ ବାଧାବିଘ୍ନ ଆଡ ହୋଇଯାଉ, ତୋର ରାସ୍ତାରେ କଣ୍ଟା ନ ରହୁ' ଇତ୍ୟାଦି। ବୟସ୍କ କିମ୍ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ସେମାନେ ସାଧାରଣତଃ କହିଥାନ୍ତି, ହେଲା, ହେଲା ବାପା/ମା' (କହି ଦୁଇ ହାତରେ ଉଠେଇ ନେବା), ତୁମକୁ କିଏ ଅକଲ୍ୟାଣ କରୁଛିରେ ବାବୁ/ମା, ସବୁ ମଙ୍ଗଳ ହେଉ, ଭଲରେ ରୁହ, ସୁଖ ଆନନ୍ଦରେ ଦିନ କାଟୁଥା ଇତ୍ୟାଦି। ଶିକ୍ଷକ, ଗୁରୁ ଅଥବା ଗୁରୁଜନଙ୍କୁ ନମସ୍କାର କଲେ ସେମାନେ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି, 'ସିଦ୍ଧିରସ୍ତୁ, ବିଜୟୀ ଭବ, ସର୍ବତ୍ର କୃତକାର୍ଯ୍ୟ ହୁଅ' ଇତ୍ୟାଦି।

ବ୍ରାହ୍ମଣ, ପୁରୋହିତ ଓ ପଣ୍ଡିତଙ୍କୁ ନମସ୍କାର କଲେ ତାଙ୍କ ମୁହଁରୁ ସ୍ୱତଃ ନିଃସୃତ ହୋଇଥାଏ 'ମନୋବାଞ୍ଛା ପୂର୍ଣ୍ଣମସ୍ତୁ, ଦୀର୍ଘାୟୁ ଭବ, ଆୟୁଷ୍ମାନ୍ ଭବ, କୁଶଳମସ୍ତୁ, ସର୍ବାରିଷ୍ଟ ଶାନ୍ତିର୍ଭବତୁ, ମନୋଭୀଷ୍ଟ ସିଦ୍ଧିର୍ଭବତୁ' ଇତ୍ୟାଦି। କିନ୍ତୁ ମାତାପିତାଙ୍କୁ ନମସ୍କାର କଲେ ଏ ସମସ୍ତ ଏକ ସ୍ଥାନରେ ପ୍ରାପ୍ତ ହୁଏ। ମୁନିଋଷିଙ୍କୁ ନମସ୍କାର କଲେ ତତ୍‌କ୍ଷଣାତ୍ ଫଳ ପ୍ରାପ୍ତି ହୁଏ ଏବଂ ସମସ୍ତ ସଙ୍କଟ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ଦେବଦେବୀଙ୍କୁ ନମସ୍କାର କଲେ ସେମାନେ କିଛି କୁହନ୍ତିନି ସିନା କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ପ୍ରକାରାନ୍ତରେ ସୂଚେଇ ଦିଅନ୍ତି- ଯେପରି ତାଙ୍କ ମସ୍ତକରୁ ଫୁଲଖସିବା, ଅନ୍ତଃକରଣରେ ସକାରାତ୍ମକ ସଂକେତ ଅନୁଭବ କରିବା, ସ୍ୱପ୍ନରେ ଆବିର୍ଭୂତ ହେବା, ଗୁହାରିଆ ବା ଅଧିଆ ପଡିଥିଲେ ସ୍ୱପ୍ନାଦେଶ ହେବା, ଅଚିରେ କାମନା ଫଳବତୀ ହେବା ଇତ୍ୟାଦି।

ଶାସ୍ତ୍ରାନୁସାରେ ସୂର୍ଯ୍ୟଦେବତାଙ୍କୁ ନମସ୍କାର କଲେ ଯେଉଁ ଫଳପ୍ରାପ୍ତି ହୁଏ ତାହା ନିମ୍ନୋକ୍ତ ପ୍ରକାରର-

''ଆଦିତସ୍ୟ ନମସ୍କାରଂ ଯେ କୁର୍ବନ୍ତି ଦିନେ ଦିନେ।
ନ ବ୍ୟାଧିର୍ନ ଶୋକସ୍ତେଷାଂ ଦାରିଦ୍ର୍ୟଂ ନୋପଜାୟତେ॥''

ଏହା ଏକ ଅନୁଭୂତିର କଥା ଯେ ସାମାନ୍ୟ ନମସ୍କାରଟିଏ ବେଳେ ବେଳେ ଦୀର୍ଘଦିନର ତିକ୍ତ ସମ୍ପର୍କକୁ ମଧୁର କରିଦିଏ ଏବଂ ମନୋମାଳିନ୍ୟ ଦୂର ହୋଇଯାଏ। ଅତଏବ ନମସ୍କାର ପାଇଁ ଆଦୌ କୁଣ୍ଠା ରହିବା ଉଚିତ ନୁହେଁ। ପ୍ରତିପକ୍ଷରୁ ପ୍ରତିଦାନ ଥାଉ ବା ନ ଥାଉ। କିନ୍ତୁ କ୍ଷୋଭର କଥା କାଳକ୍ରମେ ନମସ୍କାରର ରୂପରେଖ ବଦଳିବାରେ ଲାଗିଛି ଏବଂ ତା' ସହିତ ବଦଳିଯାଉଛି ଆଶୀର୍ବାଦର ସଂଜ୍ଞା। ଏବେ ନମସ୍କର୍ତ୍ତାଙ୍କର ପ୍ରତିଦାନସ୍ୱରୂପ ଶୁଷ୍କ ପ୍ରତିନମସ୍କାରଟିଏ ହିଁ ଆଶୀର୍ବାଦର ସ୍ଥାନ ନେଉଛି। ନମସ୍କାରର ଶୁଦ୍ଧତା ସହିତ ଆଶୀର୍ବଚନର ଆନ୍ତରିକତା ବିଲୟର ଦ୍ୱାରଦେଶରେ ଉପନୀତ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ୍-୪,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ପରିବାର ପାଇଁ ବୋଝ ପାଲଟି ବୃଦ୍ଧାଶ୍ରମରେ ଜୀବନ କାଟୁଥିବା ମା'ବାପାମାନଙ୍କୁ କିନ୍ତୁ ଅନାଥ ଶିଶୁମାନେ ବୋଝ ଲାଗୁନାହାନ୍ତି। ବୟସର ଅପରାହ୍ଣରେ ଏମାନେ ଅନାଥ ଶିଶୁଙ୍କୁ କୋଳେଇ ନେଉଛନ୍ତି। ଗୁଜରାଟର ଏକ ବୃଦ୍ଧାଶ୍ରମର ଅନ୍ତେବାସୀମାନେ ଏଭଳି ମହତ୍ କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିଛନ୍ତି। 'ଜୀବନ ସନ୍ଧ୍ୟା' ବୃଦ୍ଧାଶ୍ରମର ଅନ୍ତେବାସୀମାନେ 'ଶିଶୁଗୃହ' ନାମକ ଏକ ଅନାଥାଶ୍ରମର ଶିଶୁମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ଏକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଶିଶୁମାନଙ୍କୁ ସେମାନେ ପାଇ ଖୁବ୍ ଖୁସି ଅନୁଭବ କରିଥିବା ଲକ୍ଷ୍ୟ କରାଯାଇଥିଲା। ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ସପ୍ତାହରେ ଦିନେ ଶିଶୁମାନଙ୍କ ସହ ସମୟ ବିତାଇବା ଲାଗି ସ୍ଥିର କରାଯାଇଥିବା କହିଛନ୍ତି ବୃଦ୍ଧାଶ୍ରମର ଜଣେ ଅଧିକାରୀ। ଏହାଦ୍ୱାରା ଶିଶୁମାନେ ସ୍ନେହ ଓ ଶ୍ରଦ୍ଧା ପାଇପାରିବେ ଏବଂ ଏହା ସେମାନଙ୍କୁ ଜୀବନରେ ଆଗକୁ ବଢିବାରେ ସାହାଯ୍ୟ କରିବ। ଭାବନାତ୍ମକ ଦୃଷ୍ଟିରୁ ଉଭୟେ ଲାଭାନ୍ୱିତ ହେବେ ବୋଲି କହନ୍ତି ବୃଦ୍ଧାଶ୍ରମର ଅଧ୍ୟକ୍ଷ ସି.କେ. ପଟେଲ।

### ଚିରନ୍ତନୀ

ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୩ ମାର୍ଚ୍ଚ ୧୯୯୫

- ପୂର୍ବତନ କମ୍ୟୁନିଷ୍ଟ ବାଚସ୍ପତି ଜୋମେ ଓଲେକସିଙ୍କୁ ପୋଲାଣ୍ଡର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦେଶର ପାର୍ଲାମେଣ୍ଟ ନିର୍ବାଚିତ କରିଛି।
- ବିହାର ବିଧାନସଭା ନିର୍ବାଚନ ତାରିଖ ପରିବର୍ତ୍ତନ ସଂକ୍ରାନ୍ତ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ବିରୁଦ୍ଧରେ ଦାଏର କରାଯାଇଥିବା ରିଟ ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଛି।

# କବି ହେବା ନୋହିଲା

ବୈକୁଣ୍ଠନାଥ ମିଶ୍ର

କାହିଁକି କେଜାଣି କବିତା ଲେଖିବା ପାଇଁ ମନରେ ପ୍ରବଳ ଉତ୍କଣ୍ଠା ଜାଗ୍ରତ ହେଲା। ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ବିଦ୍ୟାଳୟର ବାର୍ଷିକ ପତ୍ରିକାରେ ମୋର ଏକ କବିତା ପ୍ରକାଶ ପାଇଥିଲା। ମହାବିଦ୍ୟାଳୟରେ ମଧ୍ୟ ଅନୁରୂପ ଭାବେ ଗୋଟିଏ/ଦୁଇଟି କବିତା ବାର୍ଷିକ ପତ୍ରିକାରେ ପ୍ରକାଶିତ ହୋଇ ସହପାଠୀ ଓ ଆତ୍ମୀୟଙ୍କଠାରୁ ମିଳିଥିଲା ଅନେକ ପ୍ରଶଂସା, ଯାହା କବିତା ଲିଖନ ପାଇଁ ମୋତେ ଅନୁପ୍ରେରିତ କରିଥିଲା। ଆଗ୍ରହ ବଢିଲା ଓ ସମୟର ଗତି ସହ ତାଳଦେଇ ବଢିଚାଲିଲା କବିତା ଲେଖାର ଝୁଙ୍କ୍। ଅନେକ କବିତା ଲେଖି ତା'ର ପାଣ୍ଡୁଲିପିକୁ ସାଇତି ରଖିଛି। ଦିନେ ଭାବିଲି କୌଣସି କବିତା ପାଠୋତ୍ସବରେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କଲେ ମୋତେ ସମସ୍ତେ କବି ବୋଲି ଜାଣିବେ ଓ ମୋର କବିତା ଲେଖାର ଶ୍ରମ ସାର୍ଥକ ହେବ।

କିଛିଦିନ ପରେ ମୋତେ ସେ ସୁଯୋଗ ମିଳିଲା। ଆମ ଗ୍ରାମଠାରୁ ୧୦/୧୫ କିଲୋମିଟର ଦୂରରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିବର ରାଧାନାଥଙ୍କୁ ଅନୁସରଣ କରି ଲେଖିଥିବା ମୋ କବିତାଟି ପଢ଼ିଲି, ଯାହାର ପ୍ରଥମ ପଦଟି ଥିଲା ଏହିପରି- ପରାଚୀ ଭୂଖଣ୍ଡେ ଆର୍ଯ୍ୟ ବାସସ୍ଥଳୀ, ଶୋଭା ସୁଷମାରେ ସ୍ୱର୍ଗଠାରୁ ବଳି।... କବିତାଟି ପାଠ କରି ମୁଁ ନିଶ୍ଚିତ ଥିଲି ଯେ, ସଭାପତିଙ୍କ ଦ୍ୱାରା ମୋ କବିତାଟି ଉଚ୍ଚ ପ୍ରଶଂସିତ ହେବ ଓ ଶ୍ରୋତାଙ୍କର କରତାଳିରେ ସଭାସ୍ଥଳୀ ମୁଖରିତ ହେବ। କିନ୍ତୁ ସେପରି କିଛି ହେଲାନାହିଁ। ସଭା ସାଙ୍ଗ ହେବା ପରେ ସଭାପତିଙ୍କୁ ମୋ କବିତା ସମ୍ବନ୍ଧରେ ଜାଣିବାକୁ ଚାହିଁବାରୁ ସେ କହିଲେ, ଦେଖନ୍ତୁ ଆପଣଙ୍କର ଇଏ ଛାନ୍ଦ କବିତା। ଏସବୁ କବିତାର ଯୁଗ ଆଉ ନାହିଁ। ଏପରି କବିତା ଲେଖି ଆପଣ କ'ଣ ଭାବୁଛନ୍ତି ଆପଣ କବି ହୋଇଯିବେ? ଆଧୁନିକ, ରୋମାଣ୍ଟିକ, ଉଦ୍ଭଟ, ପ୍ରତୀକଧର୍ମୀ କିମ୍ବା ଦୁର୍ବୋଧ କବିତା ପରି ଯୁଗୋପଯୋଗୀ କବିତା ଲେଖନ୍ତୁ।

ତା'ପରେ ପ୍ରେମିକ କବି ମାୟାଧର ମାନସିଂହଙ୍କ ଅନୁସରଣରେ ଏକ ପ୍ରେମ କବିତା ଲେଖିଲି, ଯାହାର କିଛି ଅଂଶ ଏହିପରି- ତୁମେ ତ ମୋର ଘୁମନ୍ତ ନିଶି ଅଳସୀ ଶୀତ ଚନ୍ଦ୍ରିକା, ତୁମେ ତ ମୋର ଚପଳକାନ୍ତା ହୃଦ ପଞ୍ଜୁରୀ ଶାରିକା।... ଉତ୍ସୁକତାର ସହ ଆଉ ଏକ କବିତା ଆସରକୁ ଚାହିଁ ବସିଲି। ସେଦିନ ଉପଗତ ହେଲା। କିନ୍ତୁ ଏଥର ମଧ୍ୟ ମୋର ଆଶା ନିରାଶାରେ ପରିଣତ ହେଲା, ଯେତେବେଳେ ଜାଣିଲି ପଠିତ କବିତାଗୁଡ଼ିକ ମଧ୍ୟରେ ମୋ କବିତା ସର୍ବ ନିମ୍ନରେ ଅଛି। ସଭା ସାଙ୍ଗ ହେଲା ପରେ ମୁଁ ଅତି ସନ୍ତର୍ପଣରେ ଏକାନ୍ତରେ ସଭାର ଅଧ୍ୟକ୍ଷ ତଥା ଚୟନକର୍ତ୍ତାଙ୍କୁ ମୋ କବିତା ସମ୍ବନ୍ଧରେ ପଚାରିଲି। ସଂଯୋଗକୁ ପୂର୍ବର ସଭାପତି ମଧ୍ୟ ଆଜିର ସାହିତ୍ୟ ସଭାରେ ଅଧ୍ୟକ୍ଷତା କରୁଥାନ୍ତି। ସେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନ ଦେଇ କହିଲେ, ଏହା କ୍ଲିଷ୍ଟ କବିତା, ପାଠକ ମନକୁ ଛୁଇଁପାରିବ ନାହିଁ। ସାମ୍ପ୍ରତିକ ଯୁଗ ପାଇଁ ଏସବୁ ଅଚଳ କବିତା ଓ ଏଥିରେ ଆଧୁନିକତାର ଝଲକ ନାହିଁ। ଏ କବିତା ଲେଖି ଆପଣ କିପରି ଆସ୍ପର୍ଦ୍ଧା କରୁଛନ୍ତି ଯେ ଆପଣ ପାଠକୀୟ ଆଦୃତି ସାଉଁଟି ପାରିବେ ବୋଲି? ଆପଣ ଯଦି ନିହାତି ଲେଖିବାକୁ ଚାହୁଁଛନ୍ତି- ତେବେ ଗଦ୍ୟ କବିତା ଲେଖନ୍ତୁ- ଯାହା ଦୁର୍ବୋଧ, ପ୍ରତୀକଧର୍ମୀ ଓ ଉଦ୍ଭଟ ହୋଇଥିବ ଏବଂ ଆଧୁନିକତାର ବାସ୍ନା ବି ବହନ କରୁଥିବ। ନଚେତ୍ ଏପରି ଲେଖିବା ବନ୍ଦ କରନ୍ତୁ।

କବିତା ରଚନାର ବିଧିବିଧାନ ସମ୍ବନ୍ଧରେ ଯେହେତୁ ମୁଁ ଅଜ୍ଞ, ତେଣୁ ନୀରବ ରହିଲି ଓ ଆଉ ଏକ ଆସରକୁ ଅପେକ୍ଷା କଲି। ମନେ ମନେ ସ୍ଥିର କଲି ଏଥର ଏମିତି କବିତାଟିଏ ଲେଖିବି, ଯାହା ଚୟନକର୍ତ୍ତା ତଥା ଆୟୋଜକଙ୍କ ପାଇଁ ବିରକ୍ତିକର ହେବ। ଅଳ୍ପଦିନ ଅନ୍ତରେ ସେ ସୁଯୋଗ ଆସିଲା। କବିତା ରଚନାରେ ସଫଳତା ପ୍ରାପ୍ତିକୁ ଗୌଣ କରି ଚୟନକର୍ତ୍ତାଙ୍କ ମନରେ ବିରକ୍ତିଭାବ ସୃଷ୍ଟି କରିବାର ପ୍ରୟାସ ନେଇ ଲେଖିଲି-

ଯାଉଥିଲି ରାସ୍ତାରେ ଭେଟିଲି ମୁଁ କୁକୁର,
ବସିଲି ତା' ପିଠିରେ ଧରିଲି ତା' କାନକୁ।
ଉଡି ଉଡି ନେଇଗଲା ମହାଶୂନ୍ୟ ମଧ୍ୟକୁ,
ଫିଙ୍ଗି ଦେଲା ମତେ ନେଇ ଅତଳ ସମୁଦ୍ରେ।
ନ ପାଇଲି କୂଳ ଆଉ କିନାରା-
ପାଲଟିଲି ପଥହରା ପଥିକ-
ନିର୍ବାକ୍-ନିସ୍ପନ୍ଦ-ଚତୁଃପାର୍ଶ୍ୱ ଅନ୍ଧକାରମୟ।

ଏଥରକ କବିତା ପାଠୋତ୍ସବରେ ପହଞ୍ଚି ଆୟୋଜକଙ୍କ ହାତକୁ କବିତାଟି ବଢାଇଦେଇ ଚୁପ୍ ହୋଇ ନିଜ ଆସନରେ ବସିରହିଲି। ଖୁବ୍‌ଶୀଘ୍ର ମୋ ପାଳି ପଡିଲା। ମନରେ ଉତ୍ତେଜନା, ଦେହରେ ଶିହରଣ ଓ ହୃଦୟରେ ଅବିଶ୍ୱାସର ଏକ ପୁଞ୍ଜୀଭୂତ ସମାହାରରେ କବିତା ପଠନ ପାଇଁ ଆଗେଇଗଲି। ନ ଥିଲା ମନରେ ସରସତା କିମ୍ବା ପୂର୍ବର ଆବେଗ। ମନେମନେ ନିଜକୁ ଧିକ୍କାରିଲି, କାହିଁକି ଏ କବିତା ଲେଖିଲି ବୋଲି। ଭରା ସଭାରେ ମୋତେ ହିଁ ତ ଏହା ପଢ଼ିବାକୁ ହେବ। ସାହସ ସଞ୍ଚୟ କରି କବିତାଟି ପଢିଲି। ଲକ୍ଷ୍ୟ କଲି ସଭାସ୍ଥଳୀ କରତାଳିରେ ଉଚ୍ଛୁଳି ପଡୁଛି। ମୁଁ ଭାବିଲି ମୁଁ ଯାହା ଲେଖିଛି ତାକୁ ମୁଁ ଠିକ୍ ଭାବେ ବୁଝିନାହିଁ; ହେଲେ ଏ ସୁଧୀ ଶ୍ରୋତୃମଣ୍ଡଳୀ କ'ଣ ବୁଝିଲେ ଯେ ପୁଲକିତ ହୋଇ କରତାଳି ବର୍ଷଣ କରୁଛନ୍ତି? ମୁଁ ଲକ୍ଷ୍ୟ କଲି ମୁଁ ଏକା ଉଦାସ ଓ ଆଉ ସମସ୍ତେ ଉତ୍ଫୁଲ୍ଲ। ସଭାକାର୍ଯ୍ୟର ଅନ୍ତିମ ପର୍ଯ୍ୟାୟରେ ସଭାପତିଙ୍କ ଅଭିଭାଷଣ ଥିଲା ମୋ କବିତାର ଉଚ୍ଛ୍ୱସିତ ପ୍ରଶଂସାରେ ଶତମୁଖୀ। ସେ କହିଲେ ଶ୍ରୀଯୁକ୍ତ ମିଶ୍ରଙ୍କର କବିତାଟି ପ୍ରତୀକଧର୍ମୀ, ସମୟୋପଯୋଗୀ ଓ ସମାଜ ପାଇଁ ଏକ ସୁନ୍ଦର ଚେତାବନୀ। ଝିଅଟି ନିଃସଙ୍ଗଭାବେ ନିଛାଟିଆ ରାସ୍ତାରେ ଗମନ କରୁଛି। ଶ୍ୱାନ ପରି ଅନୁଧାବନ କରୁଥିବା ତା'ର ପ୍ରେମିକ ତାକୁ ବାଇକ୍‌ରେ ଲିଫ୍ଟ ଦେଉଛି। ପଛ ସିଟ୍‌ରେ ବସି ଝିଅଟି ପ୍ରେମିକର କାନ୍ଧକୁ ଧରିଛି। ଗାଡିର ବେଗ କ୍ରମଶଃ ପ୍ରଖରତର ହେଉଛି। ହଠାତ୍ ବାଇକଟି ରାସ୍ତାର ଗୋଟିଏ କଡକୁ ମାଡିଯାଇ ଏକ ଗଛରେ ଧକ୍କା ହୁଏ। ଝିଅଟି ଖଣ୍ଡେ ଦୂରକୁ ଛିଟିକି ପଡି ଚେତାଶୂନ୍ୟ ହୋଇଯାଏ। ସଚେତ ହୋଇ ନିଜକୁ ଆବିଷ୍କାର କରେ ମେଡିକାଲ ବେଡରେ। ନା ଅଛି ପ୍ରେମିକ- ନା କେହି ଆତ୍ମୀୟ ପରିଜନ। ଚାରିଆଡେ କେବଳ ଶୂନ୍ୟତା ଆଉ ଶୂନ୍ୟତା।

ଏବେ ବୁଝିଗଲି ମୋ ରଚିତ ଅନାବନା କବିତାର ମାହାତ୍ମ୍ୟ। ନା ଅଛି ଶବ୍ଦ ସଂଯୋଜନାର କଳାକୌଶଳ- ନା ଆଭିଧାନିକ ଉପଯୁକ୍ତ ଶବ୍ଦ ଚୟନ। ଯାହା ସାଧାରଣରେ ଦୁର୍ବୋଧ, ଯାହାର ନିର୍ଯାସ ସ୍ୱୟଂ କବିକୁ ମଧ୍ୟ ଅସ୍ପଷ୍ଟ, ତାହା ଏତେ ମର୍ମସ୍ପର୍ଶୀ ହୋଇପାରେ ବୋଲି ଏବେ ମୋର ହୃଦ୍‌ବୋଧ ହେଲା। ଏହା ନିଛକ ସତ୍ୟର ଅବତାରଣା ମାତ୍ର! ଭାଜିଗଲା ମୋ କବିତା ଲେଖା ସ୍ୱପ୍ନ। ଭଞ୍ଜଙ୍କ ଦୁର୍ବୋଧ କବିତା ସିନା ପଣ୍ଡିତ, ବାରାଙ୍ଗନା ଓ ପଥଚାରୀଠାରୁ ଆରମ୍ଭ କରି ଚଷା ଓ ଯୋଷା ପର୍ଯ୍ୟନ୍ତ ସମସ୍ତେ ଗାଉଥିଲେ ହେଲେ ମୋ ଅଳଙ୍କାରଶୂନ୍ୟ ଛାନ୍ଦହୀନ କବିତାକୁ କିଏ ବା କାହିଁକି ଗାଇବ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଭୁଲ୍ ସଂସ୍କୃତି ପଥରେ ଦୌଡୁଛୁ

ମହାଶୟ,

ପୂର୍ବେ ଝିଅପୁଅଙ୍କର ଜନ୍ମଦିନରେ ଷଷ୍ଠୀ ପୂଜା, ସତ୍ୟନାରାୟଣ ପାଲା ଆଦି ହେଉଥିଲା। ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତା ଅନୁକରଣରେ ବାର୍ଥ ଡେ ପାର୍ଟି କ୍ରମରେ କେକ୍ ଉପରେ ମହମବତି ଜଳାଇ ତାକୁ ଫୁଙ୍କି ଲିଭାଇବା ସମସ୍ତେ ଦେଖୁଥିବେ। ରଙ୍ଗବେରଙ୍ଗର ମହମବତିକୁ କେକ୍ ପରି ଖାଇବା ଜିନିଷ ଉପରେ ରଖିବା କ'ଣ ଠିକ୍? ସେମିତି ଜଳୁଥିବା ବତିକୁ ଫୁଙ୍କି ଲିଭାଇବାବେଳେ କେକ୍ ଉପରେ ଛେପ ପଡ଼ିପାରେ। ସେହିପରି ଭୋଜିଭାତ ଆଜିକାଲି ବ୍ୟୟବହୁଳ ବଫେ ପାର୍ଟିରେ ପରିଣତ। ଠିଆହୋଇ ମାଗି ମାଗି ଖାଇବା, ଅନେକ ତୈଳ ଚର୍ବିଯୁକ୍ତ, ମସଲାଯୁକ୍ତ ଆମିଷ ଭୋଜନ କ'ଣ ଆମ ଉତ୍କଳୀୟଙ୍କ ନିମନ୍ତେ ପ୍ରଯୁଜ୍ୟ? ଆମେ ଭୁଲ୍ ସଂସ୍କୃତି ପଥରେ ଦୌଡୁଛୁ। ସମସ୍ତେ ବିଚାର କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ପୁରୀ

### ନିରାମୟ ଔଷଧର ଅଭାବ

ରାଜ୍ୟ ସରକାରଙ୍କ ତରଫରୁ ନିରାମୟ ଯୋଜନାରେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ମାଗଣାରେ ଜରୁରୀ ଔଷଧ ଯୋଗାଇ ଦିଆଯାଉଛି। ମାତ୍ର ଡାକ୍ତରଖାନାଗୁଡ଼ିକ ଆବଶ୍ୟକତା ଅନୁସାରେ ଯେତେ ପରିମାଣରେ ମାଗୁଛନ୍ତି ତା' ଠାରୁ କମ୍ ଔଷଧ ଯୋଗାଇ ଦିଆଯାଉଛି। ଏହି କାରଣରୁ ବେଳେ ବେଳେ କିଛି ଔଷଧ ଉପଲବ୍ଧ ହେଉନାହିଁ। ଗରିବ ରୋଗୀମାନେ ସେହିସବୁ ଔଷଧ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଉଦାହରଣ ସ୍ୱରୂପ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଏକ ମାସରୁ ଅଧିକ ସମୟ ଧରି କ୍ୟାଲସିୟମ୍ ବଟିକା ଓ ସିରପ୍ ମିଳୁନାହିଁ। ଏଣୁ ସ୍ୱାସ୍ଥ୍ୟ ବିଭାଗ ଡାକ୍ତରଖାନାକୁ ଆବଶ୍ୟକତା ଅନୁସାରେ ସବୁ ଔଷଧ ଯୋଗାଇ ଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | 1 | | | | | | D | | 8 | | 5 | |
| | | A | | | C | 5 | | | 0 | B | | | | |
| | | C | | 6 | B | | | 3 | | | 5 | | 8 | |
| | | 1 | | | A | 7 | 8 | | | | | 6 | | 9 |
| | 8 | | | | | E | | | 6 | | | 7 | | |
| | | | | 8 | 7 | B | | | | | A | | 6 | |
| D | | | A | 0 | | | | | | | E | | 1 | 3 |
| | 0 | 3 | | | | 2 | | C | 5 | | | A | | |
| | C | 9 | E | | | | | | | 0 | 3 | | B | |
| B | | | | 3 | | | 5 | | C | | 6 | | 2 | 8 |
| 2 | 1 | 6 | 9 | | | 8 | | | | 3 | | | | |
| 9 | 4 | | 6 | 1 | E | 3 | | | | | B | | | |
| | | | | | 3 | | | E | | | | 2 | | |
| 5 | | | D | 4 | | | | 1 | | | | | 9 | 7 |
| | E | | | C | | | 2 | A | 1 | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 8 | B | 5 | 1 | A | 7 | 6 | D | 3 | C | E | 0 | 9 | 2 |
| C | 2 | 0 | B | 3 | 6 | 4 | 8 | 9 | A | D | 5 | 7 | E | 1 |
| 5 | 9 | 6 | 0 | 4 | E | B | A | C | 7 | 1 | 2 | 8 | 3 | D |
| 3 | D | E | 9 | C | 7 | 1 | 2 | 0 | B | 6 | 8 | 4 | 5 | A |
| 1 | 7 | A | D | 8 | 2 | 5 | 3 | E | 0 | 4 | 9 | B | 6 | C |
| B | 6 | C | 1 | 9 | 0 | 3 | 4 | 5 | E | 7 | A | 2 | D | 8 |
| 8 | 0 | 2 | E | 6 | C | D | 9 | A | 4 | 5 | B | 3 | 1 | 7 |
| E | 4 | 3 | 8 | 7 | B | 2 | 0 | 1 | C | 9 | D | 6 | A | 5 |
| D | A | 9 | 4 | 2 | 5 | 8 | B | 7 | 6 | 3 | 1 | C | 0 | E |
| 7 | 1 | 5 | A | D | 3 | E | C | 6 | 8 | 2 | 0 | 9 | 4 | B |
| 2 | 5 | D | C | 0 | 4 | A | 7 | 3 | 1 | B | 6 | E | 8 | 9 |
| A | 3 | 8 | 7 | E | 9 | C | 1 | B | D | 0 | 4 | 5 | 2 | 6 |
| 0 | C | 7 | 6 | A | D | 9 | E | 2 | 5 | 8 | 3 | 1 | B | 4 |
| 6 | E | 4 | 2 | B | 1 | 0 | 5 | 8 | 9 | A | C | D | 7 | 3 |
| 9 | B | 1 | 3 | 5 | 8 | 6 | D | 4 | 2 | E | 7 | A | C | 0 |

ଗତକାଲିର ଉତ୍ତର



ଫିଲିପାଇନ୍ସର ମାନିଲାରେ ବନ୍ଧୁକଧାରୀ ୩୦ ଲୋକଙ୍କୁ ଏକ ମଲ୍‌ରେ ଅଟକ ରଖି ଆତଙ୍କ ଚଳାଇଥିବା ବେଳେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଦୀର୍ଘ ୧୦ ଘଣ୍ଟା ପରେ ବନ୍ଧୁକଧାରୀଙ୍କୁ ମନାଇବାରେ ପୋଲିସ ସଫଳ ହେବା ସହ ଅପହୃତମାନଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ବନ୍ଧୁକଧାରୀ ଜଣକ ମଲ୍‌ର ପୂର୍ବତନ ସୁରକ୍ଷାକର୍ମୀ ଆର୍ଚ୍ଚି ପାରେ ବୋଲି ପୋଲିସ କହିଛି। ତାଙ୍କଠାରୁ ଗ୍ରେନେଡ୍ ଓ ପିସ୍ତଲ ଜବତ କରାଯାଇଛି।



# ଜନସାଧାରଣ ଗଣତନ୍ତ୍ରର ଜୀବନୀଶକ୍ତି: ମୁଖ୍ୟମନ୍ତ୍ରୀ

- ‘ମୋ ସରକାର’ ଅଧୀନସ୍ଥ ହେଲା ଆଉ ୫ ବିଭାଗ
- ମୋଟ ବିଭାଗ ସଂଖ୍ୟା ୨୨କୁ ବୃଦ୍ଧି
- ସାମାଜିକ ଗଣମାଧମରେ ମିଳୁଥିବା ସୂଚନାକୁ ୫-ଟି ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଗଣତନ୍ତ୍ରରେ ଜନସାଧାରଣ ହିଁ ପ୍ରକୃତ ମାଲିକ। ଏହା ରାଜ୍ୟର ପ୍ରତ୍ୟେକ ନାଗରିକ ଅନୁଭବ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଗତବର୍ଷ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ‘ମୋ ସରକାର’ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟଭାବେ କାର୍ଯ୍ୟ କରୁଛି। ବିଶେଷ କରି ଜନସାଧାରଣଙ୍କୁ ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯାଉଥିବା ବ୍ୟବହାର, ସେମାନଙ୍କ ଅଭିଯୋଗ ଉପରେ ନିଆଯାଉଥିବା ପଦକ୍ଷେପ ନେଇ ପ୍ରତିକ୍ରିୟା ସଂଗ୍ରହ କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ପରିଷଦର ସଦସ୍ୟ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ଅଧିକାରୀ, ଜିଲାସ୍ତରରେ ଜିଲାପାଳ ଓ ଅନ୍ୟ ପ୍ରଶାସକ ଜନସାଧାରଣଙ୍କୁ ସିଧାସଳଖ ଟେଲିଫୋନ କରି ଫିଡ୍‌ବ୍ୟାକ୍ ସଂଗ୍ରହ କରୁଛନ୍ତି। ଏହି କ୍ରମରେ ସୋମବାର ୫ଟି ବିଭାଗ ମୋ’ ସରକାର ଅଧୀନକୁ ଆସିଛି। ଏଗୁଡ଼ିକ ହେଉଛି ଜଳସମ୍ପଦ ବିଭାଗ, ସମବାୟ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ହସ୍ତଶିଳ୍ପ, ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗ।

ଇତିମଧ୍ୟରେ ଉପରୋକ୍ତ ୫ ବିଭାଗକୁ ମିଶାଇ ରାଜ୍ୟ ସରକାରଙ୍କ ଅଧୀନରେ ଆସୁଥିବା ୨୨ ବିଭାଗ ‘ମୋ ସରକାର’ କାର୍ଯ୍ୟକ୍ରମ ଅଧୀନସ୍ଥ ହୋଇ ସାରିଛି। କାର୍ଯ୍ୟକ୍ରମର ଲୋକାର୍ପଣ ଅବସରରେ ଜନସାଧାରଣଙ୍କ ପ୍ରତି ଅଧିକ ଦାୟିତ୍ୱବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜନସାଧାରଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜୀବନୀଶକ୍ତି। ସେମାନଙ୍କ ଆଶା, ଆକାଂକ୍ଷାକୁ ପୂରଣ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ତେଣୁ ଜନସାଧାରଣଙ୍କୁ ସମ୍ମାନ ଦେବା ସହ ତାଙ୍କ ହିତକୁ କର୍ମଚାରୀ ସବୁବେଳେ ଧ୍ୟାନ ଦେବା ଆବଶ୍ୟକ। ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବା କେବଳ ଏକମାତ୍ର ସ୍ଲୋଗାନ ନୁହେଁ, ଏହାକୁ ଏକ ବ୍ୟବସ୍ଥାଗତ ସଂସ୍କୃତିରେ ପରିଣତ କରିବାରେ ଆବଶ୍ୟକତା ରହିଛି। ଏହା ହୋଇପାରିଲେ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ବୃଦ୍ଧି ପାଇପାରିବ। ଯେ କୌଣସି କାର୍ଯ୍ୟ ପାଇଁ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ନାଗରିକର କାମହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ଏପରି ସୁସଙ୍ଗଠିତ ଭାବରେ ହେବା ଆବଶ୍ୟକ, ଯେପରି ସାଧାରଣ ଜନତାଟି ହୃଦୟରୁ କହିବ ଏହା ପ୍ରକୃତରେ ‘ମୋ ସରକାର’ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ, ସମ୍ପୂର୍ଣ୍ଣ ପେସାଗତ ସରକାରୀ ସୁବିଧା ଜନସାଧାରଣଙ୍କୁ ଯୋଗାଇଦେବା ପାଇଁ ସମବାୟ ବିଭାଗ ପ୍ରସ୍ତୁତ। ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ସହାୟତା ପାଇଁ ସ୍ୱତନ୍ତ୍ର ଡେସ୍କ ଖୋଲାଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ କହିଥିଲେ ଯେ, ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ନିୟମିତ ବ୍ୟବଧାନରେ କର୍ମଶାଳା ସେମାନଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ କରିଛି। ଆଗାମୀ ଦିନରେ ଏହାର ସୁଫଳ ନିଶ୍ଚୟ ମିଳିବ। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ ଯେ, ମୋ ସରକାର କାର୍ଯ୍ୟକ୍ରମର ପରିଚାଳନା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ ଯେ, ବିଭାଗୀୟ ଅଧିକାରୀମାନଙ୍କ ଏଥିପାଇଁ ପ୍ରଶିକ୍ଷଣ ସରିଛି। ହସ୍ତତନ୍ତ,ବୟନଶିଳ୍ପ ଏବଂ ହସ୍ତତନ୍ତ ମନ୍ତ୍ରୀ ପଦ୍ମିନୀ ଦିଆନ୍ କହିଥିଲେ ଯେ, ମୋ ସରକାର ବୁଣାକାର ଏବଂ ଶିଳ୍ପୀଙ୍କ ପାଇଁ ଉପାଦେୟ ସାଧିତ ହେବ।

ଏହି ଅବସରରେ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ଏହି ୫ ବିଭାଗୀୟ ଅଧିକାରୀଙ୍କ ସହ ଭାବବିନିମୟ କରିଥିଲେ। ସେ କେନ୍ଦୁଝର, ଜଗତସିଂହପୁର, ବୌଦ୍ଧ, ବଲାଙ୍ଗୀର ଏବଂ ନବରଙ୍ଗପୁର ଜିଲାର ତୃଣମୂଳ ଅଧିକାରୀଙ୍କ ସହ ଯୋଜନାର ସୁଫଳ ନେଇ ଆଲୋଚନା କରିଥିଲେ। ସେହିଭଳି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦିଆଯାଉଥିବା ଅଭିଯୋଗକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରି ପଦକ୍ଷେପ ନେବାକୁ ୫-ଟିସଚିବ କହିଛନ୍ତି। ସେହିପରି ଉନ୍ନୟନ କମିଶନର ସୁରେଶ ମହାପାତ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ।

## ଜିଲା ଟିଠି
### ନବରଙ୍ଗପୁର



## ନାବାଳିକାଙ୍କ ବିବାହ

ନବରଙ୍ଗପୁର ଜିଲାରେ ନାବାଳିକାଙ୍କ ବିବାହ ବଢ଼ିବାରେ ଲାଗିଛି। ଗତ ସପ୍ତାହକ ମଧ୍ୟରେ ପ୍ରଶାସନ ପକ୍ଷରୁ ଲଗାତାର ୩ ଦିନରେ ତିନୋଟି ନାବାଳିକା ବିବାହ ରୋକାଯାଇଛି। ପରିବାରର ଚାପରେ ହେଉ କିମ୍ବା ସହମତିରେ ନାବାଳିକାମାନେ ବିବାହ କରୁଛନ୍ତି। ଅନ୍ୟପକ୍ଷେ ପାଠ ପଢ଼ିବା ପାଇଁ ଆଗ୍ରହ ଥିବା ନାବାଳିକା ମଧ୍ୟ ଚାପରେ ବିବାହ କରିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ପାଠ ପଢ଼ାରେ ଡୋରି ବନ୍ଧା ହେଉଛି। ଜଣେ ନାବାଳିକା ବିବାହ କରିବା ଦ୍ୱାରା ଭବିଷ୍ୟତରେ ତା’ର ସ୍ୱାସ୍ଥ୍ୟ ସମସ୍ୟା ବଢ଼ୁଛି। କଅଁଳ ବୟସରେ ପରିବାର ବୋଝ ସେହି ନାବାଳିକାଙ୍କ ମାନସିକ ଚାପ ବଢ଼ାଉଛି। ହେଲେ ଏ ଦିଗରେ ସଚେତନତାର ଅଭାବ ରହୁଛି। ଯେଉଁ ପରିବାର ସଦସ୍ୟମାନେ ନାବାଳିକା ତଥା ବାଲ୍ୟବିବାହ ବେଆଇନ ବୋଲି ଜାଣିପାରୁ ନାହାନ୍ତି ସେଠାରେ ଗାଁର ଭଦ୍ର ବ୍ୟକ୍ତି, ଶିକ୍ଷିତ ଲୋକ ସେମାନଙ୍କୁ ସଚେତନ କରାଇବା ଆବଶ୍ୟକ ରହିଛି। ଅନ୍ୟପକ୍ଷେ ଯେଉଁ ପରିବାରରେ ଏପରି ବାଲ୍ୟବିବାହ ହେଉଛି ସେମାନଙ୍କ ସମ୍ପର୍କୀୟ ଏଥିପାଇଁ ଆଇନ କ’ଣ ରହିଛି ବୁଝାଇ ପାରୁନାହାନ୍ତି। କେତେକ କ୍ଷେତ୍ରରେ ନାବାଳିକାଙ୍କ ବିବାହରେ ଶିକ୍ଷିତ ବ୍ୟକ୍ତି ଯୋଗଦେଇ ଭୋଜି ଆୟୋଜନରେ ସାମିଲ ହେଉଛନ୍ତି। ଏଥିରୁ ଜଣାପଡୁଛି ଶିକ୍ଷିତ ହୋଇ ମଧ୍ୟ ଜଣେ ଜାଣିଶୁଣି ଏ ସମ୍ପର୍କରେ ଅଜଣା ରହୁଛନ୍ତି। କୌଣସି ସୂତ୍ରରୁ ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡଲାଇନ ଓ ପୋଲିସ ଖବର ପାଇଲେ ନାବାଳିକା ବିବାହକୁ ରୋକାଯାଇପାରୁଛି। ଇତିମଧ୍ୟରେ ଜିଲାରେ ଏକାଧିକ ନାବାଳିକାଙ୍କ ବିବାହ ହୋଇସାରିଥିବା ନଜିର ରହିଛି। ନାବାଳିକା ଗର୍ଭଧାରଣ ପରେ ପ୍ରସବ ଓ ପ୍ରସୂତି ସମୟରେ ନାନା ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି। ରକ୍ତହୀନତା ସହିତ ମାଆ ଓ ଶିଶୁଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠୁଛି। ମାତୃ ଓ ଶିଶୁ ମୃତ୍ୟୁର ଆଶଙ୍କା ରହୁଛି। ନାବାଳିକାଙ୍କୁ ୧୮ ବର୍ଷ ହୋଇ ନ ଥିବାରୁ ଗର୍ଭ ଧାରଣ ଓ ପ୍ରସବ ପରେ ମଧ୍ୟ ସରକାରଙ୍କ ମମତା ଯୋଜନାରୁ ସହାୟତା ପାଇବାରେ ବଞ୍ଚିତ ହେଉଛନ୍ତି। ପ୍ରତି ଗାଁରେ ଶିକ୍ଷକ, ଅଙ୍ଗନୱାଡି ଓ ଆଶା କର୍ମୀ, ଲୋକ ପ୍ରତିନିଧି, ପଞ୍ଚାୟତସ୍ତରୀୟ ଅଧିକାରୀ ପ୍ରମୁଖ ରହୁଛନ୍ତି। ନାବାଳିକା ତଥା ବାଲ୍ୟବିବାହ ରୋକିବା ଓ ଏଥିପ୍ରତି କ’ଣ ଆଇନ ରହିଛି ତାହା ସଚେତନତା କରାଇବା ଆବଶ୍ୟକ ରହିଛି। କେବଳ ଯେ ପ୍ରଶାସନ ସଚେତନ କରାଇବ ଓ ଲୋକେ ବୁଝିବେ ତାହା ନୁହେଁ, ଏଠି ସମସ୍ତଙ୍କ ଦାୟିତ୍ୱ ରହିଛି। ଜଣେ ନାବାଳିକା କିଭଳି ଭଲ ପାଠ ପଢ଼ି ଉଚ୍ଚଶିକ୍ଷିତ ହେବ। ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବା ପରେ ସିଏ ବିବାହ କରି ନିଜ ପରିବାର ସହ ସୁଖରେ ଜୀବନଯାପନ କରିବ ସେଥିପ୍ରତି ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

– ସଦାଶିବ ପ୍ରହରାଜ

## ତତ୍କାଳୀନ ମହାକାଳପଡ଼ା ଆଇଆଇସିଙ୍କୁ ମିଳିଲା ଜାମିନ

**ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ମାମଲା**

କଟକ ଅଫିସ,୨।୩

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ହାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାରେ ତତ୍କାଳୀନ ଆଇଆଇସି ଶ୍ୟାମଘନ ବେହେରାଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି। ତେବେ ନିମ୍ନ ଅଦାଲତ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ ନିଜ ରାୟରେ ଜଣାଇଛନ୍ତି। ମାମଲାର ଶୁଣାଣି ବେଳେ ପ୍ରତ୍ୟେକ ଥର ସେ ନିମ୍ନ ଅଦାଲତରେ ହାଜର ହେବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ଏହି ମାମଲାର ଶୁଣାଣି କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ମୋବାଇଲ ଚୋରି ଅଭିଯୋଗରେ ମହାକାଳପଡା ଥାନା ଅଧୀନ ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ୍ ମୂଷା ନାମକ ଯୁବକଙ୍କୁ ୨୦୧୮ ଅଗଷ୍ଟ ୨୫ ତାରିଖରେ ତତ୍କାଳୀନ ଆଇଆଇସି ଶ୍ୟାମଘନ ଗିରଫ କରିଥିଲେ। ଏହାର ପରଦିନ ଥାନା ନିକଟ ଏକ ନିର୍ମାଣାଧୀନ ଘରୁ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ମିଳିଥିଲା। ପୋଲିସ ତାଙ୍କୁ ପିଟିପିଟି ମାରିଦେବା ପରେ ରଶିରେ ଝୁଲାଇ ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ମାତ୍ର ପୋଲିସର କହିବାନୁଯାୟୀ, ଅବିନାଶ ପରିସ୍ରା କରିବା ପାଇଁ ଯାଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ଲୋକମାନେ ରାସ୍ତାରୋକୋ କରିଥିଲେ। ଏହି ଘଟଣାରେ ଆଇଆଇସି ଶ୍ୟାମଘନଙ୍କୁ ନିଲମ୍ବନ କରାଯାଇଥିଲା। ତେବେ ଘଟଣା ପରଠୁ ସେ ଫେରାର ଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଅନେକ ଦିନ ଫେରାର ରହିବା ପରେ ୨୦୧୯ ଡିସେମ୍ବର ୩ରେ ଶ୍ୟାମଘନ କେନ୍ଦ୍ରାପଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପରେ ପୋଲିସ ତାଙ୍କୁ ଜେଲ୍‌କୁ ପଠାଇ ଦେଇଥିଲା। ଏହା ପରଠାରୁ ସେ ଜେଲ୍‌ରେ ଥିବାବେଳେ ସୋମବାର ତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଦିଲ୍ଲୀ ଦଙ୍ଗା ପୀଡ଼ିତଙ୍କୁ ଓଡ଼ିଶା ମୋ’ ପରିବାର ପକ୍ଷରୁ ରିଲିଫ୍ ପ୍ରଦାନ

### ଅନିଶ୍‌ଙ୍କ ପରିବାରକୁ ଦିଆଗଲା ସହାୟତା

ଭୁବନେଶ୍ୱର,୨।୩(ବ୍ୟୁରୋ)

ଦିଲ୍ଲୀ ଦଙ୍ଗାରେ ଶିକାର ହୋଇଥିବା ପୀଡ଼ିତଙ୍କୁ ରାଜ୍ୟ ସରକାର ସାହାଯ୍ୟର ହାତ ବଢ଼ାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ମୋ’ ପରିବାର ପକ୍ଷରୁ ପୀଡ଼ିତଙ୍କୁ ରିଲିଫ୍ ଓ ସହାୟତା ପ୍ରଦାନ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଦିଲ୍ଲୀର ବିଭିନ୍ନ ଅଞ୍ଚଳ ବୁଲି ରିଲିଫ ଏବଂ ସହାୟତା ପ୍ରଦାନ କରିଛନ୍ତି। ଏହାସହ ସେଠାକାର ଲୋକଙ୍କ ସହିତ ଆଲୋଚନା କରି ସେମାନଙ୍କ ସୁବିଧା ଏବଂ ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ଓଡ଼ିଶା ମୋ’ ପରିବାର କାର୍ଯ୍ୟକ୍ରମ ଜରିଆରେ ବହୁ ଲୋକ ଉପକୃତ ହୋଇପାରିଥିବା ସାହୁ କହିଛନ୍ତି। ଅନୁରୂପଭାବେ ଏହି ଦଙ୍ଗାରେ ମାଓବାଦୀ ପ୍ରବଣ ମାଲକାନଗିରି ଜିଲାରେ ବିଏସ୍‌ଏଫ୍‌ରେ କାର୍ଯ୍ୟରତ ଯବାନ ମହମ୍ମଦ ଅନିଶଙ୍କ ଦିଲ୍ଲୀସ୍ଥିତ ଘରକୁ ଦୁର୍ବୃତ୍ତମାନେ ପୋଡ଼ିଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ସୋମବାର ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟର ଉଚ୍ଚପଦସ୍ଥ ଅଧିକାରୀ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି।



ଦଙ୍ଗା ପୀଡ଼ିତ ଅନିଶଙ୍କ ବାପାଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

CENTRAL INSTITUTE OF PLASTICS ENGINEERING & TECHNOLOGY (CIPET)
CENTRE FOR SKILLING AND TECHNICAL SUPPORT (CSTS) - BHUBANESWAR
(Ministry of Chemicals & Fertilizers, Govt. of India)
S-3/79, Sector - A, Zone - B, Mancheswar Industrial Estate, Bhubaneswar - 10
Phone No.: +91-0674-2588203/2587874, FAX : 0674-2588087
Email: cipetsat@gmail.com / mcti@cipet.gov.in / Website: www.cipet.gov.in

NOTICE INVITING E-TENDER (Online) No.: CIPET:CSTS/BBSR/PPEC/LAB TABLE/2019-20/07

INVITATION OF BIDS

CIPET:CSTS,Bhubaneswar invites technical & commercial bids separately item-wise from the reputed suppliers / manufacturers for the supply & installation of Laboratory Furniture at CIPET:PPEC, Paradeep. Interested and eligible bidders are requested to apply through **e-tender** (online) website **www.tenderwizard.com/CIPET,** also visit CIPET website for complete details on technical specification and commercial terms. CIPET reserves the right to accept or reject any or all tenders either in part or in full without assigning any reasons thereof.

Last date for the online submission of the bid : 23.03.2020, 05.00 p.m.
Opening of Technical bids : 24.03.2020,11.00 a.m.
Opening of Commercial bids : After Evaluation of Technical Bids
For further technical clarification, please contact : 7008867495

Dy. Director & Head

ସମ୍ବଲପୁରୀ ବସ୍ତ୍ରାଳୟ

ଦୋଳ ଓ ହୋଲି ବିଶେଷ ସରକାରୀ ରିହାତି

୧୦% + ୨୦%

ତା.୦୩।୦୩।୨୦୨୦ରୁ ତା.୦୯।୦୩।୨୦୨୦ ପର୍ଯ୍ୟନ୍ତ

-: ନୂତନ ବସ୍ତ୍ରର ସମ୍ଭାର :-

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ,
ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ୍ ସେଟ୍ ।

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର ଓ ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

## ବଳାତ୍କାରୀ ଶିକ୍ଷକଙ୍କୁ ୨୦ବର୍ଷ ଜେଲ

### ଦୃଷ୍ଟିହୀନ ନାବାଳିକାଙ୍କୁ ବଳାତ୍କାର ମାମଲା

**ଢେଙ୍କାନାଳ ଅଫିସ, ୨।୩:** ଢେଙ୍କାନାଳ ପୋକ୍‌ସୋ ଅଦାଲତରେ ସୋମବାର ଏକ ଦୃଷ୍ଟିହୀନ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ରାଜକିଶୋର ମହାପାତ୍ର ଅଭିଯୁକ୍ତ ସ୍କୁଲ ଶିକ୍ଷକ ଜର୍ଜ ଗାଗରାଇଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟସ୍ଥଳେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୋକ୍‌ସୋର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାଁ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, କଙ୍କଡ଼ାହାଡ଼ ଥାନା ଅଞ୍ଚଳର ସମ୍ପୃକ୍ତା ୧୫ ବର୍ଷିୟା ଦିବ୍ୟାଙ୍ଗ ନାବାଳିକା ୨୦୧୬ ଅକ୍ଟୋବର ୧୫ରେ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ନାବାଳିକା ଜଣକ ଘରେ ଥିବାବେଳେ କେନ୍ଦୁପଡ଼ା ଗ୍ରାମର ଶିକ୍ଷକ ଜର୍ଜ ଗାଗରାଇ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଫଳରେ ସେ ଗର୍ଭବତୀ ହୋଇଥିଲେ। ପୀଡ଼ିତା ଜଣକ ୯ମାସର ଗର୍ଭଧାରଣା କରିବା ପରେ ଘଟଣା ପଦାକୁ ଆସିଥିଲା। ଏହାପରେ ସେ ସମସ୍ତ ଘଟଣା ନିଜ ଭାଇଙ୍କୁ ଜଣାଇଥିଲେ। ଏ ନେଇ କଙ୍କଡ଼ାହାଡ଼ ଥାନାରେ ନଂ. ୪୬/୧୬ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି ସ୍ପେଶାଲ ପୋକ୍‌ସୋ କେସ୍ ନଂ. ୫୦/୧୬ର ବିଚାର କରିବା ସହ ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଏବଂ ଦସ୍ତାବିଜ ଆଧାରରେ ଅଦାଲତ ଏହି ରାୟ ଶୁଣାଇଛନ୍ତି।

NATIONAL HEALTH MISSION
DSPL-291
PRESERVE HEARING

ବିଶ୍ୱ ଶ୍ରୁତି ଦିବସ

୩ ମାର୍ଚ୍ଚ ୨୦୨୦

ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରୁତି ଦିବସ ଭାବେ ପାଳନ କରାଯାଉଅଛି । ଶ୍ରୁତି ବାଧିତ (କାଲ) ମାନଙ୍କ ପାଇଁ ଆବଶ୍ୟକୀୟ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ସହିତ ଜନସଚେତନତା ସୃଷ୍ଟି ଏହି ଦିବସର ଉଦ୍ଦେଶ୍ୟ । ବିଶେଷକରି ଶୈଶବ ସମୟରେ ଦେଖାଯାଉଥିବା ଶ୍ରୁତି ବଧିରତାକୁ ଅଧିକାଂଶ କ୍ଷେତ୍ରରେ ପ୍ରତିରୋଧ କରାଯାଇ ପାରିବ ।

ଶ୍ରୁତି ବଧିରତା ପ୍ରତିରୋଧର ଉପାୟ

- କାନ ଭିତରକୁ କୌଣସି ପଦାର୍ଥ (ଏପରିକି କାଠି, ପେନ୍‌ସିଲ, କଣ୍ଟା, ତେଲ ଆଦି) ପୂରାନ୍ତୁ ନାହିଁ ।
- ମଇଳା ପାଣି ଓ ଅପରିଷ୍କାର ପରିବେଶରୁ ଦୂରେଇ ରୁହନ୍ତୁ ।
- କାନ ଉପରେ ଆଘାତ ଦିଅନ୍ତୁ ନାହିଁ ।
- କାନ ଦରଜ ବା ଯନ୍ତ୍ରଣା ହେଲେ କୌଣସି ଘରୋଇ ଚିକିତ୍ସା କରନ୍ତୁ ନାହିଁ କିମ୍ବା ଚେରମୂଳି ଆଦି ଲଗାନ୍ତୁ ନାହିଁ ।
- ଅଧିକ ସମୟ ଧରି ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ଏବଂ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଗୀତ ବାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।
- ଡାକ୍ତରଙ୍କ ବିନା ପରାମର୍ଶରେ କାନ ଭିତରେ କୌଣସି ତୈଳ ଜାତୀୟ ପଦାର୍ଥ ପକାନ୍ତୁ ନାହିଁ ।
- କାନ ଦରଜ କିମ୍ବା ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ କାନ ପରୀକ୍ଷା କରାଇ ନିଅନ୍ତୁ ।

ଉପଯୁକ୍ତ ସଚେତନତା ଓ ପ୍ରତିଷେଧକ ଉପାୟ ଆପଣେଇବା ଦ୍ୱାରା ଶ୍ରୁତି ବଧିରତାକୁ ପ୍ରତିରୋଧ କରାଯାଇପାରିବ ।

facebook.com/HFWOdisha http:www.health.odisha.gov.in @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0085/1920

पंजाब नैशनल बैंक ...भरोसे का प्रतीक!
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ!

ମଣ୍ଡଳ କାର୍ଯ୍ୟାଳୟ: ୪ର୍ଥ ମହଲା, ଦୀନଦୟାଲ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୯, ଫୋନ୍ ନଂ.-୦୬୭୪-୨୫୩୪୩୪୯, ୨୫୩୪୫୦୬

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରାହୀତାମାନେ ବକେୟା ଦେୟ ପୈଠ କାରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ଯୁକ୍ତ ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଛଇତାନଶାଖା, ଛଇତାନ ଆକାଉଣ୍ଟ ନଂ./ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ୧. | ଆକାଉଣ୍ଟ ନଂ.: ୨୯୬୯୦୦୮୭୦୦୦୦୦୬୭୨ / ଋଣଗ୍ରହୀତା: ମେସର୍ସ କଳା ଶ୍ରୀମୁଖ, ସ୍ୱତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ସାହୁ, ପିତା: ଶ୍ରୀ ରମେଶ ଚନ୍ଦ୍ର ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀ ରମେଶ ଚନ୍ଦ୍ର ସାହୁ, ୨) ଶ୍ରୀ କୈଳାସ ଚନ୍ଦ୍ର ସାହୁ, ୩) ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ୪) ଶ୍ରୀ ସୁରେଶ ଚନ୍ଦ୍ର ସାହୁ, ସମସ୍ତଙ୍କ ପିତା: ୰ ମହେଶ୍ୱର ସାହୁ, ୫) ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁ, ସମସ୍ତଙ୍କ ଠିକଣା- ସା: କୁଣେଇ(ରଣପଡ଼ା), ପୋ/ଥାନା: କୋଣାର୍କ, ଜିଲ୍ଲା: ପୁରୀ | ୧୦.୦୯.୨୦୧୯ / ୨୭.୦୨.୨୦୨୦ | ୦୧.୦୪.୨୦୧୯ ସୁଦ୍ଧା ଟ.୮୨,୬୯,୨୭୯.୦୬ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଜମି ଓ ଗୃହ ଆଦି ସମସ୍ତ ସମ୍ପତ୍ତିର ଅଂଶ ବିଶେଷ ଯାହାର (କ) ମୌଜା: କୁଣେଇ (ରଣପଡ଼ା), ଥାନା: ଗୋପ, ଜିଲ୍ଲା: ପୁରୀ, (i) ହାଲ ଖାତା ନଂ.: ୩୮୩, ପ୍ଲଟ ନଂ.: ୧୪୨୮, କ୍ଷେତ୍ର: ଏକର ୦.୩୯ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ii) ହାଲ ଖାତା ନଂ.: ଡି୧-୧୪, ପ୍ଲଟ ନଂ.: ୧୪୨୮/୨୦୩୯, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ରମେଶ ଚନ୍ଦ୍ର ସାହୁ, ପିତା: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (iii) ଖାତା ନଂ.: ଡି୧-୨, ପ୍ଲଟ ନଂ.: ୧୪୨୮/୨୦୧୨, ଅନୁରୂପ ଖାତା ନଂ.: ୨, ପ୍ଲଟ ନଂ.: ୧୪୨୮/୨୦୧୨, କ୍ଷେତ୍ର: ଏକର ୦.୨୦ ଡିସିମିଲ୍, କିସମ: ଘରବାଡ଼ି, ସମ୍ପତ୍ତି ୰ ଶୋବି ସାହୁ, ସ୍ୱାମୀ: ୰ ମହେଶ୍ୱର ସାହୁଙ୍କ ନାମରେ ଅଛି, (ଖ) ମୌଜା: କୋଣାର୍କ, ଥାନା/ତହସିଲ୍: ଗୋପ, ଜିଲ୍ଲା: ପୁରୀ, ସାବକ୍ ଖାତା ନଂ.: ୨୧୩, ପ୍ଲଟ ନଂ.: ୧୦୮୨, କ୍ଷେତ୍ର: ଏକର ୦.୪୦ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ହାଲ୍ ଖାତା ନଂ.: ୨୧୩/୧୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, ଅନୁରୂପ ଚୂଡ଼ାନ୍ତ ହୋଇ ନଥିବା ଖାତା ନଂ.: ୬୪୩/୭, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୩୯ ଡିସିମିଲ୍‌ରୁ ଏକର ୦.୨୦ ଡିସିମିଲ୍, କିସମ: ଶାରଦ ୨ (ଘରବାଡ଼ି ଭାବେ ବ୍ୟବହୃତ), ସମ୍ପତ୍ତି ୰ ମହେଶ୍ୱର ସାହୁ, ପିତା: ୰ ବାଇଧର ସାହୁଙ୍କ ନାମରେ ଅଛି, ଚୌହଦୀ-ପୂର୍ବ: କରମଙ୍ଗା ରାସ୍ତା, ପଶ୍ଚିମ: କୈଳାସ ଚନ୍ଦ୍ର ନାୟକ, ଉତ୍ତର: ବୁଲା ବେହେରା (ବିକ୍ରେତା) । |

ତାରିଖ: ୦୨.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



କର୍ମରେ ହିଁ ତୁମର ଅଧିକାର; କିନ୍ତୁ କର୍ମ ଫଳରେ ନୁହେଁ।
-ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଚାକିରି ଦେବା ଆଳରେ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨।୩ (ବ୍ୟୁରୋ):** ଘରୋଇ କମ୍ପାନୀରେ ଜଣେ ଯୁବକଙ୍କୁ ଚାକିରି କରାଇଦେବା ଆଳରେ ଠକାଇ ତାଙ୍କ ନିକଟରୁ ୧୦ ହଜାର ଟଙ୍କା ସହ ବାଇକ ଧରି ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ବଡଗଡ ଥାନା ଅନ୍ତର୍ଗତ କେନାଲ ରୋଡରେ ରହୁଥିବା ଦୀନଦୟାଲ ଦାସ। ସୂଚନା ଅନୁଯାୟୀ, ପୁରୀ ଜିଲା କଣାସ ଅଞ୍ଚଳର ଲୋକନାଥ ମହାରଣା ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରିବା ବେଳେ ଦୀନଦୟାଲଙ୍କ ସହ ପରିଚୟ ହୋଇଥିଲା। ଏକ ଘରୋଇ କମ୍ପାନୀରେ ଲୋକନାଥଙ୍କ ଉଚ୍ଚ ବେତନ ହାରରେ ଚାକିରି କରାଇ ଦେବାକୁ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଚାକିରି ନିମିତ୍ତ ୧୦ ହଜାର ଟଙ୍କା ଅଗ୍ରୀମ ଦେବାକୁ କହିଥିଲେ। ଗତ ୧୫ ତାରିଖରେ ଲୋକନାଥ ୧୦ହଜାର ଟଙ୍କା ସହ ଦୀନଦୟାଲଙ୍କୁ ଭେଟିବା ନେଇ ବରମୁଣ୍ଡାରେ ପହଞ୍ଚିଥିଲେ। ଦୀନଦୟାଲ ତାଙ୍କ ଠାରୁ ୧୦ହଜାର ଟଙ୍କା ନେବା ପରେ କୌଣସି ଜରୁରୀ କାଗଜପତ୍ର ଆଣିବା ବାହାନାରେ ତାଙ୍କ ବାଇକ୍ ନେଇ ପଳାଇଥିଲେ। ପରେ ସେ ଆଉ ଫେରି ନ ଥିଲେ। ଲୋକନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୫୨/୨୦)ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ବାଇକକୁ ଜବତ କରଛି।

### ୬ ମୋବଇଲ ଫୋନ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨।୩ (ବ୍ୟୁରୋ):** ମୋବାଇଲ ଫୋନ ଚୋରି ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମଣ୍ଡପ ବସ୍ତି ଅଞ୍ଚଳର ଗୋପାଳ ଚନ୍ଦ୍ର ଦାସ(୩୧)।ତାଙ୍କ ଠାରୁ ୬ଟି ମୋବାଇଲ ଫୋନ ଜବତ ହୋଇଛି। ପୂର୍ବରୁ ଗୋପାଳଙ୍କ ନାମରେ ଅନେକ ମାମଲା ରହିଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ସମ୍ବଲପୁର କଚେରି ରୋଡ ଅଞ୍ଚଳରେ ରହୁଥିବା ଶୁଭ୍ରାଂଶୁ ଶେଖର ବାରିକ ଗତ ୨୭ ତାରିଖରେ ଭୁବନେଶ୍ୱର କୌଣସି କାମରେ ଆସିଥିଲେ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଦୋକାନକୁ ଶୁଭ୍ରାଂଶୁ ଯାଉଥିବା ବେଳେ ତାଙ୍କ ମୋବାଇଲ ଲୁଟ୍ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୧୦୬/୨୦) ରୁଜୁ ହୋଇଥିଲା।

# ପିଇବା ପାଣି, ଶୌଚ ପାଇଁ ଟ୍ରାଫିକ କର୍ମଚାରୀ ହଟହଟା

## ଓଏଚ୍ଆର୍‌ସି ନିର୍ଦ୍ଦେଶକୁ କମିଶନରେଟ୍ ପୋଲିସର ବେଖାତିର

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୨।୩(ବ୍ୟୁରୋ)

କମିଶନରେଟ ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଇଁ ରହିଛି ସବୁକିଛି ବ୍ୟବସ୍ଥା। ହେଲେ କ୍ଷେତ୍ର ସ୍ଥଳରେ କାର୍ଯ୍ୟ କରୁଥିବା ତଳିଆ କର୍ମଚାରୀ ବର୍ଗ ତମାମ ଭୋଗୁଛନ୍ତି ନାନା ହୀନସ୍ତା। ବିଶେଷକରି ସବୁଠୁ ବଳିଯାଇଛି ଟ୍ରାଫିକ ପୋଲିସ କର୍ମଚାରୀଙ୍କ ଦୁର୍ଦ୍ଦଶା। ଖରା, ବର୍ଷା, ଶୀତରେ ଲୋକଙ୍କ ସୁରକ୍ଷିତ ତଥା ସହଜ ଯାତାୟାତ ପାଇଁ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ କାର୍ଯ୍ୟ କରୁଥିବା ଏହି କର୍ମଚାରୀ କିନ୍ତୁ ପିଇବା ପାଣି ଓ ଶୌଚ ଲାଗି ପ୍ରତିଦିନ ହେଉଛନ୍ତି ହଟହଟା। ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ନିର୍ଦ୍ଦେଶକୁ କମିଶନରେଟ ପୋଲିସ ପୂରାପୁରି ବେଖାତିର କରିଚାଲିଛି। ମୋବାଇଲ୍ ଟଏଲେଟ୍ ଓ ପାନୀୟ ଜଳ ବ୍ୟବସ୍ଥା କରିଥିଲେ ମଧ୍ୟ ମାତ୍ର କେଇଟା ଦିନରେ ତାହା ଅଚଳ ହୋଇ ପଡ଼ିଛି। ଫଳରେ ଟ୍ରାଫିକ କର୍ମଚାରୀମାନେ ପୁଣି ପୂର୍ବଭଳି ପିଇବା ପାଣି ଓ ଶୌଚ ପାଇଁ ଆଖପାଖ ଘର କିମ୍ବା ଦୋକାନକୁ ଦୌଡ଼ୁଛନ୍ତି। କାର୍ଯ୍ୟସ୍ଥଳ ଛାଡ଼ି ଯିବା ସମ୍ଭବ ନ ହେବାରୁ ବେଳେ ବେଳେ ଚାପି ରଖିବାକୁ ବାଧ ହେଉଛନ୍ତି।

ସୂଚନାଯୋଗ୍ୟ, ଟ୍ରାଫିକ କର୍ମଚାରୀଙ୍କ ପିଇବା ପାଣି, ଶୌଚ ଆଦି କେତେକ ସମସ୍ୟାକୁ ନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନଙ୍କ ନିର୍ଦ୍ଦେଶ ପରେ ଗତବର୍ଷ ୮ ମୋବାଇଲ୍ ଟଏଲେଟ୍ ସହ ପାନୀୟ ଜଳ ବ୍ୟବସ୍ଥା ହୋଇଥିଲା। ନଭେମ୍ବର ୭ରେ ଖୋଦ୍ ଟ୍ରାଫିକ ଡିସିପି ସାଗରିକା ନାଥ ଆଚାର୍ଯ୍ୟ ବିହାର ଛକରେ





ଅଚଳ ହୋଇ ପଡ଼ି ରହିଥିବା ମୋବାଇଲ୍ ଟଏଲେଟ୍ ଓ ଭାଙ୍ଗି ପଡ଼ିଥିବା ପାଣି ଟ୍ୟାପ୍।

- ମୋବାଇଲ୍ ଟଏଲେଟ ଉଦ୍‌ଘାଟନ ପରେ ଅଚଳ
- ୮ ସ୍ଥାନରେ ଆବର୍ଜନାପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି
- ଝୁଲୁଛି ତାଲା, ପାଣି ପାଇପ୍ ଭାଙ୍ଗିଗଲାଣି

ଏହାର ଉଦ୍‌ଘାଟନ କରିଥିଲେ। ଏଥିସହ ଜୟଦେବବିହାର ଛକ, ସିଟି ଓମେନ୍ସ କଲେଜ ଛକ, କଳ୍ପନା ଛକ, ଏୟାରପୋର୍ଟ ଛକ, ନାଲ୍‌କୋ ଛକ, ରସୁଲଗଡ ଛକ ଆଦି ସ୍ଥାନରେ ମୋବାଇଲ୍ ଟଏଲେଟ୍ ରଖାଯାଇ ସେବା ଯୋଗାଇବା ଆରମ୍ଭ କରିଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଗୋଟିକ ପରେ ଗୋଟିଏ ଅଚଳ ହୋଇପଡିଲା। ଏବେ ମୋବାଇଲ୍ ଟଏଲେଟ୍ ବ୍ୟବସ୍ଥାର ସ୍ଥିତି ପରଖିବାକୁ ଆମ ପ୍ରତିନିଧି କ୍ଷେତ୍ର ଅନୁଧ୍ୟାନ କରିଥିଲେ। ସମସ୍ତ ଟଏଲେଟ୍ ଆବର୍ଜନାପୂର୍ଣ୍ଣ ଭାବେ ଅବ୍ୟବହୃତ ହୋଇପଡିଛି। କେଉଁଠି ତାଲା ପଡିଛି ତ, ଆଉ କେଉଁଠି ପାଣି ଟ୍ୟାପ୍‌ଠାରୁ ଆରମ୍ଭ କରି ପାଇପ୍, କାଚ ଆଦି ଭାଙ୍ଗିରୁଜି ଯାଇଛି। ଅଧିକାଂଶ ଟଏଲେଟ୍‌ରେ ରହିଥିବା ପାଣି ପଚିଗନ୍ଧ ଛାଡୁଛି।

ଏନେଇ ଆଚାର୍ଯ୍ୟ ବିହାର ଓ ବିମାନବନ୍ଦର ଛକରେ କାର୍ଯ୍ୟରତ ଟ୍ରାଫିକ ପୋଲିସଙ୍କୁ ପଚାରିବାରୁ ସେମାନେ ନାମ ଗୋପନ ରଖି କହିଛନ୍ତି, ଏହା ରହିବା ଦିନଠାରୁ କୌଣସି ଟ୍ରାଫିକ କର୍ମଚାରୀ ଶୌଚ ଯାଉନାହାନ୍ତି। ନା ସେଠାରେ ପାଣି ରହୁଛି ଅବା ଫିନାଇଲ। ଅଧିକାଂଶ ସମୟରେ ତାଲା ପଡ଼ିଥିବାବେଳେ ଚାବି କାହା ପାଖରେ ରହୁଛି ତାହା ଆମେ ଜାଣି ପାରୁନୁ। ଆମେ ଏଠିସେଠି ଚଳାଇ ନେଉଛୁ, କିନ୍ତୁ ମହିଳା କର୍ମଚାରୀ ଭାରି ହଇରାଣ ହେଉଛନ୍ତି। କେବଳ ଶୌଚ ସମସ୍ୟା ନୁହେଁ, ଟାଣ ଖରାରେ କାର୍ଯ୍ୟ କରିବାକୁ ପଡୁଛି। ଅଧିକାଂଶ ସମୟରେ ଶୋଷରେ ରହୁଛୁ। ପ୍ରତି ଛକକୁ ବୁଲି ବୁଲି ପିଇବା ପାଣି ଦେବାକୁ ଏକ ଗାଡି ରହିଥିଲେ ମଧ୍ୟ କିଛିଦିନ ପରେ ତାହା ଆଉ ଆସୁନି। ଆମ ଭଳି ଅନ୍ୟମାନେ ବାଧ ହୋଇ ଘରୁ ପାଣି ଆଣି ଆସୁଛୁ। ଖରା ଯୋଗୁ ତାହା ଗରମ ହୋଇ ଗନ୍ଧ ହେଉଥିଲେ ମଧ୍ୟ ଢୋକେ ପିଇ କାମ ଚଳାଇବାକୁ ପଡୁଛି। ବେଳେବେଳେ ଅନ୍ୟ କାହାକୁ କହି ପାଣି ମଗାଇ ପିଉଛୁ।

ଏ ନେଇ ମାନବିକ ଅଧିକାର କର୍ମୀ କାନୁନଗୋ କହିଛନ୍ତି, ପୋଲିସ ଯେତେବେଳେ ନିଜ କର୍ମଚାରୀଙ୍କ ସମସ୍ୟା ବୁଝୁନାହିଁ, ଜରୁରୀ ଆବଶ୍ୟକକୁ ପୂରଣ କରିପାରୁନି, କିପରି ଲକ୍ଷ ଲକ୍ଷ ଲୋକଙ୍କ କଥା ଭଲ ଭାବେ ବୁଝିବ। ଏପରି କି ମାନବିକ ଅଧିକାର କମିଶନଙ୍କ ନିର୍ଦ୍ଦେଶକୁ ପୋଲିସ ଫୁର୍ କରିଦେବା ଘଟଣା ନିଶ୍ଚିତ ଅତି ସମ୍ବେଦନଶୀଳ। ଟ୍ରାଫିକି ଏସିପି ସ୍ୱସ୍ତିକ୍ ପଣ୍ଡା କହିଛନ୍ତି, କର୍ମଚାରୀଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ବିଭିନ୍ନ ଛକରେ ୮ ମୋବାଇଲ୍ ଟଏଲେଟ ରଖାଯାଇଛି। ଏହାର ରକ୍ଷଣବେକ୍ଷଣା କରାଯାଉ ନ ଥିବାରୁ ଏଭଳି ଅବସ୍ଥା ହୋଇଛି। ଏହାକୁ ଖୁବ୍ ଶୀଘ୍ର ଠିକ୍ କରାଯିବ ବୋଲି ସେ କହିଛନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଲା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ । ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାର୍ଗଶିର**
**ଶୀତ ହୁଏ ଶିରଶିର ।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ। ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଉତ୍କର୍ଷତା ପାଇଁ ବଣିକ୍ ପୁରସ୍କୃତ

ଭୁବନେଶ୍ୱର, ୨।୩

ଛାତ୍ରୀଛାତ୍ରଙ୍କୁ କୋଚିଂ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ତଥା ଉତ୍କର୍ଷତା ଲାଗି ପ୍ରମୁଖ ଅନୁଷ୍ଠାନ ବଣିକ ପୁରସ୍କୃତ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଟାଇମ୍ସ ବିଜନେସ ଆୱାର୍ଡ ୨୦୨୦ ଅବସରରେ ବଣିକ ଟାଇମ୍ସ ବିଜନେସ ଆୱାର୍ଡ ଲାଭ କରିଛି। ବଣିକର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଇଂ ସୁବ୍ରତ ଛାଟୋଇ ବଲିଉଡ ଅଭିନେତା ଅନିଲ କପୁରଙ୍କଠାରୁ ଏହି ଆୱାର୍ଡ ଗ୍ରହଣ କରିଥିଲେ। ପରୀକ୍ଷା ପ୍ରସ୍ତୁତି ଲାଗି ଶ୍ରେଷ୍ଠ ବିଶ୍ୱସନୀୟ ଅନୁଷ୍ଠାନ ରୂପେ ନିଜକୁ ପ୍ରତିପାଦିତ କରାଇଥିବାରୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ୨୦୧୩ରେ



ଆରମ୍ଭ ହୋଇ ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଶାର ଶ୍ରେଷ୍ଠ କୋଚିଂ ପ୍ରତିଷ୍ଠାନ ରୂପେ ପ୍ରତିଷ୍ଠିତ ହୋଇ ପାରିଥିବା ଏହି ଅବସରରେ ଇଂ ଛାଟୋଇ କହିଛନ୍ତି। ଆଗାମୀ ଦିନରେ ଏହି ପ୍ରଚେଷ୍ଟା ଆହୁରି ସଫଳ ହେବ ବୋଲି ସେ କହିଛନ୍ତି।

# ପ୍ଲାଷ୍ଟିକ ବର୍ଜନ ପ୍ରୟାସ: କପଡ଼ା ବ୍ୟାଗ୍ ବାଣ୍ଟିଲା ବିଏମ୍‌ସି

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର କପଡ଼ା ବ୍ୟାଗ୍ ବଣ୍ଟାଯାଇଛି। 'ମୁଁ ସଫେଇବାଲା' ଅଭିଯାନରେ ବିଏମ୍‌ସି ପକ୍ଷରୁ ଏହି ବ୍ୟାଗ୍ ବଣ୍ଟାଯାଇଥିବାବେଳେ ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ୍ ଏବଂ ଆଡିଶନାଲ କମିଶନର ଅବନିକାନ୍ତ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରରେ ପଲିଥିନ୍, କ୍ୟାରୀ ବ୍ୟାଗ୍ ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ର ବର୍ଜନ କରି ସମସ୍ତ ନାଗରିକ ଏହି ସହରକୁ ଏକ ପରିବେଶବନ୍ଧୁ ସହର କରି ଗଢିତୋଳିବା ଏବଂ ଏହାର ପରିମଳ ସ୍ଥିତିକୁ ଉଚ୍ଚ ସ୍ଥାନରେ ପହଞ୍ଚାଇବା ସମସ୍ତଙ୍କ ନିରନ୍ତର ସହଯୋଗ ଆବଶ୍ୟକ ବୋଲି ଆଡିଶନାଲ କମିଶନର ମଲ୍ଲିକ କହିଥିଲେ। ମୁଁ ସଫେଇବାଲା ଅଭିଯାନରେ ମୋଟ ୫,୦୦୦ କପଡ଼ା ବ୍ୟାଗ୍ ବଣ୍ଟା ହେବାକୁ ସ୍ଥିର କରାଯାଇଥିବାବେଳେ ସୋମବାର ବାପୁଜୀ ନଗରରେ ୫୦୦ ବ୍ୟାଗ୍ ବଣ୍ଟାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଆକ୍ସିସ୍ ଏବଂ ଏଚ୍‌ଡିଏଫସି ବ୍ୟାଙ୍କ୍‌ର ସହଯୋଗରେ ବିଏମ୍‌ସି ୧୨ହଜାର ୫ଶହ ବ୍ୟାଗ୍ ବାଣ୍ଟିଛି। ଏହି ମର୍ମରେ ସୋମବାର ଆଇଡିବିଆଇ ବ୍ୟାଙ୍କର ସହଯୋଗରେ ୫ଶହ ବ୍ୟାଗ୍ ବଣ୍ଟାଯାଇଥିବାବେଳେ ସ୍ଥାନୀୟ ବାପୁଜୀ ନଗରରେ ଥିବା ଆଇଡିବିଆଇ ବ୍ୟାଙ୍କର ଜେନେରାଲ୍ ମ୍ୟାନେଜର୍ ସୁଦୀପ୍ତ ବାନାର୍ଜୀ ଏବଂ ଡେପୁଟି ଜେନେରାଲ୍ ମ୍ୟାନେଜର୍ ମନୋଜ କୁମାର ଗୁପ୍ତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମୁଖ୍ୟ ବିତ୍ତ ଅଧିକାରୀ ଲବଣ୍ୟ ଶବର, ରାଜସ୍ୱ ବିଭାଗ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଲୋକସମ୍ପର୍କ ଓ ଯୋଗାଯୋଗ ବିଭାଗ ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ, ପରିମଳ ବିଭାଗ ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ୱେଲଫେୟାର ବିଭାଗ ଡେପୁଟି କମିଶନର ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ବସନ୍ତର ଅନ୍ତରେ'

ଭୁବନେଶ୍ୱର,୨।୩(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ସୋମବାର ସୂଚନା ଭବନରେ ଚିତ୍ରକଳା ପ୍ରଦର୍ଶନୀ 'ବସନ୍ତର ଅନ୍ତରେ' ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଶିଳ୍ପୀ ବିନୋଦ ମହାରଣାଙ୍କ ଦ୍ୱାରା ଉଦ୍‌ଘାଟିତ ପ୍ରଦର୍ଶନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଡ. ରାମକୃଷ୍ଣ ସାହୁ, ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ମନସ୍ୱିନୀ ସାହୁ, ବିପିନ୍ ବିହାରୀ ପାତ୍ର, ମାଥିଅସ୍ ତିର୍କୀ ପ୍ରମୁଖଙ୍କ ସହ ବରିଷ୍ଠ ଶିଳ୍ପୀ ଯୋଗ ଦେଇଥିଲେ।

# ଶହୀଦନଗର ପ୍ରାଣୀ ଚିକିତ୍ସାଳୟରେ ମିଳିବ ୨୪ଘଣ୍ଟିଆ ସେବା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି ଅଧୀନ 'ମୋ ସରକାର' କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସୋମବାରଠାରୁ ସାମିଲ ହୋଇଛି। ସରକାରୀ ସେବାକୁ ଲୋକାଭିମୁଖୀ କରିବା ପାଇଁ ସୋମବାରଠାରୁ ଭୁବନେଶ୍ୱରର ଶହୀଦନଗର ପ୍ରାଣୀ ଚିକିତ୍ସାଳୟରେ ୨୪ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଶହୀଦନଗର ପ୍ରାଣୀ ଚିକିତ୍ସାଳୟ ଏବେ ପ୍ରତିଦିନ ୨୪ଘଣ୍ଟା ଖୋଲା ରହିବ। ଫଳରେ ଦୈନନ୍ଦିନ ପ୍ରାଣୀ ଚିକିତ୍ସା ସେବା ସାଙ୍ଗକୁ ଜରୁରୀକାଳୀନ ପ୍ରାଣୀ ଚିକିତ୍ସା ସେବା ମଧ୍ୟ ଯୋଗାଇ ଦିଆଯିବ। ସେବା ଯୋଗାଇବା ପାଇଁ ଭେଟେରିନାରୀ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ପାଳି କରି କାର୍ଯ୍ୟ କରିବେ। ଏହି ୨୪ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଡାକ୍ତରମାନଙ୍କୁ ମଧ୍ୟ ନିୟୋଜିତ କରାଯିବ। ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଏହି ସେବାର ସୁପରିଚାଳନା ନିମନ୍ତେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi.
8882906098

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କେଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କେଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍‌ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସଂସଦୀୟ ସ୍ଥାୟୀ କମିଟିର ମୋଟ ୨୪୪ ସଦସ୍ୟଙ୍କ ମଧ୍ୟରୁ ୯୫(୩୯%) ସଦସ୍ୟ କୌଣସି ଗୋଟିଏ ବି ବୈଠକରେ ଯୋଗଦେଇ ନ ଥିବା ସୋମବାର ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ପ୍ରକାଶ କରିଛନ୍ତି। ୨୦୨୦-୨୧ ବଜେଟରେ ବିଭିନ୍ନ ମନ୍ତ୍ରଣାଳୟକୁ ଅର୍ଥ ଆବଣ୍ଟନ ନେଇ ଏଥିରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ରାଜ୍ୟ ସଭାର ୨୩/୭୮ ସଦସ୍ୟ ଓ ଲୋକ ସଭାର ୭୮/୧୬୬ ସଦସ୍ୟ ବୈଠକରେ ଯୋଗଦେଇ ନ ଥିବା ସେ କହିଛନ୍ତି।

# ମୁଢ଼ି କରିଛି ସ୍ୱାବଲମ୍ବୀ



ମହିଳାମାନେ ମୁଢ଼ି ପ୍ୟାକିଂ କରୁଛନ୍ତି।

**ରଞ୍ଜନ ପ୍ରଧାନ**
**ବାରିପଦା ଅଫିସ, ୨।୩**

ବାରିପଦା ମୁଢ଼ି ମାଂସର ସ୍ୱତନ୍ତ୍ରତା ରହିଛି। ଏହି ମୁଢ଼ିକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଉଦ୍ୟମ ଚଳାଇଛନ୍ତି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ତମ୍ୱାଖୁରୀ ଗ୍ରାମର ରଶ୍ମି ମହାନ୍ତି। ନିଜର ଉନ୍ନୟନ ନାମକ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ମୟୂରଭଞ୍ଜ ମହିଳା ଆସୋସିଏଶନ ନାମକ ସଂଘ ଗଠନ କରି ଏଥିରେ ୧୩୦ ମହିଳାମାନଙ୍କୁ ସାମିଲ କରି ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ପାରିଛନ୍ତି। ଉକ୍ତ ମହିଳାମାନେ ନିଜେ ଘରେ ହାଣ୍ଡିରେ ମୁଢ଼ି ଭାଜି ଏହାକୁ ଜିଲା ଓ ଜିଲା ବାହାରକୁ ବିକ୍ରି ପାଇଁ ପଠାଉଛନ୍ତି। ବାରିପଦା ମୁଢ଼ି ବ୍ରାଣ୍ଡରେ ନାମିତ ଏହି ମୁଢ଼ିର ବର୍ତ୍ତମାନ ଚାହିଦା ବଢ଼ିବାରେ ଲାଗିଛି। ଏହା କେବଳ ଯେ ଜିଲାରେ ସୀମିତ ରହିଛି ତାହା ନୁହେଁ ଏହି ମୁଢ଼ି ପ୍ୟାକେଟକୁ ମୁମ୍ୱାଇକୁ ମଧ୍ୟ ଡାକ ଯୋଗେ ପଠାଯାଉଛି।



ଉଲ୍ଲେଖଯୋଗ୍ୟ, ରାସଗୋବିନ୍ଦପୁର ବ୍ଲକ ଗଡ଼ିଘାଟି ପଞ୍ଚାୟତର ତମ୍ୱାଖୁରୀ, ବନ୍ଧମୁଣ୍ଡି, ଅସ୍ତଗଡ଼ିଆ, ମାଲକଡ଼ିଆ, ଗଡ଼ିଘାଟି, ବହ୍ମପୁରା ଆଦି ଗ୍ରାମରେ ବସବାସ କରୁଥିବା କୈବର୍ତ୍ତ୍ୟ ସମ୍ପ୍ରଦାୟର ଲୋକମାନେ ଗ୍ରାମ ଦେଇ ସୁବର୍ଣ୍ଣରେଖା ନଦୀ ଯାଉଥିବାରୁ ମାଛ ଓ ଚାଷବାସ କରି ଜୀବନ ଜୀବିକା ନିର୍ବାହ କରୁଥିଲେ। ହେଲେ କିଛି ବର୍ଷ ତଳେ ନଦୀରେ ପାଣି ନ ଆସିବା ଓ କେତେକ ଲୋକଙ୍କ ଜମି ନ ଥିବାରୁ ସେମାନେ ଜୀବନ ଜୀବିକା ନିର୍ବାହ କରିବା ପାଇଁ ଚିନ୍ତାରେ ପଡ଼ି ଯାଇଥିଲେ। ଏହି ସମୟରେ ଗ୍ରାମକୁ ଯାଇଥିବା ରଶ୍ମି ଏ ନେଇ ଏକ ଉପାୟ ବାହାର କରିଥିଲେ। ବାରିପଦା ମୁଢ଼ିକୁ ମାଧ୍ୟମ କରି ମହିଳାମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରାଇବା ନେଇ ସେ ପ୍ରୟାସ ଆରମ୍ଭ କରି ଦେଇଥିଲେ। ୨୦୦୨ରେ ମାତ୍ର ୧୪ ମହିଳାଙ୍କୁ ନେଇ ମୟୂରଭଞ୍ଜ ମହିଳା ଆସୋସିଏଶନ ଗଠନ କରିଥିଲେ। ଘରେ ହାଣ୍ଡି ଭଜା ମୁଢ଼ି ପ୍ରସ୍ତୁତ ପରେ ଏହାକୁ ପ୍ୟାକିଂକରି ବିକ୍ରି କରିଥିଲେ। ବର୍ତ୍ତମାନ ଏହି ସଂଘରେ ୨୧ଟି ଗ୍ରୁପ ସାମିଲ ହୋଇଥିବାବେଳେ ୧୩୦ ସଦସ୍ୟା ରହିଛନ୍ତି। ପ୍ରତି ମାସରେ ୫୦ରୁ ୬୦ କୁଇଣ୍ଟାଲ ମୁଢ଼ି ବିକ୍ରି କରାଯାଉଛି। ପ୍ରତିଦିନ ମହିଳାମାନେ ନିଜ ଘରୁ ହାଣ୍ଡିରେ ମୁଢ଼ି ଭାଜି ଆଣି ସଂଘ କାର୍ଯ୍ୟାଳୟରେ ଦିଅନ୍ତି। ପରେ ସେଠାରେ ଉକ୍ତ ସଂଘର ୯ ଜଣ ମହିଳା ଏହାକୁ ପ୍ୟାକିଂ କରନ୍ତି। ପ୍ରତି ପ୍ୟାକେଟରେ ୨୫୦ ଓ ୫୦୦ ଗ୍ରାମ୍‌ର ମୁଢ଼ି ରହୁଥିବାବେଳେ ଏହା ଯଥାକ୍ରମେ ୨୫ ଓ ୫୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ବିଭିନ୍ନ ସ୍ଥାନରେ ଏହାର ମୂଲ୍ୟ ପରିବର୍ତ୍ତିତ ରହୁଛି। ବିନା ୟୁରିଆ, ସୋଢ଼ା ବ୍ୟବହାର କରି ଏହି ମୁଢି ହାଣ୍ଡିରେ ଭଜା ଯାଉଛି। ବାରିପଦାର ଗରମ ମୁଢ଼ି , ଖାଇବାକୁ ଭାରି ମଜା ଟ୍ୟାଗ୍ ଲାଇନ୍ ଦେଇ ଏହି ମୁଢ଼ି ବିକ୍ରି କରାଯାଉଛି। ଏନେଇ ରଶ୍ମି କୁହନ୍ତି ଯେ, ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଖାଦ୍ୟପଦାର୍ଥରେ ଅପମିଶ୍ରଣ ହେଉଥିବା ବେଳେ ଆମେ ଲୋକମାନଙ୍କୁ ହାଣ୍ଡିରେ ପ୍ରସ୍ତୁତ ଦେଶୀ ଭଜା ମୁଢ଼ି ଦେଉଛୁ। ଘରେ ତିଆରି କରାଯାଉ ଥିବାରୁ ଏହି ମୁଢ଼ିର ଚାହିଦା ରହିଛି। ସେହିଭଳି ବର୍ତ୍ତମାନ ଚାହିଦା ବଢ଼ି ଯାଇଥିବାରୁ ଆଗାମୀ ଦିନରେ ମୁଢ଼ିର ଗୁଣବତ୍ତାରେ କୌଣସି ସାଲିସ ନ କରି ଗ୍ରାହକମାନଙ୍କୁ କିପରି ଦେଶୀ ମୁଢ଼ି ଯୋଗାଇ ଦିଆଯିବ ସେଥିପ୍ରତି ଯତ୍ନବାନ ରହିଛୁ। ରାଜ୍ୟର ପ୍ରତିଟି କୋଣ ଅନୁକୋଣରେ ବାରିପଦା ମୁଢ଼ି ବିକ୍ରି କରାଯିବା ନେଇ ଲକ୍ଷ୍ୟ ରହିଥିବା ସେ ପ୍ରକାଶ କରିଛନ୍ତି। ସଂଘର ମହିଳାମାନେ ଯେ, କେବଳ ମୁଢ଼ି ବ୍ୟବସାୟ କରୁଛନ୍ତି ତାହା ନୁହେଁ ଆମ୍ବୁଲ, ତେନ୍ତୁଳି, ସୋରିଷ ଆଦି ଦେଶୀ ଜିନିଷକୁ ପ୍ୟାକିଂ କରି ବିକ୍ରି ମଧ୍ୟ କରୁଛନ୍ତି। ବିଭିନ୍ନ ମହୋତ୍ସବରେ ଷ୍ଟଲ ଖୋଲି ଏମାନେ ବାରିପଦା ମୁଢ଼ି ସହିତ ମାଂସ ମଧ୍ୟ ବିକ୍ରି କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ୨୦୦୫ରେ ମୁଖ୍ୟମନ୍ତ୍ରୀ ଏହି ଗ୍ରାମକୁ ଆସି ବାରିପଦା ମୁଢ଼ି କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ମୁଢି ବ୍ୟବସାୟରୁ ବର୍ଷକୁ କୋଟିଏରୁ ଊର୍ଦ୍ଧ୍ୱ ରୋଜଗାର ହେଉଥିବା ମୟୂରଭଞ୍ଜ ମହିଳା ଆସୋସିଏଶନର ସଭାପତି ଇତିଶ୍ରୀ କବି ଓ ସମ୍ପାଦିକା କବିତା ବେହେରା କହିଛନ୍ତି।

- ୨୧ ଗ୍ରୁପ୍‌ର ୧୩୦ ମହିଳା ସାମିଲ
- କୋଣ ଅନୁକୋଣରେ ପହଞ୍ଚାଇବା ଲକ୍ଷ୍ୟ
- ବିନା ୟୁରିଆ, ସୋଢ଼ାରେ ପ୍ରସ୍ତୁତ ହେଉଛି

# ନିୟମ କୋହଳ ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ରାଜ୍ୟ ସରକାର ପୁନର୍ବାର ଟ୍ରାଫିକ ଧରପଗଡ଼ କଡାକଡି କରିଛନ୍ତି। ଦୁଇଥର ୩ ମାସ ଲେଖା ମହଲତ ଦେବା ପରେ ସରକାର ମାର୍ଚ୍ଚ ୧ ତାରିଖରୁ ପୁଣି କଠୋର ହୋଇଛନ୍ତି। ଟ୍ରାଫିକ ଧରପଗଡ଼ ଜୋରଦାର ହୋଇଥିବା ବେଳେ ଧରାପଡୁଥିବା ନିୟମ ଉଲ୍ଲଂଘନକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଟ୍ରାଫିକ ଧରପଗଡ କୋହଳ କରିବାକୁ କଂଗ୍ରେସ ଦାବି କରିଛି। ଯଥାଶୀଘ୍ର ସରକାର ନିଷ୍ପତ୍ତିର ପୁନର୍ବିଚାର କରିବା ସହ ଅନ୍ୟ ରାଜ୍ୟ ଭଳି ଜରିମାନା କମାଇବାକୁ ଦାବି କରାଯାଇଛି। ନଚେତ୍ ଆନ୍ଦୋଳନକୁ ଓହ୍ଲାଇବାକୁ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି ଯେ, ଟ୍ରାଫିକ ନିୟମ ଉଲ୍ଲଙ୍ଘନ ନାମରେ ସାଧାରଣ ଜନତାଙ୍କୁ ଅତ୍ୟାଚାର କରାଯାଉଛି। ପୋଲିସ ଓ ଆର.ଟି.ଓ. ଗାଡି ଚାଳକଙ୍କୁ ଯେଭଳି ବ୍ୟବହାର କରୁଛନ୍ତି ତାହା ହିଟ୍‌ଲରି ଶାସନ ଓ ଇଦ୍ ଅମିନ୍ ଶାସନକୁ ବଳି ଯାଇଛି। ଗାଡି ଚାଳକଙ୍କ ଉପରେ ଯେଉଁ ଜରିମାନା ଲାଗୁ କରାଯାଉଛି, ତାହା ଗାଡିର କ୍ରୟ ମୂଲ୍ୟ ଠାରୁ ଅଧିକ। ରୋଗୀ, ଛାତ୍ର, ପରୀକ୍ଷାର୍ଥୀ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯାଉଥିବା ଗାଡିକୁ ଅଟକାଇ ଗାଳିଗୁଲଜ କରିବା ସହ ଥାନାକୁ ଜବରଦସ୍ତ ନିଆଯାଉଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସ୍ପୃହଣୀୟ ନୁହେଁ। ଲୋକମାନେ ଭୋଟ ଦେଇ ବିଜେଡି ଓ ଭାଜପାକୁ ସରକାରରେ ବସାଇଛନ୍ତି। ମାତ୍ର ସରକାରକୁ ଆସିବା ପରେ ଲୋକମାନଙ୍କ ପ୍ରତି ଉଭୟ ଦଳ ଯେଭଳି ଅମାନୁଷିକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, ତାହା ଜନସାଧାରଣଙ୍କୁ ଅତିଷ୍ଠ କଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଯଦି ନିୟମ ପରିବର୍ତ୍ତନ ନ କରନ୍ତି ଏବଂ ପୋଲିସ ଓ ଆର.ଟି.ଓ. ତାଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ସଂଶୋଧନ ନ କରନ୍ତି, ତେବେ ଆର.ଟି.ଓ., କମିଶନର ଅଫିସ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସୁରେଶ ଚେତାବନୀ ଦେଇଛନ୍ତି। ସୁରଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ସରକାରୀ କର୍ମଚାରୀଙ୍କ ଖରାପ ବ୍ୟବହାରକୁ ସମର୍ଥନ କରାଯିବନି। ଭଦ୍ର ବ୍ୟବହାର ଲୋକଙ୍କୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଧନ ଜୀବନ ରକ୍ଷା କରିବା ସରକାରଙ୍କ ଦାୟିତ୍ୱ। ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହେବା ପରେ ରାଜ୍ୟରେ ୫୦ପ୍ରତିଶତ ଦୁର୍ଘଟଣା ହ୍ରାସ ପାଇଛି। ସମସ୍ତେ ନିୟମକୁ ପାଳନ କରିବା ଦରକାର ବୋଲି ସେ କହିଛନ୍ତି।

# ‘ଅଧିକାଂଶ ନାରୀ ନିର୍ଯାତନା ପ୍ରସଙ୍ଗରେ ବିଜେଡି ନେତା ସାମିଲ’

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ମହିଳାଙ୍କ ସହ ବଳାତ୍କାର, ଅସଦାଚରଣ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଭାବେ ଶାସକ ଦଳ ନେତା ଓ କର୍ମୀମାନେ ବିଭିନ୍ନ ବଳାତ୍କାର ଘଟଣାରେ ସାମିଲ ଥିବା ପ୍ରମାଣ ମିଳୁଛି। ଯାଜପୁର ଜିଲା କୁଆଖିଆ ରସୁଲପୁର ବ୍ଲକ ଅତଲପୁର ପଞ୍ଚାୟତର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଶାସକ ଦଳର ଜଣେ ସରପଞ୍ଚ ଏଭଳି କାଣ୍ଡ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, କ୍ଷମତାର ଅହଙ୍କାର ଓ ଔଦ୍ଧତ୍ୟତା ଶାସକ ଦଳର ପରିଚୟ। ଏହା ସମଗ୍ର ନାରୀ ସମାଜ ପ୍ରତି ଲଜ୍ଜାର ବିଷୟ। ପୀଡିତା ଜଣକ ଘରକୁ ଫେରିବା ପରେ ଘଟଣାକୁ ଥାନାରେ ଆପୋସ ବୁଝାମଣା କରି ରଫାଦଫା କରିବାକୁ ଶାସକ ଦଳ ନେତା ପ୍ରୟାସ ଚଳାଇଛନ୍ତି। ଏଥିଲାଗି ପୀଡିତାର ବାପାଙ୍କୁ ଧମକ ମିଳୁଛି। ଯାଜପୁର ଜିଲାରେ ବାରମ୍ବାର ଏଭଳି ସମ୍ବେଦନଶୀଳ ଘଟଣା ଘଟି ଚାଲିଛି। ଶାସକ ଦଳ ନେତା ଓ କର୍ମୀ ଏଭଳି କର୍ମରୁ ନିଜକୁ ଦୂରେଇ ନ ରଖିଲେ ଆଗାମୀ ଦିନରେ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି ଯେ, ଭାଜପା ନେତ୍ରୀ ସବୁବେଳେ ନାରୀଙ୍କୁ ନେଇ ଭୁଲ୍ ତଥ୍ୟ ଏବଂ ସମ୍ବେଦନହୀନ ମନ୍ତବ୍ୟ ରଖୁଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ସେ ଏଭଳି ମନ୍ତବ୍ୟ ରଖି ଆସୁଥିଲେ। ଲୋକମାନେ ଏହାକୁ ବୁଝିପାରି ନିର୍ବାଚନ ଫଳାଫଳରେ ତାହା ଦେଖାଇ ଦେଲେ ବୋଲି ସୁଲତା କହିଛନ୍ତି।






ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ୍ୟ ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମସରୁମ୍ ଅନୁଷ୍ଠାନ ପକ୍ଷରୁ ଫଟୋ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ସହଯୋଗରେ ଲୋକ କଳା, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା ୩୦।

## ପୋଲରୁ ଖସିଲା ଅଟୋ: ଚାଳକ ସମେତ ୫ ଗୁରୁତର



ମାହାଙ୍ଗା, ୨।୩(ସ୍ୱ.ପ୍ର.): କଟକ ଜିଲା ମାହାଙ୍ଗା ବ୍ଲକ ଅର୍ନ୍ତଗତ ପଞ୍ଚାମୁଣ୍ଡାଇ କେନାଲସ୍ଥିତ କୁସୁପୁର ପୋଲ ନିକଟରେ ସୋମବାର ଭାରସାମ୍ୟ ହରାଇ ଏକ ଅଟୋ କେନାଲକୁ ଖସିଯାଇଛି। ଫଳରେ ଚାଳକ ସମେତ ୫ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସାଲେପୁର ଥାନା ଅନ୍ତର୍ଗତ ସିମିଳିପଡା ଗ୍ରାମର ମୋହିଉଦ୍ଦିନ୍ ମହମଦ୍ (୭୦), ସୌକତ୍ ଅଲ୍ଲି(୭୦), ସେକ୍ ଫାରୁକ୍ ଖାଁ(୩୪), ସେକ୍ ଜାକିର୍(୪୫) ଓ ଅଟୋ ଚାଳକ ସେକ୍ ମୋତି(୨୭)। ଯାତ୍ରୀମାନେ ଯାଜପୁର ଜିଲା ବ୍ରହ୍ମବରଦାଠାରେ ଅନୁଷ୍ଠିତ ବିଶ୍ୱ ମୁସଲିମ ସମ୍ମିଳନୀରେ ଯୋଗଦେଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କୁସୁପୁର ପୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୁଲେରୋକୁ ସାଇଡ ଦେବାକୁ ଯାଇ ଅଟୋ ଭାରସାମ୍ୟ ହରାଇଥିଲା। ପୋଲରୁ ଖସିବା ପରେ ଅଟୋଟି ଫାରୁକ୍ ଓ ଜାକିରଙ୍କ ଉପରେ ପଡ଼ିଯିବାରୁ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ନିକଟସ୍ଥ ନଡ଼ିଆ ସାହାସପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଦିଆଯାଇଛି।

### ବିଶ୍ୱ ବନ୍ୟପ୍ରାଣୀ ଦିବସ

# ସଙ୍କଟରେ ବଜ୍ରକାପ୍ତା



**ମନୁଷ୍ୟ ଯୋଗୁ ହିଁ ଆଜି ବିଶ୍ୱର ବନ୍ୟପ୍ରାଣୀ ସଙ୍କଟରେ। କିନ୍ତୁ ଆମେ ମନେରଖିବା ଉଚିତ ଯେ, ବନ୍ୟପ୍ରାଣୀଙ୍କ ଅନୁପସ୍ଥିତି ପୃଥିବୀର ପରିବେଶ ସମ୍ବନ୍ଧୀୟ ସନ୍ତୁଳନକୁ ବିଗାଡ଼ିଦେବ। ବିଶ୍ୱର ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କ ଉଲ୍ଲେଖନୀୟ ଭୂମିକା ରହିଛି। ତେଣୁ ସେମାନଙ୍କ ସୁରକ୍ଷା ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମାର୍ଚ୍ଚ ୩ରେ ପାଳନ କରାଯାଉଛି ବିଶ୍ୱ ବନ୍ୟପ୍ରାଣୀ ଦିବସ। ଚଳିତବର୍ଷ ଏହି ଦିବସ ପାଳନର ଥିମ ରହିଛି 'ସଷ୍ଟେନିଂ ଅଲ୍ ଲାଇଫ ଅନ୍ ଆର୍ଥ' ଅର୍ଥାତ୍ 'ପୃଥିବୀର ସମସ୍ତ ଜୀବନକୁ ବଞ୍ଚାଇ ରଖିବା'। ଏହି ଥିମରେ ପୃଥିବୀପୃଷ୍ଠରେ ସମସ୍ତ ଜୀବନକୁ ସନ୍ତୁଳିତ କରି ସମସ୍ତଙ୍କ ମଙ୍ଗଳ ଉପଲକ୍ଷେ କାର୍ଯ୍ୟ କରିବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ସାଇଟିସ (CITES-କନଭେନଶନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେନଜଡ୍ ସ୍ପେସିସ୍) ତରଫରୁ ଆହ୍ୱାନ ଦିଆଯାଇଛି।**

ଅସମାପିକା ସାହୁ
ଭୁବନେଶ୍ୱର, ୨।୩(ବ୍ୟୁରୋ)

ମନୁଷ୍ୟର ଅତ୍ୟଧିକ ଲୋଭ ପାଇଁ ବନ୍ୟପ୍ରାଣୀଙ୍କ ଶିକାର ବଢ଼ିବାରେ ଲାଗିଛି। ଫଳରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ଦ୍ରୁତଗତିରେ କମିବାରେ ଲାଗିଛି। ସ୍ଥଳଭାଗରେ ଦାନ୍ତ ପାଇଁ ହାତୀ, ଛାଲ ପାଇଁ ବାଘ, ଶିଙ୍ଗ ପାଇଁ ଗଣ୍ଡା ଇତ୍ୟାଦି ଅଧିକ ଶିକାର କରାଯାଉଛି। ତେବେ ସାରା ବିଶ୍ୱରେ ସର୍ବାଧିକ ଶିକାର ହେଉଥିବା ପ୍ରାଣୀଟି ହେଲା ବଜ୍ରକାପ୍ତା।

ଓଡ଼ିଶାରେ ମଧ୍ୟ ବଜ୍ରକାପ୍ତା ଚୋରା କାରବାର ବହୁତ ହେଉଛି। ବନ୍ୟପ୍ରାଣୀ ଚୋରା କାରବାର ପାଇଁ ଇଣ୍ଟରନେଟ୍ ଏକ ମାଧ୍ୟମ ସାଜିଛି। ଦଲାଲମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ନିରୀହ ଲୋକଙ୍କୁ ଟାର୍ଗେଟ୍ କରିଥାନ୍ତି। ଏମାନେ ଜଙ୍ଗଲରୁ ବଜ୍ରକାପ୍ତା ଖୋଜନ୍ତି, ଧରନ୍ତି ଓ ଦଲାଲଙ୍କୁ ମାତ୍ର ଅଳ୍ପ ଟଙ୍କାରେ ଦେଇଥାନ୍ତି। ଏହାପରେ ଦଲାଲମାନେ ଅନ୍ୟ ରାଜ୍ୟରେ ଥିବା ର୍ୟାକେଟ୍‌ର ସଦସ୍ୟଙ୍କୁ ହସ୍ତାନ୍ତର କରିଥାନ୍ତି। ବଜ୍ରକାପ୍ତାର କାତି, ମାଂସ ପାଇଁ ଏହାର ଚାଲାଣ ହୋଇଥାଏ। ବିଶେଷକରି ଏହାର କାତିକୁ ଚାଇନା, ଭିଏତନାମ, ମ୍ୟାନମାର୍ ଭଳି ଦେଶକୁ ଅଧିକ ଚାଲାଣ କରାଯାଉଛି। କାରଣ ବଜ୍ରକାପ୍ତା କାତିରୁ ପାରମ୍ପରିକ ଔଷଧ ପ୍ରସ୍ତୁତ ହୋଇଥାଏ। ଏହାଛଡ଼ା ବିଭିନ୍ନ ଅଳଙ୍କାର ମଧ୍ୟ ପ୍ରସ୍ତୁତ ହୋଇଥାଏ।

### ଓଡ଼ିଶା ଉପରେ ଦଲାଲଙ୍କ ନଜର

ବିଶ୍ୱରେ ଚୋରା ଚାଲାଣ ହେଉଥିବା ବନ୍ୟପ୍ରାଣୀଙ୍କ ମଧ୍ୟରେ ବଜ୍ରକାପ୍ତା ଅନ୍ୟତମ। ଭାରତରେ ତିନି ପ୍ରକାର ବଜ୍ରକାପ୍ତା ଦେଖାଯାଆନ୍ତି। ଓଡ଼ିଶାରେ ଯେଉଁ ବଜ୍ରକାପ୍ତା ଦେଖାଯାଆନ୍ତି, ତାହା ଆକାରରେ ବଡ଼ ଥାଏ; ଯାହାଫଳରେ ଏଥିରୁ ଅଧିକ ଟଙ୍କା ମିଳିଥାଏ। ଏହାଛଡ଼ା ଏଠାରେ ସୁରକ୍ଷା ଦିଗରେ ଅଧିକ ଦୃଷ୍ଟି ଦିଆଯାଉ ନ ଥିବାରୁ ଦଲାଲଙ୍କ ନଜର ଓଡ଼ିଶା ଉପରେ ପଡ଼ୁଛି।

### ଅଭୟାରଣ୍ୟରେ ଅବାଧ ଚଳପ୍ରଚଳ ବନ୍ଦ କରିବାକୁ ପଡ଼ିବ

ବନ୍ୟପ୍ରାଣୀ ବିଶେଷଜ୍ଞ ଲାଲା ଏ.କେ. ସିଂ କୁହନ୍ତି, ଓଡ଼ିଶାରେ କେତେ ବଜ୍ରକାପ୍ତା ଅଛନ୍ତି ତାହା ଜଣାପଡ଼ି ନାହିଁ। କାରଣ ଏମାନେ ଗାତ ଭିତରେ ରୁହନ୍ତି। ସନ୍ଧ୍ୟା ହେଲେ ବାହାରକୁ ବାହାରନ୍ତି। ତେବେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଜବତ ହୋଇଥିବା ଘଟଣାକୁ ଦେଖିଲେ ସେମାନଙ୍କ ଉପସ୍ଥିତି ଅଧିକ ବୋଲି ଜଣାପଡୁଛି। ବଜ୍ରକାପ୍ତା ଚୋରା କାରବାର କରୁଥିବା ର୍ୟାକେଟ୍ ବହୁତ ଲମ୍ବା। ଏହାକୁ ରୋକିବାକୁ ହେଲେ ପ୍ରଥମେ ଅଭୟାରଣ୍ୟକୁ ଅବାଧ ଚଳପ୍ରଚଳ ବନ୍ଦ କରିବାକୁ ପଡ଼ିବ। ଯେଉଁମାନଙ୍କୁ ଏହି ଚାଲାଣରେ ଗିରଫ କରାଯାଉଛି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

### ବନବିଭାଗ ଏ ଦିଗରେ ଦୃଷ୍ଟିଦେବା ଉଚିତ

ନିକଟରେ ୱାଇଲ୍ଡଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି)ର ଏଡିଜି ତିଲୋତ୍ତମା ବର୍ମା ଭୁବନେଶ୍ୱରକୁ ଆସିଥିଲେ। ଏହି ସମୟରେ ସେ କହିଥିଲେ ଯେ, ବଜ୍ରକାପ୍ତା ଏକ ଅତି ବିଲୁପ୍ତ ପ୍ରାଣୀ। ପ୍ରଥମେ ଏହାର କାତି ଚୋରା କାରବାର ହେଉଥିଲା। ବର୍ତ୍ତମାନ ଏହା ଜୀବନ୍ତ ଚୋରାଚାଲାଣ ହେଉଛି। ଓଡ଼ିଶାର ବନ ବିଭାଗକୁ ଏ ଦିଗରେ ଦୃଷ୍ଟି ଦେବାକୁ ପଡ଼ିବ। ଏହି ଅତି ବିଲୁପ୍ତ ପ୍ରାଣୀକୁ କିପରି ସୁରକ୍ଷା ଦିଆଯାଇପାରିବ ଓ ସଂରକ୍ଷଣ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନେବା ଜରୁରୀ।

### ଚାଇନାକୁ ହେଉଛି ଚାଲାଣ

ଓଡ଼ିଶାର ଆଠଗଡ଼ଠାରୁ ଆରମ୍ଭ କରି ଢେଙ୍କାନାଳ, ଅନୁଗୋଳ, ମୟୂରଭଞ୍ଜ, ମାଲକାନଗିରି ଆଦି ଜିଲାରୁ ଜବତ ହୋଇଛି ବଜ୍ରକାପ୍ତା। କେବଳ ଉପକୂଳ ଓଡ଼ିଶାକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ସବୁ ଅଞ୍ଚଳରେ ବଜ୍ରକାପ୍ତାର ଉପସ୍ଥିତି ରହିଛି। ଏମାନେ ବହୁତ ଶାନ୍ତ ସ୍ୱଭାବର ପ୍ରାଣୀ ହୋଇଥିବାରୁ ଏହା ଚାଲାଣ କରିବାକୁ ସହଜ ହୋଇଥାଏ। ଓଡ଼ିଶାରୁ ପଶ୍ଚିମବଙ୍ଗ ଯିବାପରେ ସେଠାରୁ ଚାଇନାକୁ ଯାଉଛି।



### କୋଡ୍ ୱାର୍ଡରେ ହୋଇଥାଏ ଡିଲ୍

ଗତ ଡିସେମ୍ବର ୧ରେ ଆଠଗଡ଼ ଡିଭିଜନ୍‌ରୁ ବଜ୍ରକାପ୍ତା ଚୋରାଚାଲାଣ କରୁଥିବା ଏକ ବଡ଼ ର୍ୟାକେଟ୍‌କୁ ବନବିଭାଗ ଧରିଥିଲା। ଏଥିରେ ଗିରଫ ହୋଇଥିବା ବ୍ୟକ୍ତିଙ୍କଠାରୁ ବଜ୍ରକାପ୍ତାକୁ କିପରି ଚାଲାଣ କରାଯାଏ, ତା'ର ତଥ୍ୟ ଜାଣିବାକୁ ପାଇଥିଲା ବନ ବିଭାଗ। କୋଡ୍ ୱାର୍ଡରେ ଦଲାଲଙ୍କ ସହିତ ଡିଲ ହୋଇଥାଏ ବୋଲି ଜଣାପଡ଼ିଥିଲା। ଯେଉଁମାନେ ବଜ୍ରକାପ୍ତାକୁ ସଂଗ୍ରହ କରନ୍ତି, ସେମାନେ ଭିଡିଓ ପ୍ରସ୍ତୁତ କରି ଦଲାଲଙ୍କ ପାଖକୁ ପଠାନ୍ତି। ଉକ୍ତ ଭିଡିଓରେ ସେମାନେ ବଜ୍ରକାପ୍ତା ଉପରେ ଟଙ୍କା ରଖି ତା'ର ଓଜନର ସୂଚନା ଦେଇଥାନ୍ତି। ଯଦି ୧୦ଟଙ୍କା ରଖିଥିବେ ତେବେ ତାହା ୧୦କେଜି ବୋଲି ସୂଚନା ଯାଇଥାଏ। ସ୍କେଲ୍ ରଖାଯାଇ କାତିର ମାପ ମଧ୍ୟ ଦେଖାଇଥାନ୍ତି। ଏସବୁ ଦେଖିଲା ପରେ ଦଲାଲ ଏକ ଟଙ୍କା ଉକ୍ତ ଲୋକଙ୍କ ପାଖକୁ ପଠାନ୍ତି। ସେହି ଟଙ୍କାର ନମ୍ବର ଦଲାଲ ରଖିଥାନ୍ତି। ଟଙ୍କା ପାଇବା ପରେ ତାହାକୁ ବଜ୍ରକାପ୍ତା ଉପରେ ରଖି ପୁଣି ଭିଡିଓ ଦେଇଥାନ୍ତି। ସେଥିରୁ ଦଲାଲ ଜାଣେ ଯେ ତା' ପାଖରେ ବଜ୍ରକାପ୍ତା ରହିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



ସୁଜାତା



ଗଗନ



ସଞ୍ଜୟ



ଶଙ୍କର



ସରତ



ହୃଷିକେଶ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି ନିଖୁଣ କାରିଗରି

# ବୁଲିପାରିଲେନି ବୋଲି କାଠରେ ତିଆରି କଲେ ବିସ୍ମୟ

ସସ୍ମିତା ପାଇକରାୟ
ଭୁବନେଶ୍ୱର, ୨।୩(ବ୍ୟୁରୋ)

ପିଲାବେଳୁ ସ୍ୱପ୍ନ ଥିଲା ପ୍ୟାରିସ୍‌ର ଏଫିଲ୍ ଟାୱାର ଥରେ ଦେଖିବା, ଆଗ୍ରାର ତାଜମହଲ ଆଗରେ ଫଟୋ ଉଠାଇବା, ଆଉ ଇଜିପ୍ଟର ପିରାମିଡ୍ ବୁଲିବା। ହେଲେ ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଏହି ସ୍ୱପ୍ନ ସ୍ୱପ୍ନ ହୋଇ ରହିଗଲା। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଧାରୁ ପାଠ ଛାଡ଼ିବାକୁ ପଡ଼ିଥିଲା ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅନ୍ତର୍ଗତ କଣ୍ଟେଇକୋଳି ଗ୍ରାମର ଅରୁଣ ସାହୁଙ୍କୁ। ନିଜ ସ୍ୱପ୍ନ ପୂରଣ ହୋଇପାରି ନ ଥିଲେ ମଧ୍ୟ ସେହିସବୁ ସ୍ଥାନର ପ୍ରତିକୃତିକୁ ନିର୍ମାଣ କରିବାକୁ ସେ ସ୍ଥିର କରିଥିଲେ। ବାପା ଜଣେ କାଠ କାରିଗର। ତେଣୁ ପିଲାବେଳୁ କାଠ କାମ ସହ ଜଡ଼ିତ ଥିଲେ ଅରୁଣ। ଫଳରେ ସେ କାଠକୁ ଖୋଦେଇ କରି ସୃଷ୍ଟି କରିଛନ୍ତି ବିସ୍ମୟ। ଆଜି ତାଙ୍କ ଦ୍ୱାରା ନିର୍ମିତ ତାଜମହଲ, ପ୍ରସିଦ୍ଧ ପିରାମିଡ୍, ଏଫିଲ୍ ଟାୱାର ଦେଖଣାହାରିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ତାଙ୍କ ନିଖୁଣ କାରିଗରି ଓ ହାତର ଯାଦୁରେ ସ୍ୱପ୍ନ ନେଇଛି ବାସ୍ତବ ରୂପ। ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଅରୁଣଙ୍କ କାରିଗରି ଦେଖିବାକୁ ପ୍ରବଳ ଭିଡ଼ ଜମୁଛି। ଅରୁଣଙ୍କ ବାପା କାଠରେ ବିଭିନ୍ନ ଘରୋଇ ଆସବାବପତ୍ର ପ୍ରସ୍ତୁତ କରୁଥିବାବେଳେ ଅରୁଣ କିନ୍ତୁ କିଛି ଭିନ୍ନ କରିବାକୁ ଚାହିଁଥିଲେ। ଅରୁଣଙ୍କ ଦ୍ୱାରା ନିର୍ମିତ ଓଡ଼ିଶା ବିଧାନସୌଧ, ଧଉଳି ଶାନ୍ତିସ୍ତୂପ, ଦିଲ୍ଲୀର ଇଣ୍ଡିଆ ଗେଟ୍, ବମ୍ବେର ଗେଟ୍ ୱେ ଅଫ୍ ଇଣ୍ଡିଆ ଆଦିର ନିଖୁଣ କଳାକୃତିକୁ ଦେଖିଲେ ଏହା ପ୍ରତିକୃତି ନୁହେଁ ବରଂ ସତ ମନେହେଉଛି। ଆଗାମୀଦିନରେ କାଠରେ ସେ ଭାରତର ପାର୍ଲାମେଣ୍ଟ ହାଉସ୍ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଖୁବ୍‌ଶୀଘ୍ର ଏହା ସମ୍ପୂର୍ଣ୍ଣ ହେବ ବୋଲି ଅରୁଣ କହିଛନ୍ତି।

ଅରୁଣଙ୍କୁ ନିଜ କାରିଗରିର ରହସ୍ୟ ସମ୍ପର୍କରେ ପଚାରିବାରେ ସେ କହିଥିଲେ, ଏହି ସବୁ ସ୍ଥାନ ବୁଲିବା ପିଲାବେଳୁ ମୋର ସ୍ୱପ୍ନ ଥିଲା। ହେଲେ ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଯୁକ୍ତ ୨ ପରେ ଆଉ ପାଠ ପଢ଼ିପାରି ନ ଥିଲି। ତେଣୁ ଏସବୁ ସ୍ଥାନ ବୁଲିବି ବୋଲି ଆଶା ଛାଡିଦେଲି। ହେଲେ ନିଜେ ଦେଖିବା ପାଇଁ କାଠରେ ସବୁର ମିନିଏଚର୍ କଲି। ସମସ୍ତେ ଭଲ କହିବାରୁ ଏବେ ନୂଆ ନୂଆ ଡିଜାଇନ୍ କରୁଛି। ବାଘ ନ ଦେଖିଲେ ବିଲେଇ ଦେଖ ଭଳି ଏହା ମୋ ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି। ଏବେ କାଠରେ ସମସ୍ତ ବିଶ୍ୱ ଐତିହ୍ୟସ୍ଥଳୀ ଏବଂ ସପ୍ତାଶ୍ଚର୍ଯ୍ୟର ପ୍ରତିକୃତି ନିର୍ମାଣ କରି ଭୁବନେଶ୍ୱରରେ ଏକ ମ୍ୟୁଜିୟମ୍ କରିବାକୁ ଭାବୁଛି। ଯଦି ସରକାରଙ୍କଠାରୁ ଆର୍ଥିକ ସହାୟତା ମିଳନ୍ତା, ତାହେଲେ ମ୍ୟୁଜିୟମ୍ ସ୍ୱପ୍ନ ପୂରଣ ହୁଅନ୍ତା। ରାଜ୍ୟ ଏବଂ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ତାହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟନ୍ତା।

# ଫଟୋ ଉଠାଇ ସ୍ମୃତି ସାଉଁଟିଲେ ପରୀକ୍ଷାର୍ଥୀ

## ସରିଲା ମାଟ୍ରିକ ପରୀକ୍ଷା, ଫଳାଫଳକୁ ଅପେକ୍ଷା



ଭୁବନେଶ୍ୱର, ୨।୩(ବ୍ୟୁରୋ): ସୋମବାର ସରିଛି ମାଟ୍ରିକ ପରୀକ୍ଷା। ଏବେ ଅପେକ୍ଷା ଫଳାଫଳ କେବେ ବାହାରିବ। ତେବେ ପରୀକ୍ଷା ସାରି ଫେରିବା ପରେ ଛାତ୍ରୀଛାତ୍ରଙ୍କ ମନରେ ଏକ ଅଲଗା ଖୁସି ଦେଖିବାକୁ ମିଳିଥିଲା। ଏକ ବଡ଼ ଚିନ୍ତା ପଳେଇଗଲା ବୋଲି ଅନେକ ଛାତ୍ରୀଛାତ୍ର କହିଛନ୍ତି। ସେପଟେ ନିଜ ସାଙ୍ଗଙ୍କୁ ମନେରଖିବା ପାଇଁ ଦେଖାଯାଇଥିଲା ଏକ ନିଆରା ଦୃଶ୍ୟ। କେତେଜଣ ଛାତ୍ରୀ ନିଜ ସାଙ୍ଗଙ୍କ ସ୍କୁଲ ଡ୍ରେସ୍‌ରେ ଦସ୍ତଖତ କରିବା ସହିତ 'ଆଇ ଲଭ୍ ୟୁ', 'ମିସ୍ ୟୁ' ଲେଖିଥିଲେ। ଆଉ କିଛି ଗ୍ରୁପ୍ ଫଟୋ ଉଠାଇ ସ୍ମୃତି ସାଉଁଟୁଥିଲେ ତ ଆଉ କେହି ସାଙ୍ଗମାନଙ୍କ ସହିତ ମିଶି ନାଚୁଥିଲେ। ପରୀକ୍ଷା ସରିବା ପରେ କିଭଳି ଅନୁଭବ କରୁଛନ୍ତି ତାହା ଜଣାଇଥିଲେ କେତେଜଣ ଛାତ୍ରୀଛାତ୍ର।



"ପ୍ରଥମ ଦିନ ପରୀକ୍ଷା ଦେବାକୁ ଆସିଲା ବେଳେ ବହୁ ଚିନ୍ତା ଥିଲା। ଧୀରେ ଧୀରେ ଗୋଟେ ଗୋଟେ ବିଷୟରେ ପରୀକ୍ଷା ଦେବା ପରେ ତାହା କମି କମି ଯାଇଥିଲା। ଆଉ ଶେଷ ଦିନ ପରୀକ୍ଷା କିପରି ଶୀଘ୍ର ସରିବ ତାହା ଅପେକ୍ଷା ଥିଲା। ପରୀକ୍ଷା ଭଲ ହୋଇଛି। ଆଶା କରୁଛି ମୋର ସର୍ବମୋଟ ୮୫ପ୍ରତିଶତ ରହିବ।
– ମାମା ମାଳୀ, ଛାତ୍ରୀ



"ସବୁ ବିଷୟରେ ପରୀକ୍ଷା ଭଲ ହୋଇଛି। ମୋର ୯୦ପ୍ରତିଶତ ନମ୍ବର ରହିବ ବୋଲି ମୁଁ ଆଶା କରୁଛି। ତେବେ ଖାତାଦେଖା ଉପରେ ଏହା ନିର୍ଭର କରେ। ଏବେ ସାଙ୍ଗମାନଙ୍କ ସହିତ ବୁଲିବା ସହିତ ବାହାରେ ଖାଇବା ପାଇଁ ଯିବି।
– ନିଳୟ ରଞ୍ଜନ ପ୍ରଧାନ, ଛାତ୍ର



"ଶେଷ ଦିନ ବହୁତ ଭଲରେ କଟିଛି। ସବୁ ବିଷୟରେ ପରୀକ୍ଷା ଭଲ ହୋଇଛି। କିନ୍ତୁ ଖାତା ଦେଖା କିପରି ହେବ ତାହା ଜଣାନାହିଁ। ଏବେ ଫଳାଫଳକୁ ଅପେକ୍ଷା। ମୋର ୯୦ପ୍ରତିଶତ ରହିବ ବୋଲି ମୁଁ ଭାବୁଛି। ପରୀକ୍ଷା ସରିଲେ କିପରି ସାଙ୍ଗସାଥୀଙ୍କ ସହ ବୁଲିବା ପାଇଁ ଚିନ୍ତା କରୁଥିଲି।
– ମୁରଲୀଧର ପତି, ଛାତ୍ର



"ପରୀକ୍ଷା ଭଲ ହୋଇଛି। ସବୁ ବିଷୟରେ ଉଭୟ ଅବ୍‌ଜେକ୍ଟିଭ୍ ଓ ସବ୍‌ଜେକ୍ଟିଭ୍ ପ୍ରଶ୍ନ ଭଲ ପଡ଼ିଥିଲା। ତେବେ ମାର୍କ କେମିତି ଦିଆଯିବ ତାହା ଜାଣିନି। ଏବେ ରେଜଲ୍ଟକୁ ଅପେକ୍ଷା। ମୋର ଆଶା ୯୦ପ୍ରତିଶତ ରହିବ। ଏବେ ଟିଭି ଦେଖିବା ସହିତ ସାଙ୍ଗମାନଙ୍କ ସହିତ ଟିକେ ସମୟ ବିତାଇବି।
– ଚନ୍ଦନା ଦାସ, ଛାତ୍ରୀ



ସୋମବାର କଟକ ରେଭେନ୍‌ଶା ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ଉଲ୍ଲାସର ସହ ଫେରୁଛନ୍ତି ଛାତ୍ରୀଛାତ୍ର।



ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରୁ ପରୀକ୍ଷା ଶେଷ ହେବା ପରେ ଛାତ୍ରୀମାନେ ଫଟୋ ଉଠାଉଛନ୍ତି।



"ଆମେ ରାତିରେ ଆକାଶରେ ଅସଂଖ୍ୟ ତାରା ଦେଖିବାକୁ ପାଉ, କିନ୍ତୁ ସୂର୍ଯ୍ୟ ଉଦୟପରେ ସେଗୁଡ଼ିକ ଦେଖାଯାଆନ୍ତି ନାହିଁ। ତେଣୁ ହେ ମାନବ! ତୁମ୍ଭର ଅଜ୍ଞତା ଯୋଗୁ ତୁମ୍ଭେ କୁହ ନାହିଁ ଯେ ଈଶ୍ୱର ନାହାନ୍ତି।
- -ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ମୃତ୍ୟୁ

**ନରସିଂହପୁର, ୨।୩ (ସ୍ୱ.ପ୍ର./ଡି.ଏନ୍.ଏ.):** କଟକ ଜିଲା ନରସିଂହପୁର ଥାନା ଅଞ୍ଚଳରେ ସୋମବାର ପୋଖରୀରେ ବୁଡ଼ି ୨ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦେବଭୂମି ପଞ୍ଚାୟତ ଅନ୍ତର୍ଗତ ଭୁକ୍ଷା ଗ୍ରାମର ଶିବସୁନ୍ଦର ପ୍ରଧାନଙ୍କ ଝିଅ ଶ୍ରଦ୍ଧା(୯) ଓ ରଙ୍ଗଡାବ ଗ୍ରାମର ସୁଧୀର ସାହୁଙ୍କ ଝିଅ ପୂଜା(୯)। ଉଭୟ ସମ୍ପର୍କରେ ମାମୁ ଝିଅ ଭଉଣୀ ହୋଇଥିବା ବେଳେ ୪ର୍ଥ ଶ୍ରେଣୀର ଛାତ୍ରୀ ଥିଲେ। ପୂଜା ୨ ଦିନ ପୂର୍ବେ ମାମୁ ଘରକୁ ବୁଲିବାକୁ ଆସିଥିଲେ। ସକାଳେ ଉଭୟ ଭଉଣୀ ଘର ନିକଟ ପୋଖରୀକୁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସେଠାରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ ହୋଇଛି।

### ହୋଟେଲରେ ଯୁବତୀଙ୍କୁ ବଳାତ୍କାର

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଏକ ହୋଟେଲରେ ରଖି ବଳାତ୍କାର କରିଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଯୁବତୀଙ୍କ ଘର କଳାପଥର ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ବିଭିନ୍ନ କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ଖଣ୍ଡଗିରି ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ଦେଖା ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକ ଜଣକ ବିବାହ ଆଳ ଦେଖାଇ ତାଙ୍କୁ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ହୋଟେଲକୁ ଡାକି ନେଇ ବଳାତ୍କାର କରିଥିବା ଯୁବତୀ ଜଣଙ୍କ ଅଭିଯୋଗ କରିଛନ୍ତି।

# ସୁପର ଫୁଡ୍ 'କଳା ଚାଉଳ'

ଧାନର ରଙ୍ଗ ଧଳା, ଭିତରେ ଚାଉଳ କଳା। କଳା ଚାଉଳର ଜନ୍ମ ସ୍ଥାନ ଚାଇନା। ପୃଥିବୀରେ ପ୍ରାୟ ୬୦ କିସମର କଳା ଚାଉଳ ଧାନ ଅଛି। ଚାଇନା, ଜାପାନ, ଫିଲିପାଇନ୍ସ, ଇଣ୍ଡୋନେସିଆ, ଥାଇଲାଣ୍ଡ, ପୂର୍ବ ଭାରତରେ ମଣିପୁର ଓ ଆସାମରେ କଳାଚାଉଳ ଧାନ ଚାଷ କରାଯାଏ। ମଣିପୁରରେ ୮/୯ କିସମର କଳାଧାନ ଚାଷ କରାଯାଏ, ଚାକାଓ ପୋରେଟନ୍ ଓ ଚାକାଓ ସେମ୍ପକ କିସମ କଳା ଧାନ ଅଧିକ ଜନପ୍ରିୟ। କଳା ଚାଉଳ ମୁଖ୍ୟତଃ ଅକାଣ୍ଡିଆ (unpolish)ରେ ବ୍ୟବହୃତ ହୋଇଥାଏ। ଚାଉଳ ଉପରେ ଥିବା ବୋଳରେ ହିଁ ପୁଷ୍ଟିସାର ଅଧିକ ଥାଏ।

ଚାଇନା ରାଜାମାନେ ୧୫୦ ଖ୍ରୀଷ୍ଟାବ୍ଦରୁ କଳାଚାଉଳ ଚାଷ କଲେଣି। ଚାଇନାର କିମ୍ବଦନ୍ତୀ କୁହେ, ମିଙ୍ଗ ରାଜତ୍ୱ (୧୩୬୮-୧୬୪୪ ) କାଳରେ ସାଧାରଣ ଚାଷୀ କଳାଧାନ ଚାଷ କରିବା ଏକ ଧର୍ତ୍ତବ୍ୟ ଅପରାଧ ଥିଲା। ସେତେବେଳେ ଏହି କିଷମ ଧାନକୁ ନିଷିଦ୍ଧ ଚାଉଳ (forbidden rice)ବା ସମ୍ରାଟଙ୍କ ଚାଉଳ ବୋଲି ବିବେଚନା କରାଯାଉଥିଲା।

ଭାରତରେ ୨୦ରୁ ଅଧିକ କିସମର କଳାଧାନ ଚାଷ କରାଯାଉଛି। ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ କଳାଭାତ ଓ କଳାବତୀ କିସମ ଚାଷ ଅଧିକ। କଳା ଚାଉଳ ଭାତର ରଙ୍ଗ ମଧ୍ୟ କଳା ବା ନାଲି ମିଶା କଳା ବାଇଗେଣିଆ ହେଇଥାଏ। କଳାଚାଉଳ ରୋଷେଇ ବେଳେ ବାସ୍ନା ହୁଏ, ଏହା ଏକ ବାସ୍ନା ଚାଉଳ, କଳାଚାଉଳରୁ ମୁଖ୍ୟତଃ ଭାତ, ଖିରି, ସାଲାଡ୍ ଡ୍ରେସିଂ, ପାଇସାମ୍ ବା ପ୍ଲେଟ୍‌ରେ ରନ୍ଧା ଖାଦ୍ୟ ସଜାଇବାରେ ବ୍ୟବହାର କରାଯାଇଥାଏ। ଅନ୍ୟ ଚାଉଳ ପରି ରନ୍ଧା ଭାତ ଗୋଟି ଗୋଟି ନ ହୋଇ ଜାଉଆ ହୋଇଥାଏ, ଖାଇବା ଥାଳିରେ ଲାଗିଯାଏ। ଚାଇନା, ଜାପାନ, ଭିଏତନାମ, ତାଇୱାନ ଭଳି ଦେଶଗୁଡ଼ିକରେ ସବୁ କିସମର ଚାଉଳ ଜାଉଆ। ସେମାନେ ଦୁଇଖଣ୍ଡ କାଠି ସାହାଯ୍ୟରେ ଖାଇଥାନ୍ତି। କାଠିରେ ଜାଉଆ ଭାତ ପାଟିକୁ ନେବା ସହଜ ହେଇଥାଏ। ଥାଇଲାଣ୍ଡରେ କଳାଧାନ କିସମକୁ ଜସମିନ୍ ରାଇସ୍ (jasmine rice) କହନ୍ତି। ରନ୍ଧାଭାତ ମଲିଫୁଲ ପରି ବାସେ। ଏହି କିସମ ଚାଉଳର ଭିତର ବି କଳା।




## କଳା ଚାଉଳର ବିଭିନ୍ନ ପୁଷ୍ଟିକର ଉପାଦାନ

ପ୍ରତି ୧୦୦ ଗ୍ରାମ୍ କଳା ଚାଉଳରେ ଆଣ୍ଟିଅକ୍ସିଡାଣ୍ଟ ୭-୩୨୮ ଏମଜି (ସାଇନ୍ଡିନ୍ -୩ ଗ୍ଲେକୋ ସାଇଡ୍ ଆନ୍ଥୋ ସାୟୋନିନ୍) ଏବଂ ଅନ୍ୟାନ୍ୟ ପୁଷ୍ଟିକାରକ ପଦାର୍ଥ ୯ରୁ ୧୪ ପ୍ରତିଶତ ରହିଛି। କଳାଚାଉଳ ଗ୍ଲୁଟେନ୍ ମୁକ୍ତ। ତେଣୁ ହଜମ ସହଜରେ ହୋଇଥାଏ। କୋଲେଷ୍ଟରଲ ମଧ୍ୟ ସାଧାରଣ କିସମ ଧଳାଚାଉଳଠାରୁ କମ୍। ଶର୍କରା ମାତ୍ରା ଖୁବ୍ କମ୍। ଏହି ଚାଉଳରେ ସାଧାରଣ ଚାଉଳଠାରୁ ରକ୍ତ ଶର୍କରା ସମସ୍ୟା ଖୁବ୍ କମ୍। ତେଣୁ ବହୁମୂତ୍ର ରୋଗୀମାନଙ୍କର ରୋଗ ନିୟନ୍ତ୍ରଣ ପାଇଁ କଳାଚାଉଳ ବିଶେଷ ଉପଯୋଗୀ।

ଚାଇନାର ଡାକ୍ତରମାନେ ରକ୍ତହୀନତା, ମୁଣ୍ଡ ବୁଲାଇବା, ଦୃଷ୍ଟିଶକ୍ତି ହ୍ରାସ, ମୁଣ୍ଡରୁ କେଶ୍ ଉପୁଡିବା, ହେପାଟାଇଟିସ୍, ସିରେସିସ୍ ଏବଂ ଅର୍ଶ ଭଳି ରୋଗ ଉପଶମ ପାଇଁ କଳାଚାଉଳ ବ୍ୟବହାର କରିବାକୁ ରୋଗୀଙ୍କୁ ପରାମର୍ଶ ଦେଇଥାନ୍ତି। କଳାଚାଉଳର ଗ୍ଲାଇସେମିକ୍ ସୂଚକାଙ୍କ-୪୨। ଏହା ଓଜନ କମାଇବା ଏବଂ ବହୁମୂତ୍ର ନିୟନ୍ତ୍ରଣ ପାଇଁ ବିଶେଷ ଉପଯୋଗୀ। ଅଧିକ ତନ୍ତୁ ଜାତୀୟ ପଦାର୍ଥ ଓ ଲୌହ ଲବଣ ଥିବା ଯୋଗୁ କର୍କଟ, ହୃଦ୍‌ରୋଗ, ଆଲଜିମର ରୋଗ (ବାର୍ଦ୍ଧକ୍ୟ) ଏବଂ ହୃଦ୍‌ଘାତ ନିୟନ୍ତ୍ରଣ ପାଇଁ ମଧ୍ୟ କଳା ଚାଉଳର ଭୂମିକା ଉଲ୍ଲେଖନୀୟ। ଏହି ସବୁ ଗୁଣଯୋଗୁ କଳା ଚାଉଳକୁ ସୁପର ଫୁଡ଼ (super food)ମଧ୍ୟ କୁହାଯାଏ।

## କଳା ଚାଉଳ ରୋଷେଇ ବିଧି

ଚାଉଳ ଉପରେ ବୋଳ ଥିବା ଯୋଗୁ କଳାଚାଉଳ ରାନ୍ଧିବାକୁ ବହୁ ସମୟ ଲାଗେ। ଏଥିପାଇଁ ରାତିରେ ଚାଉଳକୁ ପାଣିରେ ଭିଜାଇ ରଖି ସକାଳେ ରୋଷେଇ କରିବା। ସନ୍ଧ୍ୟା ଭୋଜନ ପାଇଁ କଳାଭାତ ବରାଦ ଥିଲେ, ଦିନ ୧୦/୧୧ଟାରୁ ଚାଉଳକୁ ପାଣିରେ ଭିଜାଇବା। ରୋଷେଇ ବେଳେ ଚାଉଳ ସହିତ ଭିଜାପାଣିକୁ ମଧ୍ୟ ବ୍ୟବହାର କରିବା। ଗୋଟିଏ କପ୍ ଚାଉଳ ପାଇଁ ୩କପ୍ ପାଣି ଦେଇ ପ୍ରେସର୍‌କୁକରରେ ୨୫/୩୦ ମିନିଟ୍ ସିଝାଇଲେ ନରମ ଭାତ ପାଇବା। ଖିରି ବା ଅନ୍ୟ କୌଣସି ରୋଷେଇ କରିବାର ଥିଲେ ଗୃହିଣୀମାନେ ସେମାନଙ୍କ ଅଭିଜ୍ଞତାରୁ ଠିକ୍ ରୋଷେଇ କରିପାରିବେ। ଏହି କିସମ ଧାନକୁ ଦେଶୀ ପ୍ରଣାଳୀ (ଜୈବିକ ପ୍ରଣାଳୀ)ରେ ଚାଷ କଲେ ଏଥିରେ ଭାରିଧାତୁ (Heavy metal)କିମ୍ବା କୀଟନାଶକ ମାତ୍ରା ଥିବାର ପ୍ରଶ୍ନ ଉଠିବ ନାହିଁ।

## କଳା ଧାନ ବିହନ, କଳା ଚାଉଳ ମିଳିବ କେଉଁଠୁ

ଆମ ରାଜ୍ୟର କେତେକ ସ୍ଥାନରେ କଳାଧାନ ଚାଷ କରାଯାଉଛି। କଟକ ଜିଲା ନିଆଳି ନିକଟ ନରିଶୋ ଗ୍ରାମରେ ଥିବା ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ର କଳାଭାତ ଓ କଳାବତୀ ଚାଷ କରେ। ଏହି କେନ୍ଦ୍ରରୁ ବିହନ ସଂଗ୍ରହ କରି ପ୍ରାୟ ୫୦ ଜଣ ଚାଷୀ ଚାଷ କରୁଛନ୍ତି। ସେଲର ଧାନ କଳରେ ପୋଷାଇବା ଦ୍ୱାରା ଚାଉଳର ବୋଳ ଅକ୍ଷତ ରହୁଛି। ଓଡ଼ିଶା ସରକାରଙ୍କ ପରମ୍ପରାଗତ କୃଷି ବିକାଶ ଯୋଜନାରେ ନିଆଳି ଲୋକ ସମବାୟ ପ୍ରତିଷ୍ଠାନ ଅନେକ ଚାଷୀଙ୍କୁ ସାମିଲ କରିଛି। ସେମାନେ କଳା ଚାଉଳ ରାଜ୍ୟ ପ୍ରଦର୍ଶନୀ, ଆଦିବାସୀ ମେଳା ଏବଂ କଟକ ଓ ଭୁବନେଶ୍ୱରର ଖାଉଟିମାନଙ୍କୁ ଯୋଗାଇବା ଆରମ୍ଭ କରିଛନ୍ତି। ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ର ପ୍ରତିବର୍ଷ ମାର୍ଚ୍ଚ ୨୭ରେ ଏକ ବିହନ ବଣ୍ଟନ ମେଳା ଆୟୋଜନ କରିଥାଏ। ଏହି ମେଳା ଦୁଇଦିନ ଧରି ଚାଲିଥାଏ। ମେଳାରେ ଓଡ଼ିଶାର ବିଭିନ୍ନ ଜିଲାର ଚାଷୀମାନେ କେନ୍ଦ୍ରରେ ପହଞ୍ଚି ବିହନ ଗ୍ରହଣ କରିଥାନ୍ତି।

ଆମ ରାଜ୍ୟରେ କଳାଚାଉଳର ପ୍ରଚାର ପ୍ରସାର ହେଲେ ବହୁମୂତ୍ର, କ୍ୟାନସର ଭଳି ମାରାତ୍ମକ ରୋଗ ନିୟନ୍ତ୍ରଣରେ ସହାୟକ ହେବ।




- ନଟବର ଷଡ଼ଙ୍ଗୀ
ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ର, ନିଆଳି
୯୯୩୭୬୨୦୮୮୩, ୯୯୩୮୪୦୪୭୬୬




ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବରେ ସୋମବାର ପରିବେଷିତ ହିନ୍ଦୀ ନାଟକ 'ଜାଲିଆନାୱାଲାବାଗ'ର ଏକ ଦୃଶ୍ୟ।

## ଦନ୍ତା ଆକ୍ରମଣରେ ଆହତଙ୍କ ଚିକିତ୍ସାରେ ଅର୍ଥ ବାଧକ

**ବଳଙ୍ଗା, ୨।୩(ଡି.ଏନ୍.ଏ)**

ଗତ ୨୩ତାରିଖରେ ପୁରୀ ଜିଲାର ବଳଙ୍ଗା, ପିପିଲି ଅଞ୍ଚଳରେ ଏକ ଦନ୍ତା ହାତୀ ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫ଜଣ ଗୁରୁତର ହୋଇଥିଲେ। ଏଥିରେ ବଳଙ୍ଗା ଥାନା ଅନ୍ତର୍ଗତ ତେରହଲ ଗ୍ରାମର ଛବି ଦେଈ(୪୭) ଗୁରୁତର ହୋଇଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏଥିପାଇଁ ଜିଲାପାଳ, ବନ ବିଭାଗ ଅଧିକାରୀଙ୍କ ନିକଟରେ ଚିକିତ୍ସା ନିମନ୍ତେ ଅର୍ଥ ଯୋଗାଇ ଦେବାକୁ ପରିବାରବର୍ଗ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଘଟଣାଦିନ ସକାଳୁ ଭାର୍ଗବୀ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଦନ୍ତା ଆକ୍ରମଣରେ ଗୁରୁତର ହୋଇଥିଲେ ଛବି। ଗ୍ରାମବାସୀ ପ୍ରଥମେ ତାଙ୍କୁ ସ୍ଥାନୀୟ ବଳଙ୍ଗା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ରୋଗୀ ଗୁରୁତର ଦର୍ଶାଇ ଡାକ୍ତର କଟକ ପଠାଇଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ପରିବାରବର୍ଗ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଛନ୍ତି। ବନ ବିଭାଗ ୨୪ ତାରିଖରେ ଚିକିତ୍ସା ପାଇଁ ୫ହଜାର ଟଙ୍କା ପ୍ରଦାନ କରିଛନ୍ତି। କିନ୍ତୁ ୯ ଦିନ ହେବ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଅବନତି ହେଉଛି। ଫଳରେ ପରିବାରଲୋକେ ଧାରକରଜ କରି ଏବଂ ଘରଡିହ ବନ୍ଧକ ରଖି ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଲେଣି। ପରେ ଡାକ୍ତରଙ୍କଠାରୁ ଅଧିକ ଖର୍ଚ୍ଚ ହେବ ଜାଣିବା ପରେ ଛବିଙ୍କ ପରିବାରଲୋକ ଚିନ୍ତାରେ ପଡ଼ିଯାଇଛନ୍ତି। ସରକାର ଚିକିତ୍ସା ଖର୍ଚ୍ଚ ବହନ ନ କଲେ ଅଧିକ ଚିକିତ୍ସା ସମ୍ଭବପର ହେବ ନାହିଁ ବୋଲି ତାଙ୍କ ପୁଅ ବିଭୂତି ପରିଡା ପ୍ରକାଶ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର, ଗ୍ରାମବାସୀ ଦାବି କରିଛନ୍ତି।



ଚିକିତ୍ସାଧୀନ ଛବି ଦେଇ

# ଆତୁଆଳରେ 'ଅଦିନ ମେଘ'ର ନାୟିକା

**ପୁରୀ ଅଫିସ, ୨।୩**

କୁନ୍ତଳା କୁମାରୀ ଆଚାର୍ଯ୍ୟ। ବୟସ ୯୦ ଛୁଇଁଲାଣି। ପୁରୀ ସହରସ୍ଥ ହାବେଳି ଗଳିରେ ରହୁଥିବା କୁନ୍ତଳା 'ଅଦିନ ମେଘ'ର ନାୟିକା ଭାବେ ବେଶ୍ ପରିଚିତା। ତାଙ୍କ ଲିଖିତ 'ଅଦିନ ମେଘ' ଉପନ୍ୟାସ ଆଧାରିତ ଚଳଚ୍ଚିତ୍ର ଏକଦା ଓଡ଼ିଶାରେ ବେଶ୍ ଚହଳ ସୃଷ୍ଟି କରିଥିଲା। ଏବେ ବି ପରିଣତ ବୟସରେ ଲେଖନୀ ଚାଳନାରେ ସେ ବ୍ରତୀ। କିନ୍ତୁ ଓଡ଼ିଆ ସାହିତ୍ୟର ବର୍ତ୍ତମାନ ସ୍ଥିତିକୁ ନେଇ ସେ ମନ ଉଣା କରନ୍ତି। ତାଙ୍କ ମତରେ ବର୍ତ୍ତମାନ ସାହିତ୍ୟରେ ସାମାଜିକ ମୂଲ୍ୟବୋଧ କିଛି ରହୁନାହିଁ। ଦୀନ, ଦୁଃଖୀ ଏବଂ ସମାଜର ଅବହେଳିତଙ୍କ କଥା ସାହିତ୍ୟିରେ ଲୋକଙ୍କୁ ଛୁଇଁ ପାରୁନାହିଁ। ବର୍ତ୍ତମାନର ସାମାଜିକ ଚଳଣି ଓ ବିକାଶକୁ ନେଇ ସାହିତ୍ୟ ସୃଷ୍ଟି ହେଉନାହିଁ। ତେଣୁ କୁନ୍ତଳାଙ୍କ ମନରେ କ୍ଷୋଭ ଆସୁଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ତା'ର ପ୍ରାଚୀନ ଦସ୍ତାବିଜ୍‌ଗୁଡ଼ିକ ଲୋକଲୋଚନକୁ ଆସିବ ବୋଲି ଯାହା ଆଶା କରାଯାଉଥିଲା ତାହା ସମ୍ଭବ ହେବାପରି ଲାଗୁ ନାହିଁ। ଆମର ପୁରାତନ ସାହିତ୍ୟ ବର୍ତ୍ତମାନର ଯୁବ ସମାଜ ପାଖରେ କିପରି ପହଞ୍ଚିବ, ତାହାର ଠିକ୍ ମୂଲ୍ୟାୟନ ହୋଇପାରିବ ଏବଂ ସେ ସମ୍ପର୍କରେ ସେମାନେ ଯେପରି ଅବଗତ ହେବେ ସେଥିପ୍ରତି ପ୍ରତ୍ୟେକ ଓଡ଼ିଆଙ୍କ ଦାୟିତ୍ୱ ରହିଛି ବୋଲି କହିଛନ୍ତି କୁନ୍ତଳା।

ଏହି ଲେଖିକାଙ୍କର ୧୮ ଖଣ୍ଡ ପୁସ୍ତକ ମଧ୍ୟରେ 'ଅଦିନ ମେଘ' ରାଷ୍ଟ୍ରପତି ପୁରସ୍କାର ପାଇ ଓଡ଼ିଆ ସାହିତ୍ୟର ଗୌରବ ବୃଦ୍ଧି କରିଥିଲା। 'ଅଦିନ ମେଘ' ଚଳଚ୍ଚିତ୍ରକୁ ବି ପ୍ରଶଂସା କରିଥିଲେ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। କୁନ୍ତଳାଙ୍କ ଏକ ପୁସ୍ତକ ମୁଖବନ୍ଧରେ ନନ୍ଦିନୀ ଲେଖିଥିଲେ, 'ଅଦିନ ମେଘ' ଚଳଚ୍ଚିତ୍ରର ସଫଳତା କୁନ୍ତଳାଙ୍କୁ ଯଥେଷ୍ଟ ଖ୍ୟାତି ଓ ସମ୍ମାନ ଆଣିଦେଇଛି।

କୁନ୍ତଳାଙ୍କ ଉପନ୍ୟାସ 'ଦୂର ଦିଗନ୍ତ', 'ଜୀବନ ମହାନିଶା', 'ଏକାନ୍ତ ଆପଣାର' 'ତା' ପରେ' ବହୁ ପାଠକୀୟ ଆଦୃତି ପାଇଛି। ତାଙ୍କର ଗଳ୍ପ ପୁସ୍ତକ 'ନୀଳ ଅନଳ', 'ହିସାବ ଖାତା' ଯେଉଁଭଳି ଓଡ଼ିଶାର ଗଳ୍ପ ଜଗତରେ ସ୍ମାରକୀ ହୋଇରହିଛି ସେହିଭଳି ତାଙ୍କ ଅନୁବାଦ ପୁସ୍ତକ 'ଶେଷରେ...', 'ଇଚ୍ଛା ନଈର ସୁଅ', 'ଅଲିଖିତ ଅନୁଲିପି' ଗୋଟିଏ ଗୋଟିଏ ସଫଳ କୃତି। କୁନ୍ତଳା ସାରା ଜୀବନ ସାହିତ୍ୟ ଓ ସମାଜସେବା ସହିତ ଜଡ଼ିତ ରହିଛନ୍ତି। ସୀମା ଆନ୍ଦୋଳନ, ଭୂଦାନ ଆନ୍ଦୋଳନ, ନାରୀଶିକ୍ଷା ଆନ୍ଦୋଳନରେ ପ୍ରତ୍ୟକ୍ଷ ସହଯୋଗ କରି ସେ ଜାନକୀଦେବୀ ବଜାଜ ପୁରସ୍କାର ଓ କସ୍ତୁରବା ଗାନ୍ଧୀ ସମ୍ମାନ ପାଇଛନ୍ତି। ଏହି ପ୍ରତିଭା ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଥିଲେ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ କିମ୍ବା ଓଡ଼ିଶା ସାହିତ୍ୟ ଏକାଡେମୀ ଏଯାଏ ତାଙ୍କୁ କୌଣସି ପୁରସ୍କାର ଦେଇ ନାହିଁ। ତଥାପି ମନରେ ଅବସୋସ କି ଅନୁତାପ ନାହିଁ, ଅଭିଯୋଗ ବି ନାହିଁ। କିପରି ଓଡ଼ିଆ ସାହିତ୍ୟ ପ୍ରତ୍ୟେକ ଓଡ଼ିଆଙ୍କ ପାଖରେ ଆଦୃତି ଲାଭ କରିବ ସେ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସହ ବାର୍ତ୍ତାଳାପ ବେଳେ କହି ସେ ବେଶ୍ ଭାବପ୍ରବଣ ହୋଇପଡ଼ିଥିଲେ। ତାଙ୍କର ସମସାମୟିକ ସାହିତ୍ୟିକ ଏମାର୍‌କେଆର୍ ଓଡ଼ିଆ ସାହିତ୍ୟର ସବୁ ବିଭାଗର ପ୍ରଚାର ପ୍ରସାର ହେବା ଉପରେ ଯେପରି ଗୁରୁତ୍ୱାରୋପ କରିଥିଲେ କୁନ୍ତଳା ମଧ୍ୟ ସେମିତି ମତ ରଖିଛନ୍ତି। କିନ୍ତୁ ଏଥିପାଇଁ କେବଳ ସରକାରୀ ପ୍ରୋତ୍ସାହନ ନୁହେଁ, ବେସରକାରୀସ୍ତରରେ ମଧ୍ୟ ସମସ୍ତେ ପ୍ରଯତ୍ନ ହେବା ଦରକାର ବୋଲି ସେ କହିଛନ୍ତି।

**ଅଣଦେଖା ପ୍ରତିଭା**



କୁନ୍ତଳା କୁମାରୀ ଆଚାର୍ଯ୍ୟ

**ସେ ହେଉଛନ୍ତି 'ଅଦିନ ମେଘ'ର ନାୟିକା। ତାଙ୍କ ଲିଖିତ 'ଅଦିନ ମେଘ' ଉପନ୍ୟାସ କେବଳ କାଗଜପୃଷ୍ଠାରେ ଆବଦ୍ଧ ନ ଥିଲା, ସମସ୍ତଙ୍କ ମନକୁ ଛୁଇଁ ପହଞ୍ଚିଥିଲା ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ। ଆଉ ଏହାର କାହାଣୀକୁ ନେଇ ତିଆରି ହୋଇଥିଲା ଲୋକପ୍ରିୟ ଚଳଚ୍ଚିତ୍ର 'ଅଦିନ ମେଘ'। କେବଳ ଏହି ଗୋଟିଏ ନୁହେଁ, ତାଙ୍କ କଲମ ମୁନରୁ ଝରିପଡ଼ିଛି ସାମାଜିକ ବାର୍ତ୍ତା ବହନ କରୁଥିବା ଅନେକ ସାହିତ୍ୟ କୃତି। ପରିଣତ ବୟସରେ ବି ଲେଖାଲେଖିରୁ ମୋହ ତୁଟାଇ ପାରି ନ ଥିବା ଏହି ପ୍ରତିଭା ହେଉଛନ୍ତି କୁନ୍ତଳା କୁମାରୀ ଆଚାର୍ଯ୍ୟ। ୧୮ଟି ପୁସ୍ତକର ଏହି ସ୍ରଷ୍ଟାଙ୍କ ଉପରେ କିନ୍ତୁ ଏପର୍ଯ୍ୟନ୍ତ ସାହିତ୍ୟ ଏକାଡେମୀର ଦୃଷ୍ଟି ପଡ଼ିନାହିଁ।**

## ଏନ୍‌ସିଇଆର୍‌ଟି ପୁସ୍ତକ ପ୍ରଚଳନ ଦାବି



**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଘରୋଇ ବିଦ୍ୟାଳୟରେ ଏନ୍‌ସିଇଆର୍‌ଟି ପୁସ୍ତକ ଲାଗୁ କରିବା ଦାବିରେ ଓଡ଼ିଶା ଅଭିଭାବକ ମହାସଂଘ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପସ ଅଫିସ ସମ୍ମୁଖରେ ଆମରଣ ଅନଶନ କରିଥିଲା। ପରେ ଜିଲାପାଳ ସିତାଂଶୁ ରାଉତଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଓ ଭୁବନେଶ୍ୱର ଶିକ୍ଷାଧିକାରୀ ସସ୍ମିତା ମାଳି ମହାସଂଘ ସହିତ ଆଲୋଚନା କରି ଦୁଇ ଦିନ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେବାରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।

ସୂଚନାଯୋଗ୍ୟ, ସୋମବାର ସକାଳ ୧୦ଟାରୁ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଲେଇ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ଶଙ୍କର ସାମନ୍ତରାୟ, ଉପାଧ୍ୟକ୍ଷ ନନ୍ଦ କିଶୋର ମଲ୍ଲିକ, ଶିଶିର ସାହୁ, ପ୍ରଶାନ୍ତ ବିଶୋଇଙ୍କ ନେତୃତ୍ୱରେ ଆମରଣ ଅନଶନ ଆରମ୍ଭ କରାଯାଇ ଥିଲା। ସଂଘ କର୍ମକର୍ତ୍ତାଙ୍କ କହିବାନୁଯାୟୀ, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାର ବିଭିନ୍ନ ସମୟରେ ତିନି ଥର ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ବେସରକାରୀ ବିଦ୍ୟାଳୟଗୁଡ଼ିକ ଏନ୍‌ସିଇଆର୍‌ଟି ପୁସ୍ତକ ଲାଗୁ କରିବାରେ ଅଣଦେଖା କରି ଆସୁଥିଲେ। ମହାସଂଘର ବାରମ୍ବାର ଆନ୍ଦୋଳନ ଓ ଦାବି ସତ୍ତ୍ୱେ ଘରୋଇ ବିଦ୍ୟାଳୟଗୁଡ଼ିକ ଚଳିତବର୍ଷ ପ୍ରାଇଭେଟ୍ ପବ୍ଲିକେଶନ୍ ପୁସ୍ତକ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ଦୃଢ଼ ବିରୋଧ କରି ମହାସଂଘ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କୁ କଡ଼ାକଡ଼ି ଏନ୍‌ସିଇଆର୍‌ଟି ପୁସ୍ତକ ଲାଗୁ କରିବା ପାଇଁ ଅନୁରୋଧ କରିଥିଲା। କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ମହାସଂଘ ଆମରଣ ଅନଶନ ପାଇଁ ନିଷ୍ପତ୍ତି ନେଇଥିଲା ବୋଲି ବାସୁଦେବ ଭଟ୍ଟ କହିଛନ୍ତି। ମହାସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ପାଇକରାୟ, କୋଷାଧ୍ୟକ୍ଷ ଦେବାଶିଷ ବସନ୍ତି, ସହ ଅଧ୍ୟକ୍ଷ ସତ୍ୟବ୍ରତ ପରିଜା, ଲିଲି ଜେନାମଣି, ଆଶୁତୋଷ ନନ୍ଦ ପ୍ରମୁଖ ଏହି ଅନଶନକୁ ପରିଚାଳନା କରିଥିଲେ।



ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥାପନ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର।
କେବଳ ଈଶ୍ୱର ବ୍ୟତୀତ ଅନ୍ୟ କାହାରି ନିକଟରେ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ, ପ୍ରତି
ମୁହୂର୍ତ୍ତ ହୋଇଥାନ୍ତା ଅଧିକ ସ୍ମରଣୀୟ;
ଯଦି ତୁମେ ଆଜି ଆମ ସାଥିରେ ଥାଆନ୍ତ,
ସ୍ମୃତି ହୋଇଥାନ୍ତା ଅଭୁଲା,
ସୂର୍ଯ୍ୟ ଏବେ ବି ଉଦୟ ହୁଏ ପୂର୍ବରେ,
ଆଉ ଅନ୍ଧକାର ହୁଏ ରାତିରେ;
ଅଥବା ସବୁକିଛି ସମାନ ଲାଗେନା ତୁମ
ଅନୁପସ୍ଥିତିରେ।
ତୁମେ ସର୍ବଦା ବାନ୍ଧି ରଖିଥିଲ ପରିବାରକୁ
ସ୍ନେହ ଓ ମମତାରେ;
ପ୍ରାର୍ଥନା ହେଉଛି ସର୍ବଶକ୍ତିମାନଙ୍କ
ପାଖରେ ସ୍ଥାନ ଦିଅନ୍ତୁ ସେ ସ୍ୱର୍ଗରେ।

# ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶୈଳବାଳାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨।୩ (ବ୍ୟୁରୋ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁସୂଦନ ନନ୍ଦଙ୍କ ଝିଅ ଏବଂ ଡ. ସୁରେଶ ଚନ୍ଦ୍ର ଦାଶଙ୍କ ସହଧର୍ମିଣୀ ଶୈଳବାଳା ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୁରୀ ନରେନ୍ଦ୍ରକୋଣ ସାହିସ୍ଥିତ ତାଙ୍କ ବାସଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନ୍ୟକୁ ସ୍ନେହ ଓ ସେବା କରିବାରେ ଶୈଳବାଳା ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ବହୁ ଲୋକହିତକର କାର୍ଯ୍ୟରେ ସେ ସାମିଲ ହୋଇଥିଲେ। ଶୈଳବାଳାଙ୍କ ସହ ପରିଚିତ ବହୁ ବ୍ୟକ୍ତି, ବନ୍ଧୁବାନ୍ଧବ ଓ ପରିବାରବର୍ଗ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମସ୍ତେ ଶୈଳବାଳାଙ୍କ ଗୁଣାବଳୀ, ସେବା କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।



ଶୈଳବାଳା ଦାଶ
(୫।୧୧।୧୯୫୨-୧୪।୩।୨୦୧୯)

# ପ୍ରଫେସର ସୂର୍ଯ୍ୟମଣି ବେହେରା ପାଇବେ ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ

**କଟକ ଅଫିସ,୨।୩:** ଲୋକପ୍ରିୟ ବିଜ୍ଞାନ ସାହିତ୍ୟର ସ୍ରଷ୍ଟା ପ୍ରଫେସର ସୂର୍ଯ୍ୟମଣି ବେହେରା ଅନନ୍ତ ପଟ୍ଟନାୟକ ଶିଶୁ ସାହିତ୍ୟ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୮ତାରିଖରେ ସୂତାହାଟସ୍ଥିତ କର ପ୍ୟାଲେସ୍‌ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଫେସର ବେହେରାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ତନୟାଦାସ ଗୋସ୍ୱାମୀଙ୍କୁ ନନ୍ଦ କିଶୋର ସାମଲ ସ୍ମୃତି ସମ୍ମାନ, ହେମନ୍ତ ଛୋଟରାୟଙ୍କୁ ଜୟକୃଷ୍ଣ ସାହୁ ଶିଶୁ ସାହିତ୍ୟ ସମ୍ମାନ, ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ପ୍ରଫେସର ଜଗମୋହନ ରାଠୋର ଶିଶୁ ସାହିତ୍ୟ ଗବେଷଣା ସମ୍ମାନ, ଇଂ. ବିଶ୍ୱରୂପ ସିଂଙ୍କୁ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଶିଶୁ ସାହିତ୍ୟ ସଙ୍ଗଠନ ସମ୍ମାନ, ଦେବରାଜ ମିଶ୍ରଙ୍କୁ ବିଦ୍ୟୁତ୍‌ଲତା-ସଚ୍ଚିଦାନନ୍ଦ ଶିଶୁସାହିତ୍ୟ ସମ୍ମାନ, ଶଶଧର ମହାନ୍ତୀଙ୍କୁ ସୂର୍ଯ୍ୟମଣି ସାମନ୍ତରାୟ ସ୍ମାରକୀ ସମ୍ପାଦନା ସମ୍ମାନ, ବିରଞ୍ଚି ନାରାୟଣ ଦାଶଙ୍କୁ ଘନଶ୍ୟାମ ପାଣି ସ୍ମାରକୀ ଯୁବ ପ୍ରତିଭା ସମ୍ମାନ, କୁମାରୀ ଶୁଭଲକ୍ଷ୍ମୀ ସାମନ୍ତରାୟଙ୍କୁ ଶୁକଦେବ ବାରିକ ସ୍ମାରକୀ ଶିଶୁପ୍ରତିଭା ସମ୍ମାନ, ସ୍ୱାଧୀନ ପ୍ରିୟଦର୍ଶନ ସାହୁଙ୍କୁ ସାବିତ୍ରୀ ମହାପାତ୍ର କଳାପ୍ରତିଭା ସମ୍ମାନ, ଅବିନାଶ ଭୁଜବଳଙ୍କୁ ମିହିର ସେନ୍ ସାହସିକ ସମ୍ମାନ ଓ ପ୍ରୀତି ପ୍ରଧାନଙ୍କୁ ଜୟକୃଷ୍ଣ ବେହେରା ସ୍ମାରକୀ ମେଧା ସମ୍ମାନ ପ୍ରଦାନ କରାଯିବ। ସମାରୋହରେ ଶିଶୁ କିଶୋର କବିତା ପାଠୋତ୍ସବ, ଶିଶୁ ସାହିତ୍ୟ ସମ୍ପର୍କରେ ଆଲୋଚନା ହେବ ବୋଲି ଓଡ଼ିଶା ଲେଖକ ସମ୍ମେଳନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଇଥିଓପିଆରେ ଥିଲେ ଅଧ୍ୟାପିକା, ଏବେ ଅସହାୟ

- ବଡଦାଣ୍ଡରୁ ଉଦ୍ଧାର ହେଲେ ଉଚ୍ଚ ଶିକ୍ଷିତା
- ଶିକ୍ଷାଗତ ଯୋଗ୍ୟତା ଏମ୍ଏସ୍‌ସି, ବିଏଡ୍
- ଓଡ଼ିଶା ଫେରିବା ପରେ ମାଡ଼ିଆସିଥିଲା ଦୁର୍ଦ୍ଦଶା



ଉଦ୍ଧାର ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲକ୍ଷ୍ମୀପ୍ରିୟା ମିଶ୍ର।

ପୁରୀ ଅଫିସ, ୨।୩

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସମେତ ପୁରୀ ସହର ହେବ ଭିକାରିମୁକ୍ତ। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୩ତାରିଖ ମଙ୍ଗଳବାରଠାରୁ ପ୍ରଶାସନ ପକ୍ଷରୁ ନୀଳାଦ୍ରି ନିଳୟ ଯୋଜନାରେ ଭିକାରିମାନଙ୍କୁ ଥଇଥାନ କରାଯିବ। ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ଆରମ୍ଭ ହେବାକୁ ଥିବା ଏହି ଯୋଜନାରେ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ୮ଟି ନୀଳାଦ୍ରି ନିଳୟ (ଭିକାରି ପୁନର୍ବାସ ଗୃହ) ନିର୍ମାଣ କରାଯିବ। ଏଠାରେ ଭିକାରିଙ୍କ ଲାଗି ରହିବା ଖାଇବା ସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବାକୁ ବ୍ୟବସ୍ଥା ହେବ। ଗୋଟିଏ ପଟେ ପ୍ରଶାସନ ଏଭଳି ପଦକ୍ଷେପ ନେବାକୁ ଯାଉଥିବାବେଳେ ଅନ୍ୟପଟେ ପୁରୀ ବଡଦାଣ୍ଡରେ ଅନେକ ଉଚ୍ଚଶିକ୍ଷିତ ବ୍ୟକ୍ତି ଭିକ୍ଷା ମାଗୁଥିବା ଜଣାପଡ଼ିଛି। ପାରିବାରିକ ଅଶାନ୍ତି କାରଣରୁ ହେଉ ଅଥବା ମାନସିକ ଭାରସାମ୍ୟ ହରାଇ କେତେଜଣ ବ୍ୟକ୍ତି ପୁରୀ ଚାଲିଆସୁଛନ୍ତି। ସେମାନେ ଅସହାୟ ଭାବେ କିଛିଦିନ ଏଣେତେଣେ ବୁଲିବା ପରେ ଜୀବିକା ନିର୍ବାହର କୌଣସି ମାଧ୍ୟମ ନ ପାଇ ଶେଷରେ ବଡଦାଣ୍ଡରେ ଭିକ୍ଷାବୃତ୍ତିକୁ ଆଦରି ନେଉଛନ୍ତି। କିଛିଦିନ ତଳେ ୨ଜଣ ଉଚ୍ଚଶିକ୍ଷିତ ବ୍ୟକ୍ତି ଭିକ୍ଷା ମାଗୁଥିବାବେଳେ ବଡଦାଣ୍ଡରୁ ଉଦ୍ଧାର ହୋଇଥିଲେ। ଏବେ ଏହି ତାଲିକାରେ ଆଉ ଏକ ନାଁ ଯୋଡ଼ି ହୋଇଯାଇଛି। ଭିକ୍ଷାବୃତ୍ତିକୁ ଆପଣେଇଥିବା ଜଣେ ପୂର୍ବତନ ଶିକ୍ଷୟିତ୍ରୀଙ୍କୁ ସୋମବାର ସନ୍ଧ୍ୟାରେ ବଡଦାଣ୍ଡରୁ ଉଦ୍ଧାର କରାଯାଇଛି।

## ଗଣିତ, ଇଂଲିଶରେ ଗଭୀର ଜ୍ଞାନ

ପ୍ରଥମେ ଜଣେ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଏବଂ ପରେ ଓଡ଼ିଶା ପ୍ରଶାସନିକ ସେବାରେ ବିଫଳ ହୋଇ ମାନସିକ ଭାରସାମ୍ୟ ହରାଇଥିବା ଯୁବକ ଭିକ ମାଗୁଥିବା ଅବସ୍ଥାରେ ବଡଦାଣ୍ଡରୁ ଉଦ୍ଧାର ହୋଇଥିଲେ। ଏହି ଦୁଇଟି ଘଟଣା ଚର୍ଚ୍ଚାକୁ ଆସିଥିଲା। ଉଭୟଙ୍କ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସେମାନଙ୍କ ପରିବାର ଓ ବନ୍ଧୁବାନ୍ଧବ ସହଯୋଗର ହାତ ବଢାଇଥିଲେ। ସୋମବାର ଜଣେ ଉଚ୍ଚଶିକ୍ଷିତା ବୟସ୍କା ମହିଳା ବଡଦାଣ୍ଡରେ ଦୀର୍ଘ ଦିନ ଧରି ଭିକ ମାଗୁଥିବା ଖବର ପ୍ରଚାରିତ ହେବା ପରେ ପୁରୀ ଲାୟନ୍ସ କ୍ଲବର କର୍ମକର୍ତ୍ତା ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ଏହି ମହିଳାଙ୍କ ନାମ ଲକ୍ଷ୍ମୀପ୍ରିୟା ମିଶ୍ର। ବୟସ ପ୍ରାୟ ୬୬। ଘର ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ହୋଇଥିବାବେଳେ ଶିକ୍ଷାଗତ ଯୋଗ୍ୟତା ଏମ୍ଏସ୍‌ସି, ବିଏଡ୍। ଗଣିତ ଓ ଇଂଲିଶରେ ତାଙ୍କର ଗଭୀର ଜ୍ଞାନ ରହିଛି। ସେ ପୁରୀ ସରକାରୀ ବାଳିକା ହାଇସ୍କୁଲରେ କିଛି ବର୍ଷ ଶିକ୍ଷକତା କରିଥିଲେ ବୋଲି ଜଣାପଡ଼ିଛି।

## ପଞ୍ଜାବ, ଗୁଜରାଟରେ ବି କରିଥିଲେ ଶିକ୍ଷକତା

ଇଥିଓପିଆର ଏକ କଲେଜରେ ଅଧ୍ୟାପିକା ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା। ତେଣୁ ସେ ଏଠାରୁ ଚାକିରି ଛାଡ଼ି ଇଥିଓପିଆ ଚାଲି ଯାଇଥିଲେ। ତାଙ୍କର ରସାୟନ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନରେ ରୁଚି ଥିଲା। ଏହି ଦୁଇଟି ବିଷୟରେ ମଧ୍ୟ ସେ ଭଲ ଶିକ୍ଷାଦାନ କରିପାରୁଥିଲେ। ସେଠାରେ ସେ ଶିକ୍ଷାଦାନର ସରଳୀକରଣ, ଛାତ୍ର ବତ୍ସଳତା କାରଣରୁ କମ୍ ଦିନରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତେବେ କିଛିବର୍ଷ ପରେ ଭାରତ ଫେରି ପଞ୍ଜାବର ଭଣ୍ଡିଡାସ୍ଥିତ ଏକ କଲେଜରେ ଅଧ୍ୟାପିକା ଭାବେ ଯୋଗଦେଇଥିଲେ। ପରେ ଗୁଜରାଟରେ ମଧ୍ୟ କିଛି ବର୍ଷ ରହି ଶିକ୍ଷକତା କରିଥିଲେ।

## ପୁଅକୁ ନ ପାଇ ମାନସିକ ଭାରସାମ୍ୟ ହରାଇଥିଲେ

ସ୍ୱାମୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କଥା ଶୁଣି ସେ ଗୁଜରାଟରୁ ଚାକିରି ଛାଡ଼ି ଘରକୁ ଫେରି ଆସିଥିଲେ। ତେବେ ସେତେବେଳକୁ ସ୍ୱାମୀ ଗୋପୀଚାନ୍ଦଙ୍କ ଦେହାନ୍ତ ହୋଇ ସାରିଥିଲା। ଏହାର ସୁଯୋଗରେ ସମ୍ପର୍କୀୟମାନେ ଚକ୍ରାନ୍ତ କରି ତାଙ୍କ ଜମିବାଡ଼ି ହଡ଼ପ କରିନେଇଗଲେ। ୧୩ବର୍ଷ ବୟସର ପୁଅକୁ ମଧ୍ୟ କେହି ଅପହରଣ କରି ନେଇଗଲେ। ଏଥିଯୋଗୁ ସେ ମାନସିକସ୍ତରରେ ଭାଙ୍ଗିପଡ଼ିଲେ। ପୁଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ପୁରୀରେ ପହଞ୍ଚିଥିଲେ। ସେବେଠୁ ଦୀର୍ଘ ୪ବର୍ଷ ହେଲାରେ ସେ ପୁରୀରେ ରହୁଛନ୍ତି। ମାନସିକ ଭାରସାମ୍ୟ ହରାଇବା ଯୋଗୁ କେଉଁଠି କିଛି କାମଧନ୍ଦା ନ ପାଇ ବଡଦାଣ୍ଡରେ ଘୁରି ବୁଲୁଥିଲେ। ଯେତେବେଳେ ଯିଏ ଯାହା ଦେଉଥିଲେ ତାକୁ ଖାଇ କ୍ଷୁଧା ମେଣ୍ଟାଉଥିଲେ। ଏଭଳି ସ୍ଥିତିରେ ସେ ନିଜ ଦୁଇ ଚକ୍ଷୁ ମଧ୍ୟ ହରାଇଛନ୍ତି।

## ମୁଁ ଭିକାରି ନୁହେଁ

ଲକ୍ଷ୍ମୀପ୍ରିୟା କହିଛନ୍ତି 'ମୁଁ ଭିକାରି ନୁହେଁ। ମୁଁ ଏଠି କାହାକୁ ଭିକ ମାଗେ ନାହିଁ। କେହି ଖୁସିରେ କିଛି ଦେଲେ ତାକୁ ଗ୍ରହଣ କରେ। ମହାପ୍ରଭୁ ଜଗନ୍ନାଥ ହିଁ ଭରସା। ତାଙ୍କ ଭରସାରେ ଏଠି ଦିନ କଟିଯାଉଛି। ମିଳିଲେ ଖାଉଛି, ନ ହେଲେ ଉପାସରେ ରହୁଛି।

## ଶ୍ରୀଜଗନ୍ନାଥଙ୍କୁ ଅନ୍ତର ଚକ୍ଷୁରେ ଦେଖୁଛି

ନିଜର ଦୁଇ ଚକ୍ଷୁ ହରାଇଛି। ଏଥିଲାଗି ମୁଁ ବିଚଳିତ ନୁହେଁ। ଏଠି ବସି ମହାପ୍ରଭୁଙ୍କ ଭଜନ ଶୁଣୁଛି। ତାଙ୍କ ନାମ ସ୍ମରଣ କରୁଛି। ଚକ୍ଷୁ ନ ଥିଲେ ମଧ୍ୟ ତାଙ୍କୁ ଅନ୍ତର ଚକ୍ଷୁରେ ଦେଖୁଛି। ମହାପ୍ରଭୁଙ୍କୁ ଦେଖିବା ଲାଗି ଆଖି ନୁହେଁ ଭକ୍ତି ଆବଶ୍ୟକ। ମହାପ୍ରଭୁ ଭକ୍ତର ଭାବକୁ ବୁଝନ୍ତି। ମୁଁ ଭୋକରେ ଥିଲେ, କେହି ବି ଆସି କିଛି ଦେଇଯାଆନ୍ତି। ଏହା ମୋ' ଅନୁଭବର କଥା। ପୁଅ ପାଇଁ ତାଙ୍କ ଉପରେ ପ୍ରଥମେ ଅଭିମାନ କରିଥିଲି। ଏବେ କିନ୍ତୁ ସବୁ ରାଗ ଅଭିମାନ ଛାଡ଼ି ତାଙ୍କୁ ସୁମରି ପଡ଼ିରହିଛି। ଦିନସାରା ମୁଣ୍ଡ ପୋତି ବ୍ୟାରିକେଡ ପାର୍ଶ୍ୱରେ ବସି ରହିଥାଏ। ଜପତପ ଓ ମହାପ୍ରଭୁଙ୍କ ଧ୍ୟାନରେ ମୋ' ଦିନ ବିତିଯାଏ। ଏପରି କୌଣସି ସମୟ ନାହିଁ, ମୁଁ ମହାପ୍ରଭୁଙ୍କୁ ସ୍ମରଣ କରେନାହିଁ। କାରଣ ଏ ଜଗତ ମିଥ୍ୟା, ସେ ହିଁ ସତ୍ୟ। ସେ ମୋର ଆରାଧ୍ୟ ଦେବତା କହି ଏକ ଭଜନ ଗାଇ ଲକ୍ଷ୍ମୀପ୍ରିୟା କାନ୍ଦି ଉଠିଥିଲେ।

## ସୁଯୋଗ ମିଳିଲେ ପାଠ ପଢ଼ାଇବି

ସମସ୍ୟା କାରଣରୁ ଅଧ୍ୟାପନାରୁ ବିଚ୍ୟୁତ ହୋଇଯାଇଥିଲି। ଶିକ୍ଷକତା ପ୍ରତି ମୋର ଦୁର୍ବଳତା ରହିଛି। ପୁଣି ସୁଯୋଗ ମିଳିଲେ, ପିଲାଙ୍କୁ ପାଠ ପଢାଇବି। ଗଣିତ, ଇଂଲିଶ ସହିତ ରସାୟନ ବିଜ୍ଞାନ ପାଠ ପଢାଇବାକୁ ମୋର ଆଗ୍ରହ ରହିଛି।

## ସହଯୋଗର ହାତ ବଢ଼ାଇଲା ଲାୟନ୍ସ କ୍ଲବ

ଲକ୍ଷ୍ମୀପ୍ରିୟାଙ୍କ ସମ୍ପର୍କରେ ଜାଣିବା ପରେ ପୁରୀ ଲାୟନ୍ସ କ୍ଲବର ସଦସ୍ୟ ଶିଳ୍ପପତି ବିଭୁଦତ୍ତ ସୁବୁଦ୍ଧି, ଅନିଲ କୁମାର ଦାଶ, ଅଜୟ ଦାଶ, ପ୍ରମୋଦ ସାହୁ ପ୍ରମୁଖ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ବିଭୁଦତ୍ତ କହିଛନ୍ତି, ଲାୟନ୍ସ କ୍ଲବର ଚକ୍ଷୁ ଚିକିତ୍ସାଳୟ ରହିଛି। ସେଠାରେ ତାଙ୍କ ଚକ୍ଷୁ ପରୀକ୍ଷା କରାଯିବ। ତାଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ।

# ଚେତିଲେନି, ଦ୍ୱିତୀୟ ଦିନରେ ବି ଗଣିଲେ

## ଘରୋଇ ଶିକ୍ଷାନୁଷ୍ଠାନର ୨ ବସ୍ ଜବତ, ୫୧ ହଜାର ଜରିମାନା

- ବିନା ଫିଟ୍‌ନେସ୍‌ରେ ଗଡୁଛି ଏକାଧିକ ଗାଡ଼ି
- ଅଧିକାଂଶ ରଙ୍ଗ୍ ସାଇଡ୍, ବିନା ହେଲ୍‌ମେଟ୍‌ରେ ଧରାପଡୁଛନ୍ତି
- ଭୁବନେଶ୍ୱରରେ ସାଢ଼େ ୮ଲକ୍ଷ ଟଙ୍କାର ଚାଲାଣ କଟାହେଲା

ଭୁବନେଶ୍ୱର,୨।୩(ବ୍ୟୁରୋ)

ସରକାର ଦେଇଥିବା ୬ମାସ ସମୟ ସରିବା ପରେ ରବିବାର ନୂଆ ମୋଟର ଯାନ ଆଇନକୁ କଡାକଡ଼ି କରାଯାଇଛି। ରବିବାର ପ୍ରଥମ ଦିନ ଯାଞ୍ଚରେ ରାଜଧାନୀରେ ପୋଲିସ ଓ ଆର୍‌ଟିଓ ପକ୍ଷରୁ ୭ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଏହାସତ୍ତ୍ୱେ ବେପରୁଆ ଗାଡ଼ି ଚାଳକଙ୍କ ଚେତା ପଶିଲାନି। ସୋମବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିନା ହେଲ୍‌ମେଟ ଓ ରଙ୍ଗସାଇଡ୍‌ରେ ଗାଡ଼ି ନେଇ ଯାଉଥିବା ଏକାଧିକ ଉଲ୍ଲଂଘନକାରୀ ଧରାପଡ଼ି ଜରିମାନା ଗଣିଛନ୍ତି। ପୋଲିସ ଓ ଆର୍‌ଟିଓ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କଡାକଡି କରାଯାଇଥିଲା। ତେବେ ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ଏବେ ବି ବିନା ରେଜିଷ୍ଟ୍ରେଶନ ଓ ଫିଟ୍‌ନେସ୍‌ରେ ରାଜଧାନୀରେ ବସ୍ ଗଡୁଛି। ସିଆର୍‌ପିଏଫ୍ ଛକରେ ଆର୍‌ଟିଓ ପକ୍ଷରୁ ଯାଞ୍ଚବେଳେ ଘରୋଇ ଶିକ୍ଷାନୁଷ୍ଠାନର ୨ ବସ୍ (ଓଆର-୦୨ଏଭି-୧୩୦୬), (ଓଆର-୦୨ବିସି-୫୩୬୮)କୁ ଜବତ କରାଯାଇଛି। ବସ୍‌ଦ୍ୱୟ ରାଜଧାନୀର ପ୍ରମୁଖ ଛକ ଏଜି, ନାଲ୍‌କୋ, କଳ୍ପନା ଦେଇ ଅବାଧରେ ଚଳାଚଳ କରୁଥିଲା। ଧରାପଡିବା ପରେ ମୋଟ ୫୧ ହଜାର ୫ଶହ ଟଙ୍କା ଜରିମାନା କରାଯାଇଛି। ଗାଡି ଦୁଇଟିର ରେଜିଷ୍ଟ୍ରେଶନ ଓ ଫିଟ୍‌ନେସ ସାର୍ଟିଫିକେଟ ନ ଥିବାରୁ ୫ ହଜାର, ପ୍ରଦୂଷଣ ପାଇଁ ୧୦ ହଜାର ଓ ପର୍‌ମିଟ ନ ଥିବାରୁ ୧୦ ହଜାର ଚାଲାଣ କଟାଯାଇଛି। ଆବଶ୍ୟକ କାଗଜପତ୍ର କରିବା ସହ ଜରିମାନା ଦାଖଲ ପରେ ଗାଡ଼ି ଦୁଇଟିକୁ ଛଡାଯିବ ବୋଲି ଆରଟିଓ-୧ ପ୍ରଦୀପ ମହାନ୍ତି କହିଛନ୍ତି। ସେହିଭଳି ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ଏକ ଘରୋଇ ସ୍କୁଲର ମ୍ୟାଜିକ ଗାଡ଼ିକୁ ଆରଟିଓ ଜବତ କରି ଜରିମାନା କରିଛି। ଗାଡିର କାଗଜପତ୍ର ନ ଥିବା ଯାଞ୍ଚବେଳେ ଜଣାପଡିଛି। ଆର୍‌ଟିଓ-୧ ପକ୍ଷରୁ ଦୁଇଟି ସ୍ଥାନରେ ଯାଞ୍ଚ କରାଯାଇ ମୋଟ ୩.୩୯ ଲକ୍ଷ ଟଙ୍କାର ଜରିମାନା କରାଯାଇଥିବାବେଳେ ଆର୍‌ଟିଓ-୨ ପକ୍ଷରୁ ୪୫ ଉଲ୍ଲଂଘନକାରୀଙ୍କଠାରୁ ୨ଲକ୍ଷ ୧୫ ହଜାର ଟଙ୍କାର ଚାଲାଣ କଟାଯାଇଛି। ସେହିଭଳି କମିଶନରେଟ୍ ପୋଲିସ ପକ୍ଷରୁ ପ୍ରାୟ ୩ ଲକ୍ଷ ଟଙ୍କା ଜରିମାନା କରାଯାଇଛି।



ଆର୍‌ଟିଓ-୨ ପକ୍ଷରୁ ପଟିଆ ଅଞ୍ଚଳରେ ଯାଞ୍ଚ କରାଯାଉଛି।



ଜଣେ ଆବେଦନକାରୀଙ୍କୁ ଦସ୍ତଖତ ଦେଉଛନ୍ତି ଆର୍‌ଟିଓ।

## ବାହାରେ ଆବେଦନକାରୀଙ୍କ ଦସ୍ତଖତ କଲେ ଆର୍‌ଟିଓ

ଯାଞ୍ଚ କଡ଼ାକଡ଼ି ହେଉଥିବା ଦେଖି ଲୋକମାନେ ଛାନିଆ ହୋଇଯାଇଛନ୍ତି। ସେମାନେ ଗାଡି କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆରଟିଓ ଅଫିସରେ ଭିଡ ଜମାଇଛନ୍ତି। ସୋମବାର ଆର୍‌ଟିଓ-୧ରେ ଅସମ୍ଭାଳ ଗହଳି ହୋଇଥିଲା। ଲୋକଙ୍କ ବ୍ୟସ୍ତତା ଦେଖି ଓ ଶୀଘ୍ର କାର୍ଯ୍ୟ ସାରିବା ପାଇଁ ଆର୍‌ଟିଓ ଅଧିକାରୀ ପ୍ରଦୀପ ମହାନ୍ତି ଅଫିସ୍ ଭିତରେ ନ ବସି ଲୋକଙ୍କ ଗହଣକୁ ଚାଲିଆସିଥିଲେ। ଲାଇନ୍‌ରେ ଥିବା ଲୋକଙ୍କ ସମସ୍ୟା ବୁଝି ସେମାନଙ୍କଠାରୁ ଆବଶ୍ୟକ ଦସ୍ତଖତ ନେଇଥିଲେ। ଏହା ଦେଖି ଆବେଦନକାରୀ ଓ ଅନ୍ୟମାନେ ପ୍ରଶଂସା କରିଥିଲେ।

## କ୍ୟାମ୍ପ ଅଫିସ ବନ୍ଦକୁ ନେଇ ଅସନ୍ତୋଷ

ଆରଟିଓ ଅଫିସରେ ଭିଡ଼ କମାଇବା ପାଇଁ କ୍ୟାମ୍ପ ଅଫିସ ଖୋଲାଯାଇ ଲର୍ନିଂ ଲାଇସେନ୍ସ ଆବେଦନ ଓ ପାଇବାର ବ୍ୟବସ୍ଥା ହୋଇଥିଲା। ଏବେ କ୍ୟାମ୍ପ୍ ଅଫିସ୍‌ଗୁଡିକୁ ଆର୍‌ଟିଓ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଫଳରେ ଲୋକମାନେ ଆରଟିଓ ଅଫିସ ଆଗରେ ସକାଳ ୧୦ରୁ ଅପରାହ୍ଣ ୨ପର୍ଯ୍ୟନ୍ତ ଧାଡିରେ ରହି ଅସନ୍ତୋଷ ପ୍ରକାଶ କରୁଛନ୍ତି। ସରକାର ଲୋକଙ୍କ ସୁବିଧା ପାଇଁ ପୁଣି କ୍ୟାମ୍ପ ଅଫିସ ଖୋଲିବାକୁ ଦାବି କରିଛନ୍ତି।

## ଆଜିଠାରୁ ନାବାଳକ ଗାଡ଼ି ଚାଳକ ଧରପଗଡ଼

ରାଜଧାନୀର ବିଭିନ୍ନ ସ୍କୁଲର ପିଲା ଓ ନାବାଳକ ନିଜେ ଗାଡ଼ି ଚଳାଇ ସ୍କୁଲ୍ ଯାଉଛନ୍ତି। ଏହା ବେଆଇନ ହୋଇଥିଲେ ମଧ୍ୟ ପିଲାଙ୍କ ହାତରେ ଅଭିଭାବକମାନେ ଗାଡ଼ି ଧରାଇ ଦେଉଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ତେଣୁ କମିଶନରେଟ ପୋଲିସ ଓ ଆରଟିଓ ପକ୍ଷରୁ ନାବାଳକ ଗାଡି ଚାଳନାକୁ କଡାକଡି ଯାଞ୍ଚ କରାଯିବ। ଯଦି କେହି ଧରାପଡନ୍ତି ତେବେ ଅଭିଭାବକଙ୍କ ଉପରେ ମୋଟା ଅଙ୍କର ଜରିମାନା କରାଯିବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି। ମଙ୍ଗଳବାରଠାରୁ ବିଭିନ୍ନ ସ୍କୁଲ ଆଗରେ ଏଭଳି ଯାଞ୍ଚ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଖୋର୍ଦ୍ଧାରେ ହେବ ନୂଆ ଡ୍ରାଇଭିଂ ଟେଷ୍ଟ ଟ୍ରାକ୍

**କୋଟିଏ ଟଙ୍କା ବ୍ୟୟବରାଦ**

**ଭୁବନେଶ୍ୱର,୨।୩(ବ୍ୟୁରୋ):** ରାଜଧାନୀରେ ଗୋଟିଏ ମାତ୍ର ଡ୍ରାଇଭିଂ ଟେଷ୍ଟ ଟ୍ରାକ୍ ରହିଛି। ପ୍ରତିଦିନ ଶତାଧିକ ଲୋକ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରୁଥିବାରୁ ଟେଷ୍ଟ ଦେବାକୁ ପାଖାପାଖି ଏକମାସ ଅପେକ୍ଷା କରିବାକୁ ପଡୁଛି। ଏହା ମଧ୍ୟରେ ଯଦି ଜଣଙ୍କର ଲର୍ନିଂ ଲାଇସେନ୍ସର ସମୟସୀମା ଶେଷ ହୋଇଯାଉଛି, ସେ ପୁଣି ଆବେଦନ କରିବା ସହ ଡ୍ରାଇଭିଂ ଟେଷ୍ଟ ଦେବା ଅତ୍ୟନ୍ତ ସମୟସାପେକ୍ଷ ହୋଇପଡୁଛି। ଏଭଳି ସମସ୍ୟା ଦୂର କରିବା ପାଇଁ ପରିବହନ ବିଭାଗ ଖୋର୍ଦ୍ଧାରେ ନୂଆ ତଥା ଆଧୁନିକ ପ୍ରଣାଳୀରେ ଡ୍ରାଇଭିଂ ଟେଷ୍ଟ ଟ୍ରାକ୍ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଅଣ୍ଡାବାଜପୁର ରାସ୍ତାରେ ହେବାକୁ ଥିବା ଏହି ଡ୍ରାଇଭିଂ ଟେଷ୍ଟ ଟ୍ରାକ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏଥିଲାଗି କୋଟିଏ ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର ସରିଛି। ଟେଣ୍ଡର ନେଇଥିବା ସଂସ୍ଥା ଖୁବ୍‌ଶୀଘ୍ର କାମ ଆରମ୍ଭ କରିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଏହି ଡ୍ରାଇଭିଂ ଟେଷ୍ଟ ଟ୍ରାକ୍ କାର୍ଯ୍ୟକାରୀ ହେଲେ ଖୋର୍ଦ୍ଧା, ବାଲୁଗାଁ, ବୋଲଗଡ ଆଦି ଅଞ୍ଚଳର ଲୋକେ ତାହା ଉପରେ ନିର୍ଭର କରିବେ। ଯଦି ଭୁବନେଶ୍ୱରରେ ଡିଏଲ୍ ଆବେଦନକାରୀଙ୍କ ଅଧିକ ଭିଡ଼ ରୁହେ, ତେବେ ସେମାନଙ୍କୁ ଖୋର୍ଦ୍ଧା ଡ୍ରାଇଭିଂ ଟେଷ୍ଟ ଟ୍ରାକ୍‌କୁ ପଠାଯିବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ପୋଲିସ ଜୁଲମର ପ୍ରତିବାଦ କଲା କଳିଙ୍ଗ ସେନା

**କମିଶନରେଟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ଭୁବନେଶ୍ୱର,୨।୩(ବ୍ୟୁରୋ): ଟ୍ରାଫିକ ପୋଲିସ ଯାଞ୍ଚ ଆଳରେ ଜୁଲମ କରୁଛି। ଗୁଣ୍ଡାଗର୍ଦ୍ଦି କରି ଜରିମାନା ଆଦାୟ କରୁଥିବା ଅଭିଯୋଗ ଆଣିଛି କଳିଙ୍ଗ ସେନା। ପ୍ରତିବାଦରେ ସୋମବାର ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏନେଇ ସେନାର ସାଧାରଣ ସଂପାଦକ ସ୍ୱାତୀଶ ରଞ୍ଜନ ସାହୁ କହିଛନ୍ତି, ଟ୍ରାଫିକ ବ୍ୟବସ୍ଥା ସଜାଡିବା ନାଁରେ ପୋଲିସ ଯେଭଳି ଗୁଣ୍ଡାଗିରି ଚଳାଇ ଫାଇନ ଆଦାୟ କରୁଛି ତାହାକୁ କୌଣସି ସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଗାଡ଼ି ମୋଟର ପାଇଁ ଆବଶ୍ୟକ ପାର୍କିଂ ସ୍ଥଳ ବ୍ୟବସ୍ଥା ନ କରି ରାସ୍ତାଘାଟରୁ ଯେଭଳି ଜୋରଜବରଦସ୍ତ ଗାଡିଗୁଡ଼ିକୁ ଉଠାଇ ନିଆଯାଉଛି ତାହା ସଂପୂର୍ଣ୍ଣ ବେଆଇନ। ଏହାକୁ ତୁରନ୍ତ ବନ୍ଦ କରାଯାଉ, ନଚେତ ସେନା ରାସ୍ତାକୁ ଓହ୍ଲାଇବ ବୋଲି ସ୍ୱାତୀଶ କହିଛନ୍ତି।



କମିଶନରେଟ୍ ପୋଲିସ ମୁଖ୍ୟାଳୟ ସମ୍ମୁଖରେ କଳିଙ୍ଗ ସେନାର କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।

# 'ଜୟଦେବ ସମାରୋହ' ଆରମ୍ଭ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୬ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ-୨୦୨୦' ସୋମବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ଡ. ରାମକୃଷ୍ଣ ସାହୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ତଥା କଣ୍ଠଶିଳ୍ପୀ ସୁଧା ମିଶ୍ର, ମହାବିଦ୍ୟାଳୟ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗ ଅଧ୍ୟାପକ ଡ. ବିଜୟ କୁମାର ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷା ତମସାରାଣୀ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ନାଟକ ବିଭାଗ ମୁଖ୍ୟ ସୁକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା। ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ କଣ୍ଠ ସଙ୍ଗୀତରୁ କାର୍ଯ୍ୟକ୍ରମ ଆରମ୍ଭହୋଇ ଓଡ଼ିଶୀ ନୃତ୍ୟ 'କୋଣାର୍କ ଲାସ୍ୟଲୀଳା'ରେ ସମାପ୍ତ ହୋଇଥିଲା। ଏହି ଅବସରରେ ପ୍ରଥମେ ରାଗ ବସନ୍ତ ଓ ତାଳ ଏକତାଳି ଉପରେ ଆଧାରିତ 'ରାଗାଙ୍ଗ' ପରିବେଷଣ ହେବାପରେ ଗୁରୁ ପ୍ରମୋଦ କୁମାର ସାହୁଙ୍କ ନିର୍ଦ୍ଦେଶନା ଓ ପରିଚାଳନାରେ ବୃନ୍ଦ ତବଲା ବାଦନ, ଗୁରୁ ଦିବ୍ୟଦର୍ଶନ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ବୃନ୍ଦ ବେହେଲା ବାଦନ ପରିବେଷିତ ହୋଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



"ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ଭିଣୋଇ ଘର ଦେଖାଇ ତୃତୀୟ ବାହାଘର

**ଖୁଣ୍ଟୁଣୀ, ୨।୩ (ଡି.ଏନ୍.ଏ):** ନିଜ ଘର ବଦଳରେ ଭିଣୋଇ ଘରକୁ ଦେଖାଇ ଜଣେ ଯୁବତୀଙ୍କୁ ତୃତୀୟ ବିବାହ କରିଥିବା ପ୍ରତାରିତ ଯୁବକଙ୍କ ବିରୋଧରେ ସୋମବାର ଗୁରୁଡ଼ିଝାଟିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଖୋଜୁଥିବାବେଳେ ଯୁବକଙ୍କ ଭିଣୋଇଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଆଇଆଇସି ବିଜୟ କେତନ ବିସି କହିଛନ୍ତି। ସୂଚନା ମୁତାବକ, ବଡ଼ମ୍ବା ଥାନା ଅଞ୍ଚଳର ଜଣେ ଯୁବକ ପୂର୍ବରୁ ଭୁବନେଶ୍ୱର ଓ ବାଙ୍କୀରେ ୨ଜଣ ଯୁବତୀଙ୍କୁ ବିବାହ କରିଥିଲେ। ଯୁବକ ଜଣକ ଭୁବନେଶ୍ୱର ଯୁବତୀଙ୍କୁ ଛାଡ଼ି ଦେଇଥିବାବେଳେ ବାଙ୍କୀର ଯୁବତୀଙ୍କୁ ଘରେ ରଖିଥିଲେ। ହେଲେ ଏହି ପ୍ରତାରିତ ଯୁବକ ପୁଣି ବିବାହ କରିବାକୁ ମନସ୍ଥ କରି ନିଜ ବାପା ଓ ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରେ ଥିବା ତାଙ୍କ ଭିଣୋଇଙ୍କ ମାଧ୍ୟମରେ ବୌଦ୍ଧ ଜିଲାର ବୌଦ୍ଧ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଗତ ୨୮ତାରିଖରେ ବିବାହ କରିଥିଲେ। ବିବାହ ପରେ ଗୁରୁଡ଼ିଝାଟିଆରେ ନିଜ ଘର କହି ଭିଣୋଇ ଘରେ ପହଞ୍ଚିଥିଲେ। ବିବାହ ବେଦିରେ ନଗଦ ୭୦ହଜାର ଟଙ୍କା ଓ ସୁନାଚେନ୍, ମୁଦି ଇତ୍ୟାଦି ଯୌତୁକ ସାମଗ୍ରୀ ମଧ୍ୟ ଆଣିଥିଲେ। ହେଲେ ୨୯ ତାରିଖରେ ଝିଅଘର ଲୋକେ ଗୁରୁଡ଼ିଝାଟିଆ ଆସି ପୁଅଘରକୁ ଯାଇଥିଲେ। ସେଠାରେ ଗ୍ରାମବାସୀଙ୍କଠାରୁ ପୁଅ ପୂର୍ବରୁ ଦୁଇଟି ବିବାହ କରିଥିବା ଓ ଏହି ଘର ନିଜ ଘର ନୁହେଁ, ଭିଣୋଇଙ୍କ ଘର ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ନେଇ ଝିଅଙ୍କ ଖୁଡ଼ୀ ସୋମବାର ପୁଅଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏ ବିଷୟରେ ପୁଅ ପୂର୍ବରୁ ଜାଣିପାରି ଫେରାର ହୋଇଯାଇଥିଲେ। ତେବେ ପୋଲିସ ଅଭିଯୋଗକୁ ଭିତ୍ତିକରି ନଂ.୨୭/୨୦ରେ ଏକ ମାମଲା ରୁଜୁକରି ଭିଣୋଇଙ୍କୁ ଅଟକ ରଖିବା ସହ ତାଙ୍କ ଘରୁ ସମସ୍ତ ଯୌତୁକ ସାମଗ୍ରୀ ଜବତ କରି ଝିଅ ପରିବାରକୁ ହସ୍ତାନ୍ତର କରିବା ସହ ତଦନ୍ତ ଜାରି ରଖିଛି।

### ବିଦ୍ୟୁତ୍ ଷ୍ଟ୍ରକ୍ଚର ଉଠାଇବା ପାଇଁ ଦାବିପତ୍ର

**ବାଲିଅନ୍ତା, ୨।୩ (ଡି.ଏନ୍.ଏ):** ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ନଖରା ଗ୍ରାମର ମା' ଜାଗୁଲାଇ ଯାତ୍ରା ପଡ଼ିଆରେ ଥିବା ଏକ ଅଦରକାରୀ ଇଲେକ୍ଟ୍ରିକାଲ ଷ୍ଟ୍ରକ୍ଚରକୁ ଉଠାଇବାକୁ ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ପକ୍ଷରୁ ଏକ ଦାବିପତ୍ର ସୋମବାର ରସୁଲଗଡ଼ ସେସୁ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ପଡ଼ିଆରେ ଥିବା ବିଦ୍ୟୁତ ଷ୍ଟ୍ରକଚର ଯୋଗୁ ବାର୍ଷିକ ଯାତ୍ରା ପରିବେଷଣ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସୁବିଧା ହେଉଛି। ତେଣୁ ଏହାକୁ ଭଙ୍ଗାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଏସ୍‌ସିବି ସମ୍ପ୍ରସାରଣ ପାଇଁ ଉଚ୍ଛେଦ

# ଭଙ୍ଗାଗଲା ୯୫ ଘର

**କଟକ ଅଫିସ, ୨।୩**



ପ୍ରଶାସନ ପକ୍ଷରୁ ଘର ଭଙ୍ଗାଯାଉଛି।

- ନିମପୁର ଅସ୍ଥାୟୀ କ୍ୟାମ୍ପ୍‌କୁ ସ୍ଥାନାନ୍ତର
- ସପ୍ତାହେ ପର୍ଯ୍ୟନ୍ତ ଦିଆଯିବ ତିନି ଓଳା ଖାଇବା

ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ ଉଚ୍ଛେଦ କାର୍ଯ୍ୟ ସୋମବାର ଠାରୁ ପୁଣି ଥରେ ଆରମ୍ଭ ହୋଇଛି। ସକାଳେ ବ୍ୟାପକ ପୋଲିସ ଫୋର୍ସ ଉପସ୍ଥିତିରେ ମା' ମଙ୍ଗଳା ବସ୍ତିର ଘରଗୁଡ଼ିକୁ ମେଶିନ ସହାୟତାରେ ଭଙ୍ଗା ଯାଇଥିଲା। ପ୍ରାୟ ୯୫ଟି ଘର ଭଙ୍ଗା ଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ସମସ୍ତ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଦିଗରେ ପଦକ୍ଷେପ ନିଆଯାଇଛି। ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରୁ ସେମାନଙ୍କୁ ଉଚ୍ଛେଦ କରାଯାଇ ଜଗତ୍‌ପୁରର ନିମପୁରଠାରେ ନିର୍ମିତ ଅସ୍ଥାୟୀ କ୍ୟାମ୍ପକୁ ପଠାଯାଇଛି। ସାମଗ୍ରୀ ସ୍ଥାନାନ୍ତର ପାଇଁ ସିଏମ୍‌ସି ପକ୍ଷରୁ ଗାଡି ଯୋଗାଇ ଦିଆଯାଇଥିଲା। ଅସ୍ଥାୟୀ କ୍ୟାମ୍ପରେ ପ୍ରତି ପରିବାରକୁ ତାରପୋଲିନ ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଆସନ୍ତା ଏକ ସପ୍ତାହ ଭିତରେ ନିଜ ନିଜ ସ୍ଥାନରେ ଘର କରି ରହିବାକୁ ସେମାନଙ୍କୁ କୁହାଯାଇଛି। ସେ ପର୍ଯ୍ୟନ୍ତ ସମସ୍ତ ପରିବାରକୁ ଦିନକୁ ତିନି ଓଳା ରନ୍ଧାଖାଦ୍ୟ ଦିଆଯିବ। ଏପରି କି ପ୍ରଶାସନ ପକ୍ଷରୁ ପାନୀୟ ଜଳ, ବିଦ୍ୟୁତ୍ ଓ ଟଏଲେଟ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଉଚ୍ଛେଦ ବସ୍ତିବାସିନ୍ଦାଙ୍କୁ ଥଇଥାନରେ ଯେପରି କୌଣସି ଅସୁବିଧା ହେବନାହିଁ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ କହିଛନ୍ତି।

ଅନ୍ୟପକ୍ଷରେ ମେଡିକାଲର ସମ୍ପ୍ରସାରଣ ଓ ଉନ୍ନତୀକରଣ ପ୍ରକଳ୍ପକୁ ରାଜ୍ୟ ପୂର୍ତ୍ତ ବିଭାଗ ସଚିବ ଡ. କିଶନ କୁମାର ସମୀକ୍ଷା କରିଛନ୍ତି। ସୋମବାର ସକାଳେ ସେ ପହଞ୍ଚି ଉଚ୍ଛେଦ ଓ ଥଇଥାନ ସ୍ଥାନ ବୁଲି ଦେଖିଥିଲେ। ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହ ଆରଡିସି ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସହିତ ଆଲୋଚନା କରିଥିଲେ। ତେବେ ଉଚ୍ଛେଦକୁ ଲୋକମାନେ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା। ଉଚ୍ଛେଦ ସହ କ୍ଷତିପୂରଣ ବାବଦରେ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏନେଇ ଜିଲାପାଳ ଚୟନୀ କହିଛନ୍ତି, ତାଳଦଣ୍ଡା କେନାଲର ବାମ ପାର୍ଶ୍ୱରୁ ବସ୍ତି ଉଚ୍ଛେଦ କରାଯାଇ ଲୋକମାନଙ୍କୁ ନିମପୁର ଅସ୍ଥାୟୀ କ୍ୟାମ୍ପ୍‌କୁ ପଠାଯାଇଛି। ସେଠାରେ ସେମାନଙ୍କ ଲାଗି ଅଧିକ ସୁବିଧା କରାଯାଇଛି। ଏପର୍ଯ୍ୟନ୍ତ ଏସ୍‌ସିବି ମେଡିକାଲ ପାଇଁ ଘରୋଇ ଜମି ଅଧିଗ୍ରହଣ କରାଯାଇନାହିଁ। ଆବଶ୍ୟକ ପଡିଲେ ଏଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିବାବେଳେ ମାଟ୍ରିକ ପରୀକ୍ଷା ଯୋଗୁ ଏହାକୁ ବନ୍ଦ କରାଯାଇଥିଲା।

### କାରରୁ ଗଞ୍ଜେଇ ସହ ଲକ୍ଷାଧିକ ଟଙ୍କା ଜବତ

**ଭୁବନେଶ୍ୱର, ୨।୩ (ବ୍ୟୁରୋ):** ଖଣ୍ଡଗିରି ଥାନା ପୋଲିସ ଯାଞ୍ଚବେଳେ ଏକ ଇଣ୍ଡିଗୋ କାରରୁ ୬.୫ କେଜି ଗଞ୍ଜେଇ ସହ ୧ଲକ୍ଷ ୧୫ ହଜାର ଟଙ୍କା ଜବତ କରି ଗାଡ଼ି ଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପାତ୍ରପଡା ବୁଲେଶ୍ୱରୀ ବସ୍ତି ଅଞ୍ଚଳର ମାନସ ପାଇକରାୟ। କନ୍ଧମାଳରୁ ଭୁବନେଶ୍ୱରକୁ କାର୍‌ରେ ଗଞ୍ଜେଇ ଚାଲାଣ ନେଇ ରବିବାର ପୋଲିସ ବିଶେଷସୂତ୍ରରୁ ଖବର ପାଇଥିଲା। ମୋଟର ଯାନ ଆଇନ ଆଧାରରେ ଯାଞ୍ଚବେଳେ ଗଞ୍ଜେଇ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ପାତ୍ରପଡା ଶନିମନ୍ଦିର ନିକଟରେ ପୋଲିସ ଇଣ୍ଡିଗୋ କାର (ଓଡି୦୭ଏଫ ୫୧୬୧)କୁ ଅଟକାଇଥିଲା। କାରରୁ ବିପୁଳ ଗଞ୍ଜେଇ ସହ ଟଙ୍କା ମିଳିଥିଲା। ପୋଲିସ ଅଭିଯୁକ୍ତ ଚାଳକ ମାନସଙ୍କୁ ଗିରଫ କରିବା ସହ ୧୫୫/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ରାଜଧାନୀରେ ବେପାରିଙ୍କୁ ଦେଉଥିବା ସ୍ୱୀକାର କରିଛନ୍ତି। ପୋଲିସ ଏହି କାରବାରେ ସଂପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ପଚରାଉଚରା କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି।

# ଆବାସିକ କଲ୍ୟାଣ ସଂଘ, ୟୁଥ୍ କ୍ଲବ୍‌କୁ ପାର୍କ ଦାୟିତ୍ୱ

**ଭୁବନେଶ୍ୱର, ୨।୩ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସୋମବାର ଆବାସିକ କଲ୍ୟାଣ ସଂଘ ଓ ୟୁଥ୍ କ୍ଲବ୍‌କୁ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଦେଇଛି। କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶକ୍ରମେ ଉତ୍ତର ଜୋନ୍‌ରେ ବିଏମ୍‌ସି ଦ୍ୱାରା ପରିଚାଳିତ ହେଉଥିବା ସମୁଦାୟ ୨୩ ପାର୍କ ମଧ୍ୟରୁ ୯ ପାର୍କର ରକ୍ଷଣାବେକ୍ଷଣ ଏବଂ ଦୈନିକ ପରିଚାଳନା ପାଇଁ

## ମାସକୁ ୧୦ ହଜାର ଦେବ ବିଏମ୍‌ସି

ବିଏମ୍‌ସି ଇଚ୍ଛୁକ ଆବାସିକ କଲ୍ୟାଣ ସଂଘ ଏବଂ ୟୁଥ୍ କ୍ଲବ୍‌କୁ ଦାୟିତ୍ୱ ପ୍ରଦାନ କରିଥିବା କମିଶନର ସୁରଥ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି। ଏ ନେଇ ଉତ୍ତର ଜୋନ କାର୍ଯ୍ୟାଳୟରେ ଆବାସିକ କଲ୍ୟାଣ ସଂଘ ଓ ୟୁଥ୍ କ୍ଲବ୍ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

କାନନ ବିହାର ଫେଜ୍-୧ ପାର୍କକୁ କାନନ ବିହାର ଡେଭେଲ୍‌ପମେଣ୍ଟ ସୋସାଇଟି ଫେଜ୍-୧, ଶୈଳଶ୍ରୀ ବିହାରସ୍ଥିତ ପ୍ଲଟ୍ ନଂ-୨୫୮ଏ ଏବଂ ୨୫୮-ବିରେ ଥିବା କଲୋନୀ ପାର୍କକୁ ଆବାସିକ କଲ୍ୟାଣ ସଂଘ ଫେଜ୍-୮, ଶୈଳଶ୍ରୀ ବିହାରର ପ୍ଲଟ୍ ନଂ-୭୯୧ରେ ଥିବା ଶିଶୁ ଉଦ୍ୟାନକୁ ଶୈଳଶ୍ରୀ ବିହାରର ମହିଳା ସଙ୍ଗଠନ, ଶୈଳଶ୍ରୀ ବିହାରର ଭିଆଇଏମ୍-୬୮୩ରେ ଥିବା ପାର୍କକୁ ସହଯୋଗ ଶୈଳଶ୍ରୀ ବିହାର, ବିଡିଏ କଲୋନୀ ଫେଜ୍-୧, ବିଡିଏ କଲୋନୀର ଇଡବ୍ଲ୍ୟୁଏସ୍ ଏବଂ କଲୋନୀ ପାର୍କ ଚନ୍ଦ୍ରଶେଖରପୁର ଫେଜ୍-୨ରେ ଥିବା ପାର୍କକୁ ବିଡିଏ କଲୋନୀ ୟୁଥ୍ ଆଣ୍ଡ୍ ସ୍ପୋର୍ଟସ ଆସୋସିଏଶନ୍‌କୁ ଦାୟିତ୍ୱ ଦିଆଯାଇଥିବା ବେଳେ ମୈତ୍ରୀ ବିହାର କଲୋନୀ ପାର୍କକୁ ଦାୟିତ୍ୱ ମୈତ୍ରୀ ବିହାର ଆବାସିକ କଲ୍ୟାଣ ସଂଘକୁ ଦିଆଯାଇଥିବା ବିଏମ୍‌ସି ଜଣାଇଛି।

ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି, ୱାର୍ଡ ନଂ-୩, ୬, ୭, ୧୩ ଏବଂ ୧୬ରେ ଥିବା ସମୁଦାୟ ୯ ପାର୍କର ରକ୍ଷଣାବେକ୍ଷଣ ପାଇଁ ସମୁଦାୟ ୬ ଗୋଟି ଅନୁଷ୍ଠାନ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁସାରେ ଅଦ୍ୟାବଧି ପାର୍କ ନିମନ୍ତେ ଯେଉଁସବୁ ଦେୟ ଦେବାକୁ ଅଛି ତାହା ବିଏମ୍‌ସି ପକ୍ଷରୁ ଦିଆଯିବ। ମୁଖ୍ୟ ନିର୍ମାଣ ଏବଂ ମରାମତିଗୁଡ଼ିକ ମଧ୍ୟ ବିଏମ୍‌ସି ପକ୍ଷରୁ କରାଯିବ। ଉକ୍ତ ସଙ୍ଗଠନ ପାର୍କର ରକ୍ଷଣାବେକ୍ଷଣ ଭାର ସହ ବିଦ୍ୟୁତ୍, ଜଳ, ବୃକ୍ଷରୋପଣ, ପରିମଳ ଇତ୍ୟାଦି ଆନୁଷଙ୍ଗିକ ଦାୟିତ୍ୱ ନେବେ। ଚୁକ୍ତି ସ୍ୱାକ୍ଷରିତ କରିଥିବା ସଂସ୍ଥାମାନେ ରକ୍ଷଣାବେକ୍ଷଣ ନିମନ୍ତେ ମାସିକ ୧୦ ହଜାର ଟଙ୍କା ନେବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନ୍‌ରେ ଜୋନାଲ୍ ଡେପୁଟି କମିଶନର ରବୀନ୍ଦ୍ର କୁମାର ଜେଠିଙ୍କ ନେତୃତ୍ୱରେ ୯ ପାର୍କକୁ ଆବାସିକ କଲ୍ୟାଣ ସଂଘ ଓ ୟୁଥ୍ କ୍ଲବ୍‌କୁ ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ଦିଆଯାଇଛି।

### ବିଜିୟୁରେ ଟ୍ରାନ୍ସଫରମିଙ୍ଗ ଲାଇଭ୍‌ସ କର୍ମଶାଳା

**ଭୁବନେଶ୍ୱର, ୨।୩:** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ମହିଳା ୨୦୨୦: ଟ୍ରାନ୍ସଫରମିଂ ଲାଇଭ୍‌ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ପୋଲିସ ଡିଜି ବିପିନ ବିହାରୀ ମିଶ୍ର, କିଟ୍ ୟୁନିଭର୍ସିଟି ପ୍ରୋ ଭାଇସ ଚାନସେଲର ଡ.ସସ୍ମିତା ସାମନ୍ତ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଗାର୍ଗୀ କଲେଜର ପୂର୍ବତନ ଅଧ୍ୟାପିକା ଡ.ମୋନିକା ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜିୟୁ କୁଳପତି ପ୍ରଫେସର ସୁଧାକର ପଣ୍ଡା, ସ୍କୁଲ ଅଫ ମ୍ୟାନେଜମେଣ୍ଟର ଫାକଲଟି ଡ. ଅର୍ଚ୍ଚନା ଚୌଧୁରୀ ଉପସ୍ଥିତ ଥିଲେ। ଜଣେ ମହିଳାଙ୍କ ନେତୃତ୍ୱ ଏବଂ ପରିଚାଳନା ଦକ୍ଷତା ଉପରେ ମିଶ୍ର ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ଷେତ୍ରରେ ସମାନତା ଉପରେ ଡ.ସାମନ୍ତ ଆଲୋକପାତ କରିଥିଲେ। ଲିଙ୍ଗଗତ ବୈଷମ୍ୟ ଏବେ ବିଶ୍ୱସ୍ତରୀୟ ସମସ୍ୟା ପାଲଟିଛି ବୋଲି ଏଥିରେ ଡ.ମୋନିକା ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ କମର୍ସର ପ୍ରଫେସର ଲୋପାମୁଦ୍ରା ନାୟକ, ଡ.ଅମରିତ ପାଟଜୋଶୀ, ସୁଶ୍ରୀ ଶୁଭଶ୍ରୀ ଦାଶ, ଜୁଲି ନାୟକ, ସ୍କୁଲ ଅଫ ମ୍ୟାନେଜମେଣ୍ଟ ଫାକଲଟି ଡ.ଅନୁଭା ରାୟ, ଫାକଲ୍‌ଟି ଆସ୍ମା ସିଦ୍ଦିକି ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଦାରଙ୍କ କବ୍‌ଜାରେ ରୋଗୀ କ୍ୟାବିନ

**ଭୁବନେଶ୍ୱର, ୨।୩ (ବ୍ୟୁରୋ)**



## କ୍ୟାପିଟାଲ ହସ୍ପିଟାଲ

କ୍ୟାପିଟାଲ ହସ୍ପିଟାଲକୁ ରୋଗୀ ଗଲେ ସେମାନଙ୍କୁ ସହଜରେ ବେଡ୍ ମିଳୁନି। ଯଦି ବେଡ୍ ମିଳୁଛି ତେବେ ବହୁ ଧରାଧରି ଏବଂ ହାତଗୁଞ୍ଜା ଦେବା ପରେ। ଯେଉଁମାନେ ଦେଇପାରୁ ନାହାନ୍ତି ସେମାନେ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଏବେ କ୍ୟାପିଟାଲ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ୩ କ୍ୟାବିନକୁ ମାଡ଼ି ବସିଛନ୍ତି ଠିକାଦାର ଏବଂ ବଡ଼ବଡ଼ିଆମାନେ। କ୍ୟାପିଟାଲ ହସ୍ପିଟାଲରେ କାମ ନେଇଥିବା କେତେଜଣ ଠିକାଦାର କ୍ୟାବିନରେ ନିଜର କର୍ମଚାରୀମାନଙ୍କୁ ରଖିଛନ୍ତି। ଅନ୍ୟପକ୍ଷରେ ରୋଗୀ କ୍ୟାବିନ ନ ପାଇ ହଇରାଣ ହେଉଛନ୍ତି। ପ୍ରଶ୍ନ ଉଠୁଛି ସାଧାରଣ ଲୋକେ କ୍ୟାବିନ ପାଉ ନ ଥିବା ବେଳେ ଏହି ଠିକାଦାରଙ୍କୁ କିଭଳି ମିଳିଯାଉଛି। କିନ୍ତୁ କ୍ୟାବିନରେ ରହୁଥିବା ଲୋକଙ୍କୁ ପଚାରିବାରୁ ସେମାନେ କହୁଛନ୍ତି ଯେ, 'ଆମେ ଏଠାରେ କାମ କରୁଛୁ। ଘର ମିଳି ନ ଥିବାରୁ ଠିକାଦାର ଆମକୁ ଏଠାରେ ରହିବାକୁ କହିଛନ୍ତି। ଘର ମିଳିଲେ ଚାଲିଯିବୁ।'

ଅନ୍ୟପକ୍ଷରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଗିରଫ ହୋଇ ଜାମିନରେ ଆସିଥିବା ସରୋଜ ମିଶ୍ର ନାମକ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସୁରକ୍ଷା କର୍ମୀ କ୍ୟାବିନ କେଳେଙ୍କାରୀ କଥା ପଦାକୁ ଆଣିଛନ୍ତି। ସରୋଜଙ୍କ କହିବାନୁଯାୟୀ, କେବଳ କ୍ୟାବିନ ଦୁର୍ନୀତି ନୁହେଁ, କେତେଜଣ ଡାକ୍ତର ଘରୋଇ କ୍ଲିନିକ୍‌କୁ ରୋଗୀ ପଠାଇ ମାଲାମାଲ ହେଉଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ଆସନ୍ନପ୍ରସବା ମହିଳା ୬ ଦିନ ହସ୍ପିଟାଲରେ ରହିବା ପରେ ତାଙ୍କୁ ଘରୋଇ କ୍ଲିନିକ୍‌କୁ ଯିବା ପାଇଁ ଡାକ୍ତର କହିଥିଲେ। ଏନେଇ ସରୋଜ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାର ୮ ଦିନ ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହା ଏକ ଷଡ଼ଯନ୍ତ୍ର ବୋଲି ସରୋଜ କହିଛନ୍ତି।

କ୍ୟାପିଟାଲ ହସ୍ପିଟାଲ ଡେପୁଟି ଡାଇରେକ୍ଟର ଧନଞ୍ଜୟ ଦାଶ କହିଛନ୍ତି ଯେ, କେହି କ୍ୟାବିନ ମାଡିବସିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ଉକ୍ତ କ୍ୟାବିନଗୁଡ଼ିକ କିଛି କାମରେ ଆସୁ ନ ଥିବାରୁ ସେଠାରେ ହସ୍ପିଟାଲର କର୍ମଚାରୀ ଓ ଇଲେକ୍ଟ୍ରିସିଆନ୍ ରହୁଛନ୍ତି। ଜାଣିଶୁଣି ସରୋଜ ମିଛ ଅଭିଯୋଗ ଆଣି ହସ୍ପିଟାଲକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି।

# ଭୁବନେଶ୍ୱରରୁ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

## ନୟାଗଡ଼ରୁ ପୀଡ଼ିତା ଉଦ୍ଧାର, ଜେଲ୍ ଗଲେ ଅଭିଯୁକ୍ତ

**ଭୁବନେଶ୍ୱର, ୨।୩ (ବ୍ୟୁରୋ):** କ୍ୟାପିଟାଲ ଥାନା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ପୋଲିସ ନୟାଗଡରୁ ଉଦ୍ଧାର କରିଛି। ନାବାଳିକା ଜଣକ ବଳାତ୍କାରର ଶିକାର ହୋଇଥିବା ଜଣାପଡିଛି। ତାଙ୍କୁ ଅପହରଣ ସହ ବଳାତ୍କାର କରିଥିବା ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ଖଣ୍ଡପଡା ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳର ବୁନେଶ ନାୟକ(୨୦)। ସୂଚନା ମୁତାବକ, ପୀଡିତା ନାବାଳିକାଙ୍କ ଘର ଖଣ୍ଡପଡା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରର କ୍ୟାପିଟାଲ ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ନାବାଳିକା ଗାଁରେ ରହୁଥିବାବେଳେ ଅଭିଯୁକ୍ତ ବୁନେଶ ତାଙ୍କୁ ଏକତରଫା ପ୍ରେମ କରୁଥିଲେ। ସେ ଭୁବନେଶ୍ୱର ଚାଲିଆସିବା ପରେ ବି ବୁନେଶ ତାଙ୍କ ପିଛା ଛାଡି ନ ଥିଲେ। ଗତ ୨୪ ତାରିଖରେ ନାବାଳିକା ଜଣକ ଟ୍ୟୁଶନ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ବୁନେଶଙ୍କ ନାଁରେ ଅପହରଣ ଅଭିଯୋଗ କରିଥିଲେ। ପୋଲିସ ୯୫/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ କରି ନୟାଗଡ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ଏସ୍‌ଆଇ ଅସିତ୍ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବୁନେଶଙ୍କୁ ଗିରଫ କରିଥିଲା। ବୁନେଶ ନାବାଳିକାଙ୍କୁ ଅପହରଣ ପରେ ଜଣେ ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିଲେ। ପୋଲିସ ସୋମବାର ଉଭୟଙ୍କ ଡାକ୍ତରୀମାଇନା କରିବା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଥିସହ ଅଭିଯୁକ୍ତ ବୁନେଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ବ୍ରହ୍ମାସ୍ତ୍ରରେ କ୍ରୀଡ଼ା, ସାହିତ୍ୟ, ଶିକ୍ଷାର ସମାହାର

**ଭୁବନେଶ୍ୱର, ୨।୩ (ବ୍ୟୁରୋ)**




କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

କ୍ରୀଡ଼ା, ସାହିତ୍ୟ ଓ ସଂସ୍କୃତି ଏବଂ ଶିକ୍ଷାର ସମନ୍ୱୟକୁ ନେଇ ରିଜିଓନାଲ୍ କଲେଜ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ(ଆର୍‌ସିଏମ୍) ପକ୍ଷରୁ ଚାଲିଛି ନିଆରା କାର୍ଯ୍ୟକ୍ରମ 'ବ୍ରହ୍ମାସ୍ତ୍ର-୨୦୨୦'। ଏଥିରେ ସୋମବାର ଓଡ଼ିଶାର କଳା, ସଂସ୍କୃତି ଓ ଖାଦ୍ୟର ଝଲକ ଦେଖିବାକୁ ମିଳିଥିଲା। ପ୍ରଥମଥର ପାଇଁ ଏକ ବି-ସ୍କୁଲ୍ ଉତ୍ସବରେ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ସ୍ୱତନ୍ତ୍ରଭାବେ ପ୍ରଦର୍ଶିତ କରାଯାଇଥିଲା। 'ଓଡ଼ିଆ ଖନ୍ଦାଶାଳ'ରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ଦେଖିବାକୁ ମିଳିଥିବାବେଳେ ଏହା ସମ୍ପର୍କରେ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଥିଲା। ଗତ ୨୫ ତାରିଖରୁ ଚାଲିଥିବା କ୍ରୀଡ଼ା କାର୍ଯ୍ୟକ୍ରମ 'କୁରୁକ୍ଷେତ୍ର' ରବିବାର ଶେଷ ହୋଇଥିବାବେଳେ ସୋମବାରଠାରୁ ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମ 'ଚକ୍ରବ୍ୟୂହ' ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'ପ୍ରତିଭା' ଆୟୋଜନ କରାଯାଇଛି। ମଙ୍ଗଳବାର ଶେଷ ହେବାକୁ ଥିବା ଉତ୍ସବରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଭଳି ରାଜଧାନୀର ଆଗଧାଡ଼ିର ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ କୁଇଜ୍, ଜଙ୍କ୍-ଫଙ୍କ୍, ଷ୍ଟକ୍ ଟ୍ରେଡିଂ, ଆଡ୍ ମ୍ୟାଡ୍ ଶୋ', ମେମୋରି ରନ୍, ଷ୍ଟାର୍ଟ-ଅପ୍ ଓ ର୍‌ୟାମ୍ପ୍ ଶୋ' ଭଳି ପ୍ରତିଯୋଗିତା ପ୍ରମୁଖ ଆକର୍ଷଣ ରହିଥିଲା।

# ସହାୟ କେନ୍ଦ୍ର ନ କରି ପ୍ରଶାସନ ଅସହାୟ

**ପୁରୁଣା ଭୁବନେଶ୍ୱର, ୨।୩ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ସ୍ୱତନ୍ତ୍ର ଦୃଷ୍ଟିଯୋଗୁ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ହେଲେ ଦେବୀପାଦହରା ନିକଟରୁ କୋରାପୁଟ ଭବନ ପର୍ଯ୍ୟନ୍ତ ଏକ ନୂତନ ସମସ୍ୟା ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟହାନି କରୁଛି। ଜୀବନ ସଂଘର୍ଷରେ ହାରି ଯାଇଥିବା ଲୋକଙ୍କ କରୁଣସ୍ଥିତି ଏଠାରେ ଜାହିର କରୁଛି। ଏଠାରେ ଧାଡ଼ି କରି ୪୦ରୁ ଊର୍ଦ୍ଧ୍ୱ ଲୋକ ଭିକ୍ଷାବୃତ୍ତି କରୁଛନ୍ତି। ଏତେସବୁ ବ୍ୟବସ୍ଥା ଥାଇ ମଧ୍ୟ ଏକାମ୍ର କ୍ଷେତ୍ରରେ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଭିକ୍ଷାବୃତ୍ତି କରୁଥିବା ଲୋକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଉଛି। ଏସବୁ ପ୍ରଶାସନିକ ଅଧିକାରୀମାନେ ଦେଖୁଥିଲେ ହେଁ ସହାୟ କେନ୍ଦ୍ର ଖୋଲି ନ ଥିବାରୁ ସବୁ ଦେଖି ଅସହାୟ ପରି ରହୁଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ଏକାମ୍ର କ୍ଷେତ୍ରରେ ସହାୟ ଯୋଜନା ଲାଗୁ କରାଯିବା ସହ ଏକ ସହାୟକ କେନ୍ଦ୍ର ପ୍ରତିଷ୍ଠା କରାଯାଉ, ଏହା ଜରିଆରେ ଏମାନଙ୍କୁ ଚିହ୍ନଟ କରାଯାଇ ଏନ୍‌ଜିଓରେ ଥଇଥାନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ବିକଳ୍ପ ଜୀବିକା ପର୍ଯ୍ୟନ୍ତ ଭିକ୍ଷାବୃତ୍ତି କରୁଥିବା ଲୋକ ପର୍ଯ୍ୟଟକଙ୍କ ହାତଟେକାକୁ ଆଶ୍ରା କରି ରହିଛନ୍ତି।

ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ଅସହାୟ ଭାବେ ଖରାବର୍ଷାରେ ଭିକ୍ଷାବୃତ୍ତି କରୁଥିବା ବହୁ ଲୋକଙ୍କୁ ଦେଖି ପର୍ଯ୍ୟଟକ, ସାଧାରଣ ଲୋକ ଓ ଶ୍ରଦ୍ଧାଳୁ ନିନ୍ଦା କରିଛନ୍ତି। ଗୋଟିଏ ପଟେ କୋଟି କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି। ସେହି ସ୍ଥାନରେ ସରକାରୀ ବିଧି ବ୍ୟବସ୍ଥାରେ ରହିଥିବା ଯୋଜନାର ଲାଭ ଏଭଳି ଅସହାୟ ଲୋକଙ୍କୁ ନ ମିଳିବା ନେଇ ଭିନ୍ନକ୍ଷମ ଓ ଶସକ୍ତୀକରଣ ବିଭାଗର ପାରିବା ପଣିଆ ପଦାରେ ପଡ଼ିଛି। ଏସବୁ ଭିକ୍ଷାବୃତ୍ତି କରି ପେଟ ପୋଷୁଥିବା ଲୋକଙ୍କ ସାମାଜିକ ସୁରକ୍ଷା ଅର୍ଥନୈତିକ ଅଭିବୃଦ୍ଧି, ଥଇଥାନ ଓ ପୁନର୍ବାସ ନେଇ ତାଲିମଠାରୁ ଆରମ୍ଭ କରି ଆର୍ଥିକ ସହାୟତା ଯୋଗାଇ ଦେବା, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସରକାରୀ ଯୋଜନାରେ ବ୍ୟବସ୍ଥା ରହିଛି। ୨୬ ଫେବୃୟାରୀ ୨୦୨୦ରେ ଚିଠି ନଂ. ୨୩୮୪ ଜରିଆରେ ବିଭାଗୀୟ ସଚିବ ଭାସ୍କର ଶର୍ମା ନ୍ୟାଶନାଲ ସୋସିଆଲ ଆସିଷ୍ଟାନ୍ସ ପ୍ରୋଗ୍ରାମ ଓ ମଧୁବାବୁ ଯୋଜନା ଆହୁରି ଲୋକାଭିମୁଖୀ କରିବା ନେଇ ୫-ଟି ଓ 'ମୋ ସରକାର' ଅନୁଯାୟୀ ସମସ୍ତ ଜିଲାପାଳଙ୍କୁ ଲିଖିତ ନିର୍ଦ୍ଦେଶ ଜାରି କରିଛନ୍ତି।

## ବ୍ୟବସ୍ଥିତ ହେଲା ପାର୍କିଂ ବ୍ୟବସ୍ଥା

ଏକାମ୍ର କ୍ଷେତ୍ରର ଟ୍ରାଫିକ୍ ଓ ପରିମଳ ବ୍ୟବସ୍ଥା ସଜାଡ଼ିବାକୁ ଯାଇ ଭ୍ରାମ୍ୟମାଣ ଶୌଚାଳୟ, ଉଚ୍ଛେଦସ୍ଥଳରେ ଟାଇଲ ବିଛାଇ ସୌନ୍ଦର୍ଯ୍ୟକରଣ କରାଯାଇଛି। ବ୍ୟବସ୍ଥିତ ଢଙ୍ଗରେ ପାର୍କିଂ କରିବାକୁ କେତୋଟି ସ୍ଥାନ ଚିହ୍ନଟ କରାଯାଇଛି। ବିଏମ୍‌ସି ଓ ପୋଲିସ ବିଭାଗର କେତେଜଣ ତଳିଆ କର୍ମଚାରୀଙ୍କ ଅବହେଳା ଯୋଗୁ ଦେବୀପାଦହରା ଓ ମନ୍ଦିରର ଉତ୍ତର ଦ୍ୱାର ସମ୍ମୁଖରେ ୬୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ଭିଡ଼ ଜମାଇବା ସହ ଏହିସବୁ ସ୍ଥାନରେ ବାରଣ ସତ୍ତ୍ୱେ ଜୋର କରି ସେବାୟତ ଗୋଷ୍ଠୀ ନିଜର ଦୁଇଚକିଆ ଗାଡ଼ି ରଖୁଥିଲେ। ଏସବୁ ନେଇ ଅବଗତ ହେବା ପରେ ପ୍ରଶାସନ ପକ୍ଷରୁ ଉଠା ଦୋକାନୀଙ୍କୁ ବାରଣ କରାଯିବା ସହ ସେବାୟତଙ୍କୁ ରଥଖଳା ନିକଟରେ ବ୍ୟାରିକେଡ କରାଯାଇ ତାହା ମଧ୍ୟରେ ପାର୍କିଂ କରିବାକୁ କଡା ତାଗିଦ୍ କରାଯାଇଛି।



ପୋଷା କୁକୁର ପଞ୍ଜୀକରଣ ନ କଲେ ଏଣିକି ମାଲିକଙ୍କୁ ଜରିମାନା ଦେବାକୁ ପଡ଼ିବ। ଉତ୍ତରପ୍ରଦେଶର ଗାଜିଆବାଦରେ ପୋଷା କୁକୁର ପଞ୍ଜିକରଣ ମଡ଼େଲ ସଫଳ ରହିଛି। ଏହାକୁ ଦୃଷ୍ଟିରେ ରଖି ମିରଟ, କାନପୁର ଓ ବାରାଣାସୀ ନଗର ନିଗମ ପକ୍ଷରୁ ଏହି ମଡ଼େଲ ଲାଗୁ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଏହି ୩ ସହର ଗାଜିଆବାଦ ନଗର ନିଗମ ସହିତ ଯୋଗାଯୋଗ କରିଛନ୍ତି। ଗାଜିଆବାଦରେ ଚଳିତ ବର୍ଷ ଫେବୃୟାରୀରେ ପୋଷା କୁକୁର ପଞ୍ଜିକରଣ ଲାଗି ମୋବାଇଲ୍ ଆପ୍ର ପ୍ରଚଳନ କରାଯାଇଥିଲା। ଇତିମଧ୍ୟରେ ୨୫୫ ମାଲିକ ସେମାନଙ୍କ ପୋଷା କୁକୁରର ପଞ୍ଜିକରଣ କରି ସାରିଛନ୍ତି। ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ।

# ବନ୍ୟଜୀବଙ୍କ ବିନା ପୃଥିବୀ ଶୁଷ୍କ ପାଲଟିବ

## ବିଶ୍ୱ ବନ୍ୟଜୀବ ଦିବସ

ବିଶ୍ୱ ବନ୍ୟଜୀବ ଦିବସ ପ୍ରତିବର୍ଷ ୩ ମାର୍ଚ୍ଚରେ ପାଳନ କରାଯାଉଛି। ଏହି ଅବସରରେ ବିଶ୍ୱର ଜୈବ ବିବିଧତାରେ ସବୁ ପ୍ରଜାତିର ଜୀବଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ସ୍ମରଣ କରାଯାଏ। ଏହି ଦିବସରେ ବନ୍ୟଜୀବଙ୍କ ଉପରେ ସୃଷ୍ଟି ହେଉଥିବା ବିପଦ ଉପରେ ଅନୁଧ୍ୟାନ କରାଯିବା ସହ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଗଭୀର ଅନୁଧ୍ୟାନ କରାଯାଏ। ସଂକଟରେ ଥିବା ଜୀବ ତଥା ବନସ୍ପତିର ସୁରକ୍ଷା ପାଇଁ ୩ ମାର୍ଚ୍ଚ ୧୯୭୩ରେ 'କନଭେସନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜର୍ଡ ସ୍ପେସିସ୍' (ସିଆଇଟିଇଏସ୍) ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୩ରେ ଥାଇଲାଣ୍ଡର ବ୍ୟାଙ୍କକରେ ଅନୁଷ୍ଠିତ ସିଆଇଟିଇଏସ୍‌ର ୧୬ତମ ଅଧିବେଶନରେ ପ୍ରଥମେ ଏହି ଦିବସ ପାଳନ କରାଯିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ବିଚାରକୁ ନେଇ ୨୦ ଡିସେମ୍ବର ୨୦୧୩ରେ ଜାତିସଂଘ ସାଧାରଣ ପରିଷଦର ୬୮ତମ ଅଧିବେଶନରେ ୩ ମାର୍ଚ୍ଚକୁ ବିଶ୍ୱ ବନ୍ୟଜୀବ ଦିବସ ଭାବେ ଘୋଷଣା କରାଯାଇଥିଲା। ୨୦୧୪ରେ ପ୍ରଥମେ ଉକ୍ତ ଦିବସ ପାଳନ କରାଯାଇଥିଲା।

ବନ୍ୟ ଜୀବଜନ୍ତୁ ତଥା ବୃକ୍ଷଲତା ପରିବେଶ ସନ୍ତୁଳନ ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ଏହା ମଧ୍ୟ ପ୍ରାକୃତିକ ସଂସାଧନ ପୁନଃ ପ୍ରାପ୍ତ କରିବାରେ ସହଯୋଗ କରେ। ବନ୍ୟଜୀବଙ୍କୁ ମଣିଷ ଅନବରତ ଧ୍ୱଂସ କରିବା ଦ୍ୱାରା ଜଳବାୟୁରେ ପରିବର୍ତ୍ତନ ହେଉଛି । ଏବେ ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ପ୍ରତିବର୍ଷ ପୃଥିବୀରୁ ୭୩,୦୦୦ପ୍ରଜାତିର ଜୀବ (ପ୍ରତିଦିନ ପାଖାପାଖି ୨୦୦ ପ୍ରଜାତି) ବିଲୁପ୍ତ ହୋଇଯାଉଛି। ଏଥି ମଧ୍ୟରୁ କେବଳ ଜଙ୍ଗଲ ଧ୍ୱଂସ ହେବା କାରଣରୁ ପ୍ରତିବର୍ଷ ୫୩,୦୦୦ ପ୍ରଜାତିର ଜୀବ ବିଲୁପ୍ତ ହୋଇଯାଉଛନ୍ତି। ଏଣୁ ମାନବ ଜୀବନ ସୁରକ୍ଷିତ ରଖିବାକୁ ହେଲେ ଆମକୁ ବନ୍ୟଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା କରିବାକୁ ହେବ। ବନ୍ୟଜୀବ ବିନା ପୃଥିବୀ ଏକ ଶୁଷ୍କ ଗ୍ରହ ପାଲଟିଯିବ ଯେଉଁଠି ଜୀବନ ସମ୍ଭବ ହୋଇପାରିବନାହିଁ। ବନ୍ୟଜୀବଙ୍କ ସୁରକ୍ଷା କରି ଆମେ ନିଜକୁ ତଥା ପୃଥିବୀର ଅସ୍ତିତ୍ୱକୁ ରକ୍ଷା କରିପାରିବା। ବନ୍ୟଜୀବଙ୍କ ପ୍ରତି ଆମ ଶ୍ରଦ୍ଧା ଓ ସୁରକ୍ଷାର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବାରେ ଏହି ଦିବସ ଆମକୁ ଚେତାଇଦିଏ। ଏମାନଙ୍କ ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବା ଉକ୍ତ ଦିବସର ଏକ ସାର୍ଥକ ପଦକ୍ଷେପ। ୨୦୧୪ ରେ ପ୍ରଥମେ ଉକ୍ତ ଦିବସର ସ୍ଲୋଗାନ ରହିଥିଲା 'ବନ୍ୟଜୀବ ସମ୍ପର୍କିତ ଅପରାଧ ଉପରେ ସଚେତନ ହେବାର ଏହା ଉପଯୁକ୍ତ ସମୟ'। ସେବେଠାରୁ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ପାଳନ କରାଯାଇଆସୁଅଛି। ୨୦୨୦ରେ ବିଶ୍ୱ ବନ୍ୟଜୀବ ଦିବସର ସ୍ଲୋଗାନ୍ ରହିଛି ' ସବୁ ଜୀବନ ପୃଥିବୀରେ ତିଷ୍ଠି ରହୁ'।






# ଏଥର ଆକ୍ରମଣ କରିବ ଡ୍ରୋନ୍ ଫାଇଟର ପ୍ଲେନ୍

**ସାନ୍‌ଫ୍ରାନ୍ସିସ୍କୋ:** ମହାକାଶ ଗବେଷଣା ତଥା ମହାକାଶ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଘରୋଇ କମ୍ପାନୀ ସ୍ପେସ୍-ଏକ୍ସର ସିଇଓ ଏଲନ୍ ମସ୍କ କହିଛନ୍ତି ଯେ,ଭବିଷ୍ୟତରେ ଯୁଦ୍ଧ ଫାଇଟର୍ ଜେଟ୍‌ରେ ହେବନି , ହେବ ଡ୍ରୋନ୍ ଫାଇଟର ପ୍ଲେନ୍‌ରେ। ଆକାଶରେ ଆଉ ଏଫ୍-୩୫ ଉଡିବା ବି ଦେଖିବାକୁ ମିଳିବନି। ଯୁଦ୍ଧାସ୍ତ୍ର ପ୍ରତିଯୋଗିତାରେ ଏହା ଏକ ନୂଆ ଅଧ୍ୟାୟ ମଧ୍ୟ ସୃଷ୍ଟି କରିବ। ଆମେରିକା ବାୟୁସେନା ପକ୍ଷରୁ ଫ୍ଲୋରିଡାରେ ଆୟୋଜିତ ଏୟାର ୱାରଫେୟାର ସିମ୍ପୋସିୟମ୍‌ରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ମସ୍କ ଏହା କହିଛନ୍ତି। ଭବିଷ୍ୟତରେ ଯେଉଁ ଡ୍ରୋନ୍ ବ୍ୟବହାର କରାଯିବ ତାହା ସ୍ୱୟଂଚାଳିତ। ଡ୍ରୋନ୍‌ର ଯୁଦ୍ଧଶୈଳୀକୁ ପାଇଲଟ ରିମୋଟ୍ ମାଧ୍ୟମରେ ସଂଚାଳନ କରିପାରିବେ। ଇତିମଧ୍ୟରେ ଆମେରିକା ବାୟୁସେନା ଅତ୍ୟାଧୁନିକ ଜେଟ୍ କ୍ଷମତା ସମ ଡ୍ରୋନର ପରୀକ୍ଷା ମଧ୍ୟ ସଫଳତାର ସହ କରିସାରିଛି। ଏହି ଡ୍ରୋନ୍ ଫାଇଟର୍ ନାମ ଏକ୍ସକ୍ୟୁ୫୮-ଏ ଭାଲ୍‌କିରି। ଏହା ମାନବ ଚାଳିତ ଫାଇଟର ବିମାନ ସହ ବିଭିନ୍ନ ଅପରେଶନରେ ସହଯୋଗ କରିବ ବୋଲି କୁହାଯାଉଛି। ଯୁଦ୍ଧ ସମୟରେ ବିଭିନ୍ନ ଦିଗ ଉପରେ ନିରୀକ୍ଷଣ କରିବା ସହ ଠିକ୍ ଭାବେ ଷ୍ଟ୍ରାଇକ୍ ବି କରିପାରିବ। ଏହାର କମ୍ ଓଜନର ସ୍ମାର୍ଟ ବମ୍ ନେବା ଭଳି କ୍ଷମତା ରହିଛି। ଏଫ୍-୧୬ ଫାଇଟିଂ ଫାଲକନ୍‌ର ରେଞ୍ଜ ୨,୬୦୦ ମାଇଲ ଓ ଏଫ-୨୨ ରାପ୍ଟରର ରେଞ୍ଜ ୧,୮୦୦ ମାଇଲ୍‌ରୁ ଅଧିକ ଥିବାବେଳେ ଏହି ଡ୍ରୋନ୍ ଫାଇଟର୍‌ର ରେଞ୍ଜ ରହିଛି ୨,୫୦୦ ମାଇଲ।

# ଦିଲ୍‌ଜିତଙ୍କ ସହ ଇଭାଙ୍କା

## ଫଟୋ ଭାଇରାଲ

ୱାଶିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପରିବାର ସହ ଦୁଇଦିନିଆ ଭାରତ ଗସ୍ତରେ ଆସିଥିଲେ। ତାଙ୍କ ସହ ଥିଲେ ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ, ଝିଅ ଇଭାଙ୍କା ଓ ଜ୍ୱାଇଁ ଜେରେଡ। ଏମାନେ ଭାରତ ଗସ୍ତ ସମୟରେ ତାଜମହଲ ଭ୍ରମଣରେ ଯାଇଥିଲେ। ସେଠାରେ ଇଭାଙ୍କା ତାଙ୍କ ସ୍ୱାମୀ ଜେରେଡଙ୍କ ସହ ଯଉଁସବୁ ଫଟୋ ଉଠାଇଥିଲେ ଆମେରିକା ଫେରିବା ପରେ ସେସବୁକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିଲେ। ଆଉ ଏହାପରେ ଫଟୋ ସବୁ ଭାଇରାଲ ହେବାରେ ଲାଗିଥିଲା। ଏବେ ଏହି ଫଟୋକୁ ନେଇ ମିମ୍ସ କରାଯାଉଥିବା ବେଳେ ଏଥିରେ ପଞ୍ଜାବୀ ଗାୟକ ଦିଲ୍‌ଜିତ ଦୋସାଂଝ ଓ ବଲିଉଡ୍ କଳାକାର ମନୋଜ ବାଜପେୟୀଙ୍କ ନାଁ ବି ସାମିଲ ହୋଇଥିବା ଦେଖାଯାଇଛି। ଦିଲଜିତ୍ ଏବେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଇଭାଙ୍କାଙ୍କ ସହ ତାଜମହଲ ପରିସରରେ ବସିଥିବା ଦେଖାଯାଇଛି। ଏହି ଫଟୋ ଶେୟାର କରି ଦିଲଜିତ୍ ଲେଖିଛନ୍ତି ଇଭାଙ୍କା କୁଆଡେ ତାଙ୍କୁ ତାଜମହଲ ବୁଲାଇବାକୁ ନେବାକୁ କହିବାରୁ ଦୁହେଁ ମିଶି ତାଜମହଲ ବୁଲିବାକୁ ଯାଇଥିଲେ। ଦିଲଜିତଙ୍କ ଏହି ଟୁଇଟ୍‌ର ଉତ୍ତରରେ ଇଭାଙ୍କା କହିଛନ୍ତି, ତାଜମହଲ ବୁଲାଇଥିବାରୁ ଧନ୍ୟବାଦ। ଏହି ମୁହୂର୍ତ୍ତକୁ କେବେ ଭୁଲି ହେବନାହିଁ। କେବଳ ଦିଲ୍‌ଜିତ ନୁହେଁ ଏବେ ଫଟୋଶପ୍ ମାଧ୍ୟମରେ କେତେଜଣ ଇଭାଙ୍କାଙ୍କ ଫଟୋସହ ନିଜ ଫଟୋ ଯୋଡି ସୋସିଆଲ ମିଡିଆରେ ଶେୟାର କରିଥିବା ଦେଖାଯାଇଛି।



# ୧୫ ମିନିଟରେ ସ୍ତନକର୍କଟ ଚିହ୍ନିବ 'ନିରାମଇ' ଡିଭାଇସ୍

**ବେଙ୍ଗାଲୁରୁ:** ଭାରତରେ ସ୍ତନକର୍କଟରେ ବହୁ ମହିଳାଙ୍କ ମୃତ୍ୟୁ ଘଟିଥାଏ। ତେବେ ସ୍ତନକର୍କଟର ଚିହ୍ନଟ ପ୍ରାଥମିକ ପର୍ଯ୍ୟାୟରେ ହୋଇପାରିଲେ ଏହା ଘାତକ ହୋଇପାରି ନ ଥାଏ ବୋଲି ଚିକିତ୍ସକ କହିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଗୀତା ମଞ୍ଜୁନାଥ ନାମକ ଜଣେ ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ପକ୍ଷରୁ 'ନିରାମଇ' ଡିଭାଇସ୍ ତିଆରି କରାଯାଇଛି। ଏହା ସହାୟତାରେ ମାତ୍ର ୧୫ ମିନିଟ୍ ମଧ୍ୟରେ ସ୍ତନକର୍କଟ ଚିହ୍ନଟ କରାଯାଇପାରୁଛି। ଏହି ଥର୍ମାଲ ସେନସର ଡିଭାଇସ୍ ୫ ମିଲିମିଟର ଆକାରର ଟ୍ୟୁମରକୁ ସହଜରେ ଚିହ୍ନଟ କରିପାରୁଛି। ଏହାଦ୍ୱାରା ଇତିମଧ୍ୟରେ ୨୫ ହଜାର ମହିଳାଙ୍କ ସ୍ତନକର୍କଟ ଚିହ୍ନଟ ହୋଇପାରିଛି। ଏହା ୩୦ରୁ ଅଧିକ ହସ୍ପିଟାଲରେ ଉପଲବ୍ଧ ହେଉଛି। ନିଜ ଦାଦା ଝିଅ ଭଉଣୀଙ୍କର ସ୍ତନକର୍କଟରେ ମୃତ୍ୟୁ ହେବା ପରେ ଗୀତା ଏଭଳି ଡିଭାଇସ୍ ତିଆରି କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ସମ୍ପ୍ରତି ଭାରତରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ୨୬ ଜଣ ସ୍ତନକର୍କଟରେ ପୀଡ଼ିତ। ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ଏହାର ଚିହ୍ନଟ ପ୍ରାଥମିକ ପର୍ଯ୍ୟାୟରେ ହୋଇପାରି ନ ଥାଏ। ସେହିପରି ୬୬ ପ୍ରତିଶତ ଏଥିରୁ ଚିକିତ୍ସା ପରେ ସୁସ୍ଥ ହୋଇଥାନ୍ତି। ଅପରପକ୍ଷରେ ପୃଥିବୀର ବିଭିନ୍ନ ବିକଶିତ ରାଷ୍ଟ୍ରରେ ୯୦ ପ୍ରତିଶତ ମହିଳା ଚିକିତ୍ସା ପରେ ସ୍ତନକର୍କଟରୁ ମୁକ୍ତ ହୋଇପାରୁଛନ୍ତି।



# ରିଲିଜ ହେଲା 'ସୂର୍ଯ୍ୟବଂଶୀ'ର ଟ୍ରେଲର

## ଟ୍ରାଫିକ ଜାମ୍‌କୁ ଦୂରେଇବାକୁ ଅକ୍ଷୟଙ୍କ ନୂଆ ଫର୍ମୁଲା



ମୁମ୍ବାଇ: ବଲିଉଡ୍ ଅପ୍ କମିଂ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ମୁଖ୍ୟ ଭୂମିକାରେ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର, କ୍ୟାଟ୍ରିନା କୈଫ, ଜ୍ୟାକି ଶ୍ରଫ, ଗୁଲ୍‌ଶନ ଗ୍ରୋଭର, ବିଧାନ ଶର୍ମା ଆଦିଙ୍କୁ ଦେଖିବାକୁ ମିଳିବ। ଏହି ଟ୍ରେଲର ରିଲିଜ୍ ଅବସରରେ ଟ୍ରାଫିକ ଜାମ୍‌କୁ ଦୂରେଇ ଦେବାକୁ ଅକ୍ଷୟ କୁମାର ଏକ ନୂଆ ଫର୍ମୁଲା ଆପଣେଇ ଥିବା ଦେଖାଯାଇଛି। ଟ୍ରେଲର୍ ରିଲିଜ ଅବସରରେ ସେ ଏକ ରେସିଂ ବାଇକ୍ ନେଇ ପହଞ୍ଚିଛନ୍ତି। ଏହି ରେସିଂ ବାଇକ୍ ସହ ଅକ୍ଷୟ ହାତରେ ହେଲମେଟ୍ ଧରିଥିବାର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାସହ ଅକ୍ଷୟ ଲେଖିଛନ୍ତି 'ସୂର୍ଯ୍ୟବଂଶୀ'ର ଟ୍ରେଲର ରିଲିଜ୍ ଅବସରରେ ମୁମ୍ବାଇ ଟ୍ରାଫିକରୁ ବଞ୍ଚିବାକୁ ଆଜି ସୂର୍ଯ୍ୟବଂଶୀ ହେଲିକପ୍ଟର ବଦଳରେ ବାଇକ୍‌ର ସାହାରା ନେଇଛନ୍ତି। ଅକ୍ଷୟଙ୍କ ଏହି ଫଟୋକୁ ଦେଖିବା ପରେ ତାଙ୍କର ପ୍ରଶଂସକମାନେ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି।

# ୨ ବର୍ଷ ହେବ ନିଜକୁ ଜୀବିତ ପ୍ରମାଣ କରିପାରୁନାହାନ୍ତି

**ଭୋପାଳ:** ଅନେକ ସମୟରେ ଭତ୍ତା ପାଇଁ ମୃତ ଲୋକଙ୍କୁ ଜୀବିତ ଦର୍ଶାଯାଇଥାଏ। କିନ୍ତୁ ମଧ୍ୟପ୍ରଦେଶରେ ଜଣେ ଜୀବିତ ମହିଳା ମୃତ ଘୋଷିତ ହେବା ଯୋଗୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ମହିଳା ଜଣକ ନିଜକୁ ଜୀବିତ ବୋଲି ପ୍ରମାଣ କରିବାର ପ୍ରୟାସ ଜାରି ରଖିଥିବା ଖବର ବି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ରତଲାମ୍‌ର ସ୍ୱାତିପୁରାରେ ବାସ କରୁଥିବା ରେଖା ନାମକ ଜଣେ ମହିଳାଙ୍କ କ୍ଷେତ୍ରରେ ଏଭଳି ଘଟିଛି। ସରକାରୀ କାଗଜପତ୍ରରେ ସେ ମୃତ ଘୋଷିତ ହୋଇଛନ୍ତି। ଦୀର୍ଘ ୨ ବର୍ଷ ହେଲା ନିଜକୁ ଜୀବିତ ପ୍ରମାଣ କରିବା ପାଇଁ ସେ ନିୟମିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଘୂରି ବୁଲୁଛନ୍ତି। ତେବେ ତାଙ୍କ କଥା କେହି ଶୁଣୁନାହାନ୍ତି। ତାଙ୍କୁ ସରକାରୀ ଭାବେ ଏପର୍ଯ୍ୟନ୍ତ ଜୀବିତ ଘୋଷଣା କରାଯାଇ ପାରିନାହିଁ। ୨ ବର୍ଷ ତଳେ ରେଖାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେ ବିଧବା ଭତ୍ତା ପାଇଁ ସ୍ଥାନୀୟ ନଗର ନିଗମ କାର୍ଯ୍ୟାଳୟରେ ଆବେଦନ କରିବାକୁ ପହଞ୍ଚିଥିଲେ। ସେଠାରେ ଥିବା କାଗଜପତ୍ରରେ ସ୍ୱାମୀଙ୍କ ସହିତ ରେଖାଙ୍କ ମୃତ୍ୟୁ ଘଟିଥିବା ପଞ୍ଜୀକରଣ କରାଯାଇଥିବା ଦେଖିବାକୁ ମିଳିଥିଲା। ନିଜକୁ ଜୀବିତ ପ୍ରମାଣ କରି ଭତ୍ତା ପାଇବାରେ ସବୁ ଆଶା ହରାଇବା ପରେ ଏବେ ବାଧ୍ୟ ହୋଇ ରେଖା ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ସମ୍ପୃକ୍ତ ଅଧିକାରୀମାନେ କାଗଜପତ୍ରରେ ରେଖାଙ୍କୁ ଜୀବିତ ଦର୍ଶାଇବା ପାଇଁ ୧୫ ଦିନ ସମୟ ନେଇଛନ୍ତି।



# ପ୍ରଥମ ପଦାତିକ ମ୍ୟୁଜିୟମ



**ଭୋପାଳ:** କାର୍ପାସ ବସ୍ତ୍ର ଏବଂ ସୁସ୍ୱାଦୁ ଖାଦ୍ୟକୁ ନେଇ ଯଶ ଅର୍ଜନ କରିଥିବା ଇନ୍ଦୋର ଏବେ ସାରା ଦୁନିଆକୁ ଶୁଣାଇବ ଭାରତୀୟ ପଦାତିକ ବାହିନୀର ଶୌର୍ଯ୍ୟ, ବୀରତ୍ୱର ଗାଥା। ଇନ୍ଦୋର ନିକଟବର୍ତ୍ତୀ ପର୍ଯ୍ୟଟନ ବିଭବରେ ଭରପୂର ମହୋ (mhow)ରେ ନିର୍ମାଣ ଚାଲିଛି ଦେଶର ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ପଦାତିକ ମ୍ୟୁଜିୟମ। ଏହାର ପ୍ରଥମ ପର୍ଯ୍ୟାୟ କାମ ଶେଷ ହୋଇସାରିଛି। ଚଳିତବର୍ଷ ଏହାକୁ ସାଧାରଣ ଲୋକଙ୍କ ଲାଗି ଖୋଲାଯିବାକୁ ଯୋଜନା କରାଯାଉଛି।

ଭାରତକୁ ବିଭିନ୍ନ ସମୟରେ ବିଦେଶୀ ଶକ୍ତି କରାୟତ୍ତ କରିଛନ୍ତି। ବ୍ରିଟିଶ ଶାସନରୁ ମୁକ୍ତ ହେବା ପରେ ବି ଅନେକ ଯୁଦ୍ଧ ଦେଖିଛି ଏହି ଦେଶ। ଆଉ ସବୁବେଳେ ପଦାତିକ ବାହିନୀ ନିଜର ପରାକାଷ୍ଠା ଦେଖାଇ ସୃଷ୍ଟି କରିଛି ଉଦାହରଣ। ଏହାକୁ ଜନମାନସରେ ପରିଚିତ କରାଇବା ହିଁ ପଦାତିକ ମ୍ୟୁଜିୟମ ନିର୍ମାଣର ପ୍ରମୁଖ ଉଦ୍ଦେଶ୍ୟ। ମ୍ୟୁଜିୟମରେ ୧୭୪୭ରୁ ୨୦୨୦ ଯାଏ ସୈନ୍ୟବାହିନୀର ଗୌରବଶାଳୀ ଇତିହାସ, ବୀରତ୍ୱଗାଥା, ବଳିଦାନକୁ ଥ୍ରୀ ଡି ପ୍ରିଣ୍ଟର ମାଧ୍ୟମରେ ପ୍ରଦର୍ଶିତ ହେବ। ଏଥିସହ ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ସୈନିକମାନଙ୍କ ପ୍ରତିକୃତିକୁ ଜୀବନ୍ତ ଭାବେ ନିର୍ମାଣ କରାଯାଇଛି। ଏଥିସହ ଯୁଦ୍ଧ ଏବଂ ଯୁଦ୍ଧ ପରବର୍ତ୍ତୀ ସମୟର ଫଟୋ ଗ୍ୟାଲେରି ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ୨ ଏକର ଜମି ଉପରେ ପରିବ୍ୟାପ୍ତ ତଥା ୩ ମହଲାବିଶିଷ୍ଟ ଏହି ମ୍ୟୁଜିୟମକୁ ତିନି ପର୍ଯ୍ୟାୟରେ ନିର୍ମାଣ କରାଯାଉଛି। ୨୦୦୯ରୁ ଏହା ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ କାମ ଅନ୍ତିମ ଚରଣରେ ପହଞ୍ଚି ସାରିଛି। ଦ୍ୱିତୀୟ ଏବଂ ତୃତୀୟ ଫେଜ୍ କାମ ଅତି ଶୀଘ୍ର ଆରମ୍ଭ ହେବ। ଏଥିରେ ୧୭୫୭ର ରକ୍ତାକ୍ତ ପଲାସୀ ଯୁଦ୍ଧ, ୧୭୬୪ର ବକ୍ସାର ଯୁଦ୍ଧ, ୧୮୯୭ର ସାରାଗଡ଼ି ଯୁଦ୍ଧ, ୧୯୬୫ ଏବଂ ୧୯୭୧ରେ ସଂଗଠିତ ଭାରତ-ପାକିସ୍ତାନ ଯୁଦ୍ଧ ବିଷୟରେ ବିସ୍ତୃତ ବିବରଣୀ ରହିବ। ଏଥିସହ ବୀର ଶିବାଜୀ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ଗୌରବମୟ ଜୀବନୀ ମଧ୍ୟ ସ୍ଥାନିତ କରାଯିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମ୍ୟୁଜିୟମରେ ସ୍ଥାନିତ ଯବାନଙ୍କ ଷ୍ଟାଚ୍ୟୁଗୁଡ଼ିକ ବେଶ୍ ଜୀବନ୍ତ ହୋଇଛି। ଯବାନମାନେ ୪୦ ଫୁଟ ଉଚ୍ଚତାରୁ ଡେଇଁବା, ଘରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଧରିବା ଆଦି ବିଷୟବସ୍ତୁ ଉପରେ ଆଧାରିତ ଅବିକଳ ଡମି ବେଶ୍ ଚିତ୍ତାକର୍ଷକ ହୋଇଛି। ମ୍ୟୁଜିୟମରେ ପ୍ରବେଶ ପାଇଁ ଅନ୍‌ଲାଇନରେ ଟିକେଟ ଉପଲବ୍ଧ ହେବ। ଦିନକୁ ମାତ୍ର ୧୦୦ ଜଣ ପର୍ଯ୍ୟଟକଙ୍କୁ ପରିଦର୍ଶନର ସୁବିଧା ମିଳିବ। ମ୍ୟୁଜିୟମକୁ ସମ୍ପୂର୍ଣ୍ଣ ପରିକ୍ରମା କରିବାକୁ ସାଢ଼େ ୨ ଘଣ୍ଟା ସମୟ ଲାଗିବ। ଥରକେ ୪୦ ଜଣ ଲୋକଙ୍କୁ ବୁଲିବାର ସୁବିଧା ମିଳିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# କ'ଣ ହେବ କୋଟିଏ

- କପିଳାସ ପୀଠ ବିକାଶରେ ଅନ୍ତରାୟ ଜଙ୍ଗଲ ଆଇନ
- ଏଏସ୍ଆଇ ଅନୁମତି ବିନା ଟଙ୍କାଟିଏ ଖର୍ଚ୍ଚ ହୋଇପାରିବନି
- ଅନୁଦାନ ଅର୍ଥ ନ ମିଳୁଣୁ ଚିନ୍ତାରେ ଦେବୋତ୍ତର ବିଭାଗ



କପିଳାସ ପୀଠ

(ରତନ ନାୟାର)
**ଢେଙ୍କାନାଳ ଅଫିସ, ୨।୩**

ରାଜସ୍ୱ ଆଦାୟର ଅନ୍ୟତମ ପନ୍ଥା ପର୍ଯ୍ୟଟନ ଶିଳ୍ପ। ବିଳମ୍ବରେ ହେଲେ ମଧ୍ୟ ଏ କଥାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ଏହି ପରିପ୍ରେକ୍ଷୀରେ ନିଜର ପଞ୍ଚମ ପାଳି ଶାସନରେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକ ଉପରେ ଫୋକସ୍ କରିଛନ୍ତି ନବୀନ ସରକାର। ନିକଟରେ ୨୩ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଲାଗି ମଞ୍ଜୁର କରାଯାଇଛି ଅନୁଦାନ। ଏହି କ୍ରମରେ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସକୁ ମିଳିଛି ୧ କୋଟି ଟଙ୍କା। ଦ୍ୱାଦଶ ଶତାବ୍ଦୀର ଏହି ପ୍ରାଚୀନ ପୀଠକୁ ମିଳିଥିବା ଅନୁଦାନ ଅର୍ଥ ଯଦିଓ ସମୁଦ୍ରକୁ ଶଙ୍ଖେ, ତଥାପି ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ହେଲେ ଏବେ ପ୍ରଶ୍ନ ଉଠୁଛି ଟଙ୍କା ଖର୍ଚ୍ଚ ହେବ କେମିତି। କାରଣ ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ହାତକୁ ଯିବା ପରେ ଏଠାରେ ଜାରି ହୋଇଛି କଟକଣା। ଏଏସ୍ଆଇର ବିନା ଅନୁମତିରେ ପୀଠରେ ଅନ୍ୟ ବିଭାଗର ଟଙ୍କାଟିଏ ଖର୍ଚ୍ଚ ହୋଇପାରିବ ନାହିଁ। ଏପରି କି ବିକାଶମୂଳକ କାର୍ଯ୍ୟ କରିବା ମଧ୍ୟ ବେଆଇନ। ଅନ୍ୟପଟେ ଜଟିଳ ଜଙ୍ଗଲ ଆଇନରେ ଛନ୍ଦି ହୋଇ ରହିଛି ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳ। ଫଳରେ ଅନୁଦାନ ଟଙ୍କା ମିଳିବା ଆଗରୁ ଏହାକୁ କିପରି ବିନିଯୋଗ କରାଯିବ ତାହାକୁ ନେଇ ଚିନ୍ତାରେ ପଡ଼ିଛି ଦେବୋତ୍ତର ବିଭାଗ।

ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଯୁଗଳବନ୍ଦୀ ହେଉଛି କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠ କପିଳାସ। ଏହି ପବିତ୍ର କ୍ଷେତ୍ରରେ ବର୍ଷତମାମ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେବେ ପାନୀୟଜଳ ସମସ୍ୟା, ଆଲୋକୀକରଣ, ବିଶ୍ରାମାଗାର ନିର୍ମାଣ ହେଉ ନ ଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ଅନେକ ସମୟରେ ତିକ୍ତ ଅନୁଭୂତି ନେଇ ଫେରିଥାନ୍ତି। ଏପରି ସ୍ଥିତିରେ ୨୦୦୭ରୁ ଏଏସ୍ଆଇ ହାତରେ ନ୍ୟସ୍ତ କରାଯାଇଛି ପୀଠର ରକ୍ଷଣାବେକ୍ଷଣ ଦାୟିତ୍ୱ। ଦୀର୍ଘ ୧୩ ବର୍ଷ ମଧ୍ୟରେ ମନ୍ଦିର ସମେତ ଏହାର ଆଖପାଖ ଅଞ୍ଚଳରେ ସେଭଳି ଆଖିଦୃଶିଆ ବିକାଶ ହୋଇନାହିଁ। ପ୍ରତ୍ନତତ୍ତ୍ୱ ବିଭାଗ ହାତରେ ଥିବାରୁ ଏଠାରେ ଅନ୍ୟ ବିଭାଗର ଅନୁଦାନ ଖର୍ଚ୍ଚ ହୋଇପାରିବ ନାହିଁ ବୋଲି କଟକଣା ରହିଛି। ସେହିପରି ପୀଠକୁ ଲାଗି ରହିଥିବା କପିଳାସ ସଂରକ୍ଷିତ ଜଙ୍ଗଲ ଅନ୍ୟ ଏକ ପ୍ରତିବନ୍ଧକ। ଏସବୁ ଭିତରେ ନିକଟରେ ଜିଲା ପ୍ରଶାସନ ପକ୍ଷରୁ ପୀଠକୁ ଅଧିକ ଆକର୍ଷଣୀୟ କରିବା ଲାଗି ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ଆଲୋଚନା ପରେ ଏହା ସରକାରଙ୍କ ନିକଟକୁ ପଠାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ମନ୍ଦିର ପାଦଦେଶରେ ଶ୍ରଦ୍ଧାଳୁଙ୍କ ରହିବା ଏବଂ ବିଶ୍ରାମ ପାଇଁ ଭକ୍ତନିବାସ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି ଦେବୋତ୍ତର ବିଭାଗ। ହେଲେ ପରିବେଶ ଆଇନ ଭଳି ଗୋଲକଧନ୍ଦାରୁ ମୁକୁଳି ନ ପାରିବା ଏବଂ ଅନ୍ୟ ବିଭାଗର ଅର୍ଥ ଖର୍ଚ୍ଚ ଲାଗି ରହିଥିବା ଜଟିଳ ପ୍ରକ୍ରିୟା ହିଁ ମନ୍ଦିର ବିକାଶରେ ପ୍ରମୁଖ ପ୍ରତିବନ୍ଧକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ଏ ନେଇ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ଜଙ୍ଗଲ ଆଇନ ମୁତାବକ କାର୍ଯ୍ୟ ହେଲେ ସବୁକିଛି ସମ୍ଭବ ହୋଇପାରିବ। ଜଙ୍ଗଲ ଜମିକୁ ଉପଯୋଗ କରି ଶିଳ୍ପ ପ୍ରତିଷ୍ଠା ହୋଇପାରୁଛି। କପିଳାସ ଭଳି ପ୍ରାଚୀନ ଶୈବପୀଠର ମଧ୍ୟ ବିକାଶ ହୋଇପାରିବ। ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଅନୁଦାନ ଆସିବା ପରେ ମନ୍ଦିରର ଉନ୍ନତୀକରଣ କଥା ଚିନ୍ତା କରାଯିବ। ମନ୍ଦିର ଦାୟିତ୍ୱରେ ପ୍ରତ୍ନତତ୍ତ୍ୱ ବିଭାଗ ରହିଛି। ପ୍ରଶାସନ ପକ୍ଷରୁ ମନ୍ଦିର ବାହାର ଅଞ୍ଚଳରେ ଆବଶ୍ୟକ ବିକାଶମୂଳକ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, କପିଳାସର ଉନ୍ନତୀକରଣ ଲାଗି ଯୋଜନା ପ୍ରସ୍ତୁତ କରି ପଠାଇବାକୁ ସରକାରୀ ନିର୍ଦ୍ଦେଶ ଆସିଥିଲା। ତଦନୁଯାୟୀ ଯୋଜନା ପ୍ରସ୍ତୁତ କରି ପଠାଯାଇଥିଲା। ନିକଟରେ ରାଜ୍ୟ ସରକାର ଅନୁଦାନ ମଞ୍ଜୁର କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବିକାଶ କାର୍ଯ୍ୟ ସମ୍ପର୍କିତ ଡିପିଆର ପ୍ରସ୍ତୁତ କରି ରଖାଯାଇଛି। ସରକାରଙ୍କଠାରୁ ନିର୍ଦ୍ଦେଶ ଆସିଲେ ଏହାକୁ ପଠାଯିବ। ସମସ୍ତଙ୍କ ସହଯୋଗ ମିଳିଲେ କପିଳାସ ପୀଠର ବିକାଶ ହୋଇପାରିବ ବୋଲି ଜିଲାପାଳ ନିଜ ମତ ରଖିଛନ୍ତି।

# ଦାୟିତ୍ୱ ନେଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ



ଲୋକ ସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭାବେ ସଞ୍ଜୟ ଦାସବର୍ମା ସୋମବାର ଲୋକ ସେବା ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ)ର ଅନୁମୋଦନକ୍ରମେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ସଞ୍ଜୟଙ୍କ ନିଯୁକ୍ତି ସମ୍ପର୍କରେ ଏକ ବିଜ୍ଞପ୍ତି ରବିବାର ପ୍ରକାଶ ପାଇଥିଲା। ଏହି ପଦବୀ ସହ ସଞ୍ଜୟଙ୍କୁ କ୍ୟାବିନେଟ ପାହ୍ୟା ମଧ୍ୟ ମିଳିଛି। ସୋମବାର ପୂର୍ବାହ୍ନରେ ସଞ୍ଜୟ ଦାୟିତ୍ୱ ନେବା ପରେ ଅପରାହ୍ନରେ ସିଏମ୍ଓ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

ଏହି ସମୟରେ ଯୋଜନା ବୋର୍ଡର ରୂପରେଖ ପରିବର୍ତ୍ତନ ଏବଂ ଜନସାଧାରଣଙ୍କ ସେବାରେ ଏହାକୁ ସକ୍ରିୟଭାବରେ ଭାଗୀଦାରି କରିବା ନେଇ ଆଲୋଚନା ହୋଇଥିଲା। ଦାୟିତ୍ୱ ନେବା ସମୟରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାପରେ ଗଣମାଧ୍ୟମକୁ ମତାମତ ଦେଇ ଯୋଜନା ବୋର୍ଡକୁ ଅଧିକ ଫଳପ୍ରଦ କରାଯିବା ସହ ଜିଲା ଯୋଜନାକୁ ବୋର୍ଡ ମାଧ୍ୟମରେ ଅଧିକ ଗତିଶୀଳ କରାଯିବ। କେରଳ ଓ ତେଲେଙ୍ଗାନା ଭଳି ରାଜ୍ୟ ଯୋଜନା ବୋର୍ଡ ନୂଆ ରୂପ ପାଇବ ବୋଲି ସଞ୍ଜୟ କହିଛନ୍ତି। ଅପରପକ୍ଷରେ ବିରୋଧୀ କଂଗ୍ରେସ ଓ ଭାଜପା ଯୋଜନା ବୋର୍ଡ ଉପାଧ୍ୟକ୍ଷ ନିଯୁକ୍ତିକୁ ଶାସକ ଦଳର ଥଇଥାନ କେନ୍ଦ୍ର ବୋଲି ଅଭିହିତ କରିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ଯୋଜନା ବୋର୍ଡ ଅଫିସକୁ କୌଣସି ଫାଇଲ ଆସେ ନାହିଁ। ବର୍ଷ ବର୍ଷ ଧରି ଏହାର ବୈଠକ ବସି ନ ଥାଏ। ଉପାଧ୍ୟକ୍ଷଙ୍କୁ ସଚିବାଳୟରେ କେବଳ ଗୋଟିଏ ଚାମ୍ବର ମିଳିଥାଏ ବୋଲି ସାଲୁଜା କହିଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଯୋଜନା ବୋର୍ଡ ଏକ ଥଇଥାନ ବୋର୍ଡ। ଅପରପକ୍ଷରେ ଏପରି ଅଭିଯୋଗକୁ ବିଭାଗୀୟ ମନ୍ତ୍ରୀ ଖଣ୍ଡନ କରିଛନ୍ତି। ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ କହିଛନ୍ତି ଯେ, କେନ୍ଦ୍ରରେ ଥିବା ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ କରାଯିବ। ବିରୋଧୀଙ୍କ ଅଭିଯୋଗର କୌଣସି ଆଧାର ନାହିଁ। ଏହାକୁ ଅଧିକ ଲୋକାଭିମୁଖୀ କରିବା ସମ୍ପର୍କିତ ନୀତିଗତ ନିଷ୍ପତ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେହେରା କହିଛନ୍ତି।

## ବିସ୍ଫୋରକ ବୋଝେଇ ଟ୍ରକ ଜବତ, ୨ ଅଟକ

**ଜୟପୁର, ୨।୩(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା ଜୟପୁର ଟାଉନ ଥାନା ପୋଲିସ ସୋମବାର ସ୍ଥାନୀୟ ଗାନ୍ଧିଛକଠାରେ ଏକ ବିସ୍ଫୋରକ ବୋଝେଇ ଟ୍ରକକୁ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖିଛି। ଉକ୍ତ ଟ୍ରକରେ ୨ ଶହ ବସ୍ତା ବିସ୍ଫୋରକ ଥିବା ଜଣାଯାଇଛି। ଏହା ହାଇଦ୍ରାବାଦରୁ ସାଲୁର ଦେଇ ମାଲକାନଗିରି ଜିଲାର କୋରକୁଣ୍ଡା ଏବଂ ମୋଟୁ ଅଞ୍ଚଳର ଦୁଇଟି ପଥର କୁଆଁରିକୁ ଚାଲାଣ ହେଉଥିଲା। ଡ୍ରାଇଭର ବିସ୍ଫୋରକ ସାମଗ୍ରୀ ବିକ୍ରି ଓ ପରିବହନର କାଗଜପତ୍ର ପୋଲିସକୁ ପ୍ରଦାନ କରିଛନ୍ତି। କିନ୍ତୁ ଯାଞ୍ଚ ବେଳେ ଟ୍ରକରେ ୧୭୮ ବସ୍ତା ବୋଝେଇ ବଦଳରେ ୨୦୦ ବସ୍ତା ଥିବା ଜଣାଯାଇଛି। ମାଓବାଦୀ ପ୍ରବଣ କୋରାପୁଟ ଏବଂ ମାଲକାନଗିରି ଜିଲାକୁ ରାତିରେ ବିସ୍ଫୋରକ ଦ୍ରବ୍ୟ ପରିବହନ ବେଆଇନ଼ ହେଲେ ଏହା କିପରି ନିଆଯାଉଥିଲା ସେନେଇ ତଦନ୍ତ କରାଯାଉଛି। ଏନେଇ ହାଇଦ୍ରାବାଦ ବିକ୍ରି ସଂସ୍ଥା ଓ ମାଲକାନଗିରି ପୋଲିସଙ୍କୁ ଯୋଗାଯୋଗ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

## ଗଛରେ ପିଟିହେଲା ବାଇକ୍ ଭଣଜା ମୃତ, ମାମୁ ଗୁରୁତର

**ଓଡ଼ଗାଁ, ୨।୩(ସ୍ୱ.ପ୍ର.):** ଓଡ଼ଗାଁ ଆଦର୍ଶ ଥାନା ଅଧୀନ ବାହାଡ଼ାଝୋଲା ଫାଣ୍ଡି ବଡପଦା ବାଙ୍କଠାରେ ଭାରସାମ୍ୟ ହରାଇ ଏକ ବାଇକ ରାସ୍ତା ପାର୍ଶ୍ୱ ଗଛରେ ପିଟି ହେବାରୁ ବାଇକ ଆରୋହୀ ଭଣଜାଙ୍କ ମୃତ୍ୟୁ ହୋଇଥିବାବେଳେ ଚାଳକ ମାମୁ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ଆମ୍ବପଡାର ଟୁକୁନା ନାୟକ। ଟୁକୁନା ଭୁବନେଶ୍ୱର ଭରତପୁରସ୍ଥିତ ତାଙ୍କ ମାମୁ ମହନ୍ତ ନାୟକଙ୍କ ବାଇକ ପଛରେ ବସି ଗାଁକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

## କ୍ରୀଡ଼ା, ଇ ଆଣ୍ଡ ଆଇଟି ବିଭାଗୀୟ ସମୀକ୍ଷା

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, ଯୁବ ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଉଭୟ ବିଭାଗର ସମୀକ୍ଷା ବୈଠକ ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ସମୀକ୍ଷା ବୈଠକରେ '୫-ଟି'ର ଅନୁପାଳନ ଏବଂ ନୂଆକରି ଅନ୍ତର୍ଭୁକ୍ତ ହୋଇଥିବା 'ମୋ ସରକାର'ରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମନ୍ତ୍ରୀ ଆଲୋଚନା କରିଥିଲେ। ପିଇଟିମାନଙ୍କ ତାଲିମ କାର୍ଯ୍ୟକ୍ରମ, କ୍ରୀଡ଼ାକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରିବା, ଜିସିପିଇର କଲେଜର ନୂତନ କ୍ୟାମ୍ପସ୍ ନିର୍ମାଣ, ପ୍ରତିଷ୍ଠା ହୋଇଥିବା ହାଇପରଫର୍ମାନ୍ସ ସେଣ୍ଟର କାର୍ଯ୍ୟକାରିତା, ବିଭିନ୍ନ ଜିଲା ଏବଂ ପୌରପାଳିକାରେ ନିର୍ମାଣ ହୋଇଥିବା ମିନି ଷ୍ଟାଡିୟମ୍ର ପରିଚାଳନା, ଖେଳାଳିମାନଙ୍କ ଉନ୍ନତ କୋଚିଂ ଉପରେ ଆଲୋଚନା ହୋଇଥିଲା। ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ କ୍ରୀଡ଼ା ବିଦ୍ୟାଳୟ ନିର୍ମାଣ ଆରମ୍ଭ ହୋଇଥିବାବେଳେ ରାଉରକେଲାରେ କ୍ରୀଡ଼ା ବିଦ୍ୟାଳୟ ନିର୍ମାଣ ଲାଗି ଜାଗା ଚିହ୍ନଟ ହୋଇସାରିଛି। କଳିଙ୍ଗ ଇଣ୍ଟରନ୍ୟାଶନାଲ୍ ସ୍ପୋର୍ଟସ ସିଟି, ଆଞ୍ଚଳିକ ଜିଲା ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ, ସୁନ୍ଦରଗଡ଼ ଜିଲାର ୧୭ ସ୍ଥାନରେ ସିନ୍ଥେଟିକ୍ ଟ୍ରଫ୍ ବିଛାଇବା ଏବଂ ଜିଲା କ୍ରୀଡ଼ା ଛାତ୍ରାବାସର ଆଧୁନିକୀକରଣ କାର୍ଯ୍ୟ ଉପରେ ମନ୍ତ୍ରୀ ବିସ୍ତୃତ ଆଲୋଚନା କରିଥିଲେ।

**'୫-ଟି' ଅନୁପାଳନକୁ ମନ୍ତ୍ରୀଙ୍କ ଗୁରୁତ୍ୱ**

ସେହିପରି ଆଇଟି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭାଗ ପକ୍ଷରୁ ବହୁ କାର୍ଯ୍ୟକ୍ରମ ଚାଲୁ ରହିଛି। କ୍ଲାଉଡ୍ ପଲିସି ଏବଂ ଆଇସିଟି ଏବଂ ଇଏସ୍ଡିଏମ୍ ପଲିସି-୨୦୨୦ କାର୍ଯ୍ୟ ଚାଲୁ ରହିଥିବାବେଳେ ବିପିଓ ପଲିସି ଏବଂ ଓଡ଼ିଶା ରାଜ୍ୟ ଡାଟା ସେଣ୍ଟର ପଲିସିକୁ ସରକାରୀ ଅନୁମୋଦନ ଲାଭ ପାଇଁ ପଠାଇ ଦିଆଯାଇଥିବା ବିଭାଗ ପକ୍ଷରୁ ମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା। ଏଥିସହିତ 'ମୋ ସରକାର' ଯୋଗାଯୋଗ ସେଣ୍ଟର, ବିଭିନ୍ନ ଜନମଙ୍ଗଳ ଯୋଜନାର ଏକ ୟୁନିଫାଏଡ୍ ଡାଟାବେସ୍ ନିର୍ମାଣ, ଉନ୍ନତ ସରକାରୀ ଯୋଗାଯୋଗ ବ୍ୟବସ୍ଥା, ସରକାରୀ କାର୍ଯ୍ୟରେ ଆଇଟିର ସହଜ ଉପଯୋଗ ଆଦି ବିଭିନ୍ନ ବିଷୟରେ ମନ୍ତ୍ରୀ ସମୀକ୍ଷା କରିଥିଲେ।

## ଏଲ୍ଏନ୍ଜି ଗ୍ୟାସ ଟର୍ମିନାଲରେ ନିଆଁ



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ଚାନ୍ଦବାଲି, ୨।୩(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ବନ୍ଦର କମ୍ପାନୀ(ଆଦାନୀ) ପରିସରରେ ନିର୍ମାଣାଧୀନ ଏଲ୍ଏନ୍ଜି ଗ୍ୟାସ୍ ଟର୍ମିନାଲରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ବନ୍ଦର କମ୍ପାନୀ ଓ ଧାମରା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବହୁ ଉଦ୍ୟମ ପରେ ସୋମବାର ସକାଳେ ସେମାନେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଓ କ୍ଷୟକ୍ଷତି ସମ୍ପର୍କରେ ଅଧିକ ତଥ୍ୟ ମିଳିପାରି ନାହିଁ। ଏଥିରେ କାହାର ଜୀବନ ହାନି ହୋଇ ନ ଥିବାବେଳେ ବ୍ୟାପକ ଯନ୍ତ୍ରପାତି ପୋଡ଼ି ଯାଇଥିବା ଜଣାପଡ଼ିଛି।

## ୧୫ସୁଦ୍ଧା ସବୁ ଜିଲାରେ ସିଏଏକୁ ବିରୋଧ କରି ସତ୍ୟାଗ୍ରହ

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ଓଡ଼ିଶା ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ), ଜାତୀୟ ନାଗରିକ ପଞ୍ଜିକା(ଏନ୍ଆର୍ସି) ଓ ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍ପିଆର୍)କୁ ବିରୋଧ କରି ପଞ୍ଚାୟତ ଓ ବ୍ଲକ ସ୍ତରରେ ସତ୍ୟାଗ୍ରହ କରିବା ପାଇଁ ରାଜୀବ ଗାନ୍ଧୀ ପଞ୍ଚାୟତ ସଙ୍ଗଠନ ଡାକରା ଦେଇଛି। ଏନେଇ ସଙ୍ଗଠନର ସାଧାରଣ ସମ୍ପାଦକ ରାଜକୁମାର କିରାଡୁ ସୂଚନା ଦେଇଛନ୍ତି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ଜିଲାସ୍ତରୀୟ ନାଗରିକ ସତ୍ୟାଗ୍ରହ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଜଗତ୍ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ଢେଙ୍କାନାଳ ଆଦି ଜିଲାରେ ଏହା ସମାପ୍ତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧୫ତାରିଖ ସୁଦ୍ଧା ସମସ୍ତ ଜିଲା ଏବଂ ମେ' ସୁଦ୍ଧା ରାଜ୍ୟର ସମସ୍ତ ବ୍ଲକରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ସିଏଏ, ଏନ୍ଆର୍ସି ଓ ଏନ୍ପିଆର୍କୁ ସତ୍ୟାଗ୍ରହ ମାଧ୍ୟମରେ ବିରୋଧ କରିବା ପାଇଁ ଏହି ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଅଫିସ ଆଗରେ ମଧ୍ୟ ପ୍ରତିବାଦ କରାଯିବ ବୋଲି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ୪ରେ ମୋ ସରକାର ଅଧୀନକୁ ଆସିବ ଶକ୍ତି ବିଭାଗ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ବିଦ୍ୟୁତ ଦୁର୍ଘଟଣା ଏଡ଼ାଇବା, ଶକ୍ତି ସରବରାହରେ ସୁଧାର ଆଣିବା, ଜନସାଧାରଣଙ୍କୁ ବିଦ୍ୟୁତ ବିପଦ ପ୍ରତି ସଚେତନ କରିବା ଆଦି ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଣିକି ପ୍ରତ୍ୟେକ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିରାପତ୍ତା ସୂଚନା ସ୍ଥାପନ କରାଯିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିରେ ଦୁର୍ଘଟଣାର ମାତ୍ରା ଅନୁଯାୟୀ କିଏ ଦାୟୀ ରହିବେ ତାହା ଉଲ୍ଲେଖ ରହିବ। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବାକୁ ମନ୍ତ୍ରୀ ତାଗିଦ୍ କରିଛନ୍ତି। ଆସନ୍ତା ୪ ତାରିଖରେ ଶକ୍ତି ବିଭାଗ 'ମୋ ସରକାର' ଅଧୀନକୁ ଆସୁଥିବା ପରିପ୍ରେକ୍ଷୀରେ ଏହା ଉପଭୋକ୍ତା ତଥା ସାଧାରଣ ଜନତାଙ୍କ ନିମନ୍ତେ ଜାଣିବା ଆବଶ୍ୟକ ବୋଲି କୁହାଯାଇଛି। ଏହାସହ ମନ୍ତ୍ରୀ ନିକଟରେ ଗଞ୍ଜାମ ଜିଲାରେ ଘଟିଥିବା ବିଦ୍ୟୁତ ଦୁର୍ଘଟଣା ପରେ ରାଜ୍ୟସାରା ବିଦ୍ୟୁତ ସେବା କ୍ଷେତ୍ରରେ ଥିବା ତ୍ରୁଟି ସୁଧାରିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକୁ ସମୀକ୍ଷା କରିଛନ୍ତି। ସେ ମଧ୍ୟ ଗତ ତିତ୍ଲି, ଫନୀ, ହୁଡହୁଡ୍ ସମୟରେ ବିଭିନ୍ନ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକୁ ପ୍ରଦାନ କରାଯାଇଥିବା ଅର୍ଥର ସମ୍ପୂର୍ଣ୍ଣ ବିନିଯୋଗ ନ ହୋଇ ପଡ଼ିରହିଥିବା ଅର୍ଥକୁ ପ୍ରଥମେ ଏହି ତ୍ରୁଟି ସୁଧାରିବା କାର୍ଯ୍ୟରେ ବିନିଯୋଗ କରି ତା'ର ହିସାବ ଦେବାକୁ କହିଛନ୍ତି। ତଳକୁ ଝୁଲି ରହୁଥିବା ବିଜୁଳି ତାରକୁ ନିର୍ଦ୍ଧାରିତ ଉଚ୍ଚତାରେ ଲଗାଇବା ପାଇଁ ଆବଶ୍ୟକ ମଧ୍ୟବର୍ତ୍ତୀ ଖୁଣ୍ଟ ଲଗାଇବା, ବିଦ୍ୟୁତ ପରିବାହକଗୁଡ଼ିକରେ ପରିବର୍ତ୍ତନ, ହାତୀ କରିଡରଗୁଡ଼ିକରେ ବିଦ୍ୟୁତ ସରବରାହକୁ ସୁସଂଯତ କରିବା ଆଦି ଘଟଣାର ସମୀକ୍ଷା କରାଯାଇଛି। ବୈଠକରେ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ନିଜ ଅଧୀନରେ ବିନିଯୋଗ ନ ହୋଇ ପଡ଼ି ରହିଥିବା ଅର୍ଥରାଶିର ହିସାବ ତୁରନ୍ତ ପ୍ରମୁଖ ଶାସନ ସଚିବଙ୍କୁ ଜଣାଇବାକୁ କୁହାଯାଇଛି। ପ୍ରତି ମାସର ୫ତାରିଖ ମଧ୍ୟରେ ସମସ୍ତ ପ୍ରଶାସନିକ ଅଧିକାରୀ ସେମାନଙ୍କ କାର୍ଯ୍ୟ ସମ୍ପାଦନ ବିବରଣୀ ପ୍ରମୁଖ ଶାସନ ସଚିବଙ୍କୁ ପ୍ରଦାନ କରିବାକୁ କୁହାଯାଇଛି ।

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରହିବ ନିରାପତ୍ତା ସୂଚନା**


**COLLECTORATE, MALKANGIRI**
**District Child Protection Unit (Child Welfare Section)**
**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମାଲକାନଗିରି**

**ବିଜ୍ଞାପନ** No.g-82

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୌଣସି ଏକ ମହିଳା ଗତ ଜାନୁୟାରୀ ମାସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇ ଛାଡି ଚାଲିଯାଇଅଛି। ସେହି ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇ ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ରଖାଯାଇଅଛି। ଉକ୍ତ ଶିଶୁକନ୍ୟାର ଯଦି କେହି ସମ୍ପର୍କୀୟ ଓ ଦାବିଦାର ଥାଆନ୍ତି ତେବେ ଉପଯୁକ୍ତ ପ୍ରମାଣପତ୍ର ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ମାଲକାନଗିରିଙ୍କ କାର୍ଯ୍ୟାଳୟରେ, (ଫୋନ ନଂ.୦୬୮୬୧୨୩୧୨୧୧) ଯୋଗାଯୋଗ କରିବାହେବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ। ଏହି ଶିଶୁର କୌଣସି ଦାବିଦାର ଏକ ମାସ ମଧ୍ୟରେ ନ ମିଳିଲେ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ।



**ସ୍ୱା./- ଜିଲ୍ଲାପାଳ, ମାଲକାନଗିରି**

**OIPR-33019/11/0004/1920**



**OFFICE OF THE AUDIT OFFICER, LOCAL FUND AUDIT,**
**4TH & 5TH FLOOR, SPECIAL TREASURY No.1 BUILDING**
**BHUBANESWAR**

**O.O. No. 684/LFA** **Dt. 28.02.2020**

**QUOTATION**

No.S-37 :- Sealed quotations are invited from interested reputed Travel Agencies, Tour Operators/service providers or private individuals on or before 4.00 P.M. of 16.03.2020 for providing one no. of Tiago/Bolt/ Celerio (Petrol) vehicles having sitting capacity not more than five including driver, which shall confirm to the terms and conditions (Annexure-II) for official use in Office of the Audit Officer, Local Fund Audit, Bhubaneswar on monthly rent basis :

1) The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution free Certificate, Valid Contract Carriage Permit, Proof of up to date tax payment etc. which are mandatory for plying of vehicles.
2) Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle in a Government/Semi Government organization preferably for a period of at least three years.
3) The Driver should be well behaved, gentle and obedient in nature.
4) A sum of Rs. 5000/- shall be deposited by the intending bidders in shape of Account payee Bank Draft drawn in favour of the Audit Officer, Local Fund Audit, Bhubaneswar and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5) The Successful bidder will have to deposit Rs. 10,000/- in shape of account payee Bank Draft as performance security deposit which will be kept along with security deposit with the hirer till the completion of the contract or termination of the agreement, if any, which is earlier.
6) The monthly rate of hire charge be quoted separately in the general bid information (excluding fuel and lubricants).
7) The Vehicle must achieve a fuel efficiency of 17 Kms per litre.
8) The details of the make and year of manufacture of the vehicle, registration no., mileage (Kms covered per litre) and name of the Driver with driving License No. and period of validity should be specifically provided in the general bid information to be furnished with the Quotation (Annexure-III).
9) The Quotation completed in all respect should reach the undersigned on or before 16.03.2020 by 4.00 P.M. and shall be opened on 16.03.2020 at 5.00 P.M. in presence of the bidders or their authorized representatives.
10) The bidders are requested to refer letter No.30464/F dt. 06.09.2019 of Finance Department, Odisha, for further details.

**Sd./- Audit Officer,**
**Local Fund Audit, Bhubaneswar**
**OIPR-05009/11/0007/1920**



ଓଡ଼ିଶା ସରକାର
**DISTRICT RURAL DEVELOPMENT AGENCY, KANDHAMAL**
**Panchayati Raj & Drinking Water Department**
**Government of Odisha**
Tel: 06842 (STD Code) 253696 (Off.), 253709 (Res.), 255297, 253905 (Fax), Email: ori-dphulbani@nic.in
No. 990/ Date: 02.03.2020

**OFFICE ORDER**

The advertisement for contractual engagement of Gram Rozgar Sevak (GRS) of Kandhamal District under MGNREGA vide Advertisement No. 3828, dated 11.09.2019 is hereby cancelled and further advertisement shall be published in near future.

***Sd./- Collector-cum-CEO, Zilla Parishad, Kandhamal***



**OFFICE OF THE PRINCIPAL**
**S.V.M. AUTONOMOUS COLLEGE**
**JAGATSINGHPUR-754103 (ODISHA)**
Tel: 06724-220027, Fax: 06724-220119, Email: svmc.orissa@gmail.com

**ADVERTISEMENT**

Sealed quotations are invited from the intending suppliers / authorized dealers / publishers having GST/VAT clearance for supply of Library Books (Text Books as per CBCS pattern) of this college under WB-OHEPEE scheme. The quotations reflecting the Percentage of discount on the books admissible for educational institution, should reach the office of the Principal, S.V.M. Autonomous College, Jagatsinghpur through Regd. Post / Speed Post only by 21.03.2020 upto 5 PM. The sealed quotations will be opened on 23.03.2020 at 11 AM. The details of indents may be downloaded from our website www.svmcauto.org.in.

The undersigned reserves the right to reject any or all quotations without assigning any reason thereof.

***Sd./- (Smt. NITARANI KAR), Principal***
***S.V.M. Autonomous College, Jagatsinghpur***



**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ୍ ନଂ.-୩ ଏବଂ ୫, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯
ଦୂରଭାଷ: 0674-2597149, 2597152 (ଅଫିସ୍), ଫାକ୍ସ: 0674-2597155,
ୱେବ୍ସାଇଟ୍: www.osssc.gov.in

**ବିଜ୍ଞାପନ**

ସଂଖ୍ୟା: IIE-34/2016-15 (C)/ OSSSC, ତାରିଖ: 26.02.2020

**ଜିଲ୍ଲାସ୍ତରୀୟ ଉଦ୍ୟାନ ସମ୍ପ୍ରସାରଣ ସେବକ (HEW) ଓ ଗ୍ରାମ୍ୟ କୃଷି ସେବକ (VAW) ପଦବୀର ପ୍ରାର୍ଥୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା**

**No. T-204:-** ଜିଲ୍ଲାସ୍ତରୀୟ ଉଦ୍ୟାନ ସମ୍ପ୍ରସାରଣ ସେବକ ଓ ଗ୍ରାମ୍ୟ କୃଷି ସେବକ ପଦବୀରେ ପ୍ରାର୍ଥୀ ଚୟନ ନିମନ୍ତେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱରଙ୍କ ବିଜ୍ଞାପନ ସଂଖ୍ୟା- IIE-34/2016-448(C)/OSSSC, ତା16.11.2016ରିଖ ଓ IIE-34/2016-561(C)/OSSSC, ତା20.12.2016ରିଖ ଅନୁଯାୟୀ ଲିଖିତ ପରୀକ୍ଷା ଆସନ୍ତା ତା31.05.2020 ରବିବାର ଦିନ ପୂର୍ବାହ୍ନ 9.30 ଘଟିକାରେ ସମସ୍ତ ଜିଲ୍ଲା ସଦର ମହକୁମାର ଅନୁମୋଦିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

ପ୍ରାର୍ଥୀମାନେ ଆୟୋଗଙ୍କ ୱେବ୍ସାଇଟ୍ www.osssc.gov.inକୁ ଯାଇ ନିଜର ପଞ୍ଜୀକୃତ ID ଏବଂ Password ବ୍ୟବହାର କରି ପ୍ରବେଶପତ୍ର 15.05.2020 ତାରିଖଠାରୁ ଡାଉନ୍ଲୋଡ୍ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଛପା ପ୍ରବେଶପତ୍ର କାହାରିକୁ ଡାକ ଦ୍ୱାରା ପ୍ରେରଣ କରାଯିବ ନାହିଁ। ପ୍ରାର୍ଥୀମାନେ ଆୟୋଗଙ୍କ ୱେବ୍ସାଇଟ୍ www.osssc.gov.inକୁ ଯାଇ ପରବର୍ତ୍ତୀ ସୂଚନା ପାଇପାରିବେ।

**ଆୟୋଗଙ୍କ ଆଦେଶମତେ**
**ସ୍ୱା./- ସଚିବ**
OIPR-09007/11/0008/1920

ଦିବ୍ୟାଙ୍ଗ ହେଲେ ମଧ ଏମାନେ ଅନ୍ୟମାନଙ୍କଠାରୁ କମ୍ ନୁହନ୍ତି। ବିଭିନ୍ନ ପ୍ରତିବନ୍ଧକକୁ ଏଡ଼ାଇ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇ ଚାଲିଛନ୍ତି । ଚଳିତ ମାସ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ। ଏହି ଅବସରରେ ଅନ୍ୟପାଇଁ ପ୍ରେରଣା ସାଜିଥିବା କେତେଜଣ ଦିବ୍ୟାଙ୍ଗ ମହିଳାଙ୍କୁ ନେଇ ଉପସ୍ଥାପନା...

# ତଥାପି ସକ୍ଷମ





ଏ ବର୍ଷର ସ୍ଲୋଗାନ ରହିଛି 'ଆଇ ଆମ୍ ଜେନେରେଶନ ଇକ୍ୱାଲିଟି : ରିୟଲାଇଜିଂ ୱିମେନ'ସ ରାଇଟ୍'।

## ଦୃଢ଼ ମନୋବଳ ମୋତେ ବାଟ ଦେଖାଇଛି : ଅଙ୍ଗୁରବାଳା ରଥ

"ମୁଁ ଜନ୍ମ ନେବାର ମାତ୍ର ୧୦ ମାସ ହୋଇଥାଏ। ଭାଗ୍ୟର ବିଡ଼ମ୍ବନା। ହଠାତ୍ ମୋର ଡାହାଣ ହାତ ଏବଂ ବାମଗୋଡ଼ ପୋଲିଓଗ୍ରସ୍ତ ହେଲା। ତା'ପରେ ସତେ ଯେମିତି ଆମ ପରିବାର ଉପରେ ଆକାଶ ଛିଣ୍ଡି ପଡ଼ିଲା। ଏତେ ଛୋଟ ବେଳୁ ମୋ ଦାୟିତ୍ୱ ତୁଲାଇବାକୁ ମା'ବାପା ଆଦୌ ଅବହେଳା କରି ନ ଥିଲେ। ଯେତେବେଳେ ମୁଁ ସବୁକଥା ଜାଣିଲି ଏବଂ ମୋର ବୟସ ବଢ଼ିଗଲା ସେତେବେଳଠାରୁ ନିଜ କାମ ନିଜେ କରିବାକୁ ଚେଷ୍ଟାକଲି। ଏବେ ନିଜେ ରୋଜଗାର କରିପାରୁଛି। ପରିବାର ଦାୟିତ୍ୱ ନିଜେ ତୁଲାଉଛି" ବୋଲି କହନ୍ତି ଯାଜପୁରରୋଡ୍ ଉମାପଦା ଗ୍ରାମର ଅଙ୍ଗୁରବାଳା ରଥ। ବାପା ଗୋଲଖ ବିହାରୀ ରଥ ଓ ମାଆ ସ୍ନେହଲତା ରଥଙ୍କର ବଡ଼ ଝିଅ ସେ। ପରିବାରରେ ୮ ଭାଇ ଭଉଣୀ। ସେତେବେଳେ ତାଙ୍କ ବାପା ପ୍ରାଇମେରି ଟିଚର ଥିଲେ। ଦରମା କମ୍ ପାଉଥିଲେ ବି ବାଧାବିଘ୍ନକୁ ସାମ୍ନା କରି ତାଙ୍କ ବାପା ପରିବାରଟିକୁ ଚଳାଇନେଉଥିଲେ। ଅଙ୍ଗୁରବାଳା ମାଟ୍ରିକ୍ ଆଉ ସି.ଟି. ପାସ୍ କଲା ପରେ ପ୍ରଥମେ ହଳଦୀଗଡ଼ିଆ ମଦନମୋହନ ନୋଡାଲ ସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ସେ ଏବେ ଚୂନଭାଟି ପ୍ରୋଜେକ୍ଟ ପ୍ରାଇମେରି ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ୧୫ ବର୍ଷର ଶିକ୍ଷକତା ଜୀବନର ସୁଖଦୁଃଖ ଭରା ସ୍ମୃତିକୁ ନିଜ ମନ ଭିତରେ ସାଇତି ରଖିଛନ୍ତି ଅଙ୍ଗୁରବାଳା। ଏହି ଶାରୀରିକ ଭିନ୍ନକ୍ଷମତା ତାଙ୍କ ପାଇଁ କେବେ ସମସ୍ୟା ହୋଇ ଠିଆହୋଇନାହିଁ। ଏପରି କି ନିଜ ନିତ୍ୟକର୍ମ ପାଇଁ ସେ କାହା ଉପରେ ନିର୍ଭର କରନ୍ତିନି। ମନରେ ଅଦମ୍ୟ ସାହସ। ଦୃଢ଼ ମନୋବଳ ତାଙ୍କୁ ଆଜି ଏତେ ବାଟ ଆଗେଇନେଇଛି ବୋଲି କହନ୍ତି ସେ। କେବଳ ସେତିକି ନୁହେଁ, ଅବସର ସମୟରେ ସିଲେଇ କାମରେ ନିଜକୁ ନିୟୋଜିତ ରଖନ୍ତି ସେ। ସମୟ ସହ ତାଳଦେଇ ବୟସ ବଢୁଛି। ହେଲେ ଜଣେ କର୍ମଜୀବୀ ଭାବରେ ନିଜ ଜୀବନ ରଥକୁ ସେ ଖୁସିର ସହ ଆଗେଇନେଇ ଚାଲୁଛନ୍ତି।



ଚନ୍ଦ୍ରକାନ୍ତି



ସୁପ୍ରିୟା



ଜ୍ୟୋତ୍ସ୍ନାରାଣୀ



ପ୍ରଣତି



ଅଙ୍ଗୁରବାଳା

## ଆର୍ଥିକ ପରିସ୍ଥିତି ସୁଧାରିପାରିଛି : ଚନ୍ଦ୍ରକାନ୍ତି ସାନ୍ଧ

ପରିବାରର ଆର୍ଥିକ ପରିସ୍ଥିତି ପ୍ରତି ମୁହୂର୍ତ୍ତରେ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା। ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିଲେ ସତ, କିନ୍ତୁ ପରିବାର ଉପରେ ବୋଝ ହୋଇ ରହିବାକୁ ସେ ଚାହିଁ ନ ଥିଲେ। ପିଲାଟି ବେଳୁ କିପରି ନିଜ ଗୋଡ଼ରେ ନିଜେ ଠିଆହେବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଥିଲେ। ସେ ହେଲେ ବରଗଡ଼ ଜିଲା ସରସରା ପଞ୍ଚାୟତ ଟେଲେନ୍‌ଟିକ୍ରା ଗ୍ରାମର ଚନ୍ଦ୍ରକାନ୍ତି ସାନ୍ଧ। ଘରେ ୨ ଭାଇ ଓ ୨ ଭଉଣୀ। ବରଗଡ଼ ଓମେନ୍ସ କଲେଜରୁ ବ୍ରେଲି ଅକ୍ଷରରେ ପାଠ ପଢ଼ି ସେ ଓଡ଼ିଆ ଅନର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତା'ପରେ ମନରେ ଶିକ୍ଷକତାର ସ୍ୱପ୍ନ ଉଙ୍କି ମାରିଥିଲା। ବଲାଙ୍ଗୀର ଏସ୍‌ଟି ସ୍କୁଲରୁ ସି.ଟି. ପାସ୍ କରିବା ପରେ ଆରମ୍ଭ ହୋଇଥିଲା ତାଙ୍କର ଶିକ୍ଷକତା ଜୀବନ। ବର୍ତ୍ତମାନ ସେ ସ୍ଥାନୀୟ ଟେଲେନ୍‌ଟିକ୍ରା ପ୍ରାଇମେରି ସ୍କୁଲରେ ଶିକ୍ଷକତା କରୁଛନ୍ତି। ସାତବର୍ଷର ଶିକ୍ଷକତା ଜୀବନରେ ବାପା ଟେଙ୍ଗୁନୁ ସାନ୍ଧ ଓ ମାଆ ସାବିତ୍ରୀ ସାନ୍ଧଙ୍କ ସହଯୋଗ ବେଶ୍ ରହିଛି ବୋଲି କୁହନ୍ତି ସେ। ଘରଠାରୁ ୧ କି.ମି. ଦୂର ସ୍କୁଲରେ ପହଞ୍ଚିବାରେ ପିଲାମାନଙ୍କ ସହଯୋଗକୁ ପ୍ରଶଂସା କରନ୍ତି ଚନ୍ଦ୍ରକାନ୍ତି।

## ପରିଶ୍ରମର ମୂଲ୍ୟ ମିଳିଛି : ସୁପ୍ରିୟା ପାତ୍ର

ସୁପ୍ରିୟା ପାତ୍ର। ଘର ପୁରୀ ଜିଲା ନିମାପଡ଼ା ବ୍ଲକ ଅଣ୍ଟିଆ ସାହିରେ। ବାପା ସ୍ୱର୍ଗତ ସୁରେନ୍ଦ୍ରନାଥ ପାତ୍ର ଓ ମାଆ ଜ୍ୟୋତିବାଳା ପାତ୍ର। ପରିବାରରେ ୪ ଭଉଣୀ। ଜଣେ ଭଉଣୀଙ୍କୁ ଛାଡ଼ିଦେଲେ ବାପାମାଆଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଭିନ୍ନକ୍ଷମ। ଜନ୍ମରୁ ପାର୍ସିଆଲି ସାଇଟେଡ୍ ବ୍ଲାଇଣ୍ଡ ସୁପ୍ରିୟା ନିମାପଡ଼ା କଲେଜରୁ ଓଡ଼ିଆ ଅନର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୨୦୦୨ରେ ଯାଜପୁର ଜିଲା ବରୀ ବ୍ଲକ ମାଟିଆପଡ଼ା ଗ୍ରାମର ସଞ୍ଜୀବ କୁମାର ଜେନାଙ୍କୁ ପ୍ରେମ ବିବାହ କଲେ। ପୁଣି ଏମିତି ସଂଯୋଗ ଯେ ସ୍ୱାମୀ ସଞ୍ଜୀବ ମଧ ତାଙ୍କର ଦୁଇ ଆଖି ହରାଇ ସାରିଛନ୍ତି। ଏବେ କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ପାଖରେ ଉଭୟ ସ୍ୱାମୀସ୍ତ୍ରୀ ଘରଭଡ଼ା ନେଇ ରହୁଛନ୍ତି। ଦୁହେଁ ପାଉଛନ୍ତି ଭିନ୍ନକ୍ଷମ ଭତ୍ତା। ସଞ୍ଜୀବ ପେସାରେ ଜଣେ ଆଷ୍ଟ୍ରୋଲୋଜର। ଆଉ ଏଥିପାଇଁ ସମସ୍ତ ଶ୍ରେୟ ସେ ଦିଅନ୍ତି ସୁପ୍ରିୟାଙ୍କୁ। ସୁପ୍ରିୟା ବହୁ କଷ୍ଟରେ ଜାତକ ପଢ଼ି ଶୁଣାନ୍ତି ସ୍ୱାମୀଙ୍କୁ। ଆଉ ଏହାକୁ ଶୁଣି ଭବିଷ୍ୟବାଣୀ ଦିଅନ୍ତି ସଞ୍ଜୀବ। ବିବାହ ପରେ ଆର୍ଥିକ ପରିସ୍ଥିତିକୁ ସୁଧାରିବାକୁ ଉଭୟ ସ୍ୱାମୀ–ସ୍ତ୍ରୀ ମିଶି ବ୍ୟବସାୟ କରିବା ପାଇଁ ଜ୍ୟୋତିଷଶାସ୍ତ୍ର ଲାଇନ୍‌କୁ ପେସା କରିବାକୁ ନିଷ୍ପତ୍ତି ନେଲେ। ଓଡ଼ିଶା ଏବଂ ଓଡ଼ିଶା ବାହାରର ଲୋକଙ୍କୁ ବି ଫୋନ୍ ଯୋଗେ ଭବିଷ୍ୟବାଣୀ ଦେଇ ଉଭୟ ବେଶ୍ କିଛି ରୋଜଗାର କରିପାରୁଛନ୍ତି। ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳୁଛି ଆଉ ଏଥିପାଇଁ ସେମାନେ ଖୁବ୍ ଖୁସି ବୋଲି କୁହନ୍ତି ସୁପ୍ରିୟା।

## ଦିବ୍ୟାଙ୍ଗ ବୋଲି ନିଜକୁ କେବେ ଭାବିନି : ଜ୍ୟୋତ୍ସ୍ନାରାଣୀ ନାୟକ

ଦିବ୍ୟାଙ୍ଗ ହେଲେ ମଧ ସେ କେବେ ହାର୍ ମାନିନାହାନ୍ତି। ପିଲାବେଳୁ ନିଜ ଗୋଡ଼ରେ କିପରି ନିଜେ ଛିଡ଼ାହେବେ ସେ ନେଇ ନିଜକୁ ପ୍ରସ୍ତୁତ କରିସାରିଥିଲେ। ଆଉ ତାଙ୍କର ଏହି ନିଶା ଆଜି ତାଙ୍କୁ ସ୍ୱାବଲମ୍ବୀ କରାଇପାରିଛି। ଜନ୍ମରୁ ତାଙ୍କର ମେରୁଦଣ୍ଡ (ସ୍ପାଇନାଲ୍ କର୍ଡ୍)ରେ ସମସ୍ୟା ରହିଛି। କିନ୍ତୁ ନିଜକୁ କେବେ ଦିବ୍ୟାଙ୍ଗ ବୋଲି ଭାବନ୍ତିନି ସେ। ସେ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ୍ ଗୋଡ଼ା ଗ୍ରାମର ଜ୍ୟୋତ୍ସ୍ନାରାଣୀ ନାୟକ। ବାପା ଶତ୍ରୁଘ୍ନ ନାୟକ ଓ ମାଆ ସ୍ୱର୍ଗତ ସଜନୀ ନାୟକ। ୪ ଭଉଣୀ ୨ ଭାଇରେ ତାଙ୍କ ପରିବାର। ବାପାମାଆଙ୍କର ସାନ ଝିଅ ସେ। ରେଭେନ୍‌ଶା କଲେଜରୁ ରାଜନୀତି ବିଜ୍ଞାନରେ ଗ୍ରାଜୁଏସନ ସାରି ବାଣୀବିହାରରେ ଲାଇବ୍ରେରି ଆଣ୍ଡ ଇନ୍‌ଫର୍ମେଶନ ସାଇନ୍ସରେ ପିଜି କଲେ। ଏବେ ତିର୍ତ୍ତୋଲ ବ୍ଲକରେ ଏନ୍‌ଆର୍‌ଏଲ୍‌ଏମ୍ (ଜାତୀୟ ଗ୍ରାମୀଣ ଜୀବିକା ମିଶନ)ରେ କାର୍ଯ୍ୟରତ। ଏହା ପୂର୍ବରୁ ୱାର୍ଲ୍ଡ ବ୍ୟାଙ୍କ୍ ପ୍ରୋଜେକ୍ଟରେ ୫ ବର୍ଷ ଧରି କାମ କରିଥିଲେ।

## ନିଜ ଖର୍ଚ୍ଚ ନିଜେ ଉଠାଉଛି : ପ୍ରଣତି ସାହୁ

ଛୋଟ ବେଳୁ ତାଙ୍କର ନିଶା ଥିଲା ବଡ଼ ହେଲେ ଚାକିରି କରିବେ। ବର୍ତ୍ତମାନ ସମୟରେ ପ୍ରତିଟି ମହିଳା ଆତ୍ମନିର୍ଭରଶୀଳ ହେବା ଜରୁରୀ ବୋଲି କୁହନ୍ତି ସେ। ଜନ୍ମ ହେବାର ୩ ବର୍ଷ ପରେ ତାଙ୍କ ବାମ ଗୋଡ଼ ପୋଲିଓରେ ଆକ୍ରାନ୍ତ ହେଲା। କିନ୍ତୁ ଏଥିରେ ସେ ଭାଙ୍ଗି ପଡ଼ି ନ ଥିଲେ। ବରଂ ତାଙ୍କର ଲକ୍ଷ୍ୟପଥରେ ଆଗେଇ ଚାଲିଲେ। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ବ୍ଲକ ସିଂହାଳ ଭଗବାନପୁରର ପ୍ରଣତି ସାହୁ। ବାପା ସ୍ୱର୍ଗତ ଶରତ ଚନ୍ଦ୍ର ସ୍ୱାଇଁ ଓ ମାଆ ସ୍ୱର୍ଗତ ଶାନ୍ତିଲତା ସ୍ୱାଇଁ। ପରିବାରରେ ୨ ଭାଇ ଓ ୨ ଭଉଣୀ। ପ୍ରଣତି ପାଟକୁରାସ୍ଥିତ କୋରୁଆ ଓମେନ୍ସ କଲେଜରୁ ଯୁକ୍ତ ତିନି ପାସ୍ କଲେ। ପରେ ଏକ ଟ୍ରାଭେଲ୍ ଏଜେନ୍ସିରେ ୩ ବର୍ଷ କାମ କଲେ। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ବାପୁଜୀନଗରରେ ଏକ ପ୍ରାଇଭେଟ୍ କମ୍ପାନୀରେ ସେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟ କରୁଛନ୍ତି। ଟ୍ରାଇ ହ୍ୱିଲର ସ୍କୁଟିରେ ସେ ଅଫିସ୍‌କୁ ଯାଆନ୍ତି। ସମାଜସେବା କାର୍ଯ୍ୟରେ ବି ନିଜକୁ ନିୟୋଜିତ ରଖିଛନ୍ତି ପ୍ରଣତି। ଖରାଦିନେ ଜଳଛତ୍ରଠାରୁ ଆରମ୍ଭକରି ବର୍ଷାଦିନେ ସ୍କୁଲ୍, କଲେଜ ଓ ରାସ୍ତାକଡ଼ରେ ବୃକ୍ଷରୋପଣ କରିବା ସହ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମରେ ବି ସେ ନିଜକୁ ଜଡ଼ିତ ରଖନ୍ତି। ୧୩ ବର୍ଷ ହେବ ଆତ୍ମନିର୍ଭରଶୀଳ ହୋଇ ନିଜ ଖର୍ଚ୍ଚ ନିଜେ ଉଠାଇ ପାରୁଥିବାରୁ ସେ ଖୁବ୍ ଖୁସି ବୋଲି କୁହନ୍ତି ପ୍ରଣତି।

– ଦେବସ୍ମିତା ମହାନ୍ତି

# ଗୃହିଣୀଙ୍କ ପାଇଁ



- ଶପିଂକୁ ଯିବା ପୂର୍ବରୁ ଆପଣଙ୍କ ଗ୍ରୋସରିର ଲିଷ୍ଟ ମୋବାଇଲରେ ସେଭ୍ କରନ୍ତୁ। ଏପରି କଲେ ଆପଣ କୌଣସି ଦୋକାନକୁ ଯାଇ ସାମଗ୍ରୀ ଆଣିବାକୁ ଭୁଲିବେ ନାହିଁ।
- ଡଷ୍ଟବିନ୍‌ର ତଳଭାଗରେ ପୁରୁଣା ଖବରକାଗଜ ପକାନ୍ତୁ। ଏହାଦ୍ୱାରା କୌଣସି ଲିକ୍ୱିଡ୍ ବା ଅପରିଷ୍କାର ଡଷ୍ଟବିନ୍‌ରେ ଲାଗି ରହିବ ନାହିଁ।
- ଟବ୍ ଏବଂ ବେସିନ୍‌କୁ ସଫା କରିବାକୁ ହେଲେ ଏଥିରେ ବାଥ୍‌ରୁମ୍ କ୍ଲିନର ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ପରେ ସଫା କରନ୍ତୁ।

ଫ୍ୟାଶନ

# ଟ୍ରାଇବାଲ୍ ପ୍ରିଣ୍ଟ



ଖରାଦିନେ ଟ୍ରାଇବାଲ୍ ପ୍ରିଣ୍ଟର ରହିଛି ଡିମାଣ୍ଡ। ସ୍କର୍ଟ, ଟପ୍ସ, ବ୍ଲାଉଜ୍, ଶର୍ଟସରେ ବି ଏହି ପ୍ରିଣ୍ଟକୁ ଆପଣାଇପାରିବେ..

– ଜ୍ୟାମେଟ୍ରିକ୍ ସେପ୍ସ ଏବଂ ଆବ୍‌ଷ୍ଟ୍ରାକ୍ଟସ୍ ଲାଇନ୍ସର ଟ୍ରାଇବାଲ୍ ପ୍ରିଣ୍ଟ ମାର୍କେଟରେ ମିଳୁଛି। ଟ୍ରାଇବାଲ୍ ପ୍ରିଣ୍ଟସରେ ବ୍ରାଇଟ୍ ରେଡ୍, ପିଙ୍କ୍, ଅରେଞ୍ଜ୍, ଗ୍ରୀନ୍, ଲାଇମ୍ ଗ୍ରୀନ୍, ବ୍ଲୁ ଭଳି କଲର କମ୍ବିନେଶନ ମାନିଥାଏ।

– ଟ୍ରାଇବାଲ୍ ପ୍ରିଣ୍ଟସ ଆପଣଙ୍କର କ୍ଲାସିକ୍ ଲୁକ୍‌କୁ କଲରଫୁଲ୍ ଏବଂ ପର୍ସନାଲିଟିକୁ ବେଶ୍ ମ୍ୟାଚିଂ କରିଥାଏ। ପ୍ଲେନ୍ ବ୍ଲୁ ଜିନ୍ସ ବା ଧଳା ଶାର୍ଟ ସହ ମିକ୍ସ ଏଣ୍ଡ ମ୍ୟାଚ୍ କରି ପିନ୍ଧନ୍ତୁ। ଏହା ଆପଣଙ୍କୁ ଡିଫରେଣ୍ଟ ଲୁକ୍ ଦେବ।

– ପ୍ଲେନ୍ ଜିନ୍ସ ସହ ଟ୍ରାଇବାଲ୍ ପ୍ରିଣ୍ଟର ଶାର୍ଟ ଆପଣଙ୍କୁ କଲରଫୁଲ୍ ଲୁକ୍ ଦେଇଥାଏ। ଧଳା ଶାର୍ଟ ସହ ଟ୍ରାଇବାଲ୍ ପ୍ରିଣ୍ଟର ସ୍କର୍ଟ ବା ପ୍ଲାଜୋ ପ୍ୟାଣ୍ଟସ ମ୍ୟାଚିଂ କରିଥାଏ। ଟ୍ରାଇବାଲ୍ ପ୍ରିଣ୍ଟର ମ୍ୟାକ୍ସି ଡ୍ରେସ୍ ବି ଆପଣାନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ।



ଖାଦ୍ୟରୁଚି

# ପନିର ଖିରି

**ଆବଶ୍ୟକ ସାମଗ୍ରୀ**

ଚକଟାଯାଇଥିବା ପନିର – ୧/୨ କପ୍,ମିଲ୍କ ମେଡ୍ – ୧/୪, କ୍ଷୀର – ୧ଲିଟର, ଚିନି –୨୫୦ ଗ୍ରାମ୍, ପେସ୍ତା ବାଦାମ, କିସ୍‌ମିସ୍, ଅଳେଇଚ ପାଉଡର।

**ପ୍ରସ୍ତୁତି ପ୍ରଣାଳୀ**

ପନିର ଖିରି ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଗ୍ୟାସ୍ ଅନ୍ କରି ପ୍ୟାନ୍‌କୁ ଗରମ କରନ୍ତୁ। ଏବେ ଏଥିରେ ପନିରକୁ ପକାନ୍ତୁ। ତୁରନ୍ତ ଏଥିରେ କ୍ଷୀର ମିଶାନ୍ତୁ। ଯେପରି ଗୋଟା ଗୋଟା ହୋଇ ନ ରହିବ ସେଥିଲାଗି ୫–୬ ମିନିଟ୍ ପର୍ଯ୍ୟନ୍ତ ଲଗାତର ଗୋଳାନ୍ତୁ। ଚିନି ପକାନ୍ତୁ। ଏବେ ଏହି ମିଶ୍ରଣରେ ମିଲ୍କ ମେଡ୍ ମିଶାଇ ୩–୪ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଅଳେଇଚ ପାଉଡର, କିସ୍‌ମିସ୍ ଏବଂ ବାଦାମ ମିଶାନ୍ତୁ। ଅନ୍ୟ ଡ୍ରାଏ ଫ୍ରୁଟ୍‌ସ ଗାର୍ନିସ କରି ପକାନ୍ତୁ। ପ୍ରସ୍ତୁତ ହୋଇଗଲା ପନିର ଖିରି। ଗରମ ଗରମ କିମ୍ବା ଆପଣ ଚାହିଁଲେ ଫ୍ରିଜ୍‌ରେ ରଖି ଥଣ୍ଡା କରି ଖାଇପାରିବେ।



ସୌନ୍ଦର୍ଯ୍ୟ

# ଖରାଦିନେ ତ୍ୱଚାର ଯତ୍ନ



ଖରାଦିନେ ସାଧାରଣତଃ ତ୍ୱଚା ମଳିନ ପଡ଼ିଯାଏ। ଆପଣ ଚାହିଁଲେ କିଛି ଟିପ୍ସ ଆପଣାଇ ଏଥିରୁ ଆରାମ ପାଇପାରିବେ...

– କଟନ କପଡ଼ାରେ ବରଫ ଖଣ୍ଡକୁ ରଖି ମୁହଁରେ ଘଷନ୍ତୁ। ଏହାଦ୍ୱାରା ତ୍ୱଚାକୁ ଆରାମ ମିଳିଥାଏ ଏବଂ ତ୍ୱଚା କୋମଳ ରହିଥାଏ।

– ସୂର୍ଯ୍ୟକିରଣରେ ମୁହଁ ମଳିନ ପଡ଼ିଯାଇଥିଲେ ବାରମ୍ବାର ଥଣ୍ଡାପାଣିରେ ମୁହଁ ଧୁଅନ୍ତୁ।

– ଟମାଟୋ ପେଷ୍ଟ ପ୍ରସ୍ତୁତକରି ମୁହଁରେ ଲଗାନ୍ତୁ। ଦେଖିବେ ତ୍ୱଚାକୁ କିଛି ମାତ୍ରାରେ ଆରାମ ମିଳିବ।

– ଗୋଲାପ ଜଳରେ ତରଭୁଜ ରସ ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ।

– ଏକ ଚାମଚ ମହୁରେ ଦୁଇଚାମଚ ଲେମ୍ବୁରସ ମିଶାଇ ମୁହଁରେ ଲଗାନ୍ତୁ। ଅଧଘଣ୍ଟା ପରେ ମୁହଁ ଧୋଇଦିଅନ୍ତୁ। ପ୍ରତିଦିନ ଆପଣ ଚାହିଁଲେ ଏପରି କରିପାରିବେ।

– ମୁଠାଏ ରାଶିକୁ ପେଷି ଅଧାକପ୍ ପାଣିରେ ଭିଜାନ୍ତୁ। ଦୁଇଘଣ୍ଟା ପରେ ଏହାକୁ ଛାଣି ମୁହଁକୁ ଧୁଅନ୍ତୁ। ମଳିନ ପଡ଼ିଯାଇଥିବା ତ୍ୱଚାକୁ ଆରାମ ମିଳିବ।



## ସଂକ୍ଷେପରେ

### ବିମାନରେ ମିଳିବ ଇଣ୍ଟରନେଟ ସେବା
### ସରକାର ଦେଲେ ଅନୁମତି



ନୂଆଦିଲ୍ଲୀ, ୨-୩: ବିମାନ ଯାତ୍ରୀଙ୍କ ଲାଗି ଖୁସି ଖବର। ଦେଶ ମଧ୍ୟରେ ଏବେ ବିମାନ ଯାତ୍ରା ଉପରେ ଯାତ୍ରୀ ଇଣ୍ଟରନେଟ ସେବାର ଲାଭ ଉଠାଇ ପାରିବେ। ବିମାନ ଉଡାଣ ସମୟରେ ୱାଇଫାଇ ମାଧ୍ୟମରେ ଇଣ୍ଟରନେଟ ସେବା ଯୋଗାଇ ଦେବା ଲାଗି ସରକାର ଅନୁମତି ପ୍ରଦାନ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ଅଧିସୂଚନା ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ବିମାନ ଅଧିନିୟମ ୧୯୩୭ରେ ସଂଶୋଧନ କରାଯାଇଥିବା ଜଣାପଡିଛି। ନୂଆ ନିୟମ ମୁତାବକ ପାଇଲଟ ଇନ୍ କମାଣ୍ଡ ଉଡାଣ ସମୟରେ ୱାଇଫାଇ ଦ୍ୱାରା ଯାତ୍ରୀଙ୍କୁ ଇଣ୍ଟରନେଟ ବ୍ୟବହାର ନେଇ ଅନୁମତି ପ୍ରଦାନ କରିପାରିବେ। ଯାତ୍ରୀ ଇଣ୍ଟରନେଟ ମାଧ୍ୟମରେ ଲ୍ୟାପଟପ, ସ୍ମାର୍ଟଫୋନ,ଇ-ରିଡର, ସ୍ମାର୍ଟୱାଚ ଟ୍ୟାବଲେଟ ଭଳି ଉପକରଣ ବ୍ୟବହାର କରିପାରିବେ। ପାଗ ଖରାପ କିମ୍ବା ଭିଜିବିଲିଟି କମ୍ ରହୁଥିଲେ ଏହି ସେବାକୁ ପାଇଲଟ ବନ୍ଦ କରିପାରିବେ ବୋଲି ନିୟମରେ ଉଲ୍ଲେଖ ରହିଛି। ପୁରୁଣା ନିୟମ ମୁତାବକ ଫ୍ଲାଇଟରେ ପାଇଲଟ କିମ୍ବା ବିମାନ ଯାତ୍ରୀ ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର ନ କରିବା ନେଇ କୁହାଯାଇଥିଲା। ଯାହାକୁ ଏବେ ସଂଶୋଧନ କରାଯାଇଛି। ନୂଆ ବିଜ୍ଞପ୍ତି ମୁତାବକ ବିମାନ ଲ୍ୟାଣ୍ଡ କରିବା କିମ୍ବା ରନ୍‌ୱେରେ ଥିବା ଯାଏ ଇଣ୍ଟରନେଟ ସେବା ଉପଲବ୍ଧ ହେବ ନାହିଁ ବୋଲି କୁହାଯାଇଛି। ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ବ୍ୟବହାର କରିବା ସମୟରେ ଯାତ୍ରୀ ସେମାନଙ୍କ ଡିଭାଇସ୍‌କୁ ଫ୍ଲାଇଟ କିମ୍ବା ଏରୋପ୍ଲେନ ମୋଡ୍‌ରେ ରଖି ପାରିବେ।

### ଅଡିଜୋନର ମାଗଣା ଶ୍ରବଣ ପରୀକ୍ଷଣ ଶିବିର

AudiZone HEARING CARE PVT. LTD.

ଭୁବନେଶ୍ୱର, ୨-୩
ବିଶ୍ୱ ଶ୍ରବଣ ଦିବସ ଅବସରରେ ଅଡିଜୋନ ହିଅରିଂ କେୟାର ପ୍ରାଇଭେଟ ଲିମିଟେଡ ପକ୍ଷରୁ ମାଗଣା ଶ୍ରବଣ ପରୀକ୍ଷଣ ଶିବିର ସମ୍ପର୍କରେ ଘୋଷଣା କରାଯାଇଛି। ଅଡିଜୋନର ସମସ୍ତ ଶ୍ରବଣ କେନ୍ଦ୍ରଗୁଡ଼ିକରେ ଏହା ଚଳିତ ମାସ ୭ ତାରିଖ ଯାଏ ଚାଲିବ। ଏହି ସମୟରେ ଲୋକମାନେ ମାଗଣା ଶ୍ରବଣ ପରୀକ୍ଷା ଏବଂ ପରାମର୍ଶ ଗ୍ରହଣ କରିପାରିବେ। ଅଡିଜୋନ ବର୍ତ୍ତମାନ ଭୁବନେଶ୍ୱରର ବରମୁଣ୍ଡା, ଶହୀଦନଗର, ଜୟଦେବ ବିହାର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଭଳି ସହରଗୁଡ଼ିକରେ ଶାଖା ସହ ସେବା ଯୋଗାଇ ଦେଉଛି। ଏହି ଶିବିରର ଉଦଘାଟନୀ ଉତ୍ସବରେ ଅଡିଜୋନର ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଉତ୍ପଳ ପ୍ରଧାନ, ଦୀପକ ମିଶ୍ର ଉପସ୍ଥିତ ରହି ଶ୍ରବଣ ସମସ୍ୟା ଏବଂ ଏହାର ସମାଧାନ ଦିଗରେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ଅଡିଜୋନ ପକ୍ଷରୁ ଡିଜିଟାଲ ହିଅରିଂ ଏଡ୍ ସୁବିଧା କରାଯାଇଛି। ଏହା ୱାଟର ପ୍ରୁଫ, ରିଚାର୍ଜେବୁଲ, ବ୍ଲୁ ଟୁଥ ଭଳି ସଂଯୋଗ ସହ ଆସୁଛି। କମ୍ପାନୀ ପକ୍ଷରୁ ଇନଭିଜିବୁଲ ହିଅରିଂ ଏଡ୍ ସୁବିଧା କରାଯାଇଛି। ଡିଜିଟାଲ ହିଅରିଂ ଏଡ୍ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଥିବା ସୂଚନା ରହିଛି।

> ଏୟାର ଇଣ୍ଡିଆର ବିଭିନ୍ନ ପ୍ରସଙ୍ଗକୁ ନେଇ ବର୍ତ୍ତମାନ ତର୍ଜମା କରାଯାଉଛି। ବିଡ଼ିଂ ପରିମାଣ କ'ଣ ରହିବ ତାହା ପରିବର୍ତ୍ତୀ ପର୍ଯ୍ୟାୟରେ ବିଚାରକୁ ନିଆଯିବ।
> – ଭାସ୍କର ଭଟ୍ଟ, ଭିସ୍ତାରା ଅଧ୍ୟକ୍ଷ



> କୃଷକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଚଳିତ ମାସ ୧୫ ତାରିଖରୁ ପୁଣି ଥରେ ପୂର୍ବଭଳି ପିଆଜ ରପ୍ତାନି କରିବାକୁ ଅନୁମତି ଦେବା ଲାଗି ସରକାର ଯୋଜନା ରଖିଛନ୍ତି।
> – ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



# କରୋନା ଯୋଗୁ ଶିଳ୍ପ ଜଗତ ପ୍ରଭାବିତ

ନୂଆଦିଲ୍ଲୀ, ୨-୩

- ବିଶ୍ୱ ବଜାରରେ ଆସିପାରେ ମାନ୍ଦାବସ୍ଥା: ଓଇସିଡି
- ପେଟ୍ରୋଲିୟମ ଉଦ୍ୟୋଗର ଆମେରିକା ସମ୍ମିଳନୀ ବାତିଲ
- ହୀରା ବ୍ୟବସାୟକୁ ଲାଗିପାରେ ୧୯ ବିଲିୟନର ଝଟକା
- ରପ୍ତାନି,ଆମଦାନୀ ପ୍ରଭାବିତ ସ୍ଥିତିରେ
- ସେନସେକ୍ସରେ ୧୫୩ ପଏଣ୍ଟ ହ୍ରାସ
- କୁକୁଡ଼ା ପାଳନ କ୍ଷେତ୍ରର ୧୭୫୦ କୋଟି କ୍ଷତି



କରୋନା ଭାଇରସର ସଂକ୍ରମଣ ବଢ଼ିବା ଯୋଗୁ ଫେବୃୟାରୀରେ ଭାରତର ଶିଳ୍ପ ଜଗତ କାର୍ଯ୍ୟକଳାପ ହ୍ରାସ ଘଟିଛି। ଏହି ସମୟରେ ଶିଳ୍ପସଂସ୍ଥାଗୁଡ଼ିକର ଅଭିବୃଦ୍ଧି କମିଥିବା ସୋମବାର ଏକ ମାସିକ ସର୍ବେକ୍ଷଣରୁ ଏଭଳି ରିପୋର୍ଟ ସାମ୍ନାକୁ ଆସିଥିବା ଜଣାପଡ଼ିଛି। ଆଇଏଚ୍‌ଏସ୍ ମାର୍କିଟ୍ ଇଣ୍ଡିଆ ମାନୁଫାକଚରିଂ ସେକ୍ଟର ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍‌ଆଇ) ଚଳିତ ବର୍ଷ ଫେବୃୟାରୀରେ ୫୪.୫% ସ୍ତରରେ ରହିଛି। ଜାନୁୟାରୀରେ ଏହା ୫୫.୩% ସ୍ତରରେ ରହିଥିଲା। ପିଏମ୍‌ଆଇ ଜାନୁୟାରୀରେ ୮ ବର୍ଷର ସବୁଠାରୁ ସର୍ବୋଚ୍ଚ ସ୍ତରରେ ରହିଥିଲା। ଗତ ୩୧ ମାସ ହେବ ଲଗାତର ଭାବେ ଦେଶର ମାନୁଫାକଚରିଂ କ୍ଷେତ୍ର ପିଏମ୍‌ଆଇ ୫୦ ସ୍ତରରୁ ଉପରେ ରହିଛି। ପିଏମ୍‌ଆଇ ୫୦ସ୍ତରରୁ ଉପରକୁ ରହିଲେ ଶିଳ୍ପର ବିକାଶ ଧାରା ଅବ୍ୟାହତ ରହିଛି ବୋଲି ବିଚାର କରାଯାଏ। ୫୦ସ୍ତରରୁ ତଳକୁ ଖସିଲେ ଏଥିରେ ହ୍ରାସ ହୋଇଥିବା ବିବେଚନା କରାଯାଏ। ଜାନୁୟାରୀ ତୁଳନାରେ ବିକାଶ ହାର କମ୍ ରହିଥିବା ବେଳେ ବିକାଶ ଧାରା ଆଗାମୀ ଦିନରେ ଉନ୍ନତ ହେବ ବୋଲି ରିପୋର୍ଟରେ କୁହାଯାଇଛି।

ଆଇଏଚ୍‌ଏସ୍ ମାର୍କିଟର ମୁଖ୍ୟ ଅର୍ଥନୀତିଜ୍ଞ ପଲିଆନା ଡି.ଲିମା କହିଛନ୍ତି ଯେ, ଆଗାମୀ ଦିନରେ ଫ୍ୟାକ୍ଟ୍ରିଗୁଡ଼ିକର ଉତ୍ପାଦନରେ ଅଭିବୃଦ୍ଧି ଆଶା ରହିଛି। କରୋନା ଯୋଗୁ ଏବେ ଦେଶର ସାମଗ୍ରୀ ରପ୍ତାନି ଏବଂ ଆମଦାନୀ କ୍ଷେତ୍ର ଗଭୀର ପ୍ରଭାବିତ ହୋଇଛି। ଏହି ଧାରାକୁ ନେଇ ବ୍ୟବସାୟୀ ଆଶଙ୍କାରେ ରହିଛନ୍ତି। କରୋନା ଭାଇରସ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପକୁ ଠପ୍ କରି ରଖି ଦେଇଛି। ଏହାର ପ୍ରଭାବ ପ୍ରମୁଖ ଉଦ୍ୟୋଗ କ୍ଷେତ୍ରଗୁଡ଼ିକରେ ଦେଖାଯାଉଛି।

କରୋନା ଯୋଗୁ ବିଶ୍ୱ ଅର୍ଥବ୍ୟବସ୍ଥାରେ ମାନ୍ଦାବସ୍ଥା ଆସିପାରେ ବୋଲି ଆର୍ଥିକ ସହଯୋଗ ଏବଂ ବିକାଶ ସଙ୍ଗଠନ(ଓଇସିଡି) ପକ୍ଷରୁ କୁହାଯାଇଛି। ଏହାବାଦ କରୋନା ଭୟରେ ପେଟ୍ରୋଲିୟମ ଉଦ୍ୟୋଗ ପକ୍ଷରୁ ଆମେରିକାରେ ହେବାକୁ ଥିବା ବିଶ୍ୱସ୍ତରୀୟ ସମ୍ମିଳନୀକୁ ବାତିଲ କରାଯାଇଛି। କରୋନା ଯୋଗୁ ୨୦୨୦-୨୧ରେ ଭାରତୀୟ ହୀରା ଶିଳ୍ପକୁ ୧୯ ବିଲିୟନ ଡଲାରର ପ୍ରଭାବ ପଡ଼ିବ। ବିଶେଷ କରି ରପ୍ତାନି ପ୍ରଭାବିତ ହେବା ନେଇ ଅନୁମାନ କରାଯାଉଛି। ସେହିଭଳି ଭାରତରେ ନୂଆ କରୋନା ରୋଗୀ ଚିହ୍ନଟ ହେବା ଯୋଗୁ ସୋମବାର ସେନସେକ୍ସରେ ୧୫୩ ପଏଣ୍ଟ ହ୍ରାସ ଘଟିଥିବା ଜଣାପଡ଼ିଛି। ଏହାବାଦ ଦେଶର କୁକୁଡ଼ା ପାଳନ କ୍ଷେତ୍ର ଏହି ଭାଇରସ ଯୋଗୁ ସାରା ଦେଶରେ ୧୭୫୦ କୋଟି ଟଙ୍କାର କ୍ଷତି ସହିଛି। ଏହାର ଭରଣା ଲାଗି ଶିଳ୍ପ ପକ୍ଷରୁ ସରକାରଙ୍କ ନିକଟରେ ପ୍ୟାକେଜ ଦାବି କରାଯାଇଛି।



ନିକଟରେ ଅନୁଷ୍ଠିତ ଟାଇମ୍‌ସ ବିଜନେସ ଆୱାର୍ଡ ୨୦୨୦ ଉତ୍ସବରେ ଖିମଜୀ ଗ୍ରୁପର ଅଟୋମୋବାଇଲ ଡିଲରଶିପ ଡିଭିଜନ 'କୁୱାସାକି ଭୁବନେଶ୍ୱର' ଦୁଇ ଚକିଆ ଯାନ ବର୍ଗରେ ବେଷ୍ଟ ଅଟୋମୋବାଇଲ ଶୋ'ରୁମ ଭାବେ ସମ୍ମାନୀତ ହୋଇଛି। ଏହି ଅବସରରେ ଗ୍ରୁପ ପକ୍ଷରୁ ସୁମୀତ ଖିମଜୀ(ଡାହାଣ), ମାଇଣ୍ଡଟ୍ରିର ସହ ପ୍ରତିଷ୍ଠାତା ସୁବ୍ରତ୍ ବାଗଚୀଙ୍କଠାରୁ ଆୱାର୍ଡ ଗ୍ରହଣ କରୁଛନ୍ତି।

# ବିକାଶ ପୂର୍ବାନୁମାନ ଖସାଇଲା ଫିଚ୍

ନୂଆଦିଲ୍ଲୀ, ୨-୩

**୨୦୧୯-୨୦ରେ ଅଭିବୃଦ୍ଧି ୪.୯% ରହିପାରେ**




ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ପୂର୍ବାନୁମାନକୁ ରେଟିଂ ଏଜେନ୍ସି ଫିଚ୍ ସୋମବାର ୪.୯%କୁ ଖସାଇଛି। ଅର୍ଥାତ ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଜିଡିପି ବିକାଶ ହାର ଚଳିତ ବର୍ଷ କମିବ ବୋଲି ଏହା ଅନୁମାନରେ କହିଛି। ଘରୋଇ ବଜାରରେ ଚାହିଦା କମିବା ଏବଂ କରୋନା ଭାଇରସର ପ୍ରଭାବ ଯୋଗୁ ଦେଶର ସପ୍ଲାଇ ଚେନ୍ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଏହା ମତ ପ୍ରକାଶ କରିଛି। ବିକାଶ ହାରରେ ହ୍ରାସ ଏଭଳି ପ୍ରମୁଖ କାରଣ ଯୋଗୁ ହୋଇଥିବା କୁହାଯାଉଛି। ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୫.୯%କୁ ଖସିବା ନେଇ ଏହି ଏଜେନ୍ସି ପୂର୍ବରୁ କହିଥିବା ମାତ୍ର ସ୍ଥିତିରେ ପରିବର୍ତ୍ତନ ଆସିବା ଯୋଗୁ ଏହା ନିଜର ପୂର୍ବାନୁମାନକୁ ପୁଣି କମ୍ କରିବା ସହ ୫.୧%କୁ ଖସାଇଥିଲା। ମାତ୍ର ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୫.୪% ରହିପାରେ ବୋଲି ଏହା ସୂଚନା ଦେଇଛି। ସରକାର ଜାରି କରିଥିବା ଡାଟା ମୁତାବକ ଦେଶର ବିକାଶ ହାର ଚଳିତ ବର୍ଷ ଅକ୍ଟୋବର ଡିସେମ୍ବର ସମୟରେ ୪.୭% ରହିଛି।

୨୦୨୦-୨୧ ଲାଗି ସରକାର ଆଣିଥିବା ସାଧାରଣ ବଜେଟ ଦେଶର ଉଦ୍ୟୋଗ ଜଗତର ବିକାଶ ସାଧନ କରିବାକୁ ସକ୍ଷମ ହୋଇ ପାରିନାହିଁ। ବିଭିନ୍ନ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ ଦେବାଳିଆ ହେବା ଯୋଗୁ ଉଦ୍ୟୋଗ ଜଗତ ଉପରେ ଏହାର ପ୍ରଭାବ ରହିଛି। ଯାନବାହନ ଏବଂ ହାଉସିଂ କ୍ରୟ ଲାଗି ଏନ୍‌ବିଏଫ୍‌ସି ଏକ ପ୍ରମୁଖ ଚ୍ୟାନେଲ ଭାବେ ଉଭା ହୋଇଥିଲା। କରୋନା ଭାଇରସ ଯୋଗୁ ଅଟୋମୋଟିଭ ଏବଂ ଇଲେକଟ୍ରୋନିକ୍ସ ଉତ୍ପାଦ ସପ୍ଲାଇ ଚେନ୍ ପ୍ରଭାବିତ ହୋଇଥିବା ଏଜେନ୍ସି ରିପୋର୍ଟରେ କହିଛି। ଏହାବାଦ ମାନୁଫାକଚରିଂ କ୍ଷେତ୍ର ଉପରେ ମଧ୍ୟ ଏହା ଗଭୀର ପ୍ରଭାବ ପକାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ମାନୁଫାକଚରିଂ ଏବଂ ସର୍ଭିସ କ୍ଷେତ୍ରରେ ଅଭିବୃଦ୍ଧି ଆସିବ ବୋଲି ଏହା ସୂଚନା ଦେଇଛି। ବଜେଟରେ କୃଷି କ୍ଷେତ୍ର ଲାଗି ହୋଇଥିବା ଘୋଷଣା ଯୋଗୁ ଏହାର ଲାଭ ଲୋକଙ୍କ ନିକଟରେ ପହଞ୍ଚିବ। ଏହା ଦେଶର ଅଭିବୃଦ୍ଧିକୁ ବଢାଇବା ଦିଗରେ ସହାୟକ ହୋଇ ପାରିବ। ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ଯାନବାହନର ମୋଟ ବିକ୍ରି କମି ଥିବା ଯୋଗୁ ଅଟୋମୋବାଇଲ ଶିଳ୍ପ ଅଭିବୃଦ୍ଧି ମାନ୍ଦା ରହିବ। କରୋନା ଯୋଗୁ ଚାଇନାରୁ ପାର୍ଟସ ଆମଦାନି କ୍ଷତିଗ୍ରସ୍ତ ହେବା ଯୋଗୁ ମାନୁଫାକ୍‌ଚରିଂ କାର୍ଯ୍ୟକଳାପ ପ୍ରଭାବିତ ରହିବ।

## ସୋନୀର ନୂତନ ୱାୟରଲେସ୍ ହେଡ୍‌ଫୋନ୍

ନୂଆଦିଲ୍ଲୀ, ୨-୩: ସୋନୀ ପକ୍ଷରୁ ଭାରତ ବଜାରରେ ଏହାର ଡବ୍ଲ୍ୟୁଏଚ୍-ଏଚ୍୯୧୦ଏନ୍ ହେଡ୍‌ଫୋନ୍‌ର ଶୁଭାରମ୍ଭ କରାଯାଇଛି। ନଏଜ୍ କ୍ୟାନ୍‌ସେଲେସନ୍ ପ୍ରଯୁକ୍ତିରେ ନିର୍ମିତ ଏହି ହେଡ୍‌ଫୋନ୍ ୟୁଜରଙ୍କୁ ଏକ ଚମତ୍କାର ଶ୍ରବଣ ଅନୁଭୂତି ପ୍ରଦାନ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ୱାୟରଲେସ୍ ହେଡ୍‌ଫୋନରେ ରହିଛି ହାଇ-ରେସ୍ ଅଡିଓ, କ୍ୱିକ୍ ଆଟେନ୍‌ସନ୍ ମୋଡ୍, ସେନ୍ସ ଇନ୍, ଟଚ୍ ସେନ୍‌ସର, ଆମାଜନ୍ ଆଲେକ୍ସା, ଗୁଗଲ ଆସିଷ୍ଟାନ୍ସ, ଉତ୍ତମ ବ୍ଲୁଟୁଥ୍ କନେକ୍ସନ୍ ପାଇଁ ଏଲ୍‌ଡିଏସି, ଡିଜିଟାଲ୍ ସାଉଣ୍ଡ ଏନ୍‌ହାନ୍ସମେଣ୍ଟ ଇନ୍ ଏଚ୍‌ଏକ୍ସ,୩୬୦ ରିଏଲିଟି ଅଡିଓ ଭଳି ଚମତ୍କାର ବୈଶିଷ୍ଟ୍ୟ। ଏହା ବାଦ ଉନ୍ନତ ବ୍ୟାଟେରି ବ୍ୟାକ୍‌ଅପ୍, କ୍ୱିକ୍ ଚାର୍ଜ ପ୍ରଯୁକ୍ତି ଗ୍ରାହକଙ୍କ ଦ୍ୱାରା ବେଶ ପସନ୍ଦଯୋଗ୍ୟ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ବେରୋଜଗାରି ହାର ବଢ଼ିଲା

ନୂଆଦିଲ୍ଲୀ, ୨-୩

**ସିଏମ୍‌ଆଇଇ ରିପୋର୍ଟ**
- ଫେବୃୟାରୀରେ ୪ ମାସର ସର୍ବୋଚ୍ଚ ସ୍ତର ୭.୭୮%
- ଗ୍ରାମୀଣ କ୍ଷେତ୍ରର କମ୍ ଲୋକଙ୍କୁ ମିଳିଛି ରୋଜଗାର
- ସହରୀ କ୍ଷେତ୍ର ବେରୋଜଗାରି ୮.୬୫% ସ୍ତରରେ
- ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଜାରି
- କରୋନା ଯୋଗୁ ଅର୍ଥ ବ୍ୟବସ୍ଥାରେ ସମସ୍ୟା ବଢ଼ିବ

ଚଳିତ ବର୍ଷ ଫେବୃୟାରୀରେ ଦେଶ ମଧ୍ୟରେ ରୋଜଗାରର ସୁଯୋଗ ହ୍ରାସ ଘଟିଛି। ଏହି ସମୟରେ ବେରୋଜଗାରି ହାର ବୃଦ୍ଧି ଘଟି ୭.୭୮% ସ୍ତରରେ ପହଞ୍ଚିଛି। ଏହା ୪ ମାସର ସର୍ବୋଚ୍ଚ ସ୍ତର ବୋଲି କୁହାଯାଉଛି। ଚଳିତ ବର୍ଷ ଜାନୁୟାରୀ ତୁଳନାରେ ଫେବୃୟାରୀର ବେରୋଜଗାରି ହାର ୦.୬୨% ବଢ଼ିଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି( ସିଏମ୍‌ଆଇ) ପକ୍ଷରୁ ସୋମବାର ଜାରି କରାଯାଇଥିବା ଡାଟା ମୁତାବକ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ଫେବୃୟାରୀର ବେରୋଜଗାରି ହାର ୨୦୧୯ ଅକ୍ଟୋବର ପରଠାରୁ ସବୁଠାରୁ ସର୍ବୋଚ୍ଚ ସ୍ତରରେ ରହିଛି।

ମାନ୍ଦାବସ୍ଥାର ପ୍ରଭାବ ଏବେ ମଧ୍ୟ ଅର୍ଥ ବ୍ୟବସ୍ଥାରେ ରହିଥିବା ରିପୋର୍ଟରେ କୁହାଯାଇଛି। ଏହା ଯୋଗୁ ନିଯୁକ୍ତି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଛି। ୨୦୧୯ ବର୍ଷ ଶେଷ ତିନି ମାସରେ ଦେଶର ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ମାନ୍ଦାବସ୍ଥା ଜଟିଳ ସ୍ଥିତିଯୋଗୁ ଏବେ ଅର୍ଥ ବ୍ୟବସ୍ଥା ମୁକୁଳି ପାରିନାହିଁ ଫଳରେ ପ୍ରାୟ ସବୁ କ୍ଷେତ୍ରରେ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ଘଟିଛି। ଏହାବାଦ କରୋନା ଯୋଗୁ ଉପୁଜିଥିବା ସମସ୍ୟା ଆର୍ଥିକ ମାନ୍ଦାବସ୍ଥା ସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି।

ସିଏମ୍‌ଆଇଇ ରିପୋର୍ଟ ମୁତାବକ, ଦେଶର ଗ୍ରାମୀଣ କ୍ଷେତ୍ରରେ ଅପେକ୍ଷାକୃତ କମ୍ ଲୋକଙ୍କୁ ରୋଜଗାର ମିଳିଛି। ଏହି କାରଣ ଯୋଗୁ ଗ୍ରାମୀଣ କ୍ଷେତ୍ରରେ ବେରୋଜଗାରି ହାର ୭.୩୭% ସ୍ତରରେ ପହଞ୍ଚିଛି। ଏହା ଜାନୁୟାରୀରେ ୫.୯୭% ସ୍ତରରେ ରହିଥିଲା। ଏହି ସମୟ ମଧ୍ୟରେ ସହରାଞ୍ଚଳରେ ଗରିବୀ ହାର ହ୍ରାସ ଦେଖାଯାଇଥିବା ଜଣାପଡ଼ିଛି। ସହରାଞ୍ଚଳରେ ବେରୋଜଗାରି ହାର ୯.୭୦%ରୁ ହ୍ରାସ ଘଟି ୮.୬୫% ସ୍ତରକୁ ଖସିଛି। ସୂଚନା ଯୋଗ୍ୟ ସିଏମ୍‌ଆଇଇ ମୁମ୍ବାଇ ଭିତ୍ତିକ ଏକ ଘରୋଇ ଥିଙ୍କ ଟ୍ୟାଙ୍କ।


**ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

ପତ୍ର ସଂଖ୍ୟା.757 | **ସଂଶୋଧନ ନୋଟିସ-୨** | ତା.02.03.2020

ଏତଦ୍ୱାରା ସମାଜ ଓ ଧରିତ୍ରୀରେ ତା.୨୮।୦୨।୨୦୨୦ ସୁବର୍ଣ୍ଣପୁର ପୌର ପରିଷଦର ପ୍ରକାଶ ପାଇଥିବା ନୋଟିସ ନଂ.୭୦୧ ତା.୨୬।୦୨।୨୦୨୦ ନିଲାମ ନୋଟିସର କ୍ର.ନଂ.୧୨ (ହୋର୍ଡିଂ)ର ଅମାନତ ଜମା ଟ.୩୩,୦୦୦/- ଓ ଅପ୍‌ସେଟ୍ ମୂଲ୍ୟ ଟ.୧,୧୦,୦୦୦/- ପଢିବାକୁ ଅନୁରୋଧ। ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁବର୍ଣ୍ଣପୁର



**Office of the Principal**
**Pathani Samanta Degree College, Khandapara**
Dist-Nayagarh, Odisha, PIN-752077
e-Mail- pscollege.khandapara@gmail.com, website: www.pscollege.co.in

Tender No.01 | **TENDER CALL NOTICE** | Dt.03.03.2020

Sealed tenders are invited from registered manufactures firms/ suppliers / authorized dealers having GST, PAN registration number with IT clearance for providing computer equipments, multifunctional printers, water purifier with cooler, furniture, UG-CBCS text books, Laboratory equipments by Registered post/Speed post on or before 24.03.2020 by 1.00 P.M. The items shall be purchased from World Bank, OHEPEE funds. The details of the requirements with the specification, terms and conditions are available in the college website: **www.pscollege.co.in**. The undersigned reserves the right to cancel part or whole of tenders/quotations without specify to any reason thereof.

Sd./- Principal
Pathani Samanta Degree College, Khandapara



**OFFICE OF THE SR. GENERAL MANAGER (ELECTRICAL)** No. CAD-1050
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, E-mail: sgmel_uihep@ohpcltd.com
OHPC ISO 9001-14001 18001 Certified
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**1st CORRIGENDUM TO TENDER CALL NOTICE NO. 33/2019-20 DATE 28.02.2020**

Name of work: **Hiring of One No. Light Vehicle (Mahindra Bolero / TUV300 / Tata Sumo Gold / Ertiga) or equivalent vehicle for UIHEP, Mukhiguda For (03) Three Years.**

The EMD of this office Tender Call Notice No.33/2019-20 Dtd.28.02.2020 for – **"Hiring of One No. Light Vehicle (Mahindra Bolero / TUV300 / Tata Sumo Gold / Ertiga) or equivalent vehicle for UIHEP, Mukhiguda for (03) Three Years"** is hereby corrected to Rs. 10,000/-

All other terms and conditions of the original tender call notice remain unaltered.

For details of the tender documents, terms and conditions please visit our website www.ohpcltd.com

Sd./- Unit Head, UIHEP, Mukhiguda
OIPR-32136/11/0039/1920



**GOVERNMENT OF ODISHA** NO. A-729
**DEPARTMENT OF WATER RESOURCES,**
**OFFICE OF THE EXECUTIVE ENGINEER, JONK IRRIGATION DIVISION, NUAPADA**
**e-Procurement Notice No-(JID) 04/2019-20**
**e-mail address: ee.jid.npd@gmail.com**
**PERCENTAGE RATE e-TENDER**

1. The Executive Engineer Jonk Irrigation Division, Nuapada, Dist-Nuapada, Pin-766105, (Odisha) on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM**, in electronic tendering system for the construction works detailed in the table below, which are eventually to be draw on P1 agreement.

| | |
|---|---|
| Package No | BID ID No(JID) 13/19-20 TO (JID) 23/2019-20 |
| Name of Work | 11, (Eleven) Nos. C.C. guard wall & protection wall |
| Approximate value of work | Varies Rs.8.88 to Rs.49.02 Lakhs (Excluding GST) |
| Period of Completion | 06, (Six) calendar Months. |
| Classification of Bidder | 'D', 'C', 'B' & 'A' class Contractor only |
| Bid documents available Date and Time. | 06.03.2020 to 16.03.2020 up to 17.00 Hrs |
| Bid clarification start date & Closing date. | 06.03.2020 to 16.03.2020during office hours |
| Date, Time and Venue of opening of bid **online.** | **18.03.2020 at 11.30Hrs** at O/o the Executive Engineer, Jonk Irr Division, Nuapada |
| If stipulation arises the Tender will be decided through transparency Lottery System. | **25.03.2020 at 11.30Hrs** at O/o the Executive Engineer, Jonk Irr Division, Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

Executive Engineer,
Jonk Irrigation Division, Nuapada.
OIPR-32393/11/0008/1920



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

**Bid identification no :- VI-30(05)/SERIFED/2019-20/224/28.02.2020**

The MANAGING DIRECTOR (SERIFED), Odisha, Bhubaneswar invites Item rate Tender in single cover system in ONLINE MODE only, for the work "Renovation of Art & Craft Show House for SIDAC" at Gandamunda, Bhubaneswar. The Bidders have to participate in ONLINE bidding only. The bid document such as DTCN/BOQ etc. can be seen/downloaded from the government website : www.tendersodisha.gov.in during the period **dt.04.03.2020** to **17.00 hours** up to **dt.21.03.2020**. Online bids shall be received till **17.00 hours** till **dt.21.03.2020**. Any addendum / corrigendum / cancellation tender can also be seen in the said website.

Sd/- Managing Director



ଓଡ଼ିଶା ସରକାର

**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA, 3RD FLOOR, HEADS OF DEPARTMENT BUILDING, BHUBANESWAR-751001**
Email-secyelbo@nic.in, Fax/Ph.0674-2394572

**NOTICE TO THE QUALIFIED CANDIDATES OF SCC (MV&HT) WRITTEN EXAMINATION-2019 FOR APPEARING THE PRACTICAL & ORAL TEST**
**No.329 dtd.29.02.2020**

**No.AA-21:-** Pursuant to the advertisement No.838 dated 06.08.2019, the result of written test held on 24.11.2019 for SCC (MV&HT) Examination-2019 including endorsement of mining has been published & uploaded in the official website.

The practical & oral test will be held in two dates i.e. on 21.03.2020 & 22.03.2020 from 9:00 AM onwards at OPTCL, Power Training Centre, Chandaka 220/132KV Grid Sub-Station Campus, Near KIIT University, Bhubaneswar-24. For details about the date, time of practical and oral test along with instructions, please visit official Website: **eicelectricityodisha.nic.in**. The qualified candidates are advised to report themselves at the aforesaid venue on the mentioned date & time with all required documents for appearing the practical & oral test.

Sd./-
EIC (Electricity)-cum-PCEI
Odisha, Bhubaneswar
OIPR- 04004/11/0018/1920



**OFFICE OF THE CDM&PHO, NAYAGARH**
**SHORT TENDER CALL NOTICE**

**Notice No. 801** **Date: 02.03.2019**

Sealed tenders are invited from the interested eligible bidders for supply E-Rickshaw to DHH, Nayagarh. The eligible criteria, terms of reference and formats for submission of bid as set forth in the tender document can be downloaded from the website **www.nayagarh.nic.in**. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: CDM & PHO, Nayagarh. Proposal(s) complete in all respect should reach the undersigned on or before 03.00 PM of 17.03.2020 through Regd/Speed Post/ Courier and the same will be opened on 18.03.2020 at 11.00 AM. The undersigned reserves the right to reject any or all the tender(s) without assigning any reason thereof.

Sd./-
Chief District Medical & Public Health Officer,
Nayagarh



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2540051 (EPABX),
Website: www.optcl.co.in, CIN:U4102OR2004SGC007553

**Request for Proposal (RFP)**

No. GL-VI-29/2019/5321 Dt. 27.02.2020

For and on behalf of OPTCL, the undersigned invites Request for Proposal (RFP)s under two part bidding system from the recognized, registered and experienced Agency for Providing Cleaning, Housekeeping & Sanitation works at OPTCL, Head Qrs. Office, Bhubaneswar for a period of Three year (03) from the date of commencement of the Agreement on contract basis. Complete set of bidding documents are available in OPTCL's official website **http:/www.optcl.co.in** from-**04.03.2020 (10.00 AM)** up-to **24.03.2020 (05.00 PM).** Interested Agencies may visit OPTCL website for detail specification. The last date of submission RFP is **24.03.2020 (05.00 PM).**

**N.B:-** All subsequent addendums/corrigendum to the Request for Proposal (RFP) shall be hosted in the OPTCL's official website **http://www.optcl.co.in** only. OPTCL has the right to accept or reject any or all the RFP without assigning any reasons thereof.

Sd/-
Sr. General Manager (HRD) Gen, Admin.
CR-Advt.No.- 28/2019-20
Please connect us: optcl.odisha optcl_odisha energyodisha



**OFFICE OF THE COLLECTOR & DISTRICT MAGISTRATE, KEONJHAR**
**(ST & SC DEVELOPMENT SECTION)**
***OFFICE ORDER***
**(Estt-XII-03/2020)No. 793/ Welfare/Dated the 2nd March, 2020**

The Provisional Merit Lists (School wise), Select List for verification of certificates and Reject List of candidates, pursuant to Advertisement No. 96/ Welfare/Dated 07.01.2020 for engagement of Lady Matrons in ST&SC Development Deptt. Schools/Hostels of Keonjhar District are hereby published in the Notice Board of the DWO/All BDOs of Keonjhar District and in the District Website **www.kendujhar.nic.in** till 11.03.2020 for information of all concerned. The candidates in the Select List (7 candidates) are hereby instructed to attend certificate programme to be held on **11.03.2020 at 10.30 AM** in the District Welfare Office, Keonjhar with all original certificates/ documents.

The candidate who fails to attend the verification of certificates on 11.03.2020 as well as non-production of Original documents/ certificates at the time of verification will be liable for rejection of her candidature.

By order of the Collector, Keonjhar
Sd./-
District Welfare Officer, Keonjhar


See Career Appointment on every Wednesday & Saturday

“ଦ୍ୱିତୀୟ ଟେଷ୍ଟରେ ଭାରତ ଆଉ ଅଧିକ ୫୦ ରନ କରିଥିଲେ ଆମକୁ ଜିତିବା କଷ୍ଟକର ହୋଇଥାନ୍ତା।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



“ମୁଁ ୩୦ ଓଭର ଖେଳି ପାରିଲେ ବିଶ୍ୱର ଯେକୌଣସି କ୍ରିକେଟ ଦଳ ବିପକ୍ଷରେ ଶତକ ହାସଲ କରିପାରିବି।
–ଲିଟନ ଦାସ, ବାଂଲାଦେଶ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଭାରତ ଗସ୍ତ ଲାଗି ଦଳକୁ ଫେରିଲେ ଡୁପ୍ଲେସି

ନୂଆଦିଲ୍ଲୀ,୨।୩: ଆଗାମୀ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଛି। ଦଳକୁ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଫାଫ୍ ଡୁପ୍ଲେସି ଓ ରସି ଭାନ୍‌ଡର୍ ଡସେନ ଫେରିଛନ୍ତି। ଆଇସିସି ବିଶ୍ୱକପ୍ ପରଠାରୁ ଡୁପ୍ଲେସି ଏପର୍ଯ୍ୟନ୍ତ ଦିନିକିଆ ଫର୍ମାଟରେ ଖେଳିନାହାନ୍ତି। ତାଙ୍କୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଶ୍ରାମ ଦିଆଯାଇଥିଲା। ଇତିମଧ୍ୟରେ ସେ ଦଳର ଅଧିନାୟକ ପଦ ଛାଡ଼ି ଦେଇଛନ୍ତି। ଫଳରେ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ସମସ୍ତ ଫର୍ମାଟରେ ଅଧିନାୟକ ହୋଇଛନ୍ତି। ଅନ୍ୟପକ୍ଷରେ ଡସେନଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଶ୍ରାମ ଦିଆଯାଇଛି। ଶନିବାର କ୍ୟାରିୟରର ପ୍ରଥମ ମ୍ୟାଚ୍ ଖେଳିଥିବା ଜାନେମନ ମଲାନଙ୍କୁ ବାଦ୍ ଦିଆଯାଇଛି। **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍(ଅଧିନାୟକ), ଟେମ୍ବା ବାଭୁମା, ରାସି ଭାନ୍‌ଡର୍ ଡସେନ, ଫାଫ୍ ଡୁପ୍ଲେସି, କାଇଲ ଭେରିନ, ହେନ୍‌ରିଚ କ୍ଲାସେନ, ଡେଭିଡ ମିଲର, ଜନ୍ ଜନ୍ ସ୍ମଟ୍ସ, ଆଣ୍ଡିଲେ ଫେଲୁକ୍ୱାୟୋ, ଲୁଙ୍ଗି ଏନ୍‌ଗିଡି, ଲୁଥୋ ସିପାମ୍‌ଲା, ବେରନ ହେଣ୍ଡ୍ରିକ୍ସ, ଏନ୍‌ରିଚ ନର୍ଜେ, ଜର୍ଜ ଲିଣ୍ଡେ ଓ କେଶବ ମହାରାଜ।

■ କରୋନା ଭାଇରସ ପ୍ରଭାବ

### ଏସିଆନ ସ୍କାଶ୍ ଇଭେଣ୍ଟ ସ୍ଥଗିତ

ମାଡ୍ରାସ, ୨।୩ (ପି.ଟି.): କରୋନା ଭାଇରସ ପ୍ରଭାବ ଯୋଗୁ ମାଲେସିଆରେ ହେବାକୁଥିବା ଏସିଆନ ଟିମ୍ ଚାମ୍ପିୟନଶିପ୍ ଏବଂ ଚାଇନାରେ ହେବାକୁଥିବା ଏସିଆନ ଜୁନିୟର ବ୍ୟକ୍ତିଗତ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଛି। ଏସିଆନ ଟିମ୍ ଚାମ୍ପିୟନଶିପ୍ ମାର୍ଚ୍ଚ ୨୫ରୁ ୨୯ ପର୍ଯ୍ୟନ୍ତ କୁଆଲାଲମ୍ପୁରରେ ହେବାକୁଥିବାବେଳେ ଏସିଆନ ଜୁନିୟର ବ୍ୟକ୍ତିଗତ ଚାମ୍ପିୟନଶିପ୍ ଚାଇନାର କ୍ୱିଙ୍ଗଦାଓଠାରେ ଜୁନ୍ ୨୯ରୁ ଜୁଲାଇ ୩ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ଟୁର୍ନାମେଣ୍ଟ ସ୍ଥଗିତ ରଖିବା ଲାଗି ଏସିଆନ ସ୍କାଶ ଫେଡେରେଶନ (ଏଏସ୍‌ଏଫ୍)ର ବାର୍ଷିକ ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଇଭେଣ୍ଟ ଦୁଇଟି ଲାଗି ନୂଆ କାର୍ଯ୍ୟସୂଚୀ ପରେ ଘୋଷଣା କରାଯିବ ବୋଲି ଏଏସ୍‌ଏଫ୍ କହିଛି।

### ରାଜ୍ୟ ସ୍କୁଲ ଓପନ ଚେସ୍

ଭୁବନେଶ୍ୱର, ୨।୩(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ୩ୟ ରାଧାରମଣ ପାଣିଗ୍ରାହୀ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଆସନ୍ତା ୮ ତାରିଖରେ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏହି ପ୍ରତିଯୋଗିତାରେ ଭାଗନେଇପାରିବେ। ଟପ୍-୧୦ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଏବଂ ଅନ୍ୟ ବୟସ ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଏଥିପାଇଁ ଏଣ୍ଟ୍ରି ଫି ୨୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଗତବର୍ଷ ଅବିନାଶ ଆଚାର୍ଯ୍ୟ ଚାମ୍ପିୟନ ଓ କୀର୍ତ୍ତି ଅନୁରାଗ ପ୍ରତିହାରୀ ରନର୍ସଅପ୍ ହୋଇଥିଲେ। ଏଥର ପ୍ରତିଯୋଗିତାରେ ମୋଟ ୭ ରାଉଣ୍ଡ ଖେଳ ହେବ ବୋଲି ଗେମ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

■ ୩ ଦିନରେ ଭାରତ ହାରିଲା ଦ୍ୱିତୀୟ ଟେଷ୍ଟ
■ ଜେମିସନ ପ୍ଲେୟାର ଅଫ୍ ଦି ମ୍ୟାଚ୍
■ ସୌଦୀ ପ୍ଲେୟାର ଅଫ୍ ଦି ସିରିଜ



ଟ୍ରଫି ସହ ନ୍ୟୁଜିଲାଣ୍ଡ ଦଳର ଖେଳାଳିମାନେ।

ଖ୍ରୀଷ୍ଟଚର୍ଚ୍ଚ,୨।୩(ପି.ଟି.)

ତାରକା ଖଚିତ ବିଶ୍ୱର ୧ ନମ୍ବର ଟେଷ୍ଟ ଦଳ ଭାରତ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସାଂଘାତିକ ବିଫଳତାର ସମ୍ମୁଖୀନ ହୋଇ ୨–୦ରେ ପରାସ୍ତ ହୋଇଛି। ସ୍ଥାନୀୟ ହଗ୍‌ଲି ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ସୋମବାର ମାତ୍ର ୩ ଦିନ ମଧ୍ୟରେ ୭ ଉଇକେଟରେ ପରାସ୍ତ କରି ନ୍ୟୁଜିଲାଣ୍ଡ କ୍ଲିନ୍ ସୁଇପ୍ କରିଛି। ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଭାରତ ଏହାର ଫାଇଦା ଉଠାଇପାରି ନ ଥିଲା। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ୬୩ ଓଭରରେ ୨୪୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୭୩.୧ ଓଭରରେ ୨୩୫ ରନ କରି ଅଲଆଉଟ ହୋଇଥିଲା ଓ ଭାରତ ୭ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ୪୬ ଓଭରରେ ୧୨୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୧୩୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୬ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

ଅଲରାଉଣ୍ଡ ପ୍ରଦର୍ଶନ ପାଇଁ କାଏଲ ଜେମିସନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଟିମ୍ ସୌଦି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସିରିଜ ବିଜୟ ସହ ନ୍ୟୁଜିଲାଣ୍ଡ ୧୨୦ ପଏଣ୍ଟ ହାସଲ କରି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ମୋଟ୍ ୧୮୦ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ସିରିଜ ହାତଛଡ଼ା କରିଥିଲେ ମଧ୍ୟ ଭାରତ ୩୬୦ ପଏଣ୍ଟ ସହ ଶୀର୍ଷରେ ରହିଛି। ଏହାପୂର୍ବରୁ ଭାରତ ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ ସିରିଜ ବିଜୟ ହାସଲ କରିଥିଲା। ଗସ୍ତ ଆରମ୍ଭରେ ଭାରତ ୫–୦ରେ ଟି୨୦ ସିରିଜ ବିଜୟ ହାସଲ କରିଥିଲା। ତେବେ ଏହାପରେ ଏହି ସଫଳତାକୁ ବଜାୟ ରଖି ନ ପାରି ଦିନିକିଆ ଓ ଟେଷ୍ଟରେ ହ୍ୱାଇଟ୍‌ୱାଶର ସମ୍ମୁଖୀନ ହୋଇ ମୋଟ ୫ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ୧୩୨ ରନ ଟାର୍ଗେଟର ପିଛା କରି ଘରୋଇ ଦଳ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଟମ୍ ଲଥାମ (୫୨) ଓ ଟମ୍ ବ୍ଲଣ୍ଡେଲ (୫୫) ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳି ପ୍ରଥମ ଉଇକେଟରେ ୧୦୩ ରନ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ କେନ୍ ୱିଲିୟମସନ ରାହାନେଙ୍କୁ କ୍ୟାଚ୍ ଦେଇ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଭିଜ୍ଞ ରସ ଟେଲର ଓ ହେନେରୀ ନିକୋଲ୍ସ ୫ ରନ ଲେଖାଏ ସଂଗ୍ରହ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଭାରତ ତରଫରୁ ବୁମ୍‌ରା ୨ ଓ ଉମେଶ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୦/୬ରୁ ଖେଳ ଆରମ୍ଭ କରି ଭାରତ ସୋମବାର ୧୨୪ରନ୍‌ରେ ଅଲଆଉଟ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ– ୬୩ ଓଭରରେ ୨୪୨ ଅଲଆଉଟ୍। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୭୩.୧ ଓଭରରେ ୨୩୫ ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ– ୪୬ ଓଭରରେ ୧୨୪ ଅଲଆଉଟ (ପୂଜାରା– ୨୪, ପୃଥ୍ୱୀ– ୧୪, କୋହଲି– ୧୪, ଜାଡେଜା– ୧୬*, ବୋଲ୍ଟ– ୪/୨୮, ସୌଦି– ୩/୩୬, ଗ୍ରାଣ୍ଡହୋମ୍– ୧/୩, ୱାଗନର– ୧/୧୮)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ– ୩୬ ଓଭରରେ ୧୩୨/୩ (ବ୍ଲଣ୍ଡେଲ– ୫୫, ଲଥାମ – ୫୨, ବୁମ୍‌ରା– ୨/୩୯, ଉମେଶ– ୧/୪୫)।

## ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ

### ବ୍ୟାଟିଂ ଆଭରେଜ

**ଭାରତ**

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଅର୍ଦ୍ଧଶତକ |
|---|---|---|---|---|---|---|
| ମୟଙ୍କ ଅଗ୍ରୱାଲ | ୨ | ୪ | ୧୦୨ | ୫୮ | ୨୫.୫୦ | ୧ |
| ଚେତେଶ୍ୱର ପୂଜାରା | ୨ | ୪ | ୧୦୦ | ୫୪ | ୨୫.୦୦ | ୧ |
| ରବୀନ୍ଦ୍ର ଜାଡେଜା | ୧ | ୨ | ୨୫ | ୧୬* | ୨୫.୦୦ | ୦ |
| ପୃଥ୍ୱୀ ଶ’ | ୨ | ୪ | ୯୮ | ୫୪ | ୨୪.୫୦ | ୧ |
| ଅଜିଙ୍କ୍ୟ ରାହାନେ | ୨ | ୪ | ୯୧ | ୪୬ | ୨୨.୭୫ | ୦ |
| ହନୁମା ବିହାରୀ | ୨ | ୪ | ୮୬ | ୫୫ | ୨୧.୫୦ | ୧ |
| ରିଷଭ ପନ୍ତ | ୨ | ୪ | ୬୦ | ୨୫ | ୧୫.୦୦ | ୦ |
| ମହମ୍ମଦ ଶାମି | ୨ | ୪ | ୪୪ | ୨୧ | ୧୪.୬୬ | ୦ |
| ବିରାଟ କୋହଲି | ୨ | ୪ | ୩୮ | ୧୯ | ୯.୫୦ | ୦ |
| ଈଶାନ୍ତ ଶର୍ମା | ୧ | ୨ | ୧୭ | ୧୨ | ୮.୫୦ | ୦ |

**ନ୍ୟୁଜିଲାଣ୍ଡ**

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଅର୍ଦ୍ଧଶତକ |
|---|---|---|---|---|---|---|
| କାଇଲ ଜେମିସନ | ୨ | ୨ | ୯୩ | ୪୯ | ୪୬.୫୦ | ୦ |
| ଟମ୍ ଲଥାମ | ୨ | ୪ | ୧୨୨ | ୫୨ | ୪୦.୬୬ | ୨ |
| ଟମ୍ ବ୍ଲଣ୍ଡେଲ | ୨ | ୪ | ୧୧୭ | ୫୫ | ୩୯.୦୦ | ୧ |
| ଟ୍ରେଣ୍ଟ ବୋଲ୍ଟ | ୨ | ୨ | ୩୯ | ୩୮ | ୩୯.୦୦ | ୦ |
| କଲିନ ଗ୍ରାଣ୍ଡହୋମ | ୨ | ୨ | ୬୯ | ୪୩ | ୩୪.୫୦ | ୦ |
| କେନ୍ ୱିଲିୟମସନ | ୨ | ୩ | ୯୭ | ୮୯ | ୩୨.୩୩ | ୧ |
| ରସ୍ ଟେଲର | ୨ | ୩ | ୬୪ | ୪୪ | ୩୨.୦୦ | ୦ |
| ନିଲ ୱାଗନର | ୧ | ୨ | ୨୧ | ୨୧ | ୨୧.୦୦ | ୦ |
| ହେନରି ନିକୋଲାସ | ୨ | ୩ | ୩୬ | ୧୭ | ୧୮.୦୦ | ୦ |

### ବୋଲିଂ ଆଭରେଜ

**ଭାରତ**

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇକୋନୋମି |
|---|---|---|---|---|---|---|
| ଈଶାନ୍ତ ଶର୍ମା | ୧ | ୨ | ୨୩.୨ | ୭୬ | ୫ | ୩.୨୫ |
| ରବୀନ୍ଦ୍ର ଜାଡେଜା | ୧ | ୨ | ୧୫.୦ | ୪୬ | ୨ | ୩.୦୬ |
| ଯଶପ୍ରୀତ ବୁମ୍‌ରା | ୨ | ୪ | ୬୧.୪ | ୧୯୦ | ୬ | ୩.୦୮ |
| ରବିଚନ୍ଦ୍ରନ ଅଶ୍ୱିନ | ୧ | ୧ | ୨୯.୦୦ | ୯୯ | ୩ | ୩.୪୧ |
| ମହମ୍ମଦ ଶାମି | ୨ | ୩ | ୪୯.୧ | ୧୮୩ | ୫ | ୩.୭୨ |
| ଉମେଶ ଯାଦବ | ୧ | ୨ | ୩୨.୦ | ୯୧ | ୨ | ୨.୮୪ |

**ନ୍ୟୁଜିଲାଣ୍ଡ**

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇକୋନୋମି |
|---|---|---|---|---|---|---|
| ଟିମ୍ ସୌଦୀ | ୨ | ୪ | ୬୫.୧ | ୧୮୪ | ୧୪ | ୨.୮୨ |
| କାଇଲ ଜେମିସନ | ୨ | ୪ | ୫୭.୦ | ୧୪୭ | ୯ | ୨.୫୭ |
| ଟ୍ରେଣ୍ଟ ବୋଲ୍ଟ | ୨ | ୪ | ୭୧.୦ | ୨୧୩ | ୧୧ | ୩.୦୦ |
| ନିଲ ୱାଗନର | ୧ | ୨ | ୧୮.୦୦ | ୪୭ | ୨ | ୨.୬୧ |
| କଲିନ ଗ୍ରାଣ୍ଡହୋମ | ୨ | ୪ | ୪୧.୦୦ | ୭୪ | ୨ | ୧.୮୦ |

# ସେମିରେ ଅଷ୍ଟ୍ରେଲିଆ

ମେଲବୋର୍ନ,୨।୩

ଚଳିତ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛି। ପଡ଼ୋଶୀ ନ୍ୟୁଜିଲାଣ୍ଡକୁ ୪ ରନ୍‌ରେ ହରାଇ ଅଷ୍ଟ୍ରେଲିଆ ବିଶ୍ୱକପ୍ ହାତେଇବା ଆଶା ଉଜ୍ଜୀବିତ ରଖିଛି। ଅଷ୍ଟ୍ରେଲିଆ ସହ ଭାରତ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଅନ୍ତିମ ୪ ପର୍ଯ୍ୟାୟରେ ଖେଳିବେ। ମାତ୍ର ଏପର୍ଯ୍ୟନ୍ତ କେଉଁ ଦଳ କାହାକୁ ଭେଟିବ ତାହା ଜଣାପଡ଼ିନାହିଁ। ମଙ୍ଗଳବାର ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଏହା ସ୍ପଷ୍ଟ ହେବ।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଥ୍ ମୁନି(୬୦)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୫ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଜବାବରେ ମିଳିତ ବ୍ୟାଟିଂ ସଫଳତା ସତ୍ତ୍ୱେ ନ୍ୟୁଜିଲାଣ୍ଡ ବିଜୟ ଲକ୍ଷ୍ୟଠାରୁ ୫ ରନ୍ ଦୂରରେ ରହିଯାଇଥିଲା। ନ୍ୟୁଜିଲାଣ୍ଡ ୭ ଉଇକେଟରେ ୧୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟିକା ସୋଫି ଡେଭିନ ୩୧, କାଟେ ମାର୍ଟିନ ୩୭ ରନ୍ କରିଥିଲେ। ଅନ୍ତିମ ଓଭରରେ ଦଳକୁ ଜିତିବା ଲାଗି ୨୦ ରନ୍ ଦରକାର ଥିଲା। କିନ୍ତୁ କାସ୍‌ପର୍କେ ଓ ମାର୍ଟିନଙ୍କ ଯୋଡ଼ି ପ୍ରଥମ ୫ ବଲରେ ମାତ୍ର ୯ ରନ୍ କରିପାରିଥିଲେ। ଅନ୍ତିମ ବଲରେ ମାର୍ଟିନ ଛକା ଲଗାଇଥିଲେ, ହେଲେ ତାହା ଯଥେଷ୍ଟ ନ ଥିଲା। ବିଜୟୀ ଦଳ ପକ୍ଷରୁ ମେଗାନ ସ୍କଟ୍ ଓ ଜର୍ଜିଆ ୱାରହାମ୍ ୩ଟି ଲେଖାଏ ଉଇକେଟ ସଫଳତା ପାଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ବେଥ୍ ମୁନି।

## ସର୍ବକାଳୀନ ଶ୍ରେଷ୍ଠ ସ୍ଥାନରେ ଭାରତ

ଲାଉସାନେ, ୨।୩(ପି.ଟି.)

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍ୟାଙ୍କିଙ୍ଗ୍‌ରେ ଭାରତ ଚତୁର୍ଥ ସ୍ଥାନ ହାସଲ କରିଛି। ୨୦୦୩ରେ ଏଫ୍‌ଆଇଏଚ୍ ବିଶ୍ୱ ର୍ୟାଙ୍କିଙ୍ଗ୍ ଲାଗୁ ହେବାଠାରୁ ଭାରତ ପାଇଁ ଏହା ଶ୍ରେଷ୍ଠ ସ୍ଥାନ ବିବେଚିତ ହୋଇଛି। ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ପଞ୍ଚମରୁ ଉଠି ଅଲିମ୍ପିକ୍ ଚାମ୍ପିୟନ ଆର୍ଜେଣ୍ଟିନାକୁ ହଟାଇ ଚତୁର୍ଥ ସ୍ଥାନ ଅଧିକାର କରିଛି। ଗୋଟିଏ ସ୍ଥାନ ତଳକୁ ଖସି ଆର୍ଜେଣ୍ଟିନା ପଞ୍ଚମ ସ୍ଥାନରେ ରହିଛି। ଅନ୍ୟପଟେ ବିଶ୍ୱ ଚାମ୍ପିୟନ ବେଲଜିୟମ ଶୀର୍ଷ ସ୍ଥାନ ବଜାୟ ରଖିଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଓ ନେଦରଲାଣ୍ଡ୍ସ ତୃତୀୟ ସ୍ଥାନରେ ଅପରବର୍ତ୍ତିତ ରହିଛି। ସେହିପରି ଜର୍ମାନୀ ଓ ଇଂଲଣ୍ଡ ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନ ବଜାୟ ରଖିଛନ୍ତି। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ୯ମ ସ୍ଥାନରେ ରହିଛି।

## ଚେନ୍ନାଇରେ ଧୋନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଚେନ୍ନାଇ,୨।୩

ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କୁ ସୋମବାର ଚେନ୍ନାଇରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ପ୍ରସ୍ତୁତି କରିବା ପାଇଁ ସେ ଏଠାକୁ ଆସିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଫିସିଆଲ ଟୁଇଟର ପେଜ୍‌ରେ ଧୋନୀଙ୍କ ଏକ ଭିଡିଓ ଅପ୍‌ଲୋଡ୍ କରାଯାଇଛି। ଧୋନୀ ସିଏସ୍‌କେର ହୋମ୍ ଭେନ୍ୟୁ ଚେପକ ଷ୍ଟାଡିୟମରେ ଆଗାମୀ ଦୁଇ ଦିନ ଧରି ଅଭ୍ୟାସ କରିବେ। ଏ ନେଇ ଫ୍ରାଞ୍ଚାଇଜ ସିଇଓ କାଶୀ ବିଶ୍ୱନାଥନ ପୂର୍ବରୁ ସ୍ପଷ୍ଟ କରିଛନ୍ତି। ଚଳିତ ମାସ ୧୯ ପରେ ସିଏସ୍‌କେର ଟ୍ରେନିଂ କ୍ୟାମ୍ପ ଆରମ୍ଭ ହେବ। ଆଇପିଏଲ୍ ମାର୍ଚ୍ଚ ୨୯ରେ ଉଦ୍‌ଘାଟନୀ ଦିବସରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ସିଏସ୍‌କେ ମଧ୍ୟରେ ଖେଳାଯିବ।

# ସାଙ୍ଗୱାନଙ୍କ ଉପରୁ ବାସନ୍ଦ ଉଠିଲା

ନୂଆଦିଲ୍ଲୀ, ୨।୩ (ପି.ଟି.)

ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଅପିଲ ପ୍ୟାନେଲ ପୂର୍ବତନ ଏସିଆନ ରୌପ୍ୟ ପଦକ ବିଜୟୀ ବକ୍ସର ସୁମିତ ସାଙ୍ଗୱାନ (୯୧କେଜି)ଙ୍କ ଉପରୁ ୧ବର୍ଷିଆ ବାସନ୍ଦ ଦଣ୍ଡକୁ ଉଠାଇ ଦେଇଛି। ସୁମିତ ଜାଣିଶୁଣି ନିଷିଦ୍ଧ ଦ୍ରବ୍ୟ ସେବନ କରି ନ ଥିବା ପ୍ୟାନେଲ ଦର୍ଶାଇଛି। ସୋମବାର ହୋଇଥିବା ଶୁଣାଣିରେ ବକ୍ସର ଜଣକ ଦୋଷମୁକ୍ତ ହୋଇଛନ୍ତି। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ)ର ଜଣେ ଅଫିସିଆଲଙ୍କ କହିଛନ୍ତି ସାଙ୍ଗୱାନ ଜାଣିଶୁଣି କୌଣସି ନିଷିଦ୍ଧ ଦ୍ରବ୍ୟ ସେବନ କରି ନ ଥିବା ନାଡା ପ୍ୟାନେଲର ସେ ହୃଦ୍‌ବୋଧ କରାଇବାରେ ସକ୍ଷମ ହୋଇଥିଲେ। ଏଷ୍ଟାଜୋଲାମାଇଡ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିବା ଦ୍ୱାରା ସାଙ୍ଗୱାନ ୨୦୧୯ ଡିସେମ୍ବରୁ ଏକ ବର୍ଷ ପାଇଁ ବାସନ୍ଦ ହୋଇଥିଲେ। ପ୍ୟାନେଲ ତାଙ୍କୁ ଦୋଷମୁକ୍ତ କରିଥିବାରୁ ମୋତେ ବଡ଼ ଆଶ୍ୱସ୍ତି ମିଳିଛି ବୋଲି ଭାରତୀୟ ବକ୍ସର ଜଣକ କହିଛନ୍ତି। ପ୍ରଥମ ଶୁଣାଣି ବେଳେ ମୁଁ କେତେକ ମେଡିକାଲ ରିପୋର୍ଟ ଦାଖଲ କରି ପାରି ନ ଥିଲି, ଯାହା ଫଳରେ ମୋତେ ସେତେବେଳେ ଏକ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ୨୭ବର୍ଷୀୟ ଅନ୍ତର୍ଜାତୀୟ ପଦକଧାରୀ କହିଛନ୍ତି, ଆଖିରେ ସଂକ୍ରମଣ ଯୋଗୁ ମୋତେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବାକୁ ପଡ଼ିଥିଲା। ସେତେବେଳେ ମୋତେ ଖୁବ୍ ଯନ୍ତ୍ରଣା ହୋଇଥିଲା। ଏପରିକି ମୁଁ ମୋ ଆଖିଖୋଲି ପାରି ନ ଥିଲି। ମୋ ଶରୀରରେ କ’ଣ ଘଟୁଛି ତାହା ମୁଁ ବୁଝିପାରୁ ନ ଥିଲି। ମୋ ଶରୀରେ ଏଷ୍ଟାଜୋଲାମାଇଡ୍‌ର ପ୍ରଭାବ ୧୩ ଦିନ ପର୍ଯ୍ୟନ୍ତ ରହିଥିଲା। ସେ ସମୟରେ ନ୍ୟାଶନାଲ କ୍ୟାମ୍ପରେ ମୋର ଓଜନ କରାଯାଇଥିଲା। ମୋ ଯକୃତର ଆକାର ବୃଦ୍ଧି ପାଇଥିଲା। ଅପିଲ ପ୍ୟାନେଲ ନିକଟରେ ଏସମ୍ପର୍କିତ ମେଡିକାଲ ରିପୋର୍ଟ ଉପସ୍ଥାପନ ଦ୍ୱାରା ମୁଁ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିପାରିଥିଲି। ୨୦୧୨ ଅଲିମ୍ପିଆନ ସସ୍‌ପେଣ୍ଡ ହେବା ଦ୍ୱାରା ମଙ୍ଗଳବାରଠାରୁ ଜୋର୍ଡାନର ଅମାନଠାରେ ହେବାକୁଥିବା ଅଲିମ୍ପିକ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟ ପାଇଁ ଟ୍ରାଏଲ୍ସରୁ ବଞ୍ଚିତ ହେବାକୁ ପଡ଼ିଛି। ଦୋଷ ମୁକ୍ତ ହେବାପରେ ନ୍ୟାଶନାଲ କ୍ୟାମ୍ପରେ ସାମିଲ ହେବାଲାଗି ତାଙ୍କୁ ଅନୁମତି ଦେବା ଲାଗି ସେ ମହାସଂଘ ନିକଟକୁ ଚିଠି ଲେଖିଛନ୍ତି। ଗତବର୍ଷ ଅକ୍ଟୋବରରେ ପ୍ରତିଯୋଗିତା ବାହାରେ ସାଙ୍ଗୱାନଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା।



ସୁମିତ ସାଙ୍ଗୱାନ

# ଭାରତୀୟ ହକି କ୍ୟାମ୍ପରେ ୪ ଓଡ଼ିଆ



ବୀରେନ୍ଦ୍ର ଲାକ୍ରା



ଅମିତ୍ ରୋହିଦାସ



ନୀଲମ ସଞ୍ଜୀପ ଖେସ୍



ଦୀପସାନ୍ ତିର୍କୀ

ନୂଆଦିଲ୍ଲୀ, ୨।୩

ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ପରିସରରେ ଭାରତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହୋଇଛି। ଏହି କ୍ୟାମ୍ପରେ ଭାରତୀୟ କୋର୍ ଦଳର ୩୨ ସଦସ୍ୟ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୪ ଖେଳାଳି ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପସାନ ତିର୍କୀ ଓ ନୀଲମ ସଞ୍ଜୀପ ଖେସ୍ ସାମିଲ ଅଛନ୍ତି। ମୁଖ୍ୟ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ସପ୍ତାହ ଜାତୀୟ କ୍ୟାମ୍ପ ଚାଲିବାପରେ ଭାରତୀୟ ଦଳ ଜର୍ମାନୀ ଓ ଇଂଲଣ୍ଡ ଯାଇ ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଖେଳିବ। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି କ୍ୟାମ୍ପ ଖେଳାଳିଙ୍କ ପାଇଁ ବହୁ ଉପାଦେୟ ହେବ। ଭାରତୀୟ ଦଳର ଯେଉଁ ବିଭାଗରେ ଦୋଷ ଦୁର୍ବଳତା ଅଛି ତାହାକୁ ଏହି କ୍ୟାମ୍ପରେ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ ଚଳିତ ପ୍ରୋ ଲିଗ୍‌ରେ ଏପର୍ଯ୍ୟନ୍ତ ୩ଟି ଦଳକୁ ଭେଟି ସାରିଛି। ନେଦରଲାଣ୍ଡ୍ସ ବିପକ୍ଷରେ ଦଳ ୨ଟି ଯାକ ମ୍ୟାଚ ଜିତିଥିବାବେଳେ ବେଲଜିୟମ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ହାରିଛି ଓ ଜିତିଛି।

“ଆମେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ଭଲ ଫଳାଫଳ ପାଇବାରେ ଦକ୍ଷତା ରଖିଛୁ ବୋଲି ଚଳିତ ପ୍ରୋ ଲିଗ୍‌ରେ ପ୍ରମାଣିତ କରିଛୁ। ଏହା ଦଳର ଖେଳାଳିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି କରିଛି। କେଉଁ ବିଭାଗରେ ଆମକୁ କାମ କରିବାକୁ ହେବ ତାହା ମଧ୍ୟ ଜଣାପଡ଼ିଛି। ଆମକୁ କେବଳ ମ୍ୟାଚ ଉପରେ ନୁହେଁ ସମସ୍ତ ୪ଟି ଯାକ କ୍ୱାର୍ଟରରେ ଫୋକସ ରଖିବା ଆବଶ୍ୟକ” ବୋଲି ରିଡ୍ କହିଛନ୍ତି। ୪ ସପ୍ତାହ ବିଶିଷ୍ଟ କ୍ୟାମ୍ପରେ ଆମେ ସ୍କିଲ୍, ଟ୍ୟାକ୍‌ଲିଂ, ଗୋଲ ଶୁଟିଂ, ଟ୍ରାପିଂ ଉପରେ ବିଶେଷ ଧ୍ୟାନ ଦେବୁ। ଆମର ଆକ୍ରମଣାତ୍ମକ ସାମର୍ଥ୍ୟ ଉପରେ ମଧ୍ୟ କାମ କରିବାର ଅଛି। କ୍ୟାମ୍ପ ପରେ ଆମେ ଜର୍ମାନୀ ଓ ଇଂଲଣ୍ଡ ଯାଇ ସେଠାରେ ଖେଳିବୁ। ଏହାପରେ ୨୦୨୦ ଅଲିମ୍ପିକ୍ସ ପାଇଁ ଆମେ କେତେ ପ୍ରସ୍ତୁତ ତାହା ଜଣାପଡ଼ିବ ବୋଲି ରିଡ୍ ପ୍ରକାଶ କରିଛନ୍ତି।

**କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳି**

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୂର ପାଠକ, ସୂରଜ କରକେରା, ହରମନପ୍ରୀତ ସିଂ, ଦିଲପ୍ରୀତ ସିଂ, ସୁରେନ୍ଦ୍ର କୁମାର, ବୀରେନ୍ଦ୍ର ଲାକ୍ରା, ରୂପିନ୍ଦରପାଲ ସିଂ, ଗୁରିନ୍ଦର ସିଂ, ଅମିତ ରୋହିଦାସ, କୋଥାଜିତ ସିଂ ଖାଡାଙ୍ଗବାମ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ସିମରନଜିତ ସିଂ, ଆକାଶଦୀପ ସିଂ, ରମଣଦୀପ ସିଂ, ଏସ.ଭି. ସୁନୀଲ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରସାହିବଜିତ ସିଂ, ଶମସେର ସିଂ, ବରୁଣ କୁମାର, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ, ନୀଲମ ସଞ୍ଜୀବ ଖେସ୍, ଜସକରନ ସିଂ, ରାଜକୁମାର ପାଲ, ଗୁରଜନ୍ତ ସିଂ, ସୁମିତ, ଚିଙ୍ଗଲେନସାନା ସିଂ।

## ସଂକ୍ଷେପରେ

### ଘୁଞ୍ଚିଲା ଆଜଲାନ ଶାହ କପ୍ ହକି

**ନୂଆଦିଲ୍ଲୀ, ୨।୩:** ଚାଇନାରୁ ସୃଷ୍ଟ କରୋନା ଭାଇରସ ଯୋଗୁ ବହୁ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ବାତିଲ କିମ୍ବା ସ୍ଥାନାନ୍ତର ହୋଇସାରିଛି। ସଦ୍ୟ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ଭାବେ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ପ୍ରଭାବିତ ହୋଇଛି। ସମ୍ମାନଜନକ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଏପ୍ରିଲରେ ଖେଳାଯିବାର ଥିଲା। ମାତ୍ର ଏହାକୁ ସୋମବାର ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଏହି ଇଭେଣ୍ଟର ୨୯ତମ ସଂସ୍କରଣ ମାଲେସିଆର ଇପୋଠାରେ ଏପ୍ରିଲ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା। ବର୍ତ୍ତମାନ ଏହି ଇଭେଣ୍ଟ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଖେଳାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଖେଳାଳି ଓ ଅଫିସିଆଲଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ଆଜଲାନ ଶାହ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ୨୯ତମ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍), ଏସିଆ ହକି ଫେଡେରେଶନ(ଏଏଚ୍‌ଏଫ୍), ମାଲେସିଆ ହକି କନ୍‌ଫେଡେରେଶନ (ଏମ୍‌ଏଚ୍‌ସି) ଓ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକ କମିଟି ମୁଖ୍ୟ ଡାଟୋ ହାଜି ରହିମ ବିନ୍ ମହମ୍ମଦ କହିଛନ୍ତି। ଇଭେଣ୍ଟ ତାରିଖରେ ପରିବର୍ତ୍ତନ ନେଇ ଆୟୋଜକ କମିଟି କ୍ଷମାପ୍ରାର୍ଥନା କରିଛି। ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ଆଜଲାନ ଶାହ ହକି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, କାନାଡା, ଜାପାନର, ଆୟୋଜକ ମାଲେସିଆ, ପାକିସ୍ତାନ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରନ୍ତି। ଅଷ୍ଟ୍ରେଲିଆ ସର୍ବାଧିକ ୧୦ଥର ଚାମ୍ପିୟନ ହୋଇଥିବାବେଳେ ଭାରତ ୪ ଥର ଚାମ୍ପିୟନ ହୋଇଛି।

### ଅଗ୍ରଣୀ ସତ୍ତ୍ୱେ ସୌରାଷ୍ଟ୍ରର ବ୍ୟାଟିଂ ବିପର୍ଯ୍ୟୟ

**ରାଜକୋଟ, ୨।୩ (ପି.ଟି.):** ଘରୋଇ ଗୁଜରାଟ ବିପକ୍ଷରେ ଏଠାରେ ଚାଲିଥିବା ରଣ୍‌ଜୀ ଟ୍ରଫି ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୫୨ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ତେବେ ଦ୍ୱିତୀୟ ଇନିଂସରେ ସୌରାଷ୍ଟ୍ର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ୩ୟ ଦିବସ ଶେଷ ସୁଦ୍ଧା ସୌରାଷ୍ଟ୍ର ୨ୟ ଇନିଂସରେ ୫ ଉଇକେଟ୍ ହରାଇ ମାତ୍ର ୬୬ ରନ ସଂଗ୍ରହ କରିଛି। ଦ୍ରୁତ ବୋଲର ଚିନ୍ତନ ଗାଜାଙ୍କ ବୋଲିଂକୁ ସାମ୍ନା କରି ନ ପାରି ଭ୍ରମଣକାରୀ ଦଳର ହାର୍ଦ୍ଦିକ ଦେଶାଇ (୦), କିଶାନ ପାର୍ମର (୦),ଅଭି ବାରୋତ (୧), ବୈଷବରାଜ ଜାଡେଜା (୬) ଓ ପ୍ରଥମ ଇନିଂସର ଶତକ ହାସଲକାରୀ ଶେଲଡନ ଜ୍ୟାକସନ(୦) ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ। ହାତରେ ଆଉ ୫ ଉଇକେଟ୍ ରହିଥିବାବେଳେ ସୌରାଷ୍ଟ୍ର ମୋଟ୍ ଉପରେ ୧୧୮ ରନରେ ଅଗ୍ରଣୀ ହାସଲ କରିଛି। ୨୫ ବର୍ଷୀୟ ଗାଜା ମାତ୍ର ୧୫ ରନ ବିନିମୟରେ ୫ ଉଇକେଟ୍ ହାସଲ କରିଛନ୍ତି। ପୂର୍ବରୁ ସୌରାଷ୍ଟ୍ରର ପ୍ରଥମ ଇନିଂସ ସ୍କୋର ୩୦୪ ରନ ଜବାବରେ ଗୁଜରାଟ ରବିବାର ସୁଦ୍ଧା ୬ ଉଇକେଟ୍‌ରେ ୧୧୯ ରନ କରିଥିଲା। ସୋମବାର ଗୁଜରାଟ ଏହି ସ୍କୋରରେ ଆଉ ୧୩୩ ରନ ଯୋଗ କରି ୨୫୨ରେ ସୀମିତ ରହିଥିଲା। ଗାଜା ୬୧, ରୁଜୁଲ ୭୧, ପାର୍ଥିବ ପଟେଲ ୨୭ ଓ ଅକ୍ଷର ପଟେଲ ୨୧ ରନ କରିଥିଲେ।

# ଓଡ଼ିଶା ୧୩ ପଦକରେ ସୀମିତ

**ଭୁବନେଶ୍ୱର, ୨।୩(କ୍ରୀଡ଼ା ପ୍ରତିନିଧି)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ଭୁବନେଶ୍ୱର ଓ କଟକରେ ସଫଳତାର ସହ ସମ୍ପନ୍ନ ହୋଇଛି। ଦେଶର ୧୫୯ଟି ବିଶ୍ୱବିଦ୍ୟାଳୟର ୩୪୦୦ ଆଥଲେଟ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦୬ଟି ସ୍ୱର୍ଣ୍ଣ, ୨୦୬ଟି ରୌପ୍ୟ ଓ ୨୮୬ଟି ବ୍ରୋଞ୍ଜ ପଦକ ପାଇଁ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଠାକାର ଭିତ୍ତିଭୂମିରେ ଶତମୁଖ ହୋଇଛନ୍ତି ରାଜ୍ୟ ବାହାରର ଖେଳାଳି ଓ ଅଫିସିଆଲ। ମାତ୍ର ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାକୁ ଦେଖିଲେ ନିରାଶ ହେବାକୁ ପଡ଼େ। ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧୩ଟି ପଦକ ହାସଲ କରିଛି। ଏଥିରେ ରାଜ୍ୟର ୪ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କିଟ୍ ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ ସହ ମୋଟ ୭ ପଦକ ପାଇଥିବାବେଳେ ବ୍ରହ୍ମପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ ସହ ୩, ସମ୍ବଲପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ ସହିତ ୨ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗୋଟିଏ ବ୍ରୋଞ୍ଜ ପଦକ ପାଇବାକୁ ସକ୍ଷମ ହୋଇଥିଲା। ଦେଖିବାକୁ ଗଲେ ପଏଣ୍ଟ ଟେବୁଲର ପ୍ରଥମ ତିନିସ୍ଥାନ ଅଧିକାର କରିଥିବା ପଞ୍ଜାବ ବିଶ୍ୱବିଦ୍ୟାଳୟ ୧୭-୧୯-୧୦, ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ୧୭-୧୧-୯ ଏବଂ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୧୩-୦୬-୧୪ ତୁଳନାରେ ଆମେ ବହୁ ପଛରେ। ତେବେ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଭଳି ଏଠାରେ ମଧ୍ୟ କେତେକ ପ୍ରତିଭା ସମ୍ପନ୍ନ ଖେଳାଳି ଜାତୀୟ ଚୟନକର୍ତ୍ତାଙ୍କ ନଜରକୁ ଆସି ପାରିଛନ୍ତି।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

ଓଡ଼ିଶାକୁ ମିଳିଥିବା ୧୩ ପଦକ ମଧ୍ୟରୁ ସବୁଠାରୁ ଅଧିକ ସଫଳତା ପାଇଥିଲେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ତଥା ଜାତୀୟ ରେକର୍ଡଧାରିଣୀ ଦୂତୀ ଚାନ୍ଦ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇ ସାରିଥିବା ଦୂତୀଙ୍କ ପାଇଁ ଏହି ପ୍ରତିଯୋଗିତା ବିଶେଷ କଷ୍ଟକର ନ ଥିଲା। ତେବେ ଘରୋଇ ପରିବେଶରେ ଦକ୍ଷତା ଦେଖାଇ ସେ ମହିଳା ୧୦୦ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିବା ସହ ରାଜ୍ୟ ଏବଂ ନିଜ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍ୱର୍ଣ୍ଣ ପଦକ ପ୍ରସଙ୍ଗ ଉଠିଲେ ଦୂତୀଙ୍କୁ ଛାଡ଼ିଦେଲେ କିଟ୍ ପାଇଁ ମହିଳା ରଗ୍‌ବୀ ଏବଂ ପୁରୁଷ ରିକର୍ଭ ତୀରନ୍ଦାଜୀ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇଛନ୍ତି ମନୀଷା ମେରେଲ। ସେ ମହିଳା ଲଙ୍ଗଜମ୍ପରେ ଆଗକୁ ବଢ଼ିବାର ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବ୍ରହ୍ମପୁରର ମନୋଜ କୁମାର ସାହୁ ଭାରୋତ୍ତୋଳନରେ ସୁନା ସାଉଁଟିଛନ୍ତି।

ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ ଦୂତୀଙ୍କ ବ୍ୟତୀତ କେବଳ ମନୀଷା ଓ ମନୋଜ ସ୍ୱର୍ଣ୍ଣ ପଦକର ସ୍ୱାଦ ଚାଖିଛନ୍ତି। ମନୋଜ ପୁରୁଷ ୭୩ କେଜି ଇଭେଣ୍ଟରେ ମୋଟ ୨୬୭ କେଜି ଭାରୋତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ସ୍ନାଚ୍‌ରେ ୧୧୫ ଓ କ୍ଲିନ ଆଣ୍ଡ ଜର୍କରେ ୧୫୨ କେଜି ଭାର ଉଠାଇଥିଲେ। ରୌପ୍ୟ ପଦକ ତାଲିକାରେ ଅଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳିକା ପ୍ରମିଳା କିର୍ସାନୀ, କିଟ୍ ତୀରନ୍ଦାଜ ରଞ୍ଜିତ ନାୟକ ଓ ସମ୍ବଲପୁର ମହିଳା ହକି ଦଳ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ରଗ୍‌ବୀ ଦଳ, ଭାରୋତ୍ତୋଳକ କୁମ୍ଭେଶ୍ୱର ମଲିକ, ବ୍ରହ୍ମପୁର ଭାରୋତ୍ତୋଳିକା ବନିତା ଘଡ଼େଇ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ୨୦୦ ମିଟର ଧାବିକା ଦୀପାଳି ମହାପାତ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏବେ ପ୍ରତିଭା ମାନଙ୍କୁ ଉପଯୁକ୍ତ ତାଲିମ ଦେଇ ଭବିଷ୍ୟତ ପାଇଁ ଗଢ଼ିବାର ସମୟ ଆସିଛି।





ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଦୂତୀ ଚାନ୍ଦ, ମନୀଷା ମେରେଲ ଓ ମନୋଜ କୁମାର ସାହୁ।

**ପଦକ**

କିଟ୍: ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ
ବ୍ରହ୍ମପୁର: ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ ବ୍ରୋଞ୍ଜ
ସମ୍ବଲପୁର: ୧ ସ୍ୱର୍ଣ୍ଣ, ୧ ରୌପ୍ୟ
ଉତ୍କଳ: ୧ ବ୍ରୋଞ୍ଜ

**୫୦ତମ ବିବାହବାର୍ଷିକୀ ଶୁଭେଚ୍ଛା**



ଭାଗବତ ସାହୁ ଓ ଭାରତୀ ସାହୁ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣମାନଙ୍କ ଜୀବନ ସୁଖମୟ ଓ ମଙ୍ଗଳମୟ ହେଉ
-:ଶୁଭେଚ୍ଛା ସହ:-
ପୁତ୍ର: ଅରୁଣ ଏବଂ ଅଶୋକ, ପୁତ୍ରବଧୂ: ପ୍ରଭାସିନୀ, ଦେବୀନା, କନ୍ୟା: ଅରୁନ୍ଧତୀ, ଅନସୂୟା, ଜ୍ୱାଇଁ: ପ୍ରଦୀପ, ଅଭୟ, ନାତିନାତୁଣୀ: ଆୟୁଷ୍ମାନ, ଆଶିର୍ବାଦ, ଦିବ୍ୟା ଦେବସ୍ମିତା, ଜ୍ୟୋତିରାଦିତ୍ୟ, ଅର୍ଚ୍ଚିତା ଓ ଅବନ୍ତିକା।
ଧ-୧୬୯୯୩

### ଫୁଟବଲ କିମ୍ବଦନ୍ତୀ ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**କୋଲକାତା, ୨।୩ (ପି.ଟି.)**

କିମ୍ବଦନ୍ତୀ ଭାରତୀୟ ଫୁଟ୍‌ବଲର ପି.କେ. ବାନାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କୁହାଯାଉଛି। ଚେଷ୍ଟ ଇନ୍‌ଫେକ୍ସନ ଯୋଗୁ ସେ ଏକ ମାସ ହେଲା ଜୀବନ ସହ ସଂଘର୍ଷ ଚଳାଇ ଆସୁଛନ୍ତି। ୮୩ ବର୍ଷୀୟ ଭାରତର ପୂର୍ବତନ ଫୁଟବଲ ଅଧିନାୟକ ଛାତିରେ ଖୁବ୍ ଯନ୍ତ୍ରଣା ଅନୁଭବ କରିବାରୁ ଫେବୃୟାରୀ ୬ରେ ତାଙ୍କୁ ମେଡିକା ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ବର୍ତ୍ତମାନ ଭେଣ୍ଟିଲେଟରରେ ରଖାଯାଇଛି। ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ୧୯୬୦ ରୋମ୍ ଅଲିମ୍ପିକ୍ସରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହାପୂର୍ବରୁ ସେ ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ କ୍ୱାର୍ଟରଫାଇନାଲ ମ୍ୟାଚରେ ଭାରତକୁ ୪-୨ ଗୋଲ୍‌ରେ ବିଜୟୀ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଫୁଟ୍‌ବଲରେ ବାନାର୍ଜୀଙ୍କ ଅବଦାନକୁ ବିଶ୍ୱ ପରିଚାଳନା ପରିଷଦ ଫିଫା ସ୍ୱୀକୃତି ପ୍ରଦାନ କରିଛି। ଫିଫା ୨୦୦୪ରେ ତାଙ୍କୁ ସେଣ୍ଟେନିଆଲ ଅର୍ଡର ଅଫ୍ ମେରିଟ୍ ପୁରସ୍କାରରେ ସମ୍ମାନିତ କରିଛି।

## ନାଡାଲଙ୍କ ପରେ ଥିଆଗୋ ସର୍ବକନିଷ୍ଠ



ଟ୍ରଫି ସହ ଥିଆଗୋ ସିବୋଥ୍ ।

**ସାଣ୍ଟିଆଗୋ, ୨।୩ (ଏଏଫ୍‌ପି)**

୨୦୦୫ରେ ରାଫାଲ ନାଡାଲଙ୍କ ପରେ ଲାଟିନ୍ ଆମେରିକାର କ୍ଲେ କୋର୍ଟ 'ଗୋଲ୍‌ଡେନ ସୁଇଙ୍ଗ୍' ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାରେ ବ୍ରାଜିଲର ଥିଆଗୋ ସିବୋଥ୍ ୱାଇଲ୍ଡ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୯ବର୍ଷୀୟ ଥିଆଗୋ ଫାଇନାଲରେ ଦ୍ୱିତୀୟ ସିଡ୍ ତଥା ନରୱେର କାସ୍ପର ରୁଡ୍‌ଙ୍କୁ ୭-୫, ୪-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏକ ଏଟିପି ଇଭେଣ୍ଟରେ ଟାଇଟଲ ଜିତିବାରେ ସେ ବ୍ରାଜିଲର ମଧ୍ୟ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨୦୦୫ରେ ନାଡାଲ ଯେତେବେଳେ ଏଠାରେ ଟାଇଟଲ ବିଜୟୀ ହୋଇଥିଲେ, ସେତେବେଳେ ତାଙ୍କୁ ୧୮ ବର୍ଷ ବୟସ ହୋଇଥିଲା। ଏହି ମେକ୍ସିକାନ ଇଭେଣ୍ଟ ଏବେ ମଧ୍ୟ କ୍ଲେ-କୋର୍ଟରେ ଖେଳାଯାଉଛି। ସୋମବାର ନୂଆ ର୍ୟାଙ୍କିଂ ତାଲିକା ପ୍ରକାଶ ପାଇଛି। ଏଥିରେ ଥିଆଗୋ ର୍ୟାଙ୍କିଂ ତାଲିକାର ୧୮୨ରୁ ୧୧୩ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ଫାଇନାଲରେ ସୁନ୍ଦରଗଡ଼, ବାରିପଦା, ରାଇରଙ୍ଗପୁର

**କଟକ ଅଫିସ, ୨।୩**

**ଏସ୍‌ଡିସି କପ୍-୨୦୨୦**

ରାଜ୍ୟ ସରକାରଙ୍କ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସ୍‌ଡିସି କପ୍-୨୦୨୦ର ସେମିଫାଇନାଲ ମୁକାବିଲା ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବର୍ଗରେ ବାରିପଦା ଓ ସୁନ୍ଦରଗଡ଼ ଫାଇନାଲରେ ପ୍ରବେଶ କରିଥିବା ବେଳେ ମହିଳା ବର୍ଗରେ ସୁନ୍ଦରଗଡ଼ ଓ ରାଇରଙ୍ଗପୁର ମଧ୍ୟରେ ଫାଇନାଲ ମୁକାବିଲା ହେବ। ଆସନ୍ତା ୫ରେ ବାରବାଟୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ।

କେନ୍ଦୁଝର ଜୋନରେ ଗୋଟିଏ ଲେଖାଏ ପୁରୁଷ ଓ ମହିଳା ବର୍ଗର ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ବାରିପଦା ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୧-୧ ଗୋଲରେ ଡ୍ର ରହିଥିଲା। ପରେ ଟାଇବ୍ରେକର ପଦ୍ଧତିରେ ବାରିପଦା ୪-୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଏଠାରେ ଖେଳାଯାଇଥିବା ମହିଳା ବର୍ଗର ସେମି ମୁକାବିଲାରେ ସୁନ୍ଦରଗଡ଼ ୯-୦ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ଼ ଜୋନରେ ୨ଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଠାରେ ଅନୁଷ୍ଠିତ ରାଇରଙ୍ଗପୁର-ସୁନ୍ଦରଗଡ଼ ବିପକ୍ଷ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ ଗୋଲରେ ଡ୍ର ରହିଥିଲା। ଅତିରିକ୍ତ ସମୟରେ ମଧ୍ୟ ଉଭୟ ଦଳ ୨ଟି ଲେଖାଏ ଗୋଲ ଦେଇଥିଲେ। ପରେ ପେନାଲ୍ଟି କିକ୍ ଜରିଆରେ ସୁନ୍ଦରଗଡ଼ ୫-୪ ଗୋଲରେ ବିଜୟୀ ହୋଇଥିଲା। ରାଇରଙ୍ଗପୁର-ବାରିପଦା ମଧ୍ୟରେ ଅନୁଷ୍ଠିତ ମହିଳା ବର୍ଗର ସେମିଫାଇନାଲ ମ୍ୟାଚ୍‌ରେ ରାଇରଙ୍ଗପୁର ୫-୦ ଗୋଲରେ ବିଜୟହାସଲ କରିଛି।

### ସିଏସିର ପ୍ରଥମ ବୈଠକ ଆଜି

**ମୁମ୍ବାଇ, ୨।୩(ପି.ଟି.):** ବିସିସିଆଇର କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ପ୍ରଥମ ବୈଠକ ଏଠାରେ ମଙ୍ଗଳବାର ବସିବ। ଏଥିରେ ଖାଲିପଡ଼ିଥିବା ଦୁଇ ଜାତୀୟ ଚୟନକର୍ତ୍ତା ପଦବୀ ଲାଗି ଆବେଦନ କରିଥିବା ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯିବ। ଉପଦେଷ୍ଟା କମିଟିରେ ପୂର୍ବତନ କ୍ରିକେଟର ମଦନ ଲାଲ୍, ଆର୍.ପି. ସିଂ ଓ ସୁଲକ୍ଷଣା ନାଏକ ରହିଛନ୍ତି। ଖାଲିପଡ଼ିଥିବା ଦୁଇଟି ପଦବୀ ଲାଗି ୪୪ଜଣ ଆବେଦନ କରିଛନ୍ତି। ଚୟନ କମିଟି ମୁଖ୍ୟ ଏମ୍.ଏସ୍.କେ. ପ୍ରସାଦ ଓ ସଦସ୍ୟ ଗଗନ ଖୋଦାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏସିଆନ କ୍ରିକେଟ କାଉନ୍‌ସିଲ ବୈଠକ ଲାଗି ଯାଇ ନ ଥିବାରୁ ସମ୍ଭବତଃ ମଙ୍ଗଳବାର କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ନୂଆ ଚୟନ କମିଟି ଦକ୍ଷିଣ ଆଫ୍ରିକା ସିରିଜ ପାଇଁ ଭାରତୀୟ ଦଳ ଚୟନ କରିବେ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

## ରୋମାଞ୍ଚକ ସ୍ଥିତିରେ ବେଙ୍ଗଲ-କର୍ଣ୍ଣାଟକ ମ୍ୟାଚ୍

**କୋଲକାତା, ୨।୩ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଘରୋଇ ବେଙ୍ଗଲ ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ରଣ୍‌ଜୀ ଟ୍ରଫି ୨ୟ ସେମିଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ବେଙ୍ଗଲ ପକ୍ଷରୁ ଧାର୍ଯ୍ୟ ୩୫୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି କର୍ଣ୍ଣାଟକ ସୋମବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ୍ ବିନିମୟରେ ୯୮ ରନ ସଂଗ୍ରହ କରିଛି। ଓପନର୍ ଲୋକେଶ ରାହୁଲ ଖାତା ଖୋଲିବା ପୂର୍ବରୁ ଇଶାନ ପୋରେଲଙ୍କ ବଲରେ ଆଉଟ୍ ହୋଇଥିବାବେଳେ ରବିକୁମାର ସମର୍ଥ ୨୭ ଓ ଅଧିନାୟକ କରୁନ ନାୟାର ୬ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଦେବଦତ୍ତ ପାଡିକଲ ୫୦ ଓ ମନୀଷ ପାଣ୍ଡେ ୧୧ ରନ କରି ଅପରାଜିତ ରହିଛନ୍ତି। ମ୍ୟାଚ୍ ୨ ଦିନ ବାକି ରହିଥିବାବେଳେ କର୍ଣ୍ଣାଟକୁ ବିଜୟ ଲାଗି ଆହୁରି ୨୫୪ ରନ ଆବଶ୍ୟକ ହେଉଛି। ଅପରପକ୍ଷରେ ଆଉ ୭ ଉଇକେଟ୍ ହାସଲ କଲେ ଘରୋଇ ଦଳ ଫାଇନାଲରେ ପ୍ରବେଶ କରିବ।

ରଣ୍‌ଜୀ ଟ୍ରଫି ସେମିଫାଇନାଲ

ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୭୨/୪ରୁ ବ୍ୟାଟିଂ ଆରମ୍ଭ କରିଥିବା ବେଙ୍ଗଲ ୧୬୧ ରନରେ ସୀମିତ ରହିଥିଲା। ପ୍ରଥମ ଇନିଂସର ଶତକ ହାସଲକାରୀ ଅନୁଷ୍ଟୁପ ମଜୁମଦାର ୪୧, ସୁଦୀପ ଚାଟାର୍ଜୀ ୪୫, ଶାହବାଜ ଅହମ୍ମଦ ୩୧ ରନ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ଅଭିମନ୍ୟୁ ମିଥୁନ ୪ ଓ କ୍ରିଷ୍ଣାପ୍ପା ଗୋଥାମ ୩ ଉଇକେଟ୍ ନେଇଥିଲେ। ଫଳରେ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୧୯୦ ରନର ଅଗ୍ରଣୀ ହାସଲ କରିଥିବା ବେଙ୍ଗଲ ମୋଟ୍ ୩୫୨ ରନର ଟାର୍ଗେଟ୍ କର୍ଣ୍ଣାଟକ ସମ୍ମୁଖରେ ରଖିଥିଲା।



ଲୋକେଶ ରାହୁଲଙ୍କ ଉଇକେଟ ହାସଲ ପରେ ଇଶାନ ପୋରେଲ ଖୁସି ମନାଉଛନ୍ତି।

### ୩୧ ବର୍ଷ ପୂର୍ବେ ଟାଇଟଲ୍ ଜିତିଥିଲା ବେଙ୍ଗଲ

ବେଙ୍ଗଲ କ୍ରିକେଟ୍ ଦଳ ଶେଷଥର ପାଇଁ ୩୧ ବର୍ଷ ତଳେ ଭାରତୀୟ ଘରୋଇ କ୍ରିକେଟ୍‌ର ସମ୍ମାନଜନକ ଟୁର୍ନାମେଣ୍ଟ ରଣ୍‌ଜୀ ଟ୍ରଫି ଟାଇଟଲ୍ ଜିତିଥିଲା। ୧୯୮୯-୯୦ ସିଜନରେ ଦିଲ୍ଲୀକୁ ପରାସ୍ତ କରି ବେଙ୍ଗଲ ଚାମ୍ପିୟନ ହୋଇଥିଲା। ସେହିବର୍ଷ ସୌରଭ ଗାଙ୍ଗୁଲି ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ସେହିଭଳି ଯଦି ବେଙ୍ଗଲ କର୍ଣ୍ଣାଟକକୁ ପରାସ୍ତ କରେ ତେବେ ୧୩ ବର୍ଷ ପରେ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ୨୦୦୭ରେ ଶେଷଥର ପାଇଁ ବେଙ୍ଗଲ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ମୁମ୍ବାଇଠାରୁ ୧୩୨ ରନରେ ପରାସ୍ତ ହୋଇ ରନର୍ସଅପ୍ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ- ୩୧୨ରେ ଅଲ୍‌ଆଉଟ୍
କର୍ଣ୍ଣାଟକ ପ୍ରଥମ ଇନିଂସ- ୧୨୨ରେ ଅଲ୍‌ଆଉଟ୍
ବେଙ୍ଗଲ ୨ୟ ଇନିଂସ- ୧୬୧ରେ ଅଲ୍‌ଆଉଟ୍
କର୍ଣ୍ଣାଟକ ୨ୟ ଇନିଂସ- ୩/୯୮

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ୪ର୍ଥ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରାଜେନ୍ଦ୍ର କୁମାର ସାହୁ (ରାଜା)
ଆବିର୍ଭାବ: ୧୬।୧୧।୧୯୯୯
ତିରୋଧାନ: ୧୬।୦୩।୨୦୧୬
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଏହି ଅକାଳ ବିୟୋଗରେ ତୋର ଆତ୍ମାକୁ ଚିର ଶାନ୍ତି ଦିଅନ୍ତୁ। ତୋର ଉପସ୍ଥିତି ଆମେ ସବୁବେଳେ ପାଖରେ ଅନୁଭବ କରିପାରୁଛୁ। ତୋର ତ୍ୟାଗ, ସାହସ, ନିଷ୍ଠା ପରାୟଣ, ପରୋପକାର ମନୋଭାବ, ଭଲପାଇପବା ସମସ୍ତଙ୍କ ମନରେ ଚିର ସ୍ମରଣୀୟ ହୋଇ ରହିଥିବା ତୋର ଶୋକସନ୍ତପ୍ତ ପିତା, ମାତା, ଭାଇ, ଭଉଣୀ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୯୧୭

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



ରସବତୀ ପରିଡ଼ା
୨୬.୦୧.୧୯୩୦ - ୧୪.୦୩.୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ
Parida Family
Manapada, Gop,Puri &
NM Group of Institutions, BBSR
ଧ-୧୬୯୯୨

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିନୋଦିନୀ ଶତପଥୀ
ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ, କେ.ପି. ହାଇସ୍କୁଲ, ଗୋବିନ୍ଦପୁର, ଢେଙ୍କାନାଳ
ତିରୋଧାନ: ୨୦।୦୩।୨୦୧୩
ଚାହୁଁ ଚାହୁଁ ସାତବର୍ଷ ହୋଇଗଲା, ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ସତେ ଯେମିତି ତୁମ ସୂକ୍ଷ୍ମ ଶରୀର ଆମ ପାଖରେ ଅଛି। ତୁମର ନିଷ୍ଠାପରତା, ତ୍ୟାଗ, ଆଦର୍ଶ, ଦାନଶୀଳତା ସବୁବେଳେ ଆମର ପାଥେୟ ହୋଇ ରହିବ, ତୁମର ସ୍ନେହ, ଶ୍ରଦ୍ଧା, ମଧୁମୟ ସ୍ମୃତି ଆମପାଇଁ ସଦା ଜୀବନ୍ତ, ତୁମର ଆତ୍ମା ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
-:ଇତି:-
ତୁମର ହତଭାଗ୍ୟ ସ୍ୱାମୀ: ସୁଭାଷ ଚନ୍ଦ୍ର ଶତପଥୀ
ଧ-୬୯୧୦୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୦ Bhubaneswar, Tuesday, March 3/2020

## ସଂକ୍ଷେପରେ

### ମୋ ସରକାରରେ ସାମିଲ ହେଲା ନନ୍ଦନକାନନ




**ବାରଙ୍ଗ,୨।୩(ଡି.ଏନ୍.ଏ):** ମୋ ସରକାର ଯୋଜନାରେ ବିଧିବଦ୍ଧ ଭାବେ ସୋମବାର ସାମିଲ ହୋଇଛି ପ୍ରାଣୀ ଉଦ୍ୟାନ ନନ୍ଦନକାନନ। ନନ୍ଦନକାନନ କାର୍ଯ୍ୟାଳୟରେ ଏକ ସାଇନବୋର୍ଡ ସୋମବାର ସନ୍ଧ୍ୟାରେ ଲଗାଯାଇଛି। ଜନସାଧାରଣଙ୍କୁ ସ୍ୱଚ୍ଛ ଶାସନ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମୋ ସରକାର ଯୋଜନାରେ ବିଭିନ୍ନ ବିଭାଗକୁ ସାମିଲ କରୁଥିବାବେଳେ ନନ୍ଦନକାନନ ଏଥିରେ ଯୋଡିହୋଇଛି। ଏହି ସାଇନବୋର୍ଡରେ ଏକ ଟେଲିଫୋନ ନମ୍ବର ରହିଛି ସେହି ନମ୍ବରକୁ ମିସ୍‌ଡକଲ କରି ରେଜିଷ୍ଟ୍ରେଶନ କରିବାର ସୁଯୋଗ ନେବାକୁ କୁହାଯାଇଛି।

### କଲରାପତରିଆ ବାଘ ସୂରଜ ଅସୁସ୍ଥ

**ବାରଙ୍ଗ,୨।୩(ଡି.ଏନ୍.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ କଲରାପତାରିଆ ବାଘ ସୂରଜ ଗତ ଦୁଇଦିନ ହେବ ଅସୁସ୍ଥ ହୋଇଛି। ତରଳ ଝାଡ଼ାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛି। ୧୯ନଂ ଏନକ୍ଲୋଜରରେ ରହିଥିବାବେଳେ ତରଳ ଝାଡ଼ା ହେବାରୁ ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ ମଧ ଝାଡ଼ା କମି ନ ଥିଲା। ୨୦୦୪ମସିହାରେ ଘୁମୁସରରୁ ଉଦ୍ଧାର ହୋଇ ଆସିଥିବା ସୁରଜ ଆଜି ୧୬ବର୍ଷରେ ପଦାର୍ପଣ କରିଛି। ଏବେ ନନ୍ଦନକାନନରେ ୪ ଅଣ୍ଡିରା ଓ ୨ ମାଈକୁ ମିଶାଇ ସମୁଦାୟ ୬ଟି କଲରାପତରିଆ ବାଘ ରହିଥିବା ଜଣାପଡିଛି।

# ଦେହ ଦଲାଲଙ୍କ ନଜରରେ ଓଡ଼ିଆ ଯୁବତୀ

## ବାଂଲା ରୂପଜୀବୀଙ୍କ ଉପରେ କଟକଣା ପରେ...

- ଭଦ୍ରକ,ବାଲେଶ୍ୱରରୁ ଯୁବତୀ ଆଣି ବଡ଼ବାବୁଙ୍କୁ ପରଷୁଛନ୍ତି
- ଗ୍ରାହକଙ୍କ ପାଖକୁ ଯୁବତୀ ନେଉଥିବାବେଳେ ଦଲାଲଙ୍କୁ ମାଡ଼ିବସିଲା ଏସ୍‌ଟିଏଫ୍
- ଅଞ୍ଜଳି ଦିଦି ଓ ଇବ୍ରାହିମ୍ ଲିଙ୍କ୍‌ରେ ଥିଲା ଗିରଫ ଦଲାଲ





ଗିରଫ ଦଲାଲ।

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ବାଂଲାଦେଶୀ ସେକ୍ସ ର୍‍ୟାକେଟର କିଙ୍ଗପିନ୍ ଅଞ୍ଜଳି ଦିଦି ଓ ତାଙ୍କ ସ୍ୱାମୀ ଇବ୍ରାହିମ୍ ଗିରଫ ହେବାପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ତାଙ୍କ ଲିଙ୍କ୍‌ରେ ଥିବା ଦଲାଲ, ଏଜେଣ୍ଟ, ରୂପଜୀବୀଙ୍କୁ ଖୋଜି ଖୋଜି ଧରୁଛି। ଇତିମଧ୍ୟରେ ୫ଜଣ ଦଲାଲ ଗିରଫ ହୋଇଥିବାବେଳେ ବହୁ ବାଂଲାଦେଶୀ ରୂପଜୀବୀ ଧରାପଡିଛନ୍ତି। ଜାଲ୍ କାଗଜପତ୍ର ଜରିଆରେ ବେଆଇନ ଭାବେ ବାଂଲା ରୂପଜୀବୀଙ୍କୁ ଦଲାଲମାନେ ଓଡ଼ିଶାକୁ ଆଣି ସେକ୍ସ ର୍‍ୟାକେଟରେ ଲଗାଉଥିବା ଜଣାପଡିବା ପରେ ଏବେ କଟକଣା ସହ ସୀମାରେ ସେମାନଙ୍କ ପ୍ରବେଶ ନେଇ ଯାଞ୍ଚ ଜୋର୍‌ଦାର ହୋଇଛି। ଫଳରେ ରାଜ୍ୟରେ ଏହି ସେକ୍ସ ର୍‍ୟାକେଟରେ ସମ୍ପୃକ୍ତ ଦଲାଲମାନେ ଓଡ଼ିଆ ଯୁବତୀଙ୍କୁ ଟାର୍ଗେଟ କରିଛନ୍ତି। ସେମାନଙ୍କୁ ନାନା ଉପାୟରେ ଫସାଇ ଭୁବନେଶ୍ୱର ସମେତ ଅନ୍ୟ ସହରକୁ ଆଣି ସେକ୍ସ ର୍‍ୟାକେଟରେ ନିୟୋଜିତ କରୁଛନ୍ତି। ସୋମବାର ଏସ୍‌ଟିଏଫ୍ ଜଣେ ଦଲାଲଙ୍କ ସହ ରୂପଜୀବୀଙ୍କୁ ଧରି ପଚରାଉଚରା କରିବା ପରେ ଏହି ଘଟଣା ପଦାକୁ ଆସିଛି। ଗିରଫ ଦଲାଲ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରର କେଶବ ସାହୁ(୨୮)। ଏସ୍‌ଟିଏଫ୍ କେସ୍ ନଂ.୭/୨୦, ଦଫା ୪/୫ ଆଇଟିପି ଆକ୍ଟ ୩୭୦(୩), ୪୬୭, ୪୭୧, ୧୨୦(ବି)୩୪ ଲଗାଇ ଅଭିଯୁକ୍ତ କେଶବଙ୍କୁ କୋର୍ଟ ଚାଲାଣ କରିଛି। ଏସ୍‌ଟିଏଫ୍‌ର ସୂଚନାନୁସାରେ, ଅଞ୍ଜଳି ଦିଦି ଓ ଇବ୍ରାହିମ୍ ଅଧୀନରେ ରହି କେଶବ କାମ କରନ୍ତି। ସେମାନଙ୍କ ସହ ଅନ୍ୟ କେତେଜଣ ଗିରଫ ହେବା ପରେ ଯୁବତୀ ଚାଲାଣ ଓ ସେକ୍ସ ର୍‍ୟାକେଟର ମଙ୍ଗ ଧରିଥିଲେ କେଶବ। ବାଂଲାଦେଶୀ ଯୁବତୀଙ୍କ ଉପରେ ଏସ୍‌ଟିଏଫ୍ ନଜର ରଖିଥିବାରୁ ସେ ଭଦ୍ରକ, ବାଲେଶ୍ୱର ଅଞ୍ଚଳରୁ ଯୁବତୀଙ୍କୁ ଚାକିରି ଓ ଅନ୍ୟ ପ୍ରଲୋଭନ ଦେଖାଇ ଏଠାକୁ ଆଣି ସେକ୍ସ ର୍‍ୟାକେଟରେ ଲଗାଇଥାନ୍ତି। ସୋମବାର ସକାଳେ କେଶବ ଜଣେ ଯୁବତୀଙ୍କୁ କାରରେ ବସାଇ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ଜଣେ ଗ୍ରାହକଙ୍କ ନିକଟକୁ ଛାଡିବାକୁ ନେଉଥିଲେ। ପୂର୍ବରୁ ତାଙ୍କ ଉପରେ ନଜର ରଖିଥିବା ଏସ୍‌ଟିଏଫ୍ ଟିମ୍ ଉକ୍ତ କାରକୁ ପିଛା କରି ସିଆର୍‌ପିଏଫ୍ ଛକରେ ଅଟକାଇ ସେମାନଙ୍କୁ କାବୁ କରିନେଇଥିଲା। କାରରୁ ଯୁବତୀଙ୍କୁ ଉଦ୍ଧାର ପରେ ପଚରାଉଚରା କରିବାରୁ ପୂରା ଘଟଣା ଜଣାପଡ଼ିଥିଲା। ବାଂଲାଦେଶର ଯୁବତୀଙ୍କୁ ରାଜଧାନୀ ଆଣି ଏତେ ରିସ୍କ ନେବାକୁ ଦଲାଲମାନେ ଚାହୁଁ ନାହାନ୍ତି। ଅନ୍ୟପକ୍ଷରେ ଓଡ଼ିଆ ରୂପଜୀବୀଙ୍କର ମଧ ଡିମାଣ୍ଡ୍ ରହିଛି। ତେଣୁ ଦଲାଲମାନେ ବିଶେଷକରି ଭଦ୍ରକ, ବାଲେଶ୍ୱରରୁ ଓଡିଆ ଯୁବତୀଙ୍କୁ ଆଣି ଦେହ ବ୍ୟବସାୟରେ ଲଗାଉଥିବା ଏସ୍‌ଟିଏଫ୍ ପଚରାଉଚରାବେଳେ ଜାଣିବାକୁ ପାଇଛି।

### ଫସୁଛନ୍ତି ଅସହାୟ, ଗରିବ ଝିଅ

କିଭଳି ଯୁବତୀଙ୍କୁ ଆଣି ଦେହ ବ୍ୟବସାୟରେ ଲଗାନ୍ତି ସେନେଇ ଏସ୍‌ଟିଏଫ ଆଗରେ ମୁହଁ ଖୋଲିଛନ୍ତି ଗିରଫ ଦଲାଲ କେଶବ। ସେ କହିଛନ୍ତି, ଗରିବ ଓ ଅସହାୟ ଝିଅଙ୍କୁ ଆଣିବା ଅତି ସହଜ ହୋଇଥାଏ। ତେଣୁ ସେମାନେ ବିଭିନ୍ନ ଜିଲାରୁ ଏଜେଣ୍ଟଙ୍କ ସାହାଯ୍ୟରେ ସେମାନଙ୍କୁ ଚିହ୍ନଟ ପରେ ପରିବାର ସହ ଯୋଗାଯୋଗ କରାଯାଇଥାଏ। ଝିଅ ରାଜଧାନୀରେ ଭଲ ଚାକିରିରେ ଲଗାଇ ଦେବାକୁ କହି ଏଠାକୁ ଆଣନ୍ତି। ପରେ ବଳାତ୍କାର କରି ବ୍ଲାକ୍‌ମେଲିଂ ହେଉ ଅବା ପ୍ରେମ ବାହାନାରେ ଫସାଇ ଦେହ ବ୍ୟବସାୟରେ ଲଗାନ୍ତି।

### ଘରୋଇ ଟ୍ୟାକ୍ସିରେ ଯୁବତୀଙ୍କୁ ପଠାଉଥିଲେ

ଅନ୍‌ଲାଇନ୍‌ରେ ଗ୍ରାହକ ଠିକ୍ ହେବା ପରେ ଯୁବତୀଙ୍କୁ ଗ୍ରାହକଙ୍କ ନିକଟକୁ ପଠାଇବା ଦାୟିତ୍ୱ କେଶବଙ୍କର ରହିଥିଲା। କେଶବ ଏଥିପାଇଁ ନିର୍ଦ୍ଦିଷ୍ଟ ଘରୋଇ ଟ୍ୟାକ୍ସି ବୁକ୍ କରୁଥିଲେ। ଏହାପରେ ଯୁବତୀଙ୍କୁ ରହୁଥିବା ଘରୁ କାରରେ ନେଇ ଗ୍ରାହକଙ୍କ ନିକଟରେ ଛାଡୁଥିଲେ। ନିର୍ଦ୍ଧାରିତ ସମୟ ଓ ଗ୍ରାହକ ଫୋନ୍ କରିବା ପରେ ପୁଣି କାର ନେଇ ସେଠାରୁ ଯୁବତୀଙ୍କୁ ନେଇ ଆସୁଥିଲେ।

### ରିମାଣ୍ଡରେ ଆସିବେ କେଶବ

ପୂର୍ବରୁ ଗିରଫ ହୋଇଥିବା ଅଞ୍ଜଳି ଦିଦି, ଇବ୍ରାହିମ୍ , ପଞ୍ଚାନନ ପାଢୀ ଓ ତାଙ୍କ ସ୍ତ୍ରୀ ପ୍ରୀତି ପାଢୀଙ୍କ ଲିଙ୍କ୍‌ରେ କେଶବ ରହିଥିବା ଜଣାପଡିଛି। ତେଣୁ କେଶବ କାହାକୁ ରୂପଜୀବୀ ଯୋଗାଉଥିଲେ, ତାଙ୍କ ଅଧୀନରେ କେତେଜଣ ଯୁବତୀ ଅଛନ୍ତି, ଏହା ପଛରେ ଆଉ କିଏ ମାଷ୍ଟରମାଇଣ୍ଡ ରହିଛନ୍ତି କି? ଏମିତି ଆଉ କିଛି ଅଧିକ ତଥ୍ୟ ପାଇବା ପାଇଁ ଏସ୍‌ଟିଏଫ୍ କେଶବଙ୍କୁ ୫ଦିନ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବ ବୋଲି ଏସ୍‌ଟିଏଫ୍ ଡିଆଇଜି ଜୟ ପଙ୍କଜ କହିଛନ୍ତି।

# ସ୍କୁଲ ଭ୍ୟାନ୍‌ରେ ଲାଗିଲା ନିଆଁ

## ଅଳ୍ପକେ ବର୍ତ୍ତିଲେ ୨୫ ପିଲା

**ବାରଙ୍ଗ,୨।୩(ଡି.ଏନ୍.ଏ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମରେ ସୋମବାର ସ୍କୁଲପିଲାଙ୍କୁ ନେଇ ଯାଉଥିବା ଏକ ଟାଟା ମ୍ୟାଜିକ(ଓଡି୦୨-କ୍ୟୁ-୬୭୪୪)ରେ ହଠାତ୍ ନିଆଁ ଲାଗିଯାଇଥିଲା। ଗାଡ଼ିରେ ଥିବା ୨୫ଜଣ ପିଲା ଭୟଭୀତ ହୋଇ ଚିତ୍କାର କରିବାରୁ ସ୍ଥାନୀୟ ଯୁବକମାନେ ଆସି ନିଆଁକୁ ଲିଭାଇବା ସହ ପିଲାମାନଙ୍କୁ ଉଦ୍ଧାର କରିବାରୁ ନିଶ୍ଚିତ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ନିଆଁ ଲିଭିଯିବା ପରେ ଡ୍ରାଇଭର ଜଣକ ସେହି ଗାଡ଼ିରେ ପିଲାମାନଙ୍କୁ ନେବାକୁ ଉଦ୍ୟମ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଇନ୍‌ଫୋସିସ୍ ଓ ମଞ୍ଚେଶ୍ୱର ପୋଲିସ ଆସି ବୁଝାଇଥିଲେ ମଧ ଉତ୍ୟକ୍ତ ଲୋକ ବୁଝି ନ ଥିଲେ। ପରେ ସ୍କୁଲ ପକ୍ଷରୁ ଅନ୍ୟ ଏକ ଗାଡ଼ିରେ ପିଲାମାନଙ୍କୁ ନିଆଯିବା ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ ହେବାପରେ ଉତ୍ତେଜନା କମିଥିଲା।

ସୂଚନାଯୋଗ୍ୟ, ଉପରୋକ୍ତ ପିଲାମାନେ ପଟିଆ ସରସ୍ୱତୀ ଶିଶୁମନ୍ଦିରକୁ ଉକ୍ତ ଗାଡ଼ିରେ ପୂର୍ବାହ୍ନ ସାଢ଼େ୧୦ଟାରେ କଳାରାହାଙ୍ଗ ଗ୍ରାମ ଜେନାସାହି ଦେଇ ଯାଉଥିବାବେଳେ ଡ୍ରାଇଭର ସିଟ୍‌ପାଖରୁ ଧୂଆଁ ବାହାରିଥିଲା। ଏହା କେତେଜଣ ପିଲା ଦେଖି ଡ୍ରାଇଭରଙ୍କୁ କହିବାରୁ ସଙ୍ଗେ ସଙ୍ଗେ ଗାଡ଼ି ରଖିଥିଲେ। ଦେଖୁ ଦେଖୁ ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ପିଲାମାନେ ଚିତ୍କାର କରିବାରୁ ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଉଦ୍ଧାର କରି ନିଆଁ ଲିଭାଇଥିଲେ। ଏହାପରେ ଡ୍ରାଇଭର ସେହି ଗାଡ଼ିରେ ପିଲାମାନଙ୍କୁ ନେବାକୁ ଉଦ୍ୟମ କରିବାରୁ ଯୁବକମାନେ ବିରୋଧ କରିଥିଲେ। ସେଥିରୁ କେତେଜଣ ଯୁବକ 'ବାହନ' ଆପ୍ ମାଧ୍ୟମରେ ଉକ୍ତ ଗାଡ଼ିର ଫିଟନେସ ନ ଥିବା ଜାଣିବା ପରେ ଉତ୍ତେଜନା ଦେଖାଦେଇଥିଲା। ସ୍କୁଲ ପକ୍ଷରୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବିପଦସଙ୍କୁଳ ଅବସ୍ଥାରେ ପିଲାଙ୍କୁ ନେଉଥିବାରୁ ପ୍ରଥମେ ପ୍ରଧାନଶିକ୍ଷକଙ୍କୁ ଗିରଫ କରିବାକୁ ଦାବି କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରଙ୍ଗ,୨।୩(ଡି.ଏନ୍.ଏ)**

ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟକାରପଡା ଗ୍ରାମରେ ଦୁଇଦିନର ବ୍ୟବଧାନ ପରେ ସୋମବାର ପୁଣି ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଚଗଲା ଭୂୟାଁ(୪୨)। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ସେ ତାଙ୍କ ପରିବାର ଲୋକଙ୍କ ସହ ଭଲରେ କଥାବାର୍ତ୍ତା ହୋଇଥିଲା। ଏହାପରେ ପରିବାରର ମହିଳା ସଦସ୍ୟମାନେ ଶୌଚ ପାଇଁ ବାହାରକୁ ଯାଇ ଘରକୁ ଫେରିବା ପରେ ଚଗଲା ଘର କବାଟ ବନ୍ଦ କରି ରଖିଥିବା ଜାଣିବାକୁ ପାଇଥିଲେ। ଡାକିବାପରେ ସେ କବାଟ ନ ଖୋଲିବାରୁ ପଡ଼ୋଶୀମାନଙ୍କ ସହାୟତାରେ କବାଟ ଭାଙ୍ଗିବାପରେ ଶାଢ଼ି ଲଗାଇ ଚଗଲା ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ପରିବାରଲୋକ ଚଗଲାକୁ ଓହ୍ଲାଇ ଶଣ୍ଢପୁର ସହରାଞ୍ଚଳ ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲା। ଏ ନେଇ ପୋଲିସ ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

କର୍ମରେ ହିଁ ତୁମର ଅଧିକାର; କିନ୍ତୁ କର୍ମ ଫଳରେ ନୁହେଁ।
-ଭଗବାନ ଶ୍ରୀକୃଷ୍ଣ



# ଜନଶୁଣାଣି ଶିବିରରେ ବ୍ଲକ ଅଧ୍ୟକ୍ଷାଙ୍କ ଅନଶନ

**ସାଲେପୁର,୨।୩(ଡି.ଏନ୍.ଏ.)**

ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଚାଲିଥିବା ବେଳେ ବ୍ଲକ ପ୍ରଶାସନର ଅସହଯୋଗକୁ ବିରୋଧ କରି ବ୍ଲକ ଅଧ୍ୟକ୍ଷା ମମତା ରାଉତଙ୍କ ନେତୃତ୍ୱରେ କେତେକ ସରପଞ୍ଚ, ସମିତି ସଭ୍ୟ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଧ୍ୟକ୍ଷାଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିରେ ବ୍ଲକ୍ ପ୍ରଶାସନ ମନମୁଖୀଭାବେ କାର୍ଯ୍ୟ କରୁଛି। ଏନେଇ ବିଡିଓଙ୍କୁ ଅବଗତ କରାଯାଇଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନିମନ୍ତେ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ବ୍ଲକରେ ବହୁ ପ୍ରକଳ୍ପ କାର୍ଯ୍ୟ ହୋଇପାରୁନାହିଁ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତଦନ୍ତ ଅଧିକାରୀ ମନମୁଖୀ ଭାବ ଯୋଗୁ ବହୁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡିଥିବା ବେଳେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ନେଇ ରାଉତ ଅଭିଯୋଗ କରିଛନ୍ତି। ବ୍ଲକ୍‌ର କିଛି କନିଷ୍ଠ ଯନ୍ତ୍ରୀ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ନ କରି ନିଜ ନାମରେ କାର୍ଯ୍ୟାଦେଶ ରଖି ଅର୍ଥ ଉଠାଇନେଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏସବୁ ଘଟଣାର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ବ୍ଲକ ଅଧ୍ୟକ୍ଷା ଦାବି କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟିନୀ ଜନଶୁଣାଣି ଶିବିରରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୨୮୨ ବ୍ୟକ୍ତିଗତ ଓ ୯ ସାମୁହିକ ଅଭିଯୋଗର ଶୁଣାଣି ହୋଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣ ହିତାଧିକାରୀଙ୍କୁ ଚେକ୍ ପଦ୍ରାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବ୍ଲକ ଅଧ୍ୟକ୍ଷା ଓ ଜନ ପ୍ରତିନିଧିମାନେ ଅନଶନରେ ବସିଛନ୍ତି।

## ଶାନ୍ତିଶୃଙ୍ଖଳାରେ ସରିଲା ମାଟ୍ରିକ୍ ପରୀକ୍ଷା

**ବାଙ୍କୀ,୨।୩(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡରେ ମାଟ୍ରିକ ପରୀକ୍ଷା ସୋମବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଉପଖଣ୍ଡ ଅନ୍ତର୍ଗତ ୧୫ କେନ୍ଦ୍ରରେ ୧୧୮୬ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। କପି ଓ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ତରଫରୁ ୯ କେନ୍ଦ୍ରରେ ସିସିଟିଭି କ୍ୟାମେରା ଓ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ବିଭିନ୍ନ କେନ୍ଦ୍ରକୁ ସ୍କ୍ୱାଡ୍ ଯାଇ ପରୀକ୍ଷା ପରିଚାଳନା କାର୍ଯ୍ୟ ତନଖି ଥିଲେ। ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ଅଧିକାରୀ ପୃଥକ ଭାବେ ବିଭିନ୍ନ କେନ୍ଦ୍ରକୁ ଯାଇ ପିଲାମାନଙ୍କ ପରୀକ୍ଷା ଶୈଳୀ ଅନୁଧାନ କରିଥିଲେ। କଟକରେ ଜିଲାପାଳ ମିଶନ ଜିରୋ ଏଫ୍ ଲାଗୁ କରିଥିବାରୁ ପିଲାମାନେ ପରୀକ୍ଷା ଭଲ କରିବେ ବୋଲି ଅଭିଭାବକ ଆଶାବାଦୀ ଅଛନ୍ତି। ବାଙ୍କୀ ଶିକ୍ଷା ଅଧିକାରୀ ଅଶୋକ କୁମାର ମହାନ୍ତି ଓ ଡମପଡ଼ା ଶିକ୍ଷାଅଧିକାରିଣୀ ପ୍ରତିମା ସୁନ୍ଦରୀ ଦଳେଇଙ୍କ ତତ୍ତ୍ୱାବଧାନରେ ପରୀକ୍ଷା କାର୍ଯ୍ୟ ସମାପନ ହୋଇଛି।

## ୩ ବଖରା ଜଳିଗଲା

**ନିଶ୍ଚିନ୍ତକୋଇଲି,୨।୩(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଶୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କୁଳଗାଁଇଶାଳୋ ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଗୋପାଳ ବେହେରାଙ୍କ ୩ ବଖରା ଜଳିଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନ ଥିବାବେଳେ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଖାଦ୍ୟ ଶସ୍ୟ, ଆସବାବପତ୍ର ଓ ମୂଲ୍ୟବାନ ଦସ୍ତାବିଜ ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ନୂତନ ଉପଜିଲାପାଳଙ୍କ କାର୍ଯ୍ୟରେ ଯୋଗଦାନ

**ଆଠଗଡ,୨।୩(ସ୍ୱ.ପ୍ର.):** ଆଠଗଡ଼ ଉପଖଣ୍ଡର ଉପଜିଲାପାଳ ଅମୀୟ କୁମାର ସାହୁ ପଦୋନ୍ନତି ପାଇ ଗଞ୍ଜାମ ଜିଲାକୁ ବଦଳି ହୋଇଯାଇଛନ୍ତି। ଏହାପରେ ପୂର୍ବରୁ ଆଠଗଡ଼ ବ୍ଲକରେ ବିଡ଼ିଓ ଭାବେ କାର୍ଯ୍ୟରତ ଅଜାମ୍ବର ମହାନ୍ତିଙ୍କୁ ଆଠଗଡ଼ ଉପଜିଲାପାଳ ନିଯୁକ୍ତି ଦିଆଯାଇଛି। ସୋମବାର ମହାନ୍ତି କାର୍ଯ୍ୟାଳୟକୁ ଆସି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ତାଳ ପୋଖରୀର, ଗ୍ରାମ ଜଙ୍ଗଲର ବିକାଶ ପାଇଁ ସମୀକ୍ଷା

**ମାହାଙ୍ଗା,୨।୩(ସ୍ୱ.ପ୍ର.)**

**କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ମାହାଙ୍ଗା ଗସ୍ତ**

କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନିଲ ସାମଲ ସୋମବାର ମାହାଙ୍ଗା ବ୍ଲକ ଗସ୍ତ କରି ଉମର ରେଣ୍ଠା ଗ୍ରାମ ଉନ୍ନୟନ ଅଧୀନ ଜଙ୍ଗଲ ଓ ନାହାଙ୍ଗ ଗ୍ରାମର ପୁରାଣ ପ୍ରସିଦ୍ଧ ତାଳ ପୋଖରୀ ବୁଲି ଦେଖିଛନ୍ତି। ଏହି ୨ ସ୍ଥାନର ବିକାଶ ନିମନ୍ତେ ମାହାଙ୍ଗା ତହସିଲ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଉଭୟ ସ୍ଥାନର ବିକାଶ ନିମନ୍ତେ କଟକ ଜିଲା ପ୍ରଶାସନ ସହ ଯୋଗାଯୋଗ କରିଛନ୍ତି। ୨ ସ୍ଥାନକୁ ସଂଯୋଗ କରିବା ପାଇଁ ସ୍ଥାୟୀ ରାସ୍ତାର ଆବଶ୍ୟକତା ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବିଦ୍ୟୁତ୍ ବିଭାଗ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଅଧୀନରେ ଥିବା ୧୫ ଏକରରୁ ଅଧିକା ଜମିର ଅବସ୍ଥିତି ଜାଣିବା ପାଇଁ ମାହାଙ୍ଗା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାଞ୍ଚଳ କମିଶନରଙ୍କ ଗସ୍ତ ବେଳେ ମାହାଙ୍ଗା ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ସାମାଜିକ କର୍ମୀ ଦେବରଞ୍ଜନ ମହାନ୍ତି ଓ ଉମରର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡିସେମ୍ବର ଓ ଜାନୁୟାରୀରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବଣଭୋଜି କରିବାକୁ ଆସିଥାନ୍ତି।

## ଘର ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ନରାଜ,୨।୩ (ଡି.ଏନ୍.ଏ.)**

ବାରଙ୍ଗ ଥାନା ବେଣ୍ଟକାରପଡା ଗ୍ରାମରେ ସୋମବାର ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ହୃଦାନନ୍ଦ ଭୂୟାଁ ଓରଫ୍ ଚଗଲା(୪୭)। କୌଣସି କାରଣରୁ ଚଗଲାଙ୍କ ଘରେ ଝଗଡା ହୋଇଥିଲା। ଖାଇବା ପରେ ସେ ଘରେ କବାଟ ଦେଇ ଶୋଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକେ କବାଟ ଭାଙ୍ଗିଥିଲେ। ଚଗଲା ଦଉଡି ଦେଇ ଝୁଲୁଥିବା ଦେଖି ସେମାନେ ଚଗଲାଙ୍କୁ ଷଣ୍ଢପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମଧ୍ୟାହ୍ନଭୋଜନରେ ଅନିୟମିତତା
# ବଦଳିଲେ ତଦନ୍ତକାରୀ ଅଧିକାରୀ

**ନିଶ୍ଚିନ୍ତକୋଇଲି,୨।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନ ଖଣ୍ଡାୟତପଟିକିରା ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରଦାନରେ ଅନିୟମିତତା ନେଇ ୨୭।୧।୨୦ରେ ଅଭିଯୋଗ ହୋଇଥିଲା। ତେବେ ତଦନ୍ତରେ ଶିଥିଳତା ଅଭିଯୋଗ ହେବାପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ମଙ୍ଗଳବାର ହଟାଇ ଦିଆଯାଇଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଜଣ ପିଲା ଅଧ୍ୟୟନ କରନ୍ତି। ମଧ୍ୟାହ୍ନ ଭୋଜନ ନିମନ୍ତେ ବିଦ୍ୟାଳୟରେ ପାଚିକାଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଭୋଜନ ଦିଆଯାଉଥିବା ବେଳେ ବେଳେ ଛାତ୍ରୀଛାତ୍ରଙ୍କ ଉପସ୍ଥାପନଠାରୁ ଅଧିକ ପିଲାଥିବା ନେଇ ଅଭିଯୋଗ କରାଯାଇଥିଲା। ଏଥିସହ ଭୋଜନ ପ୍ରସ୍ତୁତ କରିବା ପାଇଁ ଥିବା ସ୍ଥାନ ସ୍ୱଚ୍ଛ ନ ଥିବା ଓ ବିଦ୍ୟାଳୟକୁ ମିଳିଥିବା ଅନୁଦାନ ଅର୍ଥର ବିନିଯୋଗ ହୋଇ ନ ଥିବା ନେଇ ସେଥିରେ ଉଲ୍ଲେଖ କରାଯାଇଥିଲା। ଏ ନେଇ ପରିଚାଳନା କମିଟିର ଉପସଭାପତି କାହ୍ନୁଚରଣ ରାଉତ ସିଆରସିସି ଗତିକୃଷ୍ଣ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସିଆରସିସି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ଗତ ୨୮।୧।୨୦ରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସମ୍ପୃକ୍ତ ସିଆରସିସି ଗତ ୩୧।୧।୨୦ରେ ମଧ୍ୟାହ୍ନ ଭୋଜନ ରାଜ୍ୟ ନୋଡାଲ ଅଫିସର ଗଙ୍ଗାଧର ସାହୁଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି

**ରିପୋର୍ଟ ପ୍ରଦାନରେ ବିଳମ୍ବ**

ରିପୋର୍ଟକୁ ଗୁରୁତର ଭାବେ ନେଇ ରାଜ୍ୟ ନୋଡାଲ ଅଫିସର ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନଂ.୧୨୮/୧୫-୨-୨୦ରେ ବ୍ଲକ ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଏହି ତଦନ୍ତ ଭାର ୨ ଏବିଇଓ ଲକ୍ଷ୍ମଣ ଲେଙ୍କା ଓ ନିକୁଞ୍ଜ ବିହାରି ମହାନ୍ତିଙ୍କୁ ଦେଇଥିଲେ। ୨୮।୨।୨୦ରେ ୨ ତଦନ୍ତକାରୀ ଅଧିକାରୀ ବିଇଓଙ୍କ କାର୍ଯ୍ୟାଳୟରେ ସିଆରସିସି ଓ ପରିଚାଳନା କମିଟିର ଉପସଭାପତି ଡାକି ତଦନ୍ତ କରିବା ସହ ଆବଶ୍ୟକ ଦସ୍ତାବିଜ ମଧ୍ୟ ସଂଗ୍ରହ କରିଥିଲେ। ତେବେ ରିପୋର୍ଟ ପ୍ରଦାନ କରିବାରେ ବିଳମ୍ବ ହେବାରୁ ସିଆରସିସି ରାଉତ ସୋମବାର ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଏହି ସମୟରେ ତଦନ୍ତ ଦାୟିତ୍ୱରେ ଥିବା ଏବିଇଓ ଲେଙ୍କାଙ୍କ ସହ ତାଙ୍କ ବଚସା ହୋଇଥିଲା। ଏ ନେଇ ସିଆରସିସିଙ୍କୁ ଧାରଣା ଦେବାକୁ ପଡ଼ିଥିଲା। ବିଇଓ ଏହା ଜାଣିବା ପରେ ତଦନ୍ତ ଦାୟିତ୍ୱରେ ଥିବା ଏବିଇଓ ଲେଙ୍କାଙ୍କୁ ଏଥିରୁ ହଟାଇ ଦେବା ସହ ଏବିଇଓ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଲେଙ୍କା କୁହନ୍ତି, ମାଟ୍ରିକ ପରୀକ୍ଷା ଥିବାରୁ ତ୍ୱରିତ ତଦନ୍ତ ହୋଇପାରି ନ ଥିଲା। ମଙ୍ଗଳବାର ଏହାର ତଦନ୍ତ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ଏହା ଅବ୍ୟବହିତ ପୂର୍ବରୁ ତାଙ୍କୁ ତଦନ୍ତ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଫଳରେ ତଦନ୍ତ ପ୍ରକ୍ରିୟା ବ୍ୟାହତ ହୋଇଛି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଳା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାର୍ଗଶିର**
**ଶୀତ ହୁଏ ଶିରଶିର।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ। ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବକେୟାପ୍ରାପ୍ୟ ଦାବି: ପୂର୍ବତନ ଠିକା କର୍ମଚାରୀଙ୍କ ଧାରଣା

**ଆଠଗଡ,୨।୩(ସ୍ୱ.ପ୍ର.)**

ଆଠଗଡ଼ ବନାଞ୍ଚଳ ଅଧୀନରେ କାର୍ଯ୍ୟ କରିଥିବା ପୂର୍ବତନ ଠିକା କର୍ମଚାରୀ ପାଟେଣୀ ଗାଁର ଚକ୍ରଧର ପ୍ରଧାନ ସୋମବାର ବକେୟାପ୍ରାପ୍ୟ ଦାବି କରି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପରିବାରସହ ଧାରଣା ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୧/୮/୧୮ରୁ ୧୧ମାସ ପର୍ଯ୍ୟନ୍ତ ସବୁଜ ମହାନଦୀ ମିଶନ ଯୋଜନାରେ ବନାଞ୍ଚଳ ଅଧୀନରେ ସେ କାମ କରିଥିଲେ। ସେ ଏହି ଯୋଜନାରେ ନଦୀ ପଠାରେ ଲାଗିଥିବା ଗଛଗୁଡ଼ିକୁ ଜଗୁଥିଲେ। ଏହି ସମୟରେ ତାଙ୍କୁ ମାସକୁ ୭୨୦୦ ଟଙ୍କା ଲେଖାଏ ଦେବା ପାଇଁ ତତ୍କାଳୀନ ବନାଞ୍ଚଳ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୨ ମାସରେ କେବଳ ୧୨୦୦ ଟଙ୍କା ଦିଆଯିବା ପରେ ଅବଶିଷ୍ଟ ଦରମା ଦିଆଯାଇ ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମୟ ମଧ୍ୟରେ ଯୋଜନା ବନ୍ଦ ହୋଇଯିବାରୁ ତାଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଇଥଲା ବୋଲି ଚକ୍ରଧର କହିଛନ୍ତି। କାର୍ଯ୍ୟରୁ ବାହାରିବା ପରେ ପରିବାର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି ବୋଲି ଅଭିଯୋଗ କରି ସେ ସ୍ତ୍ରୀ ଓ ୨ ଶିଶୁପୁତ୍ର ସହ ଧାରଣାରେ ବସିଥିଲେ। ଅପରାହ୍ନରେ ବର୍ତ୍ତମାନ କାର୍ଯ୍ୟରତ ବନାଞ୍ଚଳ ଅଧିକାରୀ ଆଇସା ଅଖ୍‌ତାର ନିଶା ଧାରଣାସ୍ଥଳରେ ପହଞ୍ଚି ତାଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏସମ୍ପର୍କରେ ନିଶା କହିଛନ୍ତି, ଏନଆରଇଜିଏସ୍ ଅନୁଯାୟୀ ଏହି କର୍ମନିଯୁକ୍ତି ହୋଇଥିବା ବେଳେ କାର୍ଯ୍ୟର କୌଣସି ତଥ୍ୟ ମିଳୁନାହିଁ। ତେଣୁ ପ୍ରାପ୍ୟପାଇବାରେ ବିଳମ୍ବ ହେଉଛି। ଏନେଇ ଡିଏଫଓଙ୍କୁ ଅବଗତ କରାଯାଇଛି। ତଦନ୍ତ ପରେ ଆଗାମୀ ପଦକ୍ଷେପ ନିଆଯିବ।



ଚକ୍ରଧର ପ୍ରଧାନ ପରିବାର ସହ ଧାରଣାରେ ବସିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଫିଁପଡ଼ି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ। ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱ୍ରର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ।
Plot No 37 UA, Bungalow Rd, Kamla Nagar, New Delhi,
8882906098

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱ୍ରର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

FINANCE FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇତ୍ୟାଦି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ ରାଶନକାର୍ଡ
ପର୍ସନାଲ ପ୍ରପର୍ଟି
ଏଗ୍ରିକଲ୍ଚର ବ୍ୟବସାୟ
ଗୃହ ଋଣ ଟୁ-ହ୍ୱିଲର୍
ଗ୍ରୁପ୍ ଋଣ ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମହିଳାଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ**

ଚୌଦ୍ୱାର,୨।୩(ଡି.ଏନ.ଏ.): ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଓଟିଏମ୍ କଲୋନୀ ୧୨ନଂ. ୱାର୍ଡର ଝୁନୁ ଦୋରା। ସ୍ଥାନୀୟ ଅଞ୍ଚଳର ମହିଳା ଜଣକ ଗତ ୨୮ ତାରିଖ ସନ୍ଧ୍ୟାରେ ନିକଟସ୍ଥ ମନ୍ଦିରକୁ ଯାଉଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କୁ ନେଇ ଏକ ନିଛାଟିଆ ସ୍ଥାନରେ ଅସଦାଚରଣ କରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୩/୨୦) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲା।



ମଙ୍ଗଳାବସ୍ତି ଉଚ୍ଛେଦ ପରେ ଲୋକମାନେ ଗାଡ଼ିରେ ଆସବାବପତ୍ର ବୋହି ନେଉଛନ୍ତି।



ବସ୍ତିବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପରେ ଥଇଥାନ କରାଯାଉଛି।

**ଏସ୍‌ସିବି ସମ୍ପ୍ରସାରଣ ପାଇଁ ଉଚ୍ଛେଦ**

# ଭଙ୍ଗାଗଲା ୯୫ ଘର

କଟକ ଅଫିସ,୨।୩

■ନିମପୁର ଅସ୍ଥାୟୀ କ୍ୟାମ୍ପ୍‌କୁ ସ୍ଥାନାନ୍ତର

■ସପ୍ତାହେ ପର୍ଯ୍ୟନ୍ତ ଦିଆଯିବ ତିନି ଓଳା ଖାଇବା

ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପାଇଁ ଉଚ୍ଛେଦ କାର୍ଯ୍ୟ ସୋମବାର ଠାରୁ ପୁଣି ଥରେ ଆରମ୍ଭ ହୋଇଛି। ସକାଳେ ବ୍ୟାପକ ପୋଲିସ ଫୋର୍ସ ଉପସ୍ଥିତିରେ ମା' ମଙ୍ଗଳା ବସ୍ତିର ଘରଗୁଡିକୁ ମେସିନ ସହାୟତାରେ ଭଙ୍ଗା ଯାଇଥିଲା। ପ୍ରାୟ ୯୫ଟି ଘର ଭଙ୍ଗା ଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ସମସ୍ତ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଦିଗରେ ପଦକ୍ଷେପ ନିଆଯାଇଛି। ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରୁ ସେମାନଙ୍କୁ ଉଚ୍ଛେଦ କରାଯାଇ ଜଗତପୁରର ନିମପୁରଠାରେ ନିର୍ମିତ ଅସ୍ଥାୟୀ କ୍ୟାମ୍ପକୁ ପଠାଯାଇଛି। ସାମଗ୍ରୀ ସ୍ଥାନାନ୍ତର ପାଇଁ ସିଏମ୍‌ସି ପକ୍ଷରୁ ଗାଡି ଯୋଗାଇ ଦିଆଯାଇଥିଲା। ଅସ୍ଥାୟୀ କ୍ୟାମ୍ପରେ ପ୍ରତି ପରିବାରକୁ ତାରପୋଲିନ ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ଆସନ୍ତା ଏକ ସପ୍ତାହ ଭିତରେ ନିଜ ନିଜ ସ୍ଥାନରେ ଘର କରି ରହିବାକୁ ସେମାନଙ୍କୁ କୁହାଯାଇଛି। ସେ ପର୍ଯ୍ୟନ୍ତ ସମସ୍ତ ପରିବାରକୁ ଦିନକୁ ତିନି ଓଳା ରନ୍ଧାଖାଦ୍ୟ ଦିଆଯିବ। ଏପରି କି ପ୍ରଶାସନ ପକ୍ଷରୁ ପାନୀୟ ଜଳ, ବିଦ୍ୟୁତ୍ ଓ ଟଏଲେଟ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ଉଚ୍ଛେଦ ବସ୍ତିବାସିନ୍ଦାଙ୍କୁ ଥଇଥାନରେ ଯେପରି କୌଣସି ଅସୁବିଧା ହେବନାହିଁ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ କହିଛନ୍ତି।

ଅନ୍ୟପକ୍ଷରେ ମେଡିକାଲର ସମ୍ପ୍ରସାରଣ ଓ ଉନ୍ନତୀକରଣ ପ୍ରକଳ୍ପକୁ ରାଜ୍ୟ ପୂର୍ତ୍ତ ବିଭାଗ ସଚିବ ଡ. କିଶନ କୁମାର ସମୀକ୍ଷା କରିଛନ୍ତି। ସୋମବାର ସକାଳେ ସେ ପହଞ୍ଚି ଉଚ୍ଛେଦ ଓ ଥଇଥାନ ସ୍ଥାନ ବୁଲି ଦେଖିଥିଲେ। ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହ ଆରଡିସି ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସହିତ ଆଲୋଚନା କରିଥିଲେ। ତେବେ ଉଚ୍ଛେଦକୁ ଲୋକମାନେ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା। ଉଚ୍ଛେଦ ସହ କ୍ଷତିପୂରଣ ବାବଦରେ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏନେଇ ଜିଲାପାଳ ଚୟନୀ କହିଛନ୍ତି, ତାଳଦଣ୍ଡା କେନାଲର ବାମ ପାର୍ଶ୍ୱରୁ ବସ୍ତି ଉଚ୍ଛେଦ କରାଯାଇ ଲୋକମାନଙ୍କୁ ନିମପୁର ଅସ୍ଥାୟୀ କ୍ୟାମ୍ପକୁ ପଠାଯାଇଛି। ସେଠାରେ ସେମାନଙ୍କ ଲାଗି ଅଧିକ ସୁବିଧା କରାଯାଇଛି। ଏପର୍ଯ୍ୟନ୍ତ ଏସ୍‌ସିବି ମେଡିକାଲ ପାଇଁ ଘରୋଇ ଜମି ଅଧିଗ୍ରହଣ କରାଯାଇନାହିଁ। ଆବଶ୍ୟକ ପଡିଲେ ଏଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିବାବେଳେ ମାଟ୍ରିକ ପରୀକ୍ଷା ଯୋଗୁ ଏହାକୁ ବନ୍ଦ କରାଯାଇଥିଲା।



ପ୍ରଶାସନ ପକ୍ଷରୁ ଘର ଭଙ୍ଗାଯାଉଛି।

# ଧିମେଇଛି ସହରର ବିକାଶମୂଳକ କାର୍ଯ୍ୟ

କଟକ ଅଫିସ,୨।୩

■ବୈଠକରେ ବିଧାୟକ ଅସନ୍ତୁଷ୍ଟ

■ପଙ୍କୋଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପରାମର୍ଶ

■ପାନୀୟଜଳ ଉତ୍ସ କାର୍ଯ୍ୟକ୍ଷମ କର

ସହରର ରାସ୍ତାଘାଟ ମରାମତି କରାଯାଉନାହିଁ। ଅନେକ ସ୍ଥାନରେ ରାସ୍ତାକୁ ଖୋଳି ଦୀର୍ଘଦିନ ଧରି ମରାମତି କରା ନ ଯିବାରୁ ଲୋକଙ୍କୁ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି କି ସହରର ଅନେକ ବିକାଶମୂଳକ କାର୍ଯ୍ୟ ଧିମେଇ ଯାଇଥିବା ନେଇ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟିର ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଏହି ନିର୍ବାଚନ ମଣ୍ଡଳୀର ଅନେକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।

ନାଳନର୍ଦ୍ଦମା ସଫେଇ ଓ ମରାମତିରେ ସିଏମ୍‌ସିର ବେପରୁଆ ମନୋଭାବ, ଜାଇକା କାର୍ଯ୍ୟର ବିଳମ୍ବ, ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି ଯୋଗାଣରେ ବ୍ୟାପକ ଅନିୟମିତତା ନେଇ ବୈଠକରେ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ନୂତନ ପାଇପ ଲାଇନ ବିଛାଇବା କାର୍ଯ୍ୟ ମନ୍ଥର ହେଉଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ଏବେଠାରୁ କଟକ ସହରର ବଡ ଓ ମଧ୍ୟମ ନାଳରୁ ପଙ୍କୋଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଯେପରି ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ନ ହେବେ ସେ ଦିଗରେ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ପାନୀୟଜଳର ଉତ୍ସଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ସହରାଞ୍ଚଳ ଛାତ ଉପରେ ପନିପରିବା ଚାଷ, ଉଦ୍ୟାନ କୃଷି, ସ୍ୱତନ୍ତ୍ର ମାଛ ବଜାରର ଆବଶ୍ୟକତା, ବାରବାଟୀ ଦୁର୍ଗକୁ ସୁନ୍ଦର କରିବା, ବିଭିନ୍ନ ଯୋଜନାରେ ଖର୍ଚ୍ଚ ନ ହୋଇ ପଡି ରହିଥିବା ଅର୍ଥ ଆବଣ୍ଟନ ଓ ବିଧାୟକ ପାଣ୍ଠିର ସଦ୍‌ବ୍ୟବହାର ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପ ଜିଲାପାଳ ଶୁଭ୍ରାଂଶୁ ମିଶ୍ର, ସୁମିତା ସରକାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ସ୍କୁଲ ସମସ୍ୟା ସମାଧାନ ଉପରେ ପଦକ୍ଷେପ

କଟକ ଅଫିସ,୨।୩

ଡିଏଭି ପ୍ୟାରେଣ୍ଟ ଅସୋସିଏଶନର ଏକ ବୈଠକ ମହାନଦୀ ବିହାରସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦେଇ ସ୍କୁଲରେ ଉପୁଜୁଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ସମସ୍ୟାଗୁଡିକ ଆଗାମୀ ଦିନରେ କିପରି ସମାଧାନ କରାଯିବ ସେ ନେଇ ବୈଠକରେ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ଏହି ବୈଠକରେ ବିଶ୍ୱରଞ୍ଜନ ମହାନ୍ତି, ଦିଲ୍ଲୀପ ମହାରଣା, ନୀଳକଣ୍ଠ ନାୟକ ଓ ରାଜେନ୍ଦ୍ର ରାଉତଙ୍କ ସମେତ ବହୁ ଅଭିଭାବକ ଯୋଗଦେଇଥିଲେ।

# ବଳିବାମନ ପୀଠ ଉନ୍ନତିରେ ବାଧକ ରାସ୍ତା

କଟକ ସଦର,୨।୩(ଡି.ଏନ୍.ଏ)

କଟକସଦର ବ୍ଲକ ଅନ୍ତର୍ଗତ ୪୨ମୌଜାର ଦକ୍ଷିଣ ଦିଗରେ ରହିଛି ବଳିବାମନ ପୀଠ। ସିଡୁଆ-କାଠଯୋଡ଼ି ନଦୀ ସଙ୍ଗମ ସ୍ଥଳରେ ଅବସ୍ଥିତ ଏହି ପୀଠଟି ଏକ ପିକ୍‌ନିକ ସ୍ଥଳ ଭାବେ ପରିଚିତ। ସବୁଜବଳୟ ମଧ୍ୟରେ ଥିବା ଏହି ପୀଠକୁ ଜିଲା ଓ ଜିଲା ବାହାରୁ ପ୍ରାୟ ସମୟ ଲୋକମାନେ ଆସିଥାଆନ୍ତି। ମାତ୍ର ପୀଠଟି ଭୂଭାଗର ୫୦୦ମିଟର ଦୂର ନଦୀଗର୍ଭ ମଧ୍ୟରେ ଥିବାରୁ ଯାତାୟାତରେ ବାଧା ସୃଷ୍ଟି କରୁଛି। ପୀଠକୁ ଭଲ ରାସ୍ତାଟିଏ ନ ଥିବାବେଳେ ଏହାର ଉନ୍ନତୀକରଣ ପାଇଁ କୌଣସି ଯୋଜନା ମଧ୍ୟ ପ୍ରସ୍ତୁତ ହେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କୁହନ୍ତି। ଏଠାରେ ଭଲ ରାସ୍ତାଟିଏ ହୋଇପାରିଲେ ଲୋକମାନଙ୍କର ଗମନାଗମନରେ ବୃଦ୍ଧି ହୁଅନ୍ତା ବୋଲି ସାମାଜିକ କର୍ମୀ ଉଦୟନାଥ ରାଉତ କହିଛନ୍ତି। ପ୍ରାୟ ୬୦ଏକର ପରିମିତ ଜାଗାଟିରେ ଗୋଟିଏ ମାତ୍ର ସଚଳ ନଳକୂପ ଏବଂ ଗୋଟିଏ ସୋଲାର ଲାଇଟ୍ ଲାଗିଛି। ପର୍ଯ୍ୟଟକମାନେ ଆସିଲେ ପିଇବା ପାଣି ପାଇଁ ମମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଉ ୨ଟି ଅଧିକ ନଳକୂପ ଲଗାଇବା ସହ ସନ୍ଧ୍ୟା ସମୟରେ ଅଧିକ ଲାଇଟ୍ ଲଗାଇବା ପାଇଁ କୂଳସରିଚୁଆଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ, ଏହି ସ୍ଥାନରେ ରାଜା ବାଳି ଯୁଦ୍ଧ କରିଥିଲେ। ସେଠାରେ ବିଷ୍ଣୁ ବାମନ ରୂପେ ଉଭାନ ହୋଇ ବାଳିଙ୍କୁ ପାତାଳକୁ ଚାପିଥିଲେ। ତେଣୁ ପ୍ରତିବର୍ଷ ପଣା ସଂକ୍ରାନ୍ତିରେ ଏହି ସ୍ଥାନରେ ସ୍ୱତନ୍ତ୍ର ଉତ୍ସବ ପାଳନ ହେଉଛି। ଚତୁଃପାର୍ଶ୍ୱ ପରିବେଶ ସବୁଜିମା ହୋଇଥିବାରୁ ଶୀତ ଦିନରେ ଲୋକାରଣ୍ୟ ହୋଇଥାଏ। କିନ୍ତୁ ସ୍ଥାନଟି ଅନ୍ଧାରରେ ଆଚ୍ଛାଦିତ ହୋଇଯାଉଥିବାରୁ ଆଲୋକ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯାଉଛି ବୋଲି କୂଳସରିଚୁଆଁ ଗ୍ରାମର ବିଜୟ କୁମାର ରାଉତରାୟ କୁହନ୍ତି। ଅନ୍ୟପଟେ ବନ୍ୟା ସମୟରେ ନଦୀ ଖାଉଥିବାରୁ ପୀଠଟିକୁ ପଥର ପ୍ୟାକିଂ କରିବା ଜରୁରୀ ହୋଇପଡ଼ିଛି ବୋଲି କୂଳସରିଚୁଆଁ ସରପଞ୍ଚ ଚପଳା ରାଉତ କହିଛନ୍ତି। ଏହାସହ ସରକାରଙ୍କ ପକ୍ଷରୁ ଏହି ପୀଠ ପ୍ରତି କୌଣସି ଯୋଜନା ହେଲେ ପଞ୍ଚାୟତ ପାଣ୍ଠିରୁ ମଧ୍ୟ ସହଯୋଗ କରାଯିବ ବୋଲି ସରପଞ୍ଚ ରାଉତ କହିଛନ୍ତି।



ମହାନଦୀ ପଠାରୁ ଜାଳ ସଂଗ୍ରହ କରି ଡଙ୍ଗାରେ ମହିଳାମାନେ ଫେରୁଛନ୍ତି।

# ବିଜେଡି କର୍ମୀ ସମାବେଶ

କଟକ ସଦର,୨।୩(ଡି.ଏନ୍.ଏ)

ଜିଲା ପରିଷଦ ଉପନିର୍ବାଚନ ପରିପ୍ରେକ୍ଷୀରେ କଟକ ସଦର ୭ନଂ ଜୋନ ଅନ୍ତର୍ଗତ ଅରିଲୋରେ ବିଜେଡି କର୍ମୀ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ପ୍ରମୋଦ ମହାପାତ୍ର, ବୁଦ୍ଧିଆ ବେହେରା, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଦଳୀୟ ପ୍ରାର୍ଥୀ ବିଳାସ ମଲ୍ଲିକଙ୍କୁ ଜିତାଇବା ଲାଗି ଉପସ୍ଥିତ କର୍ମୀମାନଙ୍କୁ ବିଧାୟକ ବେହେରା ଆହ୍ୱାନ ଜଣାଇଥିଲେ। ଏହାବ୍ୟତୀତ ମାର୍ଚ୍ଚ ୫ରେ ବିଜୁ ଜୟନ୍ତୀ ପାଳନ ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅକ୍ଷୟ ସାହୁ, ରମେଶଚନ୍ଦ୍ର ସାହୁ, ସୁବାସଚନ୍ଦ୍ର ମହାନ୍ତି, ସମିତିସଭ୍ୟା ଇଳାବତୀ ବିଶୋୟୀ, ସୋମନାଥ ସାହୁ, ହେଲିନା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗବତ ପ୍ରଚାରକଙ୍କ ପରଲୋକ

ଚୌଦ୍ୱାର,୨।୩(ଡି.ଏନ୍.ଏ.)

ଭାଗବତ ପ୍ରଚାରକ, ଟାଙ୍ଗୀ-ଚୌଦ୍ୱାର ସତ୍ୟ ସନାତନ ଭାଗବତ ପ୍ରଚାର ସମିତିର ଉପଦେଷ୍ଟା ତଥା ସ୍ଥାନୀୟ ଚଷାପଡା ଗ୍ରାମର ଭିକାରୀ ଚରଣ ରାଜ(୭୧)ଙ୍କର ରବିବାର ପରଲୋକ ହୋଇଯାଇଛି। ଏହି ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧୁସନ୍ଥ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀର ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର ପ୍ରଦୀପ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଭିକାରୀ ଚରଣ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ଭାଗବତ ପ୍ରଚାର, ବିଭିନ୍ନ ଗ୍ରାମରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା, ପ୍ରବଚନ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ତାଙ୍କର ଏହି କାର୍ଯ୍ୟ ପାଇଁ ଓଡ଼ିଶାର ବହୁ ଆଧ୍ୟାତ୍ମିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।

**ରେଭେନ୍‌ଶା ଜୁନିୟର କଲେଜ**

# ପରୀକ୍ଷାର୍ଥୀଙ୍କୁ ଜଗିବାକୁ ନାହିଁ ସିସିଟିଭି

କଟକ ଅଫିସ,୨।୩

**ଆଜିଠୁ ଯୁକ୍ତ ୨ ପରୀକ୍ଷା**

ମାର୍ଚ୍ଚ ୩ ତାରିଖରୁ ରାଜ୍ୟର ବିଭିନ୍ନ କଲେଜରେ ଆରମ୍ଭ ହେବାକୁ ଯାଉଛି ଯୁକ୍ତ ୨ ପରୀକ୍ଷା। ଚଳିତବର୍ଷ ପରୀକ୍ଷାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଥିବାବେଳେ ସୋମବାର ସୁଦ୍ଧା ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରସ୍ତୁତି ଶେଷ ହୋଇଛି। ବିଶେଷକରି କପି ରୋକିବା ପାଇଁ ରାଜ୍ୟର ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କଡାକଡି ଭାବେ ନିର୍ଦ୍ଦେଶ ଦିଆଯାଇଥିଲା। କଟକର ରେଭେନ୍‌ଶା ଜୁନିୟର କଲେଜ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଚଳିତବର୍ଷ ରେଭେନ୍‌ଶା ଜୁନିୟର କଲେଜ ପରୀକ୍ଷା କେନ୍ଦ୍ରରେ ମୋଟ୍ ୩ଟି ମହାବିଦ୍ୟାଳୟର ୧୫୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ରେଭେନ୍‌ଶା ଜୁନିୟର ମହାବିଦ୍ୟାଳୟର ୧୧୪୧ ଜଣ ଅଛନ୍ତି। ଅନ୍ୟ ଦୁଇ ଘରୋଇ ମହାବିଦ୍ୟାଳୟରୁ ବିଜ୍ଞାନରେ ୩୬୨ଜଣ ପରୀକ୍ଷା ଦେବେ। ଗତବର୍ଷଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସମସ୍ତ କେନ୍ଦ୍ରରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା। ଚଳିତବର୍ଷ ଏହାକୁ କଡାକଡି କରିବା ପାଇଁ ଫେବୃୟାରୀ ୨୫ ତାରିଖ ସୁଦ୍ଧା ସିସିଟିଭି ଲଗାଇବା ପାଇଁ ମଧ୍ୟ କୁହାଯାଇଥିଲା। ଯଦି ଉକ୍ତ ତାରିଖ ସୁଦ୍ଧା ସିସିଟିଭି ନ ଲଗାଯାଇଥାଏ ତେବେ ଉକ୍ତ ପରୀକ୍ଷା କେନ୍ଦ୍ରକୁ ବାତିଲ କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା। ସହରର ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଥିଲେ ମଧ୍ୟ ରେଭେନ୍‌ଶା ଜୁନିୟର କଲେଜରେ ସିସିଟିଭି ଲଗାଯାଇନାହିଁ। ଏହାର ମୂଳ କାରଣ କଲେଜର ନିଜସ୍ୱ କ୍ଲାସ୍‌ରୁମ୍ ନ ଥିବାରୁ ବିଶ୍ୱବିଦ୍ୟାଳୟର କ୍ଲାସ ରୁମ୍‌ଗୁଡିକରେ ପ୍ରତିବର୍ଷ କ୍ଲାସ ଓ ପରୀକ୍ଷା ହେଉଛି। ଚଳିତବର୍ଷ ମଧ୍ୟ ବିଶ୍ୱବିଦ୍ୟାଳୟର କ୍ଲାସ୍‌ରୁମ୍‌ରେ ରେଭେନ୍‌ଶା ଜୁନିୟର କଲେଜର ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ଉକ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ହୋଇ ନ ଥିବା କଲେଜ ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି। ତେବେ ଏଠାରେ ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ୨୦୧୬ ମସିହାରେ କଲେଜର କ୍ଲାସ୍‌ରୁମ୍ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଇତିମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରା ହୋଇ ପଡିରହିଛି। ତେଣୁ କ୍ଲାସ୍‌ରୁମ୍‌ର ଅଭାବ ଯୋଗୁ ବିଶ୍ୱବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସିସିଟିଭି ଲଗାଯାଇପାରୁନାହିଁ। ଫଳରେ ପ୍ରତିବର୍ଷ ବିନା ସିସିଟିଭିରେ ପରୀକ୍ଷା କରାଯାଉଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡ. ବେହେରା କୁହନ୍ତି, କଲେଜର ନିଜର ପରୀକ୍ଷା ହଲ୍ ନାହିଁ। ବିଶ୍ୱବିଦ୍ୟାଳୟ ପରୀକ୍ଷା ପାଇଁ ହଲ୍ ଯୋଗାଉଛି। ଏ ସମ୍ପର୍କରେ ଆମେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇଛୁ। ଆସନ୍ତା ବର୍ଷଠାରୁ ନିଜ ହଲ୍‌ରେ ପରୀକ୍ଷା କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ କୁମାର ଦାଶ କହିଛନ୍ତି, ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଉକ୍ତ କଲେଜ କର୍ତ୍ତୃପକ୍ଷଙ୍କୁ କ୍ଲାସ୍‌ରୁମ୍ ଯୋଗାଇ ଦିଆଯାଇଛି। ପରୀକ୍ଷା ଏକ ନିର୍ଦ୍ଦିଷ୍ଟ ହଲରେ ହେଉ ନ ଥିବାରୁ ସିସିଟିଭି ଲଗାଯାଇପାରୁନାହିଁ।

# ଭିଣୋଇ ଘରକୁ ଦେଖାଇ ୩ୟ ବାହାଘର

ଖୁଣ୍ଟୁଣୀ,୨।୩(ଡି.ଏନ୍.ଏ)

ନିଜ ଘର ବଦଳରେ ଭିଣୋଇ ଘରକୁ ଦେଖାଇ ଜଣେ ଯୁବତୀଙ୍କୁ ତୃତୀୟ ବିବାହ କରିଥିବା ପ୍ରତାରିତ ଯୁବକଙ୍କ ବିରୋଧରେ ସୋମବାର ଗୁରୁଡ଼ିଝାଟିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଖୋଜୁଥିବାବେଳେ ଯୁବକଙ୍କ ଭିଣୋଇଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଆଇଆଇସି ବିଜୟ କେତନ ବିସି କହିଛନ୍ତି। ସୂଚନା ମୁତାବକ, ବଡ଼ମ୍ବା ଥାନା ଅଞ୍ଚଳର ଜଣେ ଯୁବକ ପୂର୍ବରୁ ଭୁବନେଶ୍ୱର ଓ ବାଙ୍କୀରେ ୨ଜଣ ଯୁବତୀଙ୍କୁ ବିବାହ କରିଥିଲେ। ଯୁବକ ଜଣକ ଭୁବନେଶ୍ୱର ଯୁବତୀଙ୍କୁ ଛାଡ଼ି ଦେଇଥିବାବେଳେ ବାଙ୍କୀର ଯୁବତୀଙ୍କୁ ନିଜଘରେ ରଖିଥିଲେ। ହେଲେ ଏହି ପ୍ରତାରିତ ଯୁବକ ପୁଣି ବିବାହ କରିବାକୁ ମନସ୍ଥ କରି ନିଜ ବାପା ଓ ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରେ ଥିବା ତାଙ୍କ ଭିଣୋଇଙ୍କ ମାଧ୍ୟମରେ ବୌଦ୍ଧ ଜିଲାର ବୌଦ୍ଧ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗତ ୨୮ତାରିଖରେ ବିବାହ କରିଥିଲେ। ବିବାହ ପରେ ନିଜ ଘର ଗୁରୁଡ଼ିଝାଟିଆ ଗ୍ରାମରେ କହି ଭିଣୋଇ ଘରେ ପହଞ୍ଚିଥିଲେ। ବିବାହ ବେଦିରେ ନଗଦ ୭୦ହଜାର ଟଙ୍କା ଓ ସୁନା ଚେନ୍, ମୁଦି ଇତ୍ୟାଦି ଯୌତୁକ ସାମଗ୍ରୀ ମଧ୍ୟ ଆଣିଥିଲେ। ହେଲେ ୨୯ତାରିଖରେ ଝିଅଘର ଲୋକେ ଗୁରୁଡ଼ିଝାଟିଆ ଆସି ପୁଅଘରକୁ ଯାଇଥିଲେ। ସେଠାରେ ଗ୍ରାମବାସୀଙ୍କଠାରୁ ପୁଅ ପୂର୍ବରୁ ଦୁଇଟି ବିବାହ କରିଥିବା ଓ ଏହି ଘର ତାଙ୍କ ନିଜ ଘର ନୁହେଁ ଭିଣୋଇଙ୍କ ଘର ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ନେଇ ଝିଅଙ୍କ ଖୁଡୀ ସୋମବାର ପୁଅଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏ ବିଷୟରେ ପୁଅ ପୂର୍ବରୁ ଜାଣିପାରି ଫେରାର ହୋଇଯାଇଥିଲେ। ତେବେ ପୋଲିସ ଅଭିଯୋଗକୁ ଭିତ୍ତିକରି ନଂ.୨୭/୨୦ରେ ଏକ ମାମଲା ରୁଜୁ କରି ଭିଣୋଇଙ୍କୁ ଅଟକ ରଖିବା ସହ ତାଙ୍କ ଘରୁ ସମସ୍ତ ଯୌତୁକ ସାମଗ୍ରୀ ଜବତ କରି ଝିଅ ପରିବାରକୁ ହସ୍ତାନ୍ତର କରିବା ସହ ତଦନ୍ତ ଜାରି ରଖିଛି।




ଦିଲ୍ଲୀ ହିଂସାରେ ଶହୀଦ ହୋଇଥିବା ହେଡ୍ କନ୍‌ଷ୍ଟେବଳ ରତନ ଲାଲ୍ ଓ ଗୋଇନ୍ଦା ବିଭାଗର କର୍ମଚାରୀ ଅଙ୍କିତ ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦଙ୍ଗା ପାଇଁ ଉସୁକାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଭଗୱା ସେନା କଟକ ଜିଲା ପକ୍ଷରୁ ବାଦାମବାଡି ଟ୍ରାଫିକ ଛକରେ ବିକ୍ଷୋଭ।



କଟକ କାଠଗଡାସାହି(ରଣା ସାହି)ର ଶିଳ୍ପୀ ରସାନନ୍ଦ ବେହେରା ଦୋଳ ବିମାନ ଶୋଭାଯାତ୍ରାରେ ବ୍ୟବହୃତ କାଗଜ ମୁଖାକୁ ରଙ୍ଗତୂଳୀରେ ନୂତନ ରୂପରେଖ ଦେଉଛନ୍ତି।



କର୍ମରେ ହିଁ ତୁମର ଅଧିକାର; କିନ୍ତୁ କର୍ମ ଫଳରେ ନୁହେଁ।

-ଭଗବାନ ଶ୍ରୀକୃଷ୍ଣ

## ସଂକ୍ଷେପରେ

### ଚାକିରି ଦେବା ଆଳରେ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨।୩ (ବ୍ୟୁରୋ):** ଘରୋଇ କମ୍ପାନୀରେ ଜଣେ ଯୁବକଙ୍କୁ ଚାକିରି କରାଇଦେବା ଆଳରେ ଡକାଇ ତାଙ୍କ ନିକଟରୁ ୧୦ ହଜାର ଟଙ୍କା ସହ ବାଇକ ଧରି ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ବଡଗଡ ଥାନା ଅନ୍ତର୍ଗତ କେନାଲ ରୋଡରେ ରହୁଥିବା ଦୀନଦୟାଲ ଦାସ। ସୂଚନା ଅନୁଯାୟୀ, ପୁରୀ ଜିଲା କଣାସ ଅଞ୍ଚଳର ଲୋକନାଥ ମହାରଣା ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାମ କରିବା ବେଳେ ଦୀନଦୟାଲଙ୍କ ସହ ପରିଚୟ ହୋଇଥିଲା। ଏକ ଘରୋଇ କମ୍ପାନୀରେ ଲୋକନାଥଙ୍କ ଉଚ୍ଚ ବେତନ ହାରରେ ଚାକିରି କରାଇ ଦେବାକୁ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଚାକିରି ନିମିତ୍ତ ୧୦ ହଜାର ଟଙ୍କା ଅଗ୍ରୀମ ଦେବାକୁ କହିଥିଲେ। ଗତ ୧୫ ତାରିଖରେ ଲୋକନାଥ ୧୦ହଜାର ଟଙ୍କା ସହ ଦୀନଦୟାଲଙ୍କୁ ଭେଟିବା ନେଇ ବରମୁଣ୍ଡାରେ ପହଞ୍ଚିଥିଲେ। ଦୀନଦୟାଲ ତାଙ୍କ ଠାରୁ ୧୦ହଜାର ଟଙ୍କା ନେବା ପରେ କୌଣସି ଜରୁରୀ କାଗଜପତ୍ର ଆଣିବା ବାହାନାରେ ତାଙ୍କ ବାଇକ୍ ନେଇ ପଳାଇଥିଲେ। ପରେ ସେ ଆଉ ଫେରି ନ ଥିଲେ। ଲୋକନାଥଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୫୨/୨୦)ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ବାଇକକୁ ଜବତ କରଛି।

### ୬ ମୋବଇଲ ଫୋନ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨।୩ (ବ୍ୟୁରୋ):** ମୋବାଇଲ ଫୋନ ଚୋରି ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମଣ୍ଡପ ବସ୍ତି ଅଞ୍ଚଳର ଗୋପାଳ ଚନ୍ଦ୍ର ଦାସ(୩୧)।ତାଙ୍କ ଠାରୁ ୬ଟି ମୋବାଇଲ ଫୋନ ଜବତ ହୋଇଛି। ପୂର୍ବରୁ ଗୋପାଳଙ୍କ ନାମରେ ଅନେକ ମାମଲା ରହିଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ସମ୍ବଲପୁର କଚେରି ରୋଡ ଅଞ୍ଚଳରେ ରହୁଥିବା ଶୁଭ୍ରାଂଶୁ ଶେଖର ବାରିକ ଗତ ୨୭ ତାରିଖରେ ଭୁବନେଶ୍ୱର କୌଣସି କାମରେ ଆସିଥିଲେ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଦୋକାନକୁ ଶୁଭ୍ରାଂଶୁ ଯାଉଥିବା ବେଳେ ତାଙ୍କ ମୋବାଇଲ ଲୁଟ୍ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୧୦୬/୨୦) ରୁଜୁ ହୋଇଥିଲା।

# ପିଇବା ପାଣି, ଶୌଚ ପାଇଁ ଟ୍ରାଫିକ କର୍ମଚାରୀ ହଟହଟା

ତ୍ରିନାଥ ମହାନ୍ତି

ଭୁବନେଶ୍ୱର,୨।୩(ବ୍ୟୁରୋ)

## ଓଏଚ୍ଆର୍‌ସି ନିର୍ଦ୍ଦେଶକୁ କମିଶନରେଟ ପୋଲିସର ବେଖାତିର





ଅଚଳ ହୋଇ ପଡ଼ି ରହିଥିବା ମୋବାଇଲ୍ ଟଏଲେଟ୍ ଓ ଭାଙ୍ଗି ପଡ଼ିଥିବା ପାଣି ଟ୍ୟାପ୍।

- ମୋବାଇଲ୍ ଟଏଲେଟ ଉଦ୍‌ଘାଟନ ପରେ ଅଚଳ
- ୮ ସ୍ଥାନରେ ଆବର୍ଜନାପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି
- ଝୁଲୁଛି ତାଲା, ପାଣି ପାଇପ୍ ଭାଙ୍ଗିଗଲାଣି

କମିଶନରେଟ ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଇଁ ରହିଛି ସବୁକିଛି ବ୍ୟବସ୍ଥା। ହେଲେ କ୍ଷେତ୍ର ସ୍ଥଳରେ କାର୍ଯ୍ୟ କରୁଥିବା ତଳିଆ କର୍ମଚାରୀ ବର୍ଷ ତମାମ ଭୋଗୁଛନ୍ତି ନାନା ହୀନସ୍ତା। ବିଶେଷକରି ସବୁଠୁ ବଳିଯାଇଛି ଟ୍ରାଫିକ ପୋଲିସ କର୍ମଚାରୀଙ୍କ ଦୁର୍ଦ୍ଦଶା। ଖରା, ବର୍ଷା, ଶୀତରେ ଲୋକଙ୍କ ସୁରକ୍ଷିତ ତଥା ସହଜ ଯାତାୟାତ ପାଇଁ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ କାର୍ଯ୍ୟ କରୁଥିବା ଏହି କର୍ମଚାରୀ କିନ୍ତୁ ପିଇବା ପାଣି ଓ ଶୌଚ ଲାଗି ପ୍ରତିଦିନ ହେଉଛନ୍ତି ହଟହଟା। ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ନିର୍ଦ୍ଦେଶକୁ କମିଶନରେଟ ପୋଲିସ ପୂରାପୁରି ବେଖାତିର କରିଚାଲିଛି। ମୋବାଇଲ୍ ଟଏଲେଟ୍ ଓ ପାନୀୟ ଜଳ ବ୍ୟବସ୍ଥା କରିଥିଲେ ମଧ୍ୟ ମାତ୍ର କେଇଟା ଦିନରେ ତାହା ଅଚଳ ହୋଇ ପଡ଼ିଛି। ଫଳରେ ଟ୍ରାଫିକ କର୍ମଚାରୀମାନେ ପୁଣି ପୂର୍ବଭଳି ପିଇବା ପାଣି ଓ ଶୌଚ ପାଇଁ ଆଖପାଖ ଘର କିମ୍ବା ଦୋକାନକୁ ଦୌଡ଼ୁଛନ୍ତି। କାର୍ଯ୍ୟସ୍ଥଳ ଛାଡ଼ି ଯିବା ସମ୍ଭବ ନ ହେବାରୁ ବେଳେ ବେଳେ ଚାପି ରଖିବାକୁ ବାଧ୍ୟ ହେଉଛନ୍ତି।

ସୂଚନାଯୋଗ୍ୟ, ଟ୍ରାଫିକ କର୍ମଚାରୀଙ୍କ ପିଇବା ପାଣି, ଶୌଚ ଆଦି କେତେକ ସମସ୍ୟାକୁ ନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନଙ୍କ ନିର୍ଦ୍ଦେଶ ପରେ ଗତବର୍ଷ ୮ ମୋବାଇଲ୍ ଟଏଲେଟ୍ ସହ ପାନୀୟ ଜଳ ବ୍ୟବସ୍ଥା ହୋଇଥିଲା। ନଭେମ୍ବର ୭ରେ ଖୋଦ୍ ଟ୍ରାଫିକ ଡିସିପି ସାଗରିକା ନାଥ ଆଚାର୍ଯ୍ୟ ବିହାର ଛକରେ ଏହାର ଉଦ୍‌ଘାଟନ କରିଥିଲେ। ଏଥିସହ ଜୟଦେବବିହାର ଛକ, ସିଟି ଓମେନ୍ସ କଲେଜ ଛକ, କଳ୍ପନା ଛକ, ଏୟାରପୋର୍ଟ ଛକ, ନାଲ୍‌କୋ ଛକ, ରସୁଲଗଡ ଛକ ଆଦି ସ୍ଥାନରେ ମୋବାଇଲ୍ ଟଏଲେଟ୍ ରଖାଯାଇ ସେବା ଯୋଗାଇବା ଆରମ୍ଭ କରିଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଗୋଟିକ ପରେ ଗୋଟିଏ ଅଚଳ ହୋଇପଡିଲା। ଏବେ ମୋବାଇଲ୍ ଟଏଲେଟ୍ ବ୍ୟବସ୍ଥାର ସ୍ଥିତି ପରଖିବାକୁ ଆମ ପ୍ରତିନିଧି କ୍ଷେତ୍ର ଅନୁଧ୍ୟାନ କରିଥିଲେ। ସମସ୍ତ ଟଏଲେଟ୍ ଆବର୍ଜନାପୂର୍ଣ୍ଣ ଭାବେ ଅବ୍ୟବହୃତ ହୋଇପଡିଛି। କେଉଁଠି ତାଲା ପଡିଛି ତ, ଆଉ କେଉଁଠି ପାଣି ଟ୍ୟାପ୍‌ଠାରୁ ଆରମ୍ଭ କରି ପାଇପ୍, କାଚ ଆଦି ଭାଙ୍ଗିରୁଜି ଯାଇଛି। ଅଧିକାଂଶ ଟଏଲେଟ୍‌ରେ ରହିଥିବା ପାଣି ପଚିଗନ୍ଧ ଛାଡୁଛି।

ଏନେଇ ଆଚାର୍ଯ୍ୟ ବିହାର ଓ ବିମାନବନ୍ଦର ଛକରେ କାର୍ଯ୍ୟରତ ଟ୍ରାଫିକ ପୋଲିସଙ୍କୁ ପଚାରିବାରୁ ସେମାନେ ନାମ ଗୋପନ ରଖି କହିଛନ୍ତି, ଏହା ରହିବା ଦିନଠାରୁ କୌଣସି ଟ୍ରାଫିକ କର୍ମଚାରୀ ଶୌଚ ଯାଉନାହାନ୍ତି। ନା ସେଠାରେ ପାଣି ରହୁଛି ଅବା ଫିନାଇଲ। ଅଧିକାଂଶ ସମୟରେ ତାଲା ପଡ଼ିଥିବାବେଳେ ଚାବି କାହା ପାଖରେ ରହୁଛି ତାହା ଆମେ ଜାଣି ପାରୁନୁ। ଆମେ ଏଠିସେଠି ଚଳାଇ ନେଉଛୁ, କିନ୍ତୁ ମହିଳା କର୍ମଚାରୀ ଭାରି ହଇରାଣ ହେଉଛନ୍ତି। କେବଳ ଶୌଚ ସମସ୍ୟା ନୁହେଁ, ଟାଣ ଖରାରେ କାର୍ଯ୍ୟ କରିବାକୁ ପଡୁଛି। ଅଧିକାଂଶ ସମୟରେ ଶୋଷରେ ରହୁଛୁ। ପ୍ରତି ଛକକୁ ବୁଲି ବୁଲି ପିଇବା ପାଣି ଦେବାକୁ ଏକ ଗାଡି ରହିଥିଲେ ମଧ୍ୟ କିଛିଦିନ ପରେ ତାହା ଆଉ ଆସୁନି। ଆମ ଭଳି ଅନ୍ୟମାନେ ବାଧ୍ୟ ହୋଇ ଘରୁ ପାଣି ଆଣି ଆସୁଛୁ। ଖରା ଯୋଗୁ ତାହା ଗରମ ହୋଇ ଗନ୍ଧ ହେଉଥିଲେ ମଧ୍ୟ ଢୋକେ ପିଇ କାମ ଚଳାଇବାକୁ ପଡୁଛି। ବେଳେବେଳେ ଅନ୍ୟ କାହାକୁ କହି ପାଣି ମଗାଇ ପିଉଛୁ।

ଏ ନେଇ ମାନବିକ ଅଧିକାର କର୍ମୀ କାନୁନଗୋ କହିଛନ୍ତି, ପୋଲିସ ଯେତେବେଳେ ନିଜ କର୍ମଚାରୀଙ୍କ ସମସ୍ୟା ବୁଝୁନାହିଁ, ଜରୁରୀ ଆବଶ୍ୟକକୁ ପୂରଣ କରିପାରୁନି, କିପରି ଲକ୍ଷ ଲକ୍ଷ ଲୋକଙ୍କ କଥା ଭଲ ଭାବେ ବୁଝିବ। ଏପରି କି ମାନବିକ ଅଧିକାର କମିଶନଙ୍କ ନିର୍ଦ୍ଦେଶକୁ ପୋଲିସ ଫୁର୍ କରିଦେବା ଘଟଣା ନିଶ୍ଚିତ ଅତି ସମ୍ବେଦନଶୀଳ। ଟ୍ରାଫିକି ଏସିପି ସ୍ୱସ୍ତିକ୍ ପଣ୍ଡା କହିଛନ୍ତି, କର୍ମଚାରୀଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ବିଭିନ୍ନ ଛକରେ ୮ ମୋବାଇଲ୍ ଟଏଲେଟ ରଖାଯାଇଛି। ଏହାର ରକ୍ଷଣବେକ୍ଷଣା କରାଯାଉ ନ ଥିବାରୁ ଏଭଳି ଅବସ୍ଥା ହୋଇଛି। ଏହାକୁ ଖୁବ୍ ଶୀଘ୍ର ଠିକ୍ କରାଯିବ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଲା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ । ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାର୍ଗଶିର**
**ଶୀତ ହୁଏ ଶିରଶିର ।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ। ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଉତ୍କର୍ଷତା ପାଇଁ ବଣିକ୍ ପୁରସ୍କୃତ

ଭୁବନେଶ୍ୱର, ୨।୩



ଛାତ୍ରୀଛାତ୍ରଙ୍କୁ କୋଚିଂ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ତଥା ଉତ୍କର୍ଷତା ଲାଗି ପ୍ରମୁଖ ଅନୁଷ୍ଠାନ ବଣିକ ପୁରସ୍କୃତ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଟାଇମ୍ସ ବିଜନେସ ଆୱାର୍ଡ ୨୦୨୦ ଅବସରରେ ବଣିକ ଟାଇମ୍ସ ବିଜନେସ ଆୱାର୍ଡ ଲାଭ କରିଛି। ବଣିକର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଇଂ ସୁବ୍ରତ ଛାଟୋଇ ବଲିଉଡ ଅଭିନେତା ଅନିଲ କପୁରଙ୍କଠାରୁ ଏହି ଆୱାର୍ଡ ଗ୍ରହଣ କରିଥିଲେ। ପରୀକ୍ଷା ପ୍ରସ୍ତୁତି ଲାଗି ଶ୍ରେଷ୍ଠ ବିଶ୍ୱସନୀୟ ଅନୁଷ୍ଠାନ ରୂପେ ନିଜକୁ ପ୍ରତିପାଦିତ କରାଇଥିବାରୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ୨୦୧୩ରେ ଆରମ୍ଭ ହୋଇ ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଶାର ଶ୍ରେଷ୍ଠ କୋଚିଂ ପ୍ରତିଷ୍ଠାନ ରୂପେ ପ୍ରତିଷ୍ଠିତ ହୋଇ ପାରିଥିବା ଏହି ଅବସରରେ ଇଂ ଛାଟୋଇ କହିଛନ୍ତି। ଆଗାମୀ ଦିନରେ ଏହି ପ୍ରଚେଷ୍ଟା ଆହୁରି ସଫଳ ହେବ ବୋଲି ସେ କହିଛନ୍ତି।

# ପ୍ଲାଷ୍ଟିକ ବର୍ଜନ ପ୍ରୟାସ: କପଡ଼ା ବ୍ୟାଗ୍ ବାଣ୍ଟିଲା ବିଏମ୍‌ସି

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର କପଡ଼ା ବ୍ୟାଗ୍ ବଣ୍ଟାଯାଇଛି। 'ମୁଁ ସଫେଇବାଲା' ଅଭିଯାନରେ ବିଏମ୍‌ସି ପକ୍ଷରୁ ଏହି ବ୍ୟାଗ୍ ବଣ୍ଟାଯାଇଥିବାବେଳେ ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ୍ ଏବଂ ଆଡିଶନାଲ କମିଶନର ଅବନିକାନ୍ତ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରରେ ପଲିଥିନ୍, କ୍ୟାରୀ ବ୍ୟାଗ୍ ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ର ବର୍ଜନ କରି ସମସ୍ତ ନାଗରିକ ଏହି ସହରକୁ ଏକ ପରିବେଶବନ୍ଧୁ ସହର କରି ଗଢିତୋଳିବା ଏବଂ ଏହାର ପରିମଳ ସ୍ଥିତିକୁ ଉଚ୍ଚ ସ୍ଥାନରେ ପହଞ୍ଚାଇବା ସମସ୍ତଙ୍କ ନିରନ୍ତର ସହଯୋଗ ଆବଶ୍ୟକ ବୋଲି ଆଡିଶନାଲ କମିଶନର ମଲ୍ଲିକ କହିଥିଲେ। ମୁଁ ସଫେଇବାଲା ଅଭିଯାନରେ ମୋଟ ୫,୦୦୦ କପଡ଼ା ବ୍ୟାଗ୍ ବଣ୍ଟା ହେବାକୁ ସ୍ଥିର କରାଯାଇଥିବାବେଳେ ସୋମବାର ବାପୁଜୀ ନଗରରେ ୫୦୦ ବ୍ୟାଗ୍ ବଣ୍ଟାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଆକ୍ସିସ୍ ଏବଂ ଏଚ୍‌ଡିଏଫସି ବ୍ୟାଙ୍କ୍‌ର ସହଯୋଗରେ ବିଏମ୍‌ସି ୧୨ହଜାର ୫ଶହ ବ୍ୟାଗ୍ ବାଣ୍ଟିଛି। ଏହି ମର୍ମରେ ସୋମବାର ଆଇଡିବିଆଇ ବ୍ୟାଙ୍କର ସହଯୋଗରେ ୫ଶହ ବ୍ୟାଗ୍ ବଣ୍ଟାଯାଇଥିବାବେଳେ ସ୍ଥାନୀୟ ବାପୁଜୀ ନଗରରେ ଥିବା ଆଇଡିବିଆଇ ବ୍ୟାଙ୍କର ଜେନେରାଲ୍ ମ୍ୟାନେଜର୍ ସୁଦୀପ୍ତ ବାନାର୍ଜୀ ଏବଂ ଡେପୁଟି ଜେନେରାଲ୍ ମ୍ୟାନେଜର୍ ମନୋଜ କୁମାର ଗୁପ୍ତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମୁଖ୍ୟ ବିତ୍ତ ଅଧିକାରୀ ଲବଣ୍ୟ ଶବର, ରାଜସ୍ୱ ବିଭାଗ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଲୋକସମ୍ପର୍କ ଓ ଯୋଗାଯୋଗ ବିଭାଗ ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ, ପରିମଳ ବିଭାଗ ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ୱେଲଫେୟାର ବିଭାଗ ଡେପୁଟି କମିଶନର ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ବସନ୍ତର ଅନ୍ତରେ'

ଭୁବନେଶ୍ୱର,୨।୩(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ସୋମବାର ସୂଚନା ଭବନରେ ଚିତ୍ରକଳା ପ୍ରଦର୍ଶନୀ 'ବସନ୍ତର ଅନ୍ତରେ' ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଶିଳ୍ପୀ ବିନୋଦ ମହାରଣାଙ୍କ ଦ୍ୱାରା ଉଦ୍‌ଘାଟିତ ପ୍ରଦର୍ଶନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଡ. ରାମକୃଷ୍ଣ ସାହୁ, ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ମନସ୍ୱିନୀ ସାହୁ, ବିପିନ୍ ବିହାରୀ ପାତ୍ର, ମାଥିଅସ୍ ତିର୍କୀ ପ୍ରମୁଖଙ୍କ ସହ ବରିଷ୍ଠ ଶିଳ୍ପୀ ଯୋଗ ଦେଇଥିଲେ।

# ଶହୀଦନଗର ପ୍ରାଣୀ ଚିକିତ୍ସାଳୟରେ ମିଳିବ ୨୪ଘଣ୍ଟିଆ ସେବା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫–ଟି ଅଧୀନ 'ମୋ ସରକାର' କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସୋମବାରଠାରୁ ସାମିଲ ହୋଇଛି। ସରକାରୀ ସେବାକୁ ଲୋକାଭିମୁଖୀ କରିବା ପାଇଁ ସୋମବାରଠାରୁ ଭୁବନେଶ୍ୱରର ଶହୀଦନଗର ପ୍ରାଣୀ ଚିକିତ୍ସାଳୟରେ ୨୪ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଶହୀଦନଗର ପ୍ରାଣୀ ଚିକିତ୍ସାଳୟ ଏବେ ପ୍ରତିଦିନ ୨୪ଘଣ୍ଟା ଖୋଲା ରହିବ। ଫଳରେ ଦୈନନ୍ଦିନ ପ୍ରାଣୀ ଚିକିତ୍ସା ସେବା ସାଙ୍ଗକୁ ଜରୁରୀକାଳୀନ ପ୍ରାଣୀ ଚିକିତ୍ସା ସେବା ମଧ୍ୟ ଯୋଗାଇ ଦିଆଯିବ। ସେବା ଯୋଗାଇବା ପାଇଁ ଭେଟେରିନାରୀ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ପାଳି କରି କାର୍ଯ୍ୟ କରିବେ। ଏହି ୨୪ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଡାକ୍ତରମାନଙ୍କୁ ମଧ୍ୟ ନିୟୋଜିତ କରାଯିବ। ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଏହି ସେବାର ସୁପରିଚାଳନା ନିମନ୍ତେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi.
8882906094

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684, 94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ । Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ।

-ଗୁରୁ ନାନକ

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ଭୁବନେଶ୍ୱର,୨।୩ (ବ୍ୟୁରୋ)-** କ୍ୟାପିଟାଲ ଥାନା ଅଞ୍ଚଳରୁ ଅପହୃତା ନାବାଳିକାଙ୍କୁ ପୋଲିସ ନୟାଗଡରୁ ଉଦ୍ଧାର କରିଛି। ନାବାଳିକା ଜଣକ ବଳାତ୍କାରର ଶିକାର ହୋଇଥିବା ଜଣାପଡିଛି। ତାଙ୍କ ଅପହରଣ ସହ ବଳାତ୍କାର କରିଥିବା ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ଖଣ୍ଡପଡା ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳର ବୁନେଶ ନାୟକ(୨୦)। ସୂଚନା ମୁତାବକ, ପୀଡିତା ନାବାଳିକାଙ୍କ ଘର ଖଣ୍ଡପଡା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରର କ୍ୟାପିଟାଲ ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ନାବାଳିକା ଗାଁରେ ରହୁଥିବାବେଳେ ଅଭିଯୁକ୍ତ ବୁନେଶ ତାଙ୍କୁ ଏକ ତରଫା ପ୍ରେମ କରୁଥିଲେ। ସେ ଭୁବେନଶ୍ୱର ଚାଲିଆସିବା ପରେ ବି ବୁନେଶ ତାଙ୍କ ପିଛା ଛାଡି ନ ଥିଲେ। ଗତ ୨୪ ତାରିଖରେ ନାବଳିକା ଜଣକ ଟ୍ୟୁଶନ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ନ ପାଇବାରୁ ବୁନେଶଙ୍କ ନାଁରେ ଅପହରଣ ଅଭିଯୋଗ କରିଥିଲେ। ପୋଲିସ ୯୫/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ କରି ନୟାଗଡରେ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ଏସ୍‌ଆଇ ଅସିତ୍ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ଚଢ଼ାଉ କରି ନାବଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବୁନେଶଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ବୁନେଶ ନାବାଳିକାଙ୍କୁ ଅପହରଣ ପରେ ଜଣେ ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିଲେ। ପୋଲିସ ସୋମବାର ଉଭୟଙ୍କ ଡାକ୍ତରୀମାଇନା କରିବା ପରେ ନାବଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏଥିସହ ଅଭିଯୁକ୍ତ ବୁନେଶଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### କାରରୁ ଗଞ୍ଜେଇ ସହ ଲକ୍ଷାଧିକ ଟଙ୍କା ଜବତ

**ଭୁବନେଶ୍ୱର,୨।୩ (ବ୍ୟୁରୋ)-** ଖଣ୍ଡଗିରି ଥାନା ପୋଲିସ ଯାଞ୍ଚ କରୁଥିବାବେଳେ ଏକ ଇଣ୍ଡିଗୋ କାରରୁ ୬.୫ କେଜି ଗଞ୍ଜେଇ ସହ ୧ଲକ୍ଷ ୧୫ ହଜାର ଟଙ୍କା ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ଚାଳକ ତଥା ଅଭିଯୁକ୍ତଙ୍କୁ ମଧ ପୋଲିସ ଗିରଫ କରିଛି। ସେ ହେଲେ ପାତ୍ରପଡା ବୁଲେଶ୍ୱରୀ ବସ୍ତି ଅଞ୍ଚଳର ମାନସ ରଞ୍ଜନ ପାଇକାରାୟ। ସୂଚନା ମୁତାବକ, କନ୍ଧମାଳରୁ ଭୁବନେଶ୍ୱରକୁ କାରରେ ଗଞ୍ଜେଇ ଚୋରା ଚାଲାଣ ନେଇ ରବିବାର ଅପରାହ୍ନରେ ପୋଲିସ ବିଶେଷସୂତ୍ରରୁ ଖବର ପାଇଥିଲା। ମୋଟର ଯାନ ଆଇନ ଆଧାରରେ ଯାଞ୍ଚବେଳେ ଗଞ୍ଜେଇ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ପାତ୍ରପଡା ଶନିମନ୍ଦିର ନିକଟରେ ପୋଲିସ ଏକ କାରକୁ ଅଟକାଇ ଯାଞ୍ଚ କରିଥିଲା। କାରରୁ ବିପୁଳ ଗଞ୍ଜେଇ ସହ ଟଙ୍କା ମିଳିଥିଲା। ପୋଲିସ ଅଭିଯୁକ୍ତ ଚାଳକ ମାନସଙ୍କୁ ଗିରଫ କରିବା ସହ ୧୫୫/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ରାଜଧାନୀରେ ବେପାରିଙ୍କୁ ଦେଉଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ମାଟ୍ରିକ ପରୀକ୍ଷା: ଖୁସି ଭରିଦେଲା ଶେଷଦିନ



ପିଲାମାନେ ପରୀକ୍ଷା ଦେଇ ଫେରୁଛନ୍ତି ।

**ଖୋର୍ଦ୍ଧା ଅଫିସ୍,୨।୩:**

ଚଳିତବର୍ଷ ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ମାଟ୍ରିକ୍ ପରୀକ୍ଷା ପାଇଁ ଖୋର୍ଦ୍ଧା ଜିଲାରେ ୧୨୫ଟି ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରିତ ହୋଇଥିଲା। ୩୪୦ ବିଦ୍ୟାଳୟର ମୋଟ୍ ୨୮,୪୬୯ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ହେଲେ ପ୍ରଥମ ଦିବସ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କ ମନରେ ନୂଆ ସ୍ଥାନ, ପରୀକ୍ଷା କିଭଳି ହେବ, ପ୍ରଶ୍ନ ସହଜ କି କଠିନ ରହିବ ସେ ନେଇ ମନରେ ଅନେକ ଭୟ ରହିଥିଲା। ପ୍ରଥମ ଦିବସର ମାତୃଭାଷା ପ୍ରଶ୍ନପତ୍ର ସେମାନଙ୍କର ଭୟକୁ ଦୂରେଇ ଦେଇଥିଲା। ସହଜ ପ୍ରଶ୍ନ ଦେଖି ମନରେ ହୋଇଥିବା ଭୟ କ୍ରମଶଃ ଦୂରିଭୂତ ହୋଇଯାଇଥିଲା। ଦିନପରେ ଦିନ ଗଡ଼ିଚାଲିଥିଲା। ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କଲାବେଳେ ଯେତିକି ଭୟ ଲାଗୁଥିଲା ସହଜ ପ୍ରଶ୍ନ ଦେଖି ମନରେ ହସ ଖେଳାଇ ଦେଇଥିଲା। ତେବେ ରେଜଲ୍ଟକୁ ଅପେକ୍ଷା ବୋଲି ପରୀକ୍ଷାର୍ଥୀମାନେ କହିଛନ୍ତି। ଜିଲାରେ ପ୍ରାୟ ୯୧୧ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ବିଭିନ୍ନ ମତ ପ୍ରକାଶ ପାଉଛି। ବିଗତ ବର୍ଷରେ ହୋଇଥିବା ମାଟ୍ରିକ୍ ପରୀକ୍ଷା ବିଭ୍ରାଟକୁ ଦେଖି ବହୁ ଛାତ୍ରୀଛାତ୍ର ପରୀକ୍ଷାପ୍ରତି ଉତ୍ସାହ କମିଯାଉଛି ବୋଲି ଅନେକ ଶିକ୍ଷାବିତ୍ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରିଣୀ ବନ୍ଦନା ମହାପାତ୍ର କୁହନ୍ତି, ଚଳିତ ବର୍ଷ ଅନୁପସ୍ଥିତ ପରୀକ୍ଷାର୍ଥୀଙ୍କ ସଂଖ୍ୟା ତ ନିଶ୍ଚୟ ଅଧିକ କିନ୍ତୁ କାରଣ ସ୍ପଷ୍ଟ ହୋଇପାରିନାହିଁ। ବିଭାଗ ପକ୍ଷରୁ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଏମାନେ କ'ଣ କୁହନ୍ତି



"ପାଠପଢ଼ା ସାଙ୍ଗକୁ ପରୀକ୍ଷା ନେଇ ଟେନ୍‌ସନ୍ ବଢ଼ି ଯାଇଥିଲା। ପ୍ରଥମ ଦିନ ପରୀକ୍ଷା ହଲ୍ ଭିତରକୁ ପ୍ରବେଶର କିଛି ସମୟ ପରେ ଭୟ ଦୂରେଇ ଯାଇଥିଲା। ସହଜ ପ୍ରଶ୍ନ ଦେଖି ମନରୁ ଭୟ ଦୂରୀଭୂତ ହୋଇଥିଲା। ସମସ୍ତ ବିଷୟରେ ମୋର ଭଲ ହୋଇଛି। ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରହିବ ବୋଲି ଆଶା କରୁଛି।

**-ଜ୍ଞାନ ରଞ୍ଜନ ସାହୁ, ଖୋର୍ଦ୍ଧା, ଗୁରୁଜଙ୍ଗ**



"ପରୀକ୍ଷା ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କ ଭଳି ମୋ ମନରେ ଭୟ ଥିଲା। ପ୍ରଥମ ଦିନରେ ମାତୃଭାଷା ପ୍ରଶ୍ନ ଯଦି କଠିନ ପଡ଼ିବ ତେବେ ସମସ୍ତ ବିଷୟବସ୍ତୁ ଗୁଡ଼ିକ ସେହିଭଳି ମନରେ ଅନେକ ଆଘାତ ଦେବ ବୋଲି ଭାବି ନେଇଥିଲି। ହେଲେ ମାତୃଭାଷା ପ୍ରଶ୍ନପତ୍ର ସହଜ ପଡ଼ିଥିଲା। ଅନ୍ୟ ସମସ୍ତ ବିଷୟର ପ୍ରଶ୍ନକୁ ସାମ୍ନା କରିବାପାଇଁ ମାତୃଭାଷା ହିଁ ମୋର ମନୋବଳ ବଢ଼ାଇଦେଇଥିଲା। ପରୀକ୍ଷାରେ ଭଲ ହୋଇଛି । ଆଶା କରୁଛି ୮୫ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରହିବ।

**-ସୂର୍ଯ୍ୟକାନ୍ତ ଦାଶ, ଖୋର୍ଦ୍ଧା, ତାଳବସ୍ତ**



"ବର୍ଷ ଆରମ୍ଭରୁ କରିଥିବା ପ୍ରସ୍ତୁତି ମୋର ସୁଫଳ ହୋଇଛି । ପ୍ରଶ୍ନଗୁଡ଼ିକ ସହଜ ଥିଲା। ନିର୍ଦ୍ଧାରିତ ସମୟରେ ଉତ୍ତର ଦେବାପାଇଁ କୌଣସି ସମସ୍ୟା ହେଲା ନାହିଁ। ମାତ୍ର ପରିଶ୍ରମ ମୁତାବକ ୯୦ପ୍ରତିଶତ ମାର୍କ ରହିବ ବୋଲି ଆଶା ରଖିଛି। ମା'ବାପାଙ୍କ ଓ ଗୁରୁଜୀଙ୍କ ପରାମର୍ଶକୁ ଆଖି ଆଗରେ ରଖି ପରୀକ୍ଷାକୁ ସାମ୍ନା କରିଥିଲି। ଅବ୍‌ଜେକ୍ଟିଭ୍ ଟାଇପ୍ ପ୍ରଶ୍ନ ମୋତେ ବହୁତ ଆନନ୍ଦ ଦେଇଥିଲା।

**-ସମ୍ବିତ୍ କୁମାର ବସ୍ତି, ବାଣପୁର, ଖୋର୍ଦ୍ଧା**

## ସାଲତରା ମଣ୍ଡିରେ ଧାନ କିଣାକୁ ନେଇ ଚାଷୀଙ୍କ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ୍,୨।୩:**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ସେବା ସମବାୟ ସମିତିରେ ଅନିୟମିତତା ହୋଇଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ମିଲରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ସୋମବାର ରାତିରେ କେତେଜଣ ଚାଷୀ ମଣ୍ଡି ଆଗରେ ହୋହଲ୍ଲା କକରିବା ସହ ଧାନ ବୋଝେଇ ଟ୍ରକକୁ ଅଟକାଇ ରଖିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସାଲତରା ସେବା ସମବାୟ ସମିତିରେ ପ୍ରାୟ ୨୦ଜଣ ଚାଷୀ ଧାନ ଦେବା ପାଇଁ ପ୍ରସ୍ତୁତ ହେଉଥିଲେ। ସେବା ସମବାୟ ସମିତିର ସମ୍ପାଦକ ଉପସ୍ଥିତ ରହି ଚାଷୀଙ୍କ ଧାନ ଓଜନର ମାପ ତଦାରଖ କରିବା ପାଇଁ ସରକାରୀ ନିୟମ ରହିଛି। ହେଲେ ଚାଷୀଙ୍କ ଧାନକୁ ପରୀକ୍ଷା ନ କରି ନିମ୍ନମାନର କହି ମିଲରମାନେ କୁଇଣ୍ଟାଲ ପିଛା ୨କେଜି ୫୦୦ ଗ୍ରାମ କାଟୁଥିଲେ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହା ପରେ ମିଲର ଓ କେତେଜଣ ଚାଷୀଙ୍କ ମଧ୍ୟରେ ବଚସା ହୋଇଥିଲା। ରିପୋର୍ଟ ଲେଖା ହେବା ବେଳକୁ ମିଲରଙ୍କ ଧାନ ବୋଝେଇ ଗାଡିକୁ ଚାଷୀମାନେ ଅଟକାଇ ରଖିଥିବା ଜଣାପଡିଛି।

## ବୁଲାଣି ରାସ୍ତାରେ ବିପଦ ସାଜିଛି ଆମ୍ବଗଛ



ରାସ୍ତା ବୁଲାଣିରେ ଥିବା ଆମ୍ବଗଛ।

**ନିରାକାରପୁର,୨।୩(ଡି.ଏନ୍.ଏ.)**

କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ସଡକ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ସଡକରେ ଜଣେ ଯାତ୍ରୀ କିଭଳି ସୁରକ୍ଷିତ ଯାତ୍ରା କରିବ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାର ଏକ ନମୁନା ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ୧୬ନଂ. ଜାତୀୟ ରାଜପଥରୁ ନୂଆ ଜଗନ୍ନାଥ ସଡକରେ ଦେଖିବାକୁ ମିଳିଛି। ଏହି ରାସ୍ତାରେ ନିରାକାରପୁର ଆସିଲା ବେଳକୁ ଧାନଘର ପାହାଡ଼ ପାଦଦେଶରେ ଥିବା ବୁଲାଣିରେ ଏକ ବଡ ଆମ୍ବଗଛ ପଥଚାରୀଙ୍କ ପାଇଁ ବିପଦର କାରଣ ହୋଇଛି। ଶରଣକୁଳରୁ ଶ୍ରୀକ୍ଷେତ୍ର ପୁରୀକୁ ସିଧା ରାସ୍ତା ହୋଇଥିବାରୁ ଏହି ରାସ୍ତାରେ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରୁ ବହୁ ଟୁରିଷ୍ଟ ଗାଡି ଯାତାୟାତ କରିଥାଏ। ଜରୁରି କାଳୀନ ସେବା ଯୋଗାଉଥିବା ୧୦୨ ଓ ୧୦୮ ଆମ୍ବୁଲାନ୍ସ, ଦମକଳ ଗାଡି ସମେତ ଶହ ଶହ ସଂଖ୍ୟାର ଅନ୍ୟାନ୍ୟ ଗାଡିମୋଟର ଏହି ରାସ୍ତାରେ ଯା'ଆସ କରୁଛି। ବୁଲାଣିରେ ଆମ୍ବ ଗଛ ଥିବା ଯୋଗୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ବାରମ୍ବାର ଏ ନେଇ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଉଛି।

## କଣାସ ଗଡ଼ିଶାଗୋଦା ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ମାନ୍ୟତା

**କଣାସ,୨।୩(ଡି.ଏନ.ଏ/ସ୍ୱ.ପ୍ର.)**

ପୁରୀ ଜିଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତବର୍ଷ ପ୍ରଥମ କାୟାକଳ୍ପ ମାନ୍ୟତା ମିଳିଛି। ଗତ କିଛିଦିନ ତଳେ କାୟାକଳ୍ପ ଟିମ୍ ଆସି ଗଡ଼ିଶାଗୋଦା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ବହୁ ବର୍ଷର ଅବହେଳିତ ସ୍ୱାସ୍ଥ୍ୟକେନ୍ଦ୍ରର ସବୁ ଦିଗରେ ବହୁ ପରିବର୍ତ୍ତିତ ଦେଖି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ମାନ୍ୟତା ଦିଆଯିବା ସହ ସ୍ୱାସ୍ଥ୍ୟ ଓ ଅରୋଗ୍ୟ କେନ୍ଦ୍ର ରୂପେ ବିବେଚିତ କରାଯାଇଛି। ଫଳରେ ଲୋକଙ୍କ ମନରେ ନୂତନ ଆଶା ଓ ଆନନ୍ଦ ଖେଳିଯାଇଛି। ଏହି ପୁରସ୍କାର ପଛରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ବନଜ କୁମାର ସାହୁ, ବି.ପି.ଏମ୍. ଧନେଶ୍ୱର ସ୍ୱାଇଁ ଓ ଜିଲା କାୟାକଳ୍ପ ଟିମ୍ ଓ ସମସ୍ତ କର୍ମଚାରୀଙ୍କ ପ୍ରେରଣା ଓ ସହଯୋଗ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୀମା ସ୍ୱାଇଁ କହିଛନ୍ତି।

## ଠିକାଦାରଙ୍କ କବ୍‌ଜାରେ ରୋଗୀ କ୍ୟାବିନ

**ଭୁବନେଶ୍ୱର,୨।୩(ବ୍ୟୁରୋ)**



କ୍ୟାପିଟାଲ ହସ୍ପିଟାଲକୁ ରୋଗୀ ଗଲେ ସେମାନଙ୍କୁ ସହଜରେ ବେଡ୍ ମିଳୁନି। ଯଦି ବେଡ୍ ମିଳୁଛି ତେବେ ବହୁ ଧରାଧରି ଏବଂ ହାତଗୁଞ୍ଜା ଦେବା ପରେ। ଯେଉଁମାନେ ଦେଇପାରୁ ନାହାନ୍ତି ସେମାନେ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଏବେ କ୍ୟାପିଟାଲ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ୩ କ୍ୟାବିନକୁ ମାଡ଼ି ବସିଛନ୍ତି ଠିକାଦାର ଏବଂ ବଡ଼ବଡ଼ିଆମାନେ। କ୍ୟାପିଟାଲ ହସ୍ପିଟାଲରେ କାମ ନେଇଥିବା କେତେଜଣ ଠିକାଦାର କ୍ୟାବିନରେ ନିଜର କର୍ମଚାରୀମାନଙ୍କୁ ରଖିଛନ୍ତି। ଅନ୍ୟପକ୍ଷରେ ରୋଗୀ କ୍ୟାବିନ ନ ପାଇ ହଇରାଣ ହେଉଛନ୍ତି। ପ୍ରଶ୍ନ ଉଠୁଛି ସାଧାରଣ ଲୋକେ କ୍ୟାବିନ ପାଉ ନ ଥିବା ବେଳେ ଏହି ଠିକାଦାରଙ୍କୁ କିଭଳି ମିଳିଯାଉଛି। କିନ୍ତୁ କ୍ୟାବିନରେ ରହୁଥିବା ଲୋକଙ୍କୁ ପଚାରିବାରୁ ସେମାନେ କହୁଛନ୍ତି ଯେ, 'ଆମେ ଏଠାରେ କାମ କରୁଛୁ। ଘର ମିଳି ନ ଥିବାରୁ ଠିକାଦାର ଆମକୁ ଏଠାରେ ରହିବାକୁ କହିଛନ୍ତି। ଘର ମିଳିଲେ ଚାଲିଯିବୁ।'

ଅନ୍ୟପକ୍ଷରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଗିରଫ ହୋଇ ଜାମିନରେ ଆସିଥିବା ସରୋଜ ମିଶ୍ର ନାମକ

### କ୍ୟାପିଟାଲ ହସ୍ପିଟାଲ

କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସୁରକ୍ଷା କର୍ମୀ କ୍ୟାବିନ କେଲେଙ୍କାରୀ କଥା ପଦାକୁ ଆଣିଛନ୍ତି। ସରୋଜଙ୍କ କହିବାନୁଯାୟୀ, କେବଳ କ୍ୟାବିନ ଦୁର୍ନୀତି ନୁହେଁ, କେତେଜଣ ଡାକ୍ତର ଘରୋଇ କ୍ଲିନିକ୍‌କୁ ରୋଗୀ ପଠାଇ ମାଲାମାଲ ହେଉଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ଆସନ୍ନପ୍ରସବା ମହିଳା ୬ ଦିନ ହସ୍ପିଟାଲରେ ରହିବା ପରେ ତାଙ୍କୁ ଘରୋଇ କ୍ଲିନିକ୍‌କୁ ଯିବା ପାଇଁ ଡାକ୍ତର କହିଥିଲେ। ଏନେଇ ସରୋଜ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାର ୮ ଦିନ ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହା ଏକ ଷଡ଼ଯନ୍ତ୍ର ବୋଲି ସରୋଜ କହିଛନ୍ତି।

କ୍ୟାପିଟାଲ ହସ୍ପିଟାଲ ଡେପୁଟି ଡାଇରେକ୍ଟର ଧନଞ୍ଜୟ ଦାଶ କହିଛନ୍ତି ଯେ, କେହି କ୍ୟାବିନ ମାଡିବସିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ଉକ୍ତ କ୍ୟାବିନଗୁଡ଼ିକ କିଛି କାମରେ ଆସୁ ନ ଥିବାରୁ ସେଠାରେ ହସ୍ପିଟାଲର କର୍ମଚାରୀ ଓ ଇଲେକ୍ଟ୍ରିସିଆନ୍ ରହୁଛନ୍ତି। ଜାଣିଶୁଣି ସରୋଜ ମିଛ ଅଭିଯୋଗ ଆଣି ହସ୍ପିଟାଲକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି।

## ଚିକିତ୍ସିତ ହେଲେ ୨୫୦ ରୋଗୀ

**ଯାଁଳା,୨।୩(ଡି.ଏନ.ଏ.):**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚର୍ମ, ଚକ୍ଷୁ, ଭେଷଜ, ଦନ୍ତ, ଶିଶୁ, ପ୍ରସୂତି ଓ ହୃଦ୍‌ରୋଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ସେହିପରି ରକ୍ତଚାପ, ରକ୍ତ ଶର୍କରା, ଇସିଜି ଓ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ୨୫୦ରୁ ଅଧିକ ରୋଗୀ ଚିକିତ୍ସିତ ହେବା ସହ ଔଷଧ ନେଇଥିଲେ। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଗୋଷ୍ଠୀ ନିଦାନ କେନ୍ଦ୍ରର ନିର୍ଦ୍ଦେଶକ ସୁନୀଲ କୁମାର ଝା ଉପସ୍ଥିତ ଥିଲେ। ପଞ୍ଚାୟତର ସରପଞ୍ଚ ପ୍ରଦୋଷ କୁମାର ଜେନା, ନାଏବ ସରପଞ୍ଚ ଅଞ୍ଜଳି ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ୱାର୍ଡ ସଭ୍ୟାସଭ୍ୟ, ଆଶା କର୍ମୀ ଓ ଅନ୍ୟମାନଙ୍କ ସହାୟତାରେ ଏହା ଆୟୋଜିତ ହୋଇଥିଲା।

## ୧୩ରେ ଆନ୍ଦୋଳନକୁ ଓହ୍ଲାଇବ ସ୍କୁଲ, କଲେଜ, ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ

**ଖୋର୍ଦ୍ଧା ଅଫିସ୍,୨।୩:**

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଏକ ବୈଠକ ସ୍ଥାନୀୟ ଓଷ୍ଟା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସରକାର ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜର ମୂଳ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନୂତନ ସମସ୍ୟା ସୃଷ୍ଟି କରୁଛନ୍ତି। ଏପରିକି ୧୭୭ ବିଦ୍ୟାଳୟକୁ ଅନୁଦାନ ଦେବା ଓ ସପ୍ତମ ବେତନ କମିଶନ କାର୍ଯ୍ୟକାରି କରିବା, ପେନ୍‌ସନ୍ ସହିତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ କଲେଜକୁ ଚାକିରୀ ସର୍ତ୍ତାବଳି ପ୍ରଦାନ କରିବା, ଖାଲିପଦବୀକୁ ତୁରନ୍ତ ପୂରଣ କରିବା, କଲେଜ ମାନଙ୍କରେ ମୂଳପଦବୀ ଉଚ୍ଛେଦ ବନ୍ଦ କରିବା ଆଦି ବିଭିନ୍ନ ସମସ୍ୟା ଦୀର୍ଘଦିନ ହେବ ଦେଖାଦେଇଛି। ଏହାକୁସମାଧାନ କରିବା ପରିବର୍ତ୍ତେ କେତେକ ବିଦ୍ୟାଳୟକୁ ମିଶ୍ରଣ କରିବା, ବନ୍ଦକରିବା ଓ ନିଯୁକ୍ତି ପ୍ରକ୍ରିୟାରେ ରୋକ୍ ଲଗାଇବା ଭଳି ବିଭିନ୍ନ ଆଇନ୍‌କୁ ଲାଗୁ କରୁଛନ୍ତି। ଏହାର ପ୍ରତିବାଦରେ ମାର୍ଚ୍ଚ ୮ରେ ପ୍ରତ୍ୟେକ ବ୍ଲକରେ ବୈଠକ କରାଯାଇ ୧୩ରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଜିଲା ମିଳିତ ମଞ୍ଚ ଆବାହକ ସୁଧାକର ମହାପାତ୍ର, ୬୬୨ ଯୁକ୍ତ-୨ କଲେଜର ଜିଲା ସଭାପତି ତପନ କୁମାର ଜେନା କହିଛନ୍ତି। ଜିଲା ଓଷ୍ଟାର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାସ, ସମ୍ପାଦକ ମଧୁସୂଦନ ଦେ, ସହ ସମ୍ପାଦକ ରମାକାନ୍ତ ମହାପାତ୍ର, ପୂର୍ବତନ ସମ୍ପାଦକ ସନ୍ତୋଷ ଭଞ୍ଜ, ଅଧ୍ୟାପକ ଅକ୍ଷୟ ଶତପଥୀ, ପ୍ରଶାନ୍ତ ଦାସ, କଲ୍ୟାଣ ପଣ୍ଡା, ବିକାଶ ସ୍ୱାଇଁ, ଓଷ୍ଟା ଜିଲା କାର୍ଯ୍ୟକାରି ସଭାପତି ଯୋଗେସ ସାମନ୍ତସିଂହାର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରକାଶ କୁମାର ପଲେଇ ଧନ୍ୟବାଦ ଦେଇଥିଲେ।

## ଜଟଣୀରେ ପ୍ରତିଷ୍ଠା ହେବ ଆଦର୍ଶ ବିଦ୍ୟାଳୟ

**ଜଟଣୀ,୨।୩(ଡି.ଏନ.ଏ.):**

ଜଟଣୀରେ ପ୍ରତିଷ୍ଠା ହେବାକୁ ଯାଉଛି ଆଦର୍ଶ ବିଦ୍ୟାଳୟ। ସ୍ଥାନୀୟ ଷଣ୍ଢପୁର ମୌଜାରେ ଏହି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ରବିବାର ସମ୍ପନ୍ନ ହୋଇଛି। ୩ କୋଟି ୫୨ଲକ୍ଷ ୮୧ ହଜାର ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ କରାଯିବ। ୨୮ ହଜାର ସ୍କୋୟାର ଫୁଟ ଜମିରେ ଦ୍ୱିତଳ ବିଶିଷ୍ଟ ବିଲଡିଂ ନିର୍ମାଣ କରାଯିବ। ତଳ ମହଲାରେ ୮ଟି ଶ୍ରେଣୀଗୃହ, ଗୋଟିଏ ଷ୍ଟାଫ କମନ୍‌ରୁମ୍, ଅଧ୍ୟକ୍ଷଙ୍କ ଚାମ୍ବର, କାର୍ଯ୍ୟାଳୟ, ଷ୍ଟୋର, ପରୀକ୍ଷା, କ୍ରୀଡ଼ା କୋଠରି, ଲବି, କଳା ଓ ସଙ୍ଗୀତ ଗୃହ, ପାଠାଗାର, ଲାବରେଟୋରି ଆଦି ଆବଶ୍ୟକ କୋଠରିମାନ ନିର୍ମାଣ ହେବ। ସେହିପରି ପ୍ରଥମ ମହଲାରେ ୧୦ ଶ୍ରେଣୀଗୃହ, କମନରୁମ୍, ବିଭିନ୍ନ ବିଭାଗର ଲାବରେଟୋରି, ଏନ୍‌ସିସି ଓ ସ୍କାଉଟର କୋଠରିମାନ ନିର୍ମାଣ ହେବାକୁ ପ୍ରସ୍ତାବ ରହିଛି। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ପ୍ରମୋଦ ହରିଚନ୍ଦନ, ବିଜୟ ଛୋଟରାୟ, ଖୋର୍ଦ୍ଧା ଜିଲା କଂଗ୍ରେସ ଓବିସି ସେଲ୍ ସଭାପତି କଳିଙ୍ଗ ସାହୁ, ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ସରପଞ୍ଚ ସୁନୀଲ ରାଉତରାୟ, ନୌସର ଅଲ୍ଲୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବିଧାୟକ ସୁରେଶ କୁମାର ରାଉତରାୟ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

## କୁକୁଡା ଫାର୍ମକୁ ବିରୋଧ କରି ଆନ୍ଦୋଳନ

**କୃଷ୍ଣପ୍ରସାଦ,୨।୩(ଡି.ଏନ.ଏ.)**



ନଳିତାକୁଦି ଗ୍ରାମବାସୀ ଫାର୍ମ ଆଗରେ ଆନ୍ଦୋଳନ କରୁଛନ୍ତି ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଳିତାକୁଦି ଗାଁ ହାତୀଆଶୁଣିଠାରେ ଏକ ବେଆଇନ କୁକୁଡା ଫାର୍ମ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଫାର୍ମକୁ ବିରୋଧ କରି ଉଚ୍ଛେଦ ପାଇଁ ନଳିତାକୁଦି ଗାଁରେ ମହିଳା ପୁରୁଷ ଫାର୍ମ ନିକଟରେ ଆନ୍ଦୋଳନ କରିଛନ୍ତି। ଗାଁ ସଭାପତି ରାମହରି ସାହୁ, ସମ୍ପାଦକ ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା । ଏଥିରେ ମା' ବନଦୁର୍ଗା, ମା' ହାତୀଆଶୁଣି, ମାତାରିଣୀ, ମା' ସର୍ବମଙ୍ଗଳା, ଅରୁଣ ଦେବୀ, ସନ୍ତୋଷୀ ଦେବୀ, ମା' ହରଚଣ୍ଡୀ ଏବଂ ତ୍ରିନାଥଦେବ ପ୍ରମୁଖ ୮ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିଲେ । କୁକୁଡା ଫାର୍ମ ନିକଟରେ ପାନୀୟ ଉପଯୋଗୀ ଏକ ନଳକୂପ, କୂଅ ୨ଟି, ଗୋଟିଏ ମଠ, ହାତୀଆଶୁଣି ଠାକୁରାଣୀ ମନ୍ଦିର ଏବଂ ପ୍ରାଥମିକ ବିଦ୍ୟାଳୟ ରହିଛି । କୁକୁଡା ଫାର୍ମ ଦ୍ୱାରା ଜଳ ଓ ପରିବେଶ ନଷ୍ଟ ହେବା ନିଶ୍ଚିତ ହୋଇପଡିଛି । ଏହି ସ୍ଥାନରେ ଗ୍ରାମ୍ୟଜଳ ଓ ପରିମଳ ବିଭାଗ ଦ୍ୱାରା ଏକ ବିରାଟ ପାଣି ଟାଙ୍କିରୁ ବିଭିନ୍ନ ଗାଁକୁ ପାନୀୟଜଳ ଯୋଗାଣ ହେଉଛି । ତେବେ ଏ ନେଇ ଗ୍ରାମବାସୀ ବାରମ୍ବାର ପ୍ରାଣୀ ଚିକିତ୍ସକ, ସ୍ୱାସ୍ଥ୍ୟବିଭାଗ ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ । ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ନ ନେବା ଯୋଗୁ ଜନସାଧାରଣ ବାଧ୍ୟହୋଇ ଆନ୍ଦୋଳନ କରିଥିଲେ । ଘଟଣାସ୍ଥଳରେ ପ୍ରାଣୀ ଚିକିତ୍ସକ, ତହସିଲଦାର ଜିତେନ୍ଦ୍ର ନାୟକ ପହଞ୍ଚି ଖୁବଶୀଘ୍ର ଏହାକୁ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରଶାସନ ଯଦି ୭ ଦିନ ମଧ୍ୟରେ ଏହାକୁ ଉଚ୍ଛେଦ ନ କରେ ତେବେ ପୁନର୍ବାର ଆନ୍ଦୋଳନ କରି ତହସିଲ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯିବ ବୋଲି ଗ୍ରାମସଭାପତି ରାମହରି ସାହୁ କହିଛନ୍ତି।



କର୍ମରେ ହିଁ ତୁମର ଅଧିକାର;
କିନ୍ତୁ କର୍ମ ଫଳରେ ନୁହେଁ।
-ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ ଘଟଣା, ପୁତୁରା ଗିରଫ

ଗୋପ,୨।୩(ଡି.ଏନ୍.ଏ): ଗୋପ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ପୋଲିସ ତାଙ୍କ ପୁତୁରାଙ୍କୁ ସୋମବାର ଗିରଫ କରିଛି। ଏ ନେଇ ପୋଲିସ ନଂ.୪୯/୨୦ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ମହିଳାଙ୍କ ପରିବାର ଲୋକ ରବିବାର ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ମହିଳା ଜଣକ ଘରେ ଏକୁଟିଆ ଥିବାବେଳେ ପୁତୁରା ଘରର ପଛପଟେ କବାଟ ଖୋଲି ଆସି ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ ମହିଳା ଜଣକ ପାଟି କରିବାରୁ ପୁତୁରା ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ।

### ହାଇୱା ଧକ୍କାରେ ଓଲଟିଲା ୩ ବିଦ୍ୟୁତ୍‌ଖୁଣ୍ଟ
### ଅଳ୍ପକେ ବର୍ତ୍ତିଲେ ୭ ପିଲା

ଗୋପ,୨।୩(ଡି.ଏନ୍.ଏ): ଗୋପ ଥାନା ଅଧୀନ କୁନ୍ଦୁରା-ଆମ୍ବିଳିଗାଁ ରାସ୍ତାର ଓରେଇ ଗାଁ ନିକଟରେ ସୋମବାର ଅପରାହ୍ନରେ ଏକ ହାଇୱା ଧକ୍କାରେ ୩ଟି ବିଦ୍ୟୁତ୍‌ଖୁଣ୍ଟ ଓଲଟିବା ସହ ଗାଁ ଦାଣ୍ଡରେ ତାର ଛିଡ଼ି ପଡ଼ିଥିଲା। ଫଳରେ ସେଠାରେ ଖେଳୁଥିବା ୭ ପିଲା ଅଳ୍ପକେ ବର୍ତ୍ତିଥିବା ଜଣାପଡ଼ିଛି। ଗ୍ରାମବାସୀ ଏହି ଗାଡ଼ିକୁ ଅଟକାଇଥିବାବେଳେ ଏଥିଲାଗି ଗାଁରେ ଉତ୍ତେଜନା ଦେଖାଦେଇଛି। ସୂଚନାଯୋଗ୍ୟ, ହାଇୱା ଗାଡ଼ି ନଂ. ଓଡି୦୨ୱାଇ-୩୩୮୯ ବାଲି ଅନ୍‌ଲୋଡ କରି ଆସୁଥିବାବେଳେ ଡ୍ରାଇଭର ଜଣକ ଓରେଇ ଗାଁରେ ଥିବା ପ୍ରଥମେ ଏକ ବିଦ୍ୟୁତ୍ ଖୁଣ୍ଟିରେ ଧକ୍କା ଦେଇଥିଲା। ଏଥିରେ ନିକଟରେ ଥିବା ଆଉ ଦୁଇଟି ଖୁଣ୍ଟ ଓଲଟି ପଡ଼ିବା ସହ ବିଦ୍ୟୁତ୍ କରେଣ୍ଟ ଥାଇ ତାରଗୁଡ଼ିକ ଗାଁ ଦାଣ୍ଡରେ ଖସିପଡ଼ିଥିଲା। ସେହି ସମୟରେ ସେଠାରେ ୭ଜଣ ପିଲା ଖେଳୁଥିବାବେଳେ ବିଦ୍ୟୁତ୍ ତାର ପଡ଼ିଯିବାରୁ ଭୟଭୀତ ହୋଇଯିବା ସହ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। କିଛି ସମୟ ପାଇଁ ବିଭିନ୍ନ ବିଦ୍ୟୁତ୍‌ଖୁଣ୍ଟରେ କରେଣ୍ଟ ତାର ଜଳିବାରୁ ଭୟରେ ଗ୍ରାମବାସୀ ପ୍ରାୟ ୨୦ ମିନିଟ୍ ଧରି ବାହାରକୁ ଆସିପାରି ନ ଥିଲେ। ପରେ କେତେକ ଗ୍ରାମବାସୀ ଧକ୍କା ଦେଇଥିବା ଗାଡ଼ିକୁ ଅଟକାଇଥିବାବେଳେ ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ଥିବା ଜାଣି ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଗାଡ଼ି ମାଲିକ ପହଞ୍ଚି ସମସ୍ୟା ସମାଧାନ କରିବାକୁ ଉଦ୍ୟମ କରୁଥିବାବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ନାହିଁ।

# ଯାନବାହନ ଚେକିଂ ବେଳେ ଉତ୍ତେଜନା



ଆଇନ ଉଲ୍ଲଂଘନକାରୀଙ୍କଠାରୁ ପୋଲିସ ଫାଇନ ଆଦାୟ କରୁଛି ।



ଏକ ବାଇକ୍‌ରେ ଜଣେ ଯୁବକ ଓ ପୋଲିସ କର୍ମଚାରୀ ବିନା ହେଲ୍‌ମେଟରେ ଯାଉଛନ୍ତି ।

**ପୋଲିସ-ଜନତା ଧସ୍ତାଧସ୍ତି**

**ପୁରୀ ଅଫିସ, ୨।୩ :**

ମୋଟରଯାନ ଯାଞ୍ଚ ପୁଣି କଡ଼ାକଡ଼ି କରାଯାଇଛି। ରବିବାର ପ୍ରଥମ ଦିବସରେ ଆର୍‌ଟିଓ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩୬ଟି କେସ୍ ରୁଜୁ ହୋଇଥିଲା। ସୋମବାର ଭିଆଇପି ରୋଡ ପୁରୁଣା ସଦର ଥାନା ଛକରେ ଯାନବାହନ ଯାଞ୍ଚ ବେଳେ ପୋଲିସ ଓ ଜନତାଙ୍କ ମଧ୍ୟରେ ଧସ୍ତାଧସ୍ତି ଘଟିଛି। ବିନା ହେଲମେଟରେ ଯାତାୟାତ କରୁଥିବା ପୋଲିସ କର୍ମଚାରୀଙ୍କୁ ଛାଡ଼ି ଦିଆଯାଉଥିବାବେଳେ ସାଧାରଣ ଲୋକଙ୍କଠାରୁ ଜୋରଜବରଦସ୍ତ ଜରିମାନା ଆଦାୟକୁ ନେଇ କେତେଜଣ ବ୍ୟକ୍ତି ତୀବ୍ର ବିରୋଧ କରିଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଓ ଜନତା ମୁହାଁମୁହିଁ ହୋଇଥିଲେ।

ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଟ୍ରାଫିକ ପୋଲିସ ପକ୍ଷରୁ ଭିଆଇପି ରୋଡରେ ଯାନବାହନ ଚେକିଂ ଚାଲିଥିଲା। ଟ୍ରାଫିକ ପୋଲିସ ଇନ୍ସପେକ୍ଟର ଗୋକୁଳ ଚନ୍ଦ୍ର ଦାଶ ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ(ପିୟୁସି), ବିନା ହେଲମେଟ, ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଲାଇବା, ଟ୍ରାଫିକ ନିୟମ ଉଲ୍ଲଂଘନ, ମଦ୍ୟପାନ କରି ଗାଡ଼ିଚାଳନା, ଅଧିକ ପରିବହନ ଆଦି ଯାଞ୍ଚ କରୁଥିଲେ। ପୋଲିସ ପକ୍ଷରୁ ତିନି ପଟୁ ବ୍ଲକିଂ କରାଯାଇ ବିନା ହେଲମେଟରେ ଯାଉଥିବା ଯୁବକଙ୍କୁ ଅଟକାଇ ଜରିମାନା ଆଦାୟ କରାଯାଉଥିଲା। ଏହି ସମୟରେ ବିନା ହେଲମେଟରେ ବାଇକରେ ଯାଉଥିବା ପୋଲିସକୁ ଛାଡ଼ି ଦିଆଯାଇଥିଲା। ଏହାକୁ କେତେଜଣ ଯୁବକ ତୀବ୍ର ବିରୋଧ କରି ପୋଲିସକୁ ଘେରିଥିଲେ। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଟ୍ରାଫିକ ଇନ୍ସପେକ୍ଟର ଦାଶ କହିଛନ୍ତି, ଆଇନ ସମସ୍ତଙ୍କ ଲାଗି ସମାନ। କାହାରିକୁ ଏଥିରୁ ବାଦ୍ ଦିଆଯିବ ନାହିଁ।

## ଦୁର୍ଘଟଣା ବଦଳାଇଦେଲା ଜୀବନର ମୋଡ଼

- ବଡ଼ଦାଣ୍ଡରେ ଭିକ ମାଗୁଛନ୍ତି ଗଞ୍ଜାମର ପ୍ରମିଳା
- ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ଥିଲେ
- ଗୋଡ଼ ହରାଇବା ପରେ ମିଳିଲାନି କାମ

**ପୁରୀ ଅଫିସ,୨।୩ :**

ବଡ଼ଦାଣ୍ଡରେ ଭିକ ମାଗୁଛନ୍ତି ଅନେକ ଭିକାରି। ସେମାନଙ୍କ ମଧ୍ୟରୁ କେହି ଉଚ୍ଚଶିକ୍ଷିତ ତ ଆଉ କେହି ରୋଗାକ୍ରାନ୍ତ। ପରିସ୍ଥିତିରେ ପଡ଼ି ବାଧ୍ୟବାଧକତାରେ ହେଉ ଅଥବା ଅନ୍ୟ କୌଣସି କାରଣରୁ ଅନେକେ ଏଭଳି ବୃତ୍ତିକୁ ଆଦରି ନେଇଥିବା ଜଣାପଡ଼ିଛି। ସୋମବାର ସନ୍ଧ୍ୟାରେ ଜଣେ ପୂର୍ବତନ ଅଧ୍ୟାପିକାଙ୍କୁ ଭିକ ମାଗୁଥିବା ବେଳେ ଉଦ୍ଧାର କରାଯାଇଛି। ତେବେ ଆଉ ଜଣେ ଅସହାୟ ଓ ଦିବ୍ୟାଙ୍ଗ ମହିଳା ଏଠାରେ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳିଛି। ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ପ୍ରମିଳା ପ୍ରଧାନ (୬୫)। ଏକ ଦୁର୍ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ଥିବା ପ୍ରମିଳା ନିଜର ବାମଗୋଡ଼ ହରାଇବା ପରେ କୌଣସି କାମ ପାଇଲେ ନାହିଁ। ଫଳରେ ପୁରୀ ଚାଲିଆସିଥିଲେ। କେହି ସହାୟତାର ହାତ ନ ବଢ଼ାଇବାରୁ ଶେଷରେ ପେଟ ପାଇଁ ଭିକ ମାଗିବାକୁ ବାଧ୍ୟହେଲେ।

ପ୍ରମିଳାଙ୍କୁ ଭିକ୍ଷାବୃତ୍ତି କରିବା ନେଇ କେହି କିଛି ପଚାରିଲେ ତାଙ୍କ ଆଖି ଲୁହ ଛଳଛଳ ହୋଇଯାଏ। କୋହଭରା କଣ୍ଠରେ ସେ ବଖାଣି ବସନ୍ତି ନିଜ ଦୁର୍ଦ୍ଦଶାର କଥା। ସେ କହନ୍ତି, ପୁରୁଷୋତ୍ତମପୁର ବ୍ଲକର ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ସେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ୭ ବର୍ଷ ତଳେ ତାରାତାରିଣୀ ମନ୍ଦିର ବୁଲିବାକୁ ଯାଇଥିଲେ। ଫେରିବା ବେଳେ ପାହାଚରେ ଗୋଡ଼ ଖସିଯିବାରୁ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କ ବାମ ପାର୍ଶ୍ୱ ପାରାଲିସିସ୍ ଯୋଗୁ ଅଚଳ ହୋଇଗଲା। ସେ କୌଣସି କାମ କରିପାରିଲେ ନାହିଁ। ଅବିବାହିତ ଥିବାରୁ ଘରେ କିଛିଦିନ ରହିଲେ। ତେବେ ପରିବାରର ବୋଝ ନ ହେବାକୁ ନିଷ୍ପତ୍ତି ନେଇ ୨୦୧୫ରେ ପୁରୀ ଚାଲିଆସିଥିଲେ। କୌଣସିମତେ ଏକ ହୁଇଲ ଚେୟାର ପାଇଲେ। ସେଥିରେ ବସି ଦିନସାରା ବଡ଼ଦାଣ୍ଡରେ ବୁଲି ବୁଲି ଭିକ ମାଗିଲେ। ରାତି ହେଲେ ଯେଉଁଠି ସେଇଠି ସମୟ ଅତିବାହିତ କରୁଥିଲେ। ଏବେ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ଲାଗି ଚାରିଆଡେ ବ୍ୟାରିକେଡ ଲାଗିଲାଣି। ତେଣୁ ରାତିରେ ଟାଉନ ଥାନା ପାଖରେ ଆଶ୍ରୟ ନେଉଛନ୍ତି। ସକାଳ ହେଲେ ସବୁକାମ ସାରି ବଡ଼ଦାଣ୍ଡକୁ ଚାଲିଆସିଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଶ୍ରୟ କରି ଏଠାରେ ପଡ଼ିରହିଛି। ତାଙ୍କ ନାମ ଗାଇ ଜୀବନ ହାରିବି ବୋଲି ପ୍ରମିଳା କହିଛନ୍ତି।



ପ୍ରମିଳା ପ୍ରଧାନ

## ଗଣଶିକ୍ଷା ମନ୍ତ୍ରୀଙ୍କ ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ

**ନିମାପଡ଼ା/ପିପିଲି, ୨।୩(ଡି.ଏନ୍.ଏ./ସ୍ୱ.ପ୍ର.):**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ନିମାପଡ଼ା ବ୍ଲକ ଅଧୀନ ଖେଲାର ଚିନ୍ତାମଣି ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସମସ୍ତ ରୁମ ବୁଲି ଦେଖିଥିଲେ। ପରୀକ୍ଷାର୍ଥୀମାନେ ଶାନ୍ତିଶୃଙ୍ଖଳାରେ ମାଟ୍ରିକ ପରୀକ୍ଷା ଦେଉଥିବାରୁ ମନ୍ତ୍ରୀ ଦାଶ ସନ୍ତୋଷ ପ୍ରକାଶ କରିଥିଲେ। ଏହା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ପରୀକ୍ଷାର୍ଥୀଙ୍କ ସହ ପରୀକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମନ୍ତ୍ରୀ ଦାଶ ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସମସ୍ତ ରୁମ୍ ବୁଲି ଦେଖିଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଛି। ଏଥିଲାଗି ରାଜ୍ୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମନ୍ତ୍ରୀ ଦାଶ ଧନ୍ୟବାଦ ଦେବା ସହ ପରୀକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଁ ଅମଲା**
**ମୋତେ ଯେତେ ମାରିବୁ ମାର**
**ମୁଁ ଜମା ନ ମଲେ ହେଲା ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କ ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ । ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାର୍ଗଶିର**
**ଶୀତ ହୁଏ ଶିରଶିର ।**

ବରଷକ ବାର ମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ଋତୁ ଅନୁସାରେ ପାଗରେ ପରିବର୍ତ୍ତନ ଘଟିଥାଏ। ମାର୍ଗଶିର ମାସରେ ଶୀତର ସାମାନ୍ୟ ପ୍ରକୋପ ଦେହରେ ଅନୁଭୂତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ମୃତବ୍ୟକ୍ତିଙ୍କ ନାମରେ ରାଶନ ସାମଗ୍ରୀ ହଡ଼ପ

**ଗୋପ,୨।୩(ଡି.ଏନ୍.ଏ):**

ଗୋପ ବ୍ଲକ ଅଧୀନ ଇଶାଣପୁର ପଞ୍ଚାୟତର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ନାଁରେ ରାଶନ ସାମଗ୍ରୀ ହଡ଼ପ ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଜଣେ ମୃତକଙ୍କ ନାମରେ ଉଠୁଥିବା ରାଶନ ସାମଗ୍ରୀ କିଏ ହଡ଼ପ କରିଛି, ସେନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି ହୋଇଛି। ଉକ୍ତ ଗୋଷ୍ଠୀର ସମ୍ପାଦିକା ମୃତ ବ୍ୟକ୍ତିଙ୍କ କାର୍ଡ ନଂ. ୨୬୦୪୧୨୧୧୬୬୫କୁ ନିଜ ସ୍ୱାମୀଙ୍କ ନାମରେ ପରିବର୍ତ୍ତନ କରି ଦୀର୍ଘଦିନ ହେବ ରାଶନ ସାମଗ୍ରୀ ଉଠାଉଥିବା ଅଭିଯୋଗ ହୋଇଛି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ତରବରିଆ ଭାବେ ନିଜ ନାମକୁ ହଟାଇ ଦେଇଥିବା ମଧ୍ୟ ଅଭିଯୋଗପତ୍ରରେ ଦର୍ଶାଯାଇଛି।

ସୂଚନା ଅନୁଯାୟୀ, ଇଶାଣପୁର ଗ୍ରା.ପ.ର ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଗ୍ରାମରେ ଦୀର୍ଘଦିନ ଧରି ମୃତ୍ୟୁବରଣ ହୋଇଥିବା କୁନ୍ତଳା ରାଉତ ନାମ୍ନୀ ମହିଳାଙ୍କ ନାମରେ ରାଶନ ସାମଗ୍ରୀ ଉଠାଯାଉଥିବା ନେଇ ଜଣାପଡ଼ିଥିଲା। ଏ ନେଇ ଗ୍ରାମର ସୁଜିତ କୁମାର ସ୍ୱାଇଁ ଜାଣିବା ପରେ ଗତ ସପ୍ତାହରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି କଥା କଣାସ ଯୋଗାଣ ଅଧିକାରୀ ଜାଣିବା ପରେ ଉକ୍ତ ଗୋଷ୍ଠୀକୁ ସୂଚନା ଅଧିକାର ଆଇନ ଯୋଗେ ୨୦୧୬ଠାରୁ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ସେଲ ଏବଂ ଷ୍ଟକ ରେଜିଷ୍ଟରର ଅବିକଳ ନକଲ ମାଗିଥିଲେ। କିନ୍ତୁ ଫନୀ ସମୟରେ ସମସ୍ତ କାଗଜପତ୍ର ନଷ୍ଟ ହୋଇଯାଇଥିବା ଦର୍ଶାଇ ମାତ୍ର ଦୁଇ ମାସର ସେଲ ଏବଂ ଷ୍ଟକ ରେଜିଷ୍ଟର ପ୍ରଦାନ କରିଥିଲେ। ହଠାତ ଏଭଳି ନୋଟିସ ପାଇ ଗୋଷ୍ଠୀର ସମ୍ପାଦିକା ତରବରିଆ ଭାବେ ଉକ୍ତ ରାଶନ କାର୍ଡରୁ ନିଜ ନାମ ହଠାଇ ଦେଇଥିଲେ। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ସସ୍ମିତା ସାହୁଙ୍କୁ ପଚାରିବାରେ କୁହନ୍ତି, ଏ ନେଇ ମୋ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଏହା ଉପରେ ଦୃଷ୍ଟି ଦେବା ସହ ତଦନ୍ତ କରାଯାଇ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ମହିଳା ଶ୍ରମିକଙ୍କ ମୃତ୍ୟୁ

**ନିମାପଡ଼ା,୨।୩(ଡି.ଏନ୍.ଏ.):**

ନିମାପଡ଼ା ଥାନା ଅନ୍ତର୍ଗତ ତରପଡ଼ା ଗ୍ରାମର ଏକ ଇଟା ଭାଟିରେ କାର୍ଯ୍ୟ କରୁଥିବା ବେଳେ ସୋମବାର ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତିଶଗଡ଼ ରାଜ୍ୟ ତେନ୍ଦୁକୋନା ଥାନା ଅନ୍ତର୍ଗତ ଭିକାପାଲି ଗ୍ରାମର ମିକି ସନମାନୀ(୨୫)। ମିକି ଇଟାଭାଟିରେ ତାଙ୍କ ବାପା, ବୋଉ ଓ ସ୍ୱାମୀଙ୍କ ସହ କାର୍ଯ୍ୟ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ମହିଳାଜଣକ ଗର୍ଭବତୀ ଥିବା ଜଣାପଡିଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତା ମହିଳାଙ୍କ ସ୍ୱାମୀ ଭୁବନ ସନମାନୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୪/୨୦)ରୁଜୁ କରିଛି ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୌତଣି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi.
8882906098

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱ୍ର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

FINANCE FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ। -ଗୁରୁ ନାନକ

## ସଂକ୍ଷେପରେ

### ଗଡ଼ିଶାଗୋଦା ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ମାନ୍ୟତା

କଣାସ,୨।୩(ଡି.ଏନ.ଏ/ସ୍ୱ.ପ୍ର.): ପୁରୀ ଜିଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତବର୍ଷ ପ୍ରଥମ କାୟାକଳ୍ପ ମାନ୍ୟତା ମିଳିଛି। ଗତ କିଛିଦିନ ତଳେ କାୟାକଳ୍ପ ଟିମ୍ ଆସି ଗଡ଼ିଶାଗୋଦା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ବହୁ ବର୍ଷର ଅବହେଳିତ ସ୍ୱାସ୍ଥ୍ୟକେନ୍ଦ୍ରର ସବୁ ଦିଗରେ ବହୁ ପରିବର୍ତ୍ତିତ ଦେଖି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ମାନ୍ୟତା ଦିଆଯିବା ସହ ସ୍ୱାସ୍ଥ୍ୟ ଓ ଅରୋଗ୍ୟ କେନ୍ଦ୍ର ରୂପେ ବିବେଚିତ କରାଯାଇଛି। ଫଳରେ ଲୋକଙ୍କ ମନରେ ନୂତନ ଆଶା ଓ ଆନନ୍ଦ ଖେଳିଯାଇଛି। ଏହି ପୁରସ୍କାର ପଛରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ବନଜ କୁମାର ସାହୁ, ବି.ପି.ଏମ୍. ଧନେଶ୍ୱର ସ୍ୱାଇଁ ଓ ଜିଲା କାୟାକଳ୍ପ ଟିମ୍ ଓ ସମସ୍ତ କର୍ମଚାରୀଙ୍କ ପ୍ରେରଣା ଓ ସହଯୋଗ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୀମା ସ୍ୱାଇଁ କହିଛନ୍ତି।

### ୬୦ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ନିମାପଡ଼ା,୨।୩(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅଫିସ୍‌ରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତରଣ ସାହୁ, ଏସ୍‌ପି ଉମାଶଙ୍କର ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ସିଂ ମୋଟ୍ ୬୦ ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୁଖ୍ୟତଃ ଭତ୍ତା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପ୍ରଦାନ, ଘରଭଙ୍ଗା ସହାୟତା ପ୍ରଦାନ, ସ୍କୁଲଗୃହର ମରାମତି ଓ ପୁନରୁଦ୍ଧାର, ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ, ପାଇଖାନା ନିର୍ମାଣ ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍.ଚନ୍ଦ୍ରଶେଖର ରାଓ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଡେପୁଟି କଲେକ୍ଟର ମନୋଜ କୁମାର ନାୟକ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା ସୌଭାଗ୍ୟ ମଞ୍ଜରୀ ଦାସ, ଜିଲା ସହକାରୀ ଯୋଗାଣ ଅଧିକାରୀ ଅନିତା ମହାପାତ୍ର, ବିଡିଓ ମନୋଜ କୁମାର ବେହେରା, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ପୁରୀ ସମବାୟ ସମିତି ସମୂହର ଉପନିବନ୍ଧକ ପ୍ରଶାନ୍ତ ଦାଶ, ସିଡିପିଓ କୁମୁଦୁନୀ ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ ଶୁଭାଶିଷ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହ ଯନ୍ତ୍ରୀ ଦେବାଶିଷ ପାଢ଼ୀ, ବ୍ଲକ ଭେଟେରିନାରୀ ଅଫିସର ଡା. ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବହୁ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଅନୁପସ୍ଥିତ ଥିଲେ।

### ସଜେଇ ହେଉଛି ଦୋଳବେଦି

ପୁରୀ ଅଫିସ, ୨।୩: ଆସନ୍ତା ୯ ତାରିଖରେ ପବିତ୍ର ଦୋଳ ପୂର୍ଣ୍ଣିମା। ଏଥିପାଇଁ ସଜେଇ ହେଉଛି ଦୋଳବେଦି। ଦୋଳ ପୂର୍ଣ୍ଣିମାରେ ଦୋଳବେଦି କୁଞ୍ଜରେ ଦୋଳି ଖେଳିବେ ଶ୍ରୀଦୋଳଗୋବିନ୍ଦ। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୋଳବେଦି ପରିସରକୁ ସଫା କରାଯାଇ ରଙ୍ଗ ଦିଆଯାଉଛି। ସୋମବାର ବେଦି ଚତୁଃପାର୍ଶ୍ୱକୁ ସଫା କରାଯାଇଛି। ପ୍ରାଚୀର କାନ୍ଥ, ଗ୍ରୀଲ ଏବଂ ବେଦି ଉପରକୁ ପ୍ରବେଶ ପଥ ଦୁଇପାର୍ଶ୍ୱରେ ଚୂନ ଧଉଳା ଯାଇ ରଙ୍ଗ ମରାଯାଇଛି। ଦୋଳପୂର୍ଣ୍ଣିମା ଦିନ ଏହି ବେଦିକୁ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀଙ୍କ ଚଳନ୍ତି ପ୍ରତିମା ବିଜେ କରିଥାନ୍ତି। ଏଠାରେ ଦେବୀଦେବଙ୍କ କେତେକ ସ୍ୱତନ୍ତ୍ର ନୀତି ସମ୍ପାଦନ ହୋଇଥାଏ। ଠାକୁରମାନେ ଦୋଳବେଦି କୁଞ୍ଜରେ ଝୁଲିଥାନ୍ତି। ଶ୍ରଦ୍ଧାଳୁମାନେ ଦେବୀଦେବଙ୍କୁ ଦର୍ଶନ କରିବା ସହ ଭୋଗ, ପୂଜାର୍ଚ୍ଚନା ଏବଂ ଅବିର ଲାଗି କରିଥାନ୍ତି। ବିଳମ୍ବିତ ରାତିରେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି। ରଥରେ ବାମନରୂପୀ ଶ୍ରୀଜଗନ୍ନାଥଙ୍କୁ, ଚାପରେ ମଧୁସୂଦନଙ୍କୁ ଏବଂ ଦୋଳ ଝୁଲଣରେ ଶ୍ରୀଗୋବିନ୍ଦଙ୍କୁ ଦର୍ଶନ କଲେ ମନୁଷ୍ୟ ମୁକ୍ତି ଲାଭ କରିଥାଏ ବୋଲି ବିଶ୍ୱାସ ରହିଛି। ଅତୀତରେ ଦୋଳମଣ୍ଡପ ସାହିସ୍ଥ ଦୋଳମଣ୍ଡପରେ ରତ୍ନସିଂହାସନାଧିଷ୍ଠିତ ଦାରୁବିଗ୍ରହମାନେ ବିଜେ ହେଉଥିଲେ। କାଳକ୍ରମେ ଉକ୍ତ ମଣ୍ଡପଟି ଜରାଜୀର୍ଣ୍ଣ ହୋଇପଡ଼ିବା ସହିତ କେତେକ ଅସୁବିଧାଜନିତ କାରଣ ଯୋଗୁ ସେଠାକୁ ଠାକୁରମାନଙ୍କୁ ବିଜେ କରାଯାଇ ନ ଥିଲା। ଶ୍ରୀମନ୍ଦିର ମେଘନାଦ ପ୍ରାଚୀର ବାହାରେ ଥିବା ଉତ୍ତର-ପୂର୍ବ କୋଣସ୍ଥିତ ଏହି ସ୍ଥାନରେ ନୂତନ ଦୋଳବେଦି ନିର୍ମାଣ କରାଯାଇଥିଲା। ସମ୍ପ୍ରତି ଏହି ସ୍ଥାନ ଦୋଳବେଦି କୁଞ୍ଜ ନାମରେ ପରିଚିତ।

# ବଦଳୁଛି କିନ୍ନରଙ୍କ ମାନସିକତା

**ଆଉ କାହାକୁ ଶୁଣାଇବେନି ତାଳିର ଗର୍ଜନ। ତାଳି ମାରି ଅନ୍ୟକୁ ହାତ ପତେଇବା ପରିବର୍ତ୍ତେ ସେମାନେ ନିଜ ଗୋଡ଼ରେ ଛିଡ଼ା ହେବେ। ପରିଶ୍ରମ କରି ସମ୍ମାନର ସହ ଦୁଇ ପଇସା ରୋଜଗାର କରିବେ। ଏଥିପାଇଁ କେବଳ ସହଯୋଗ ଲୋଡ଼ା। ଜିଲା ପ୍ରଶାସନ ଚାହିଁଲେ ସେମାନେ ବି ଅନ୍ୟମାନଙ୍କ ଭଳି କର୍ମମୟ ଜୀବନ ଅତିବାହିତ କରିବେ ଆଉ ସମ୍ମାନର ସହ ବଞ୍ଚିବେ। ଏଭଳି ନିଷ୍ପତ୍ତି ନେଇଛି ପୁରୀ ଜିଲା କିନ୍ନର ସଂଘ।**

- ସ୍ୱାବଲମ୍ବୀ ହେବାକୁ ନିଯୁକ୍ତି ଲୋଡ଼ିଲେ
- ସହଯୋଗ ପାଇଁ ଜିଲାପାଳଙ୍କୁ ଗୁହାରି

ପୁରୀ ଅଫିସ, ୨।୩:

ସମୟ ବଦଳୁଛି, ଆଉ ଏଥିସହିତ ଲୋକଙ୍କ ଜୀବନଶୈଳୀରେ ବି ପରିବର୍ତ୍ତନ ଆସୁଛି। ଯୁଗପୋଯୋଗୀ ହୋଇ ଚାଲିବାକୁ ପସନ୍ଦ କରୁଛନ୍ତି ସମସ୍ତେ। ଅନେକ ଲୋକ ଅଛନ୍ତି ଯେଉଁମାନେ ପେଟ ପାଇଁ କିଛି କାମ ବାଧ୍ୟବାଧକତାରେ କରିଥାନ୍ତି। ଇଚ୍ଛା ନ ଥିଲେ ବି ପରିସ୍ଥିତି ତାଙ୍କୁ ସେହି ବାଟରେ ଚାଲିବାକୁ ଏକପ୍ରକାର ବାଧ୍ୟ କରିଥାଏ। କିନ୍ତୁ ଏହା ସବୁଦିନ ନୁହେଁ, ସେମାନଙ୍କ ମାନସିକତାରେ ଦିନେ ନା ଦିନେ ପରିବର୍ତ୍ତନ ଆସେ। ଆଉ ସେମାନେ ପୁଣି ପଛକୁ ଫେରି ଠିକ୍, ଭୁଲର ବିଚାର କରନ୍ତି। ଠିକ୍ ମାର୍ଗରେ ଚାଲିବାକୁ ନେଇଥାନ୍ତି ନିଷ୍ପତ୍ତି। ପୁରୀ ଜିଲା କିନ୍ନରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ଏମିତି ସ୍ଥିତି। ନିଜେ ସ୍ୱାବଲମ୍ବୀ ହୋଇ ପେଟ ପୋଷିବେ। ଏଥିପାଇଁ ସେମାନଙ୍କୁ ନିଯୁକ୍ତି ଦରକାର। ତେଣୁ ଏଥିରେ ସହଯୋଗ କରିବା ଲାଗି ଜିଲାପାଳଙ୍କୁ ଗୁହାରି କରିଛି ପୁରୀ ଜିଲା କିନ୍ନର ସଂଘ। କିନ୍ନରମାନଙ୍କ ପ୍ରତି ସମାଜରେ ଏକପ୍ରକାର ଭିନ୍ନ ଧାରଣା ରହିଛି। କିନ୍ତୁ ଏହି ଧାରଣାରେ ଏବେ ପରିବର୍ତ୍ତନର ଆଭାସ ମିଳିଛି। କିନ୍ନରମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି କେତେକ କ୍ଷେତ୍ରରେ ପ୍ରଶାସନ ସହଯୋଗର ହାତ ବଢ଼ାଇଛି। ସମାଜର ଏହି ଭିନ୍ନ ମଣିଷ କିପରି ନିଜ ପେଟ ନିଜେ ପୋଷିବେ ସେଥିଲାଗି ଅଭିନବ ପ୍ରୟାସ କରାଯାଇଛି। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ କିନ୍ନରଙ୍କୁ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି ଦିଆଯାଇଛି। ୫-ଟି ଯୋଜନା କାର୍ଯ୍ୟକାରୀ ହେବା ପରେ ଚିକିତ୍ସାଳୟରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉ ଥିବାବେଳେ କିନ୍ନରଙ୍କୁ ପରିମଳ ଯୋଜନାରେ ନିଯୁକ୍ତି ମିଳିଛି। ସେହିପରି ଗଜପତି ଜିଲା ପାରଳାଖେମୁଣ୍ଡିରେ କିନ୍ନରମାନଙ୍କୁ ସ୍ୱାବଲମ୍ବୀ ହେବା ଲାଗି ପ୍ରଶାସନ ପକ୍ଷରୁ ଓମ୍‌ଫେଡ ପାର୍ଲର ଯୋଗାଇ ଦିଆଯାଇଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ହୋଲ୍‌ଡିଂ ଟିକସ ଆଦାୟ ଲାଗି କିନ୍ନରଙ୍କୁ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ଜିଲା ପ୍ରଶାସନ କିନ୍ନରମାନଙ୍କ ପ୍ରତି ସହାନୁଭୂତି ଦେଖାଇଥିବାବେଳେ ଏବେ ପୁରୀ ଜିଲା କିନ୍ନରମାନେ ଏ ନେଇ ଜିଲାପାଳଙ୍କୁ ଗୁହାରି କରିଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କିନ୍ନରମାନେ।

ସୋମବାର ଜିଲା କିନ୍ନର ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ କର୍ମନିଯୁକ୍ତି ସଂକ୍ରାନ୍ତରେ ଦରଖାସ୍ତ ପ୍ରଦାନ କରିଥିଲେ। ଏଥିରେ ଦର୍ଶାଇଥିଲେ, ପୂର୍ବରୁ ସେମାନେ ଟ୍ରେନରେ ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ। କିନ୍ତୁ ଏବେ ଏଥିରେ ରୋକ୍ ଲାଗିଛି। ତେଣୁ ସେମାନଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। ଏବେ ସେମାନେ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ବିଭିନ୍ନ ଜିଲା ପ୍ରଶାସନ ପକ୍ଷରୁ ଯେଉଁପରି କିନ୍ନରମାନଙ୍କୁ ସହଯୋଗର ହାତ ବଢ଼ାଯାଇଛି ସେମାନେ ମଧ୍ୟ ସହଯୋଗ ଲୋଡୁଛନ୍ତି। ପ୍ରଶାସନ ସେମାନଙ୍କୁ କୌଣସି କର୍ମନିଯୁକ୍ତି ଯୋଗାଇଦେବାକୁ କିନ୍ନରମାନେ ଦରଖାସ୍ତରେ ନିବେଦନ କରିଛନ୍ତି। ସଂଘ ସଭାନେତ୍ରୀ ପ୍ରିୟାଂଶୀ ଦାସ, ଦେବକୀ ମା', ପିଙ୍କି କିନ୍ନର, ଅଲିୟା କିନ୍ନର, ରିମ୍‌ଝିମ୍ କିନ୍ନର, ସୁକାନ୍ତି କିନ୍ନର ପ୍ରମୁଖ ଦରଖାସ୍ତ ଦେଇଥିଲେ। ଏ ସମ୍ପର୍କରେ ସଭାନେତ୍ରୀ ପ୍ରିୟାଂଶୀ ଦାସ କହିଛନ୍ତି, ପୂର୍ବରୁ ମାଗିଯାଚି, ଟ୍ରେନ୍‌ରେ ଭିକ୍ଷାବୃତ୍ତି କରି ଯାହା ରୋଜଗାର କରୁଥିଲୁ। ସେଥିରେ ନିଜେ ଚଳି ଆଉ କିଛି ଅର୍ଥରେ ବିଭିନ୍ନ ପ୍ରକାର ସାମାଜିକ ସେବା ଯେପରି କି ସ୍ୱଚ୍ଛ ଭାରତ, ଶୀତରେ ଗରିବ ଲୋକଙ୍କୁ କମ୍ବଳ ବାଣ୍ଟିବା, ଖରାଦିନେ ଦହି ସର୍ବତ ଦେବା ଆଦି କରୁଥିଲୁ। କିନ୍ତୁ ଟ୍ରେନରେ ଭିକ୍ଷାବୃତ୍ତି ବନ୍ଦ ହୋଇଗଲା ପରେ ଆମେ ନିଜେ ପ୍ରତିପୋଷଣ ପାଇଁ ଏବେ ସମସ୍ୟାରେ ପଡ଼ିଛୁ। ତେଣୁ ପ୍ରଶାସନ ପକ୍ଷରୁ ଆମକୁ କୌଣସି କର୍ମନିଯୁକ୍ତି ମିଳିଲେ ଯାହା ରୋଜଗାର କରିବୁ ନିଜେ ଚଳିବା ସହ ପୁଣି ସାମାଜିକ ସେବା କାର୍ଯ୍ୟ ଜାରି ରଖିବୁ।

## ‘୭୦ଲକ୍ଷ ମହିଳାଙ୍କୁ ସ୍ୱୟଂସମ୍ପନ୍ନ କରାଯାଇଛି’




କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିମାନେ।

ନିମାପଡ଼ା,୨।୩(ଡି.ଏନ୍.ଏ.):

ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ୭୦ଲକ୍ଷ ମହିଳାଙ୍କୁ ସ୍ୱୟଂସମ୍ପନ୍ନ କରାଯାଇଛି। ମହିଳାଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବହୁ ଯୋଜନା କରିଛନ୍ତି। ଏହା ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ ବୋଲି ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ନିମାପଡ଼ା ଟାଉନ ହଲଠାରେ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ(ପିପିଡବ୍ଲୁଓ) ପକ୍ଷରୁ ଆୟୋଜିତ ମହିଳା ସଶକ୍ତୀକରଣ ଓ ଅଧିକାର ସଚେତନତା କର୍ମଶାଳାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଦାଶ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ସରକାର ଆସନ୍ତା ୫ବର୍ଷରେ ୫ହଜାର କୋଟି ଟଙ୍କା ବ୍ୟୟ ବରାଦ କରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କର୍ମଶାଳାରେ ପିପିଡବ୍ଲୁଓର ସଭାପତି ରାଜକିଶୋର ସାବତ ଅଧ୍ୟକ୍ଷତା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା, କମିଶନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ଜଲିନା ପ୍ରିୟଦର୍ଶିନୀ, ପରାମର୍ଶଦାତା ଡ. ମମତା ଦାଶ,ସ୍ୱତନ୍ତ୍ର ବିଇଡି କଲେଜ ଅଧ୍ୟକ୍ଷ ଗଗନ ବିହାରୀ ଦାଶ, ପିପିଡବ୍ଲୁଓ ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପିପିଡବ୍ଲୁଓ ପକ୍ଷରୁ ପ୍ରାୟ ୧ଶହ ଦିବ୍ୟାଙ୍ଗ ଭିକ୍ଷୁକଙ୍କୁ ଥଇଥାନ ପାଇଁ ନିମାପଡ଼ା ନୂଆରକିରି ଛକ ଓ ଜୟଶ୍ରୀ ଛକଠାରେ ୨ଟି ନବନିର୍ମିତ ‘ନୀଳାଦ୍ରି ନିଳୟ’କୁ ମନ୍ତ୍ରୀ ଦାଶ ଓ ମହିଳା କମିଶନ ଅଧ୍ୟକ୍ଷା ଡ. ବେହେରା ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ନିମାପଡା ବ୍ଲକର ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୫ଶହ ମହିଳା ଯୋଗଦେଇଥିଲେ।

## ମାଟ୍ରିକ ପରୀକ୍ଷା ଦେଲେ ୨୨,୪୭୮ ଛାତ୍ରୀଛାତ୍ର

### ଭଲ ମାର୍କ ମିଳିବା ନେଇ ଆଶାବାଦୀ

ପୁରୀ ଅଫିସ, ୨।୩:

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଗତ ଫେବୃୟାରୀ ୧୯ ତାରିଖରୁ ଚାଲିଥିବା ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ପୁରୀ ଜିଲାରେ ଚଳିତ ବର୍ଷ ୧୨୩ କେନ୍ଦ୍ରରେ ମୋଟ ୨୨,୪୭୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ରେଗୁଲାର ୨୧,୧୩୫, ଏକ୍ସ ରେଗୁଲାର ୬୧୨ ଏବଂ କରେସପଣ୍ଡେଣ୍ଟ କୋର୍ସରେ ରେଗୁଲାର ୩୬ ଏବଂ ଏକ୍ସରେଗୁଲାର ୩ଜଣ ମୋଟ ୨୧,୭୮୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମଧ୍ୟମା ରେଗୁଲାରରେ ୯୪ ଓ ଏକ୍ସରେଗୁଲାରରେ ୯ ମୋଟ ୧୦୩ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଓଏସ୍‌ସି) ରେଗୁଲାର ୪୪୩ ଓ ଏକ୍ସରେଗୁଲାର୧୪୬ ମୋଟ ୫୮୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ରେଗୁଲାର ପରୀକ୍ଷାରେ ଜିଲାରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ କେତେକ କେନ୍ଦ୍ରରେ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ରମାନେ ଖୁସିରେ ଘରକୁ ଫେରୁଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ବିଷୟର ପ୍ରଶ୍ନ ସହଜ ଥିବାରୁ ଭଲ ମାର୍କ ମିଳିବ ବୋଲି ଅଧିକାଂଶ ଛାତ୍ରୀଛାତ୍ର ଆଶା ପ୍ରକାଶ କରିଛନ୍ତି। ଜିଲାର ସମ୍ବେଦନଶୀଳ ୪୨ କେନ୍ଦ୍ରରେ ସିସିଟିଭି ଲଗାଯାଇଥିବାବେଳେ ୧୨ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ରଖାଯାଇଥିଲା। ଜିଲାର କେତେକ କେନ୍ଦ୍ରରେ ସାମାନ୍ୟ ଉତ୍ତେଜନାକୁ ବାଦ୍ ଦେଲେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସରିଛି ବୋଲି ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କହିଛନ୍ତି।



ପରୀକ୍ଷା ସରିବା ପରେ ଘରମୁହାଁ ଛାତ୍ରୀଛାତ୍ର।

## ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ
### ଜାଗର ଦୀପରୁ ନିଆଁ ଲାଗି ଗୁରୁତର ହୋଇଥିଲେ

ଗୋପ,୨।୩(ଡି.ଏନ୍.ଏ.):

ପବିତ୍ର ଜାଗରରେ ଗୋପ ବଣିଆ ସାହିସ୍ଥିତ ବାଲୁଙ୍କେଶ୍ୱର ପୀଠରେ ଦୀପରୁ ନିଆଁ ଲାଗି ନଣନ୍ଦ,ଭାଉଜ ଗୁରୁତର ହୋଇଥିଲେ। ରବିବାର ବିଳମ୍ବିତ ରାତିରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ନଣନ୍ଦ ରଜନୀରାଣୀ ପୃଷ୍ଟି(୪୩)ଙ୍କ ମୃତ୍ୟୁ ହୋଇଛି। ସୂଚନାଥାଉ କି, ଜାଗର ପୂର୍ବାହ୍ନରେ ଗୋପ ବଣିଆ ସାହିସ୍ଥିତ ବାଲୁଙ୍କେଶ୍ୱର ପୀଠକୁ ଭାଉଜ କୁନା ଦାସ (୪୨) ଓ ନଣନ୍ଦ ରଜନୀରାଣୀ ପୂଜା କରିବାକୁ ଯାଇଥିଲେ। ବେଢ଼ା ପରିକ୍ରମା ବେଳେ ଗଣେଶଙ୍କ ନିକଟରେ ଥିବା ଏକ ଦୀପରୁ ନିଆଁ ରଜନୀରାଣୀଙ୍କ ଲୁଗାରେ ଲାଗିଯାଇଥିଲା। ଫଳରେ ତାଙ୍କ ନିକଟରେ ଥିବା ଭାଉଜ କୁନା ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବାବେଳେ ସେ ମଧ୍ୟ ଗୁରୁତର ହୋଇଥିଲେ। ଉପସ୍ଥିତ ଶ୍ରଦ୍ଧାଳୁମାନେ ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରଜନୀରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଭାଉଜ କୁନା ମଧ୍ୟ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।




ସୋମବାର ରାତିରେ ପୁରୀ ସହରସ୍ଥ ଏକ ଡିଭାଇଡର ଉପରେ ମାଡିଯାଇଛି କାର୍।

## ରେଲୱେ ଓଭରବ୍ରିଜ ପାଇଁ କାମ ତ୍ୱରାନ୍ୱିତ କରାଯାଉ

- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ପୁରୀ ଅଫିସ,୨।୩:

ମାଟିଆପଡ଼ା –ସିଦ୍ଧମହାବୀର ରେଲୱେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଓଭରବ୍ରିଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଭରବ୍ରିଜ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁ ସମସ୍ୟା ଉପୁଜୁଛି। ଏହି ରାସ୍ତା ମଝିରେ ରେଲଧାରଣା ଯାଇଥିବାବେଳେ ଟ୍ରେନ ଚଳାଚଳ ଯୋଗୁ ଅଧିକାଂଶ ସମୟରେ ଫାଟକ ବନ୍ଦ ରହୁଛି। ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ଭବତୀ ମହିଳା ଓ ରୋଗୀଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଆମ୍ବୁଲାନ୍ସ ଅଟକି ରହୁଛି। ଚଳିତବର୍ଷ ନାଗାର୍ଜୁନ ବେଶ ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଜନତା ଓ ପର୍ଯ୍ୟଟକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ନିର୍ମାଣ କାର୍ଯ୍ୟ ତ୍ୱରିତ ଗତିରେ ଆରମ୍ଭ କରିବା ଲାଗି କମିଟି ଦାବିପତ୍ରରେ ଉଲ୍ଲେଖ କରିଛି। ଏହି ଦାବିପତ୍ର ପ୍ରଦାନ ବେଳେ କମିଟି ଆବାହକ ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ବିଦ୍ୟୁଲତା ଆଚାର୍ଯ୍ୟ, ଶକ୍ତିରଞ୍ଜନ ନାୟକ, ସୁକାନ୍ତ ପଣ୍ଡା, ତନ୍ମୟ ଚାଟାର୍ଜୀ, ସ୍ୱାଧିନ କୁମାର ପଣ୍ଡା, ମନୋଜ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଞ୍ଚଳିକ ଶିଳ୍ପ, ହସ୍ତକଳା ଉଦ୍ୟୋଗୀ ପ୍ରଦର୍ଶନୀ ଷ୍ଟଲରୁ ଚୋରି

କୋଣାର୍କ,୨।୩(ଡି.ଏନ.ଏ.)

କୋଣାର୍କସ୍ଥିତ ଟୁରିଷ୍ଟ ମାର୍କେଟ ଛକ ସନ୍ନିକଟ ଡିଲକ୍ସ ହୋଟେଲ ସମ୍ମୁଖ ପଡିଆରେ ଚାଲିଥିବା ଆଞ୍ଚଳିକ ଶିଳ୍ପ ଓ ହସ୍ତକଳା ଉଦ୍ୟୋଗୀ ପ୍ରଦର୍ଶନୀରେ ଖଦି ବସ୍ତ୍ର ଷ୍ଟଲରୁ ରବିବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସମ୍ବଲପୁରରୁ କୈଶଲ୍ୟା ନାୟକ ନାମ୍ନୀ ମହିଳା ଏଠାରେ ଖଦି ବସ୍ତ୍ରର ଏକ ଷ୍ଟଲ ପକାଇଥିଲେ। ରବିବାର ଏହି ପ୍ରଦର୍ଶନୀର ଶେଷ ଦିନ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ଭିଡର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନରୁ ବ୍ୟବସାୟ କରି ରଖିଥିବା ୮୦ହଜାର ଟଙ୍କା ସହ ବ୍ୟାଗଟିକୁ ଚୋରି କରି ନେଇଯାଇଥିଲେ। ଏ ନେଇ ସେ ଜାଣିବାପରେ କୋଣାର୍କ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗପାଇ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ଚୋରି ହୋଇଥିବା ବ୍ୟାଗଟି ଓ ବ୍ୟାଗରେ ଥିବା ପ୍ୟାନ କାର୍ଡ, ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ପ୍ରଦର୍ଶନୀ ପଡିଆର ଅନତି ଦୂରରେ ପଡିଥିବା ଦେଖି ଜବତ କରିଥିଲେ। ପୋଲିସ ପକ୍ଷରୁ ନଂ.୨୨/୨୦୨୦ରେ ଏକ ମାମଲା ରୁଜୁ କରି ଦୁଇଜଣ ଯୁବକଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା କରୁଛି।

## ସାଇ ଇଲେଭେନ୍ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ପୁରୀ ଅଫିସ,୨।୩:

ସିଦ୍ଧେଶ୍ୱର ୟୁଥ୍ ଆସୋସିଏଶନ ପକ୍ଷରୁ ଶ୍ରୀବିହାରଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ ସହର ଓ ସଦର ଅଞ୍ଚଳରୁ ୧୬ଟି ଟିମ୍ ଭାଗ ନେଇଥିଲେ। ବଡଶଙ୍ଖର ସାଇ ଇଲେଭନ୍ ଏବଂ ବ୍ରହ୍ମଗିରିର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାଇ ଇଲେଭନ୍ ମ୍ୟାଚ ଜିତିବା ସହ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା, ସଂଯୁକ୍ତା ଜେନା, ତନୁଜ ରାଉତ, ରାଜେଶ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରାଯାଇଥିଲା। ଆଲୋକ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ୍ ଏବଂ ପତିତପାବନ ଶତପଥୀ ବେଷ୍ଟ ବ୍ୟାଟ୍‌ସମ୍ୟାନ ପୁରସ୍କାର ପାଇଥିଲେ।

## ବେଳାଭୂମି ରାସ୍ତାରୁ ବାଲି ଚୋରା ଚାଲାଣ

### ସଲାସୁତୁରାରେ ଚାଲିଛି ବେଆଇନ କାରବାର

ପୁରୀ ଅଫିସ,୨।୩:

ପୁରୀ ଜିଲାରେ ବେଆଇନ ବାଲି ଚାଲାଣ ଉପରେ ଅଙ୍କୁଶ ଲାଗି ପାରୁନାହିଁ। ଏଥିଯୋଗୁ ବାଲିମାଫିଆ ମାଲାମାଲ ହେଉଥିବାବେଳେ ରାଜସ୍ୱ ହରାଉଛନ୍ତି ସରକାର। ଅନେକ ସମୟରେ ଅଭିଯୋଗ ପରେ ଧରପଗଡ଼ ହେଉଥିଲେ ବି ପରବର୍ତ୍ତୀ ସମୟରେ ନିଷ୍କ୍ରିୟତାର ଫାଇଦା ଉଠାଉଛନ୍ତି ମୁନାଫାଖୋର ବାଲି ବ୍ୟବସାୟୀ। ସେମାନେ ସରକାରୀ କର୍ମଚାରୀଙ୍କ ସହ ସଲାସୁତୁରା କରି ଏଭଳି କାରନାମା ଚଳାଇଛନ୍ତି। ସେମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପୁରୀ ସହରରେ ଦିନ ଦ୍ୱିପ୍ରହରରେ ବାଲି ଲୁଟ୍ ହେଉଛି। ସୋମବାର ବେଳାଭୂମି ରାସ୍ତାରୁ ବାଲି ଚୋରା ଚାଲାଣ ହେଉଥିବାବେଳେ ରାଜସ୍ୱ ବିଭାଗ ଚୁପ୍ ରହିବା ସନ୍ଦେହ ସୃଷ୍ଟି କରିଛି।

ବେଳାଭୂମି ରାସ୍ତାକୁ ଚଉଡ଼ା କରାଯାଉଛି। ବଳିଆପଣ୍ଡା ଅଞ୍ଚଳରେ ଏହି କାମ ଚାଲିଛି। ହୋଟେଲ କୋକପାମ୍ ପରେ ରାସ୍ତା ପାର୍ଶ୍ୱ ଖୋଳାଯାଇଛି। ଏହା ବେଳାଭୂମି କଡ଼ରେ ଥିବାରୁ ପୂର୍ବରୁ ଏହି ରାସ୍ତା ଉଭୟ ପାର୍ଶ୍ୱରେ ୨ଫୁଟ ଗଭୀରର ବାଲି ଜମି ରହିଥିଲା। ମାତ୍ର ବର୍ତ୍ତମାନ ରାସ୍ତା ଚଉଡ଼ା ପାଇଁ କାମ ଚାଲିଥିବା ବେଳେ ବାଲି ହଟାଯାଉଛି। ଗାଡ଼ିରେ ବାଲି ଲୋଡ୍ ହେବା ପରେ ଏହାକୁ ଚିହ୍ନଟ ସ୍ଥାନରେ ପକା ନ ଯାଇ ଅନ୍ୟ ଲୋକଙ୍କୁ ବିକ୍ରି କରାଯାଉଥିବା ଶୁଣିବାକୁ ମିଳୁଛି। ଗତ କିଛିଦିନ ଧରି ଏପରି ବେଆଇନ କାରବାର ଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। କେତେଜଣ ସରକାରୀ କର୍ମଚାରୀ ଏଥିରୁ ଭାଗ ପାଉଛନ୍ତି। ଫଳରେ ରାସ୍ତା କାମ ନାଁରେ ଦିନ ଦ୍ୱିପ୍ରହରରେ ବାଲି ଲୁଟ୍ ଚାଲିଛି। ସହର ଉପକଣ୍ଠ ବଳିଆପଣ୍ଡା ଅଞ୍ଚଳରୁ ବାଲି ଲୁଟ୍ କରାଯିବା ନୂଆ ନୁହେଁ। କିନ୍ତୁ ଏଥିପ୍ରତି ପ୍ରଶାସନିକ ପଦକ୍ଷେପ ନିଆଯାଉ ନ ଥିବାରୁ ଏହି ବେଆଇନ କାରବାର ବଢ଼ିଚାଲିଛି। ମଙ୍ଗଳା ନଦୀ ମୁହାଣ ନିକଟ ତଥା ବ୍ରହ୍ମଗିରି ତହସିଲ ଅଧୀନ ସିପସରୁବାଲି ଅଞ୍ଚଳରେ ବର୍ଷ ବର୍ଷ ଧରି ବାଲି ଚୋରା ଚାଲାଣ କରାଯାଉଥିଲା। ଗତବର୍ଷ ଫେବୃୟାରୀ ୭ତାରିଖ ମଧ୍ୟରାତିରେ ଜିଲା ପ୍ରଶାସନ, ପୋଲିସ ଏବଂ ସେସୁ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୧୭ଟି ଗାଡ଼ି ଜବତ କରାଯାଇଥିଲା। ଏହି ଘଟଣାରେ ପ୍ରଥମେ ୯ ଜଣ ଡ୍ରାଇଭର ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ଧରିଥିଲା ପୋଲିସ। ଏହାପରେ କିଛିଦିନ ବାଲି ଚୋରାଚାଲାଣ କମି ଯାଇଥିବାବେଳେ ପୁଣି ବାଲି ମାଫିଆ ସକ୍ରିୟ ହୋଇଉଠିଲେଣି।



ଜେସିବି ଯୋଗେ ଟ୍ରକ୍‌ରେ ବାଲି ଉଠାଯାଉଛି।